
ମାଳିକା

# ସୂଚୀ


| | ବିଷୟ | ପୃଷ୍ଠା |
|---|---|---|
| ୧। | **ମୁଖବନ୍ଧ** | ୧-୪୬ |
| | ମାଳିକାରେ ବର୍ଣ୍ଣିତ କଳିଯୁଗର ବିବରଣୀ ୩, ଅଚ୍ୟୁତାନନ୍ଦଙ୍କ ଗୁପ୍ତଗହନ ଗୀତା ୭, ଜଗନ୍ନାଥ ଦାସଙ୍କ ଭକ୍ତିଚନ୍ଦ୍ରିକା ୮, କଳ୍କି ଆବିର୍ଭାବର ସମୟ ୨୧, କଳ୍କି ଅବତାରଙ୍କ ଜନ୍ମସ୍ଥାନ ୨୮, ଯାଜପୁର କାହିଁକି ? ୩୩, ମାଳିକାର ତତ୍ତ୍ୱପୂର୍ଣ୍ଣ ଆଲୋଚନା ୩୪, ଯୁଗାନ୍ତ ସମ୍ପର୍କରେ... ୩୮, ଅଚ୍ୟୁତାନନ୍ଦ ୪୩, ହାଡ଼ିଦାସ ୪୩, ଆର୍ତ୍ତଦାସ ୪୪ । | |
| ୨। | ବଳରାମ ଦାସଙ୍କ କଳି ଆଗତ ଭବିଷ୍ୟାନ୍ତ (ମାଳିକା) | ୪୭-୫୪ |
| ୩। | ଯଶୋବନ୍ତ ଦାସଙ୍କ ମାଳିକା | ୫୪-୫୬ |
| ୪। | ଅଚ୍ୟୁତାନନ୍ଦଙ୍କ ବିଜ୍ଞାନକଳ୍ପ | ୫୬-୫୮ |
| ୫। | ଅଚ୍ୟୁତାନନ୍ଦଙ୍କ କଳ୍କିକଳ୍ପ | ୫୯-୬୧ |
| ୬। | ଅଚ୍ୟୁତାନନ୍ଦଙ୍କ ତତ୍ତ୍ୱବୋଧିନୀ | ୬୧-୬୩ |
| ୭। | ଶିଶୁଅନନ୍ତଙ୍କ ଭକ୍ତିମୁକ୍ତିଦାୟକ ଗୀତା | ୬୩-୬୯ |
| ୮। | ଜଗନ୍ନାଥ ଦାସଙ୍କ ମହିମା ଲେଖନ ଭବିଷ୍ୟାନ୍ତ | ୬୯-୭୨ |
| ୯। | ବାଲିଗାଁ ଦାସଙ୍କ ଭକ୍ତମାଳିକା | ୭୩-୭୬ |
| ୧୦। | ସାଲବେଗଙ୍କ କଳି ଭାରତ | ୭୬-୭୮ |
| ୧୧। | ଦୀନକୃଷ୍ଣ ଦାସଙ୍କ ଉଲଟ ଭବିଷ୍ୟ ଚଉତିଶା | ୭୮-୮୦ |
| ୧୨। | ଦୀନକୃଷ୍ଣ ଦାସଙ୍କ ଭବିଷ୍ୟ ବଉଳ ଚଉତିଶା | ୮୧-୮୩ |
| ୧୩। | ଶିଖର ଦାସଙ୍କ ନୀଳସୁନ୍ଦର ଗୀତା | ୮୩-୮୫ |
| ୧୪। | ମହାମୁନି ବ୍ୟାସଙ୍କ ଭବିଷ୍ୟ ପୁରାଣ | ୮୫-୮୬ |
| ୧୫। | ଶିଶୁ ଦାସଙ୍କ କଳ୍କି ଭାଗବତ | ୮୭-୮୮ |
| ୧୬। | ବାଉକୃଷ୍ଣ ଦାସଙ୍କ କଳିଭବିଷ୍ୟ | ୮୯-୯୨ |
| ୧୭। | ନିରାକାର ଦାସଙ୍କ ଅମର ଭ୍ରମର ସଂହିତା | ୯୩-୯୪ |
| ୧୮। | ହାଡ଼ିଦାସଙ୍କ ମାଳିକା | ୯୪-୯୫ |

୧୯। ହାଡ଼ିଦାସଙ୍କ କଳି ଚଉତିଷା ୯୬-୯୮
୨୦। ଭୀମଭୋଇଙ୍କ ମାଳିକା ୯୮-୯୯
୨୧। ଭୀମଭୋଇଙ୍କ ମାଳିକା ଚଉତିଷା ୯୯-୧୦୨
୨୨। ଆର୍ତ୍ତଦାସଙ୍କ ମାଳିକା ୧୦୩-୧୦୬
୨୩। ଅଭିରାମ ପରମହଂସଙ୍କ ବୈଷ୍ଣବ ଗୀତା ୧୦୬-୧୦୯

## କବି ପରିଚୟ

୧। ବଳରାମ ଦାସ ୧୧୦
୨। ଯଶୋବନ୍ତ ଦାସ ୧୧୦
୩। ଅଚ୍ୟୁତାନନ୍ଦ ଦାସ ୧୧୧
୪। ଶିଶୁଅନନ୍ତ ଦାସ ୧୧୨
୫। ଜଗନ୍ନାଥ ଦାସ ୧୧୩
୬। ହାଲିଗାଁ ଦାସ ୧୧୪
୭। ସାଲବେଗ ୧୧୪
୮। ଦୀନକୃଷ୍ଣ ଦାସ ୧୧୫
୯। ଶିଖର ଦାସ ୧୧୬
୧୦। ବ୍ୟାସମୁନି ୧୧୬
୧୧। ଶିଶୁ ଦାସ ୧୧୬
୧୨। ହାଇକୃଷ୍ଣ ଦାସ ୧୧୬
୧୩। ନିରାକାର ଦାସ ୧୧୬
୧୪। ହାଡ଼ିଦାସ ୧୧୭
୧୫। ଭୀମଭୋଇ ୧୧୭
୧୬। ଆର୍ତ୍ତଦାସ ୧୧୮
୧୭। ଅଭିରାମ ପରମହଂସ ୧୧୯

ମାଳିକା ସମ୍ପର୍କରେ କେତୋଟି ଅଭିମତ ୧୨୦-୧୨୨

# ମୁଖବନ୍ଧ

ମାଳିକା ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ଆଲୋଚନା ହୋଇ ନାହିଁ । ଯେଉଁମାନେ ସ୍ଥଳବିଶେଷରେ କିଛି କହିଛନ୍ତି ତାହା ପର୍ଯ୍ୟାପ୍ତ ବା ତଥ୍ୟଭିତ୍ତିକ ନୁହେଁ । ମାଳିକାକୁ କେହି କେହି ଭବିଷ୍ୟବାଣୀ ବୋଲି ମନେ କରନ୍ତି । ମାତ୍ର ଅନାଗତ ଭବିଷ୍ୟଚିତ୍ର ବ୍ୟତିରେକେ ଏହା ଭିତର ଦେଇ ଅତୀତ ଓ ବର୍ତ୍ତମାନର ଚିତ୍ର ମଧ୍ୟ ପ୍ରକାଶ ପାଇଥାଏ । କେତେକ ବୁଦ୍ଧିଜୀବୀ ମହଲରେ ମାଳିକାକୁ ଏକ ଅବାନ୍ତର ଏବଂ କପୋଳକଳ୍ପିତ ରଚନା ରୂପେ ବିଶ୍ୱାସ କରାଯାଉଥିବା ସ୍ଥଳେ ଅନ୍ୟ କେତେକ ଏଥିରେ ଐତିହାସିକ ସତ୍ୟତା ଥିବାର ପ୍ରମାଣ ପାଉଛନ୍ତି । ବିଚାର ବିଶ୍ଳେଷଣରେ ମାଳିକା, ସାହିତ୍ୟର ଅଙ୍ଗୀଭୂତ କି ନୁହେଁ ଏହା ବି ଏକ ବିରାଟ ପ୍ରଶ୍ନବାଚୀ । ଏଥିରେ ତତ୍ତ୍ୱଜ୍ଞାନ ଓ ବିମଳ ଭକ୍ତିଧାରାର ପ୍ରକାଶ ଘଟିଥିଲେ ହେଁ ଏହା ଅଧ୍ୟାତ୍ମଭାବ ବିବର୍ଜିତ ବୋଲି ମୁଷ୍ଟିମେୟ ସାହିତ୍ୟକମାନଙ୍କର ମତ । ସୁତରାଂ ଏସବୁ ବିଷୟ ପର୍ଯ୍ୟାଲୋଚନା ନ କରି 'ଅନ୍ଧ ବାଡ଼ି ବୁଲାଇବା' ନ୍ୟାୟରେ ମାଳିକାକୁ ଏକ ଭିତ୍ତିହୀନ ତଥା ଅପ୍ରାସଙ୍ଗିକ ବିବରଣୀ ବୋଲି କହି ନାସିକା କୁଞ୍ଚନ କରିବା ଯଥାର୍ଥ ସମାଲୋଚକର ମାନଦଣ୍ଡ ନୁହେଁ ।

ଆର୍ଯ୍ୟଭୂମି ଭାରତ ସନ୍ଥ ସାଧକମାନଙ୍କର ଦେଶ ରୂପେ ବହୁକାଳରୁ ସମ୍ମାନିତ । ଏଠାରେ ବହୁ ଧର୍ମ, ବହୁ ଗୋଷ୍ଠୀ ଓ ବହୁ ସମ୍ପ୍ରଦାୟର ଏକତ୍ରାବସ୍ଥାନ ତଥା ପାରସ୍ପରିକ ମତ ବିନିମୟ କ୍ଷେତ୍ରରେ ସନ୍ଥଧାରାର ଯେଉଁ ମୌଳିକ ବୈଶିଷ୍ଟ୍ୟ ଫୁଟି ଉଠିଛି ତାହା ହିଁ ଏ ଜାତିର ଉନ୍ନତ ଦୃଷ୍ଟିଭଙ୍ଗୀ ବୋଲି ସ୍ୱୀକାର କରିବାକୁ ହେବ । ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସମୂହର ମଙ୍ଗଳସାଧନ ନିମନ୍ତେ ନିଜକୁ ଉତ୍ସର୍ଗ କରିବା ଏବଂ ଗଣଜୀବନର ତତ୍ତ୍ୱାବଧାରକ ରୂପେ ସମଗ୍ର ଜାତିକୁ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କରାଇବା ସନ୍ଥମାନଙ୍କର ପ୍ରଧାନ ଲକ୍ଷ୍ୟ ହୋଇପଡ଼ିଛି । ରାଷ୍ଟ୍ରୀୟ ତରୀକୁ ବିପଦସଙ୍କୁଳ ସ୍ଥାନରୁ ନିରାପଦ ସ୍ଥାନକୁ ବାହି ଆଣିବାର ଦାୟିତ୍ୱ କବି'ର । କବି ମାତ୍ରେ ହିଁ ଦ୍ରଷ୍ଟା; ପୁଣି ସନ୍ଥ କବି ତାଙ୍କ ପୁରୋଗାମୀ ଦୃଷ୍ଟି (Intuition) ବଳରେ ବହୁ କାଳାତୀତ ଓ ଅନାଗତ କଥା ପ୍ରତ୍ୟକ୍ଷ କରିଥାନ୍ତି । ଯୋଗସିଦ୍ଧ ଦିବ୍ୟଦର୍ଶନ ଦ୍ୱାରା ଯୁଗର ବିଲକ୍ଷଣ କିମ୍ବା ବିପର୍ଯ୍ୟୟ ଲକ୍ଷ୍ୟ କଲେ ସେ ତାକୁ ସୁଧାରିବା ପାଇଁ ଯତ୍ନବାନ ହୋଇଥାଆନ୍ତି । ଏଥିପାଇଁ ମାଳିକା ଭିତର ଦେଇ ଭବିଷ୍ୟତ ସମାଜ ଜୀବନର ଏକ ସ୍ପଷ୍ଟ ଚିତ୍ର ପ୍ରକାଶ ପାଇଥାଏ ।

ମାଳିକା କେବଳ ପଞ୍ଚସଖା ଯୁଗରୁ ସୃଷ୍ଟି ହୋଇନାହିଁ । ଏ ପ୍ରକାର ଭବିଷ୍ୟବାଣୀ ପ୍ରାୟ ପ୍ରତ୍ୟେକ ଧର୍ମ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗ ହୋଇପଡ଼ିଛି । ଭାଗବତ, ମହାଭାଗତ ଏବଂ ଅନ୍ୟାନ୍ୟ ପୁରାଣ ତଥା ଉପପୁରାଣ ଗୁଡ଼ିକରେ ଭବିଷ୍ୟତବାଣୀ ରହିଛି । ଖ୍ରୀଷ୍ଟିୟାନ ଓ ମୁସଲମାନ ଧର୍ମରେ ନୂତନ ସୃଷ୍ଟି, ପ୍ରଳୟ ଏବଂ ମହାପୁରୁଷଙ୍କ ଆବିର୍ଭାବ ସମ୍ପର୍କରେ ଅନେକ ସୂଚନା ପ୍ରଦତ୍ତ ହୋଇଅଛି । କଳିଯୁଗରେ ଭଗବାନଙ୍କ କଳ୍କି ଅବତାର ବିଷୟ

ନେଇ ସଂସ୍କୃତ କଳ୍କି ପୁରାଣ, ଗରୁଡ଼ପୁରାଣ, ଭବିଷ୍ୟପୁରାଣ, ଦେବୀଭାଗବତ ଏବଂ ମହାନିର୍ବାଣତନ୍ତ୍ରରୁ ବହୁ ସଙ୍କେତ ମିଳିଥାଏ । ଏପରିକି ବୌଦ୍ଧ ସମ୍ପ୍ରଦାୟର ମଞ୍ଜୁଶ୍ରୀ ମୂଳକଳ୍ପ, ବୌଦ୍ଧ ଜାତକ ଏବଂ ଜୈନ ହରିବଂଶ ପୁରାଣରେ ମଧ୍ୟ ନାନା ଭବିଷ୍ୟବାଣୀ ଲିପିବଦ୍ଧ ହୋଇଅଛି । ଯୀଶୁଖ୍ରୀଷ୍ଟଙ୍କ ପୂର୍ବରୁ ହିବ୍ରୁ ସମାଜରେ ମହାତ୍ମାମାନଙ୍କର ଆବିର୍ଭାବ ହୋଇଥିଲା ଏବଂ ତତ୍କାଳୀନ ସମାଜରୁ ଅନ୍ୟାୟ ଦୂରକରି ସତ୍ୟ ପ୍ରତିଷ୍ଠା ପାଇଁ ସେମାନେ ଭବିଷ୍ୟବାଣୀ ପ୍ରଚାର କରିଥିଲେ । ଓଡ଼ିଶାରେ ଷୋଡ଼ଶ ଶତକରୁ ଆରମ୍ଭ କରି ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବହୁ ସନ୍ଥକବି ମାଳିକା ରଚନା କରିଯାଇଛନ୍ତି । ସାମାଜିକ, ସାଂସ୍କୃତିକ ତଥା ଐତିହାସିକ ଦୃଷ୍ଟିକୋଣରୁ ମାଳିକା-ସାହିତ୍ୟର ବୈଶିଷ୍ଟ୍ୟ ସ୍ୱୀକାର୍ଯ୍ୟ ।

ମାଳିକାର ବ୍ୟୁତ୍ପତ୍ତିରୁ ଜଣାଯାଏ ଯେ, ସଂସ୍କୃତ 'ମାଲ୍ୟ' ଶବ୍ଦରୁ ଓଡ଼ିଆରେ ମାଳ ହୋଇ ସେଥିରେ ସ୍ୱାର୍ଥାର୍ଥେ 'ଇକ' ପ୍ରତ୍ୟୟ ଏବଂ ସ୍ତ୍ରୀଲିଙ୍ଗରେ 'ଆ' ଯୋଗ କରାଯାଇ 'ମାଳିକା' ଶବ୍ଦ ନିଷ୍ପନ୍ନ ହୋଇଅଛି । ମାଳରେ ଫୁଲ ବା ମାଳି ଗୋଟି ଗୋଟି ଗୁନ୍ଥି ହୋଇ ରହିବା ପରି ମାଳିକାରେ ଭବିଷ୍ୟତ ବାଣୀଗୁଡ଼ିକ ପ୍ରସଙ୍ଗାନୁକ୍ରମେ ସଜାଯାଇ ବର୍ଣ୍ଣନା କରାଯାଇଥାଏ । ଏହା ଯଥାର୍ଥତଃ ଲୋକ ସାହିତ୍ୟର ଅନ୍ତର୍ଗତ । ପଲ୍ଲୀର ନିଷ୍କପଟ ଜନତାଙ୍କ ଉଦ୍ଦେଶ୍ୟରେ ରଚିତ ଏହି ମାଳିକା ଭିତର ଦେଇ କବି ହୃଦୟର ଯେଉଁ ସାଙ୍ଗୀତିକ ଅଭିବ୍ୟକ୍ତି ଘଟିଛି ତାହା ଯେଉଳି ସରଳ ସେହିଭଳି ସ୍ୱତଃସ୍ଫୂର୍ତ୍ତ ଓ ଆବେଦନଧର୍ମୀ । ଏହି ମାଳିକା ସାହିତ୍ୟରେ ଅବତାରବାଦର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି ଏବଂ ଏହି ଅବତାର ସମୂହ ଦାରୁବ୍ରହ୍ମରୂପୀ ଶ୍ରୀଜଗନ୍ନାଥଙ୍କଠାରୁ ଉତ୍ପତ୍ତି ଲାଭ କରିଥିବା ପ୍ରସଙ୍ଗ ଏଥିରେ ବର୍ଣ୍ଣିତ ହୋଇଅଛି । ଭଗବାନଙ୍କ ଚିନ୍ମୟ ଲୀଳାର ପ୍ରକାଶ ସମ୍ପର୍କରେ ମାଳିକାରେ ଯେଉଁସବୁ ଗୁପ୍ତସ୍ଥାନର ସଙ୍କେତ ବିଦ୍ୟମାନ ସେଗୁଡ଼ିକୁ ନିଃସନ୍ଦେହରେ ଓଡ଼ିଶାର ଏକ ପ୍ରାଚୀନ ଐତିହାସିକ ଧର୍ମପୀଠ ବୋଲି ଗ୍ରହଣ କରାଯାଇପାରେ । ମାଳିକା ଭିତର ଦେଇ ଓଡ଼ିଶା ରାଜାମାନଙ୍କର ଯେଉଁ ବଂଶାନୁଚରିତ ଦେଖିବାକୁ ମିଳେ ସେଥିରୁ ଇତିହାସ ସମ୍ପର୍କୀୟ ବହୁ ଘଟଣା ପାଠକର ଆଖିରେ ପଡ଼ିଥାଏ । କଳାପାହାଡ଼ର ଓଡ଼ିଶା ଆକ୍ରମଣ ଓ ଗୋହିରୀଟିକିରି ଯୁଦ୍ଧ, ଯବନମାନଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ଲୁଣ୍ଠନ ଓ ଅବରୋଧ, ମହମ୍ମଦ ତକିଖାଁଙ୍କ ଅତ୍ୟାଚାର, ରାଜା ମାନସିଂହ ଏବଂ ରାମଚନ୍ଦ୍ର ଦେବଙ୍କ ରାଜତ୍ୱର ବିଭିନ୍ନ ବିଷୟ, ଆଫଗାନ ତଥା ମୋଗଲମାନଙ୍କ ଧର୍ମ ବିଦ୍ୱେଷୀ ପ୍ରାଦୁର୍ଭାବ, ତୁର୍କୀ ଓ ମରହଟ୍ଟାମାନଙ୍କର ଦୁର୍ଦ୍ଧର୍ଷ ସଂଗ୍ରାମ ଏବଂ ଫିରିଙ୍ଗି ଓ ଇଂରେଜ ଶାସନର ବିଭିନ୍ନ ପର୍ଯ୍ୟାୟ ଓଡ଼ିଆ ମାଳିକାରେ ସ୍ପଷ୍ଟ ଫୁଟି ଉଠିଛି । ଅନେକ ମାଳିକାରେ ଓଡ଼ିଶାରେ ଗଜପତିମାନଙ୍କର ଯେଉଁ ନାମ ତାଲିକା ମିଳୁଛି ତାହା ଗବେଷଣା ସାପେକ୍ଷ ।

ସମାଜ ଚିତ୍ରର ଏକ ବିସ୍ତୃତ ରୂପ ମାଳିକା ଭିତର ଦେଇ ଆତ୍ମପ୍ରକାଶ କରିଛି । ଓଡ଼ିଶାର ଗାଁଗହଳରେ ବାସକରୁଥିବା ଲୋକମାନଙ୍କ ଚରିତ୍ର, ସ୍ୱଭାବ ଓ ଚାଲିଚଳନ

ବିଶଦ ଭାବରେ ଏଥିରେ ବର୍ଣ୍ଣିତ । ଓଡ଼ିଶାର ଆରାଧ୍ୟଦେବତା ଶ୍ରୀଜଗନ୍ନାଥ ହେଉଛନ୍ତି ମାଳିକା ସାହିତ୍ୟର ପ୍ରାଣକେନ୍ଦ୍ର । ମାଳିକା ସହିତ ଶ୍ରୀଜଗନ୍ନାଥ କ୍ଷେତ୍ରର ମାହାତ୍ମ୍ୟ ଏବଂ ଶ୍ରୀ ଜଗନ୍ନାଥଙ୍କର କଳ୍କି ଲୀଳା ଓତପ୍ରୋତ ଭାବେ ଜଡ଼ିତ । ସ୍ୱୟଂ ଜଗନ୍ନାଥ ହିଁ କଳ୍କି ଅବତାର ଧାରଣ କରି ମ୍ଲେଚ୍ଛ ସଂହାରପୂର୍ବକ ସତ୍ୟ ପ୍ରତିଷ୍ଠା କରିବେ, ଏହା ହିଁ ମାଳିକା ସାହିତ୍ୟର ଉଦ୍‌ଘୋଷିତ ବାଣୀ । ସମାଜ ସଂସ୍କାର ପାଇଁ ମାଳିକାର ଦାନ ମଧ୍ୟ ନିତାନ୍ତ ନ୍ୟୁନ ନୁହେଁ । ପଥଭ୍ରଷ୍ଟ ସମାଜକୁ ସୁସଂସ୍କୃତ କରିବା ଏବଂ ନିପୀଡ଼ିତ ମାନବକୁ ଆଶା ଓ ଅଭୟବାଣୀ ଶୁଣାଇବା ଉଦ୍ଦେଶ୍ୟରେ ମାଳିକାର ଦାନ ଅତୁଳନୀୟ । ଅଭାବ, ଅନାଟନରେ ନିଷ୍ପେଷିତ, ଦୁର୍ଦ୍ଦଶାର ନିଗଡ଼ରେ ଆର୍ତ୍ତ, ନିମ୍ନସ୍ତରର ଜନତାଙ୍କ ପାଇଁ ମାଳିକା ସାହିତ୍ୟ ଆଶ୍ୱାସନା ବାକ୍ୟ ଶୁଣାଇ ସେମାନଙ୍କୁ ବଞ୍ଚାଇ ରଖିବାରେ ସାହାଯ୍ୟ କରିଥାଏ । ଏହି ମାଳିକା ସାହିତ୍ୟ ଯଥାର୍ଥରେ ସେମାନଙ୍କର ଆଲୋକର ଶିଖା, ନିପୀଡ଼ନ ଓ ନିର୍ଯ୍ୟାତନା ପ୍ରତି ଏକ ଆହ୍ୱାନ । ସଭ୍ୟ, ଶିକ୍ଷିତ ସମାଜରେ ଏସବୁ ଉପହାସର ବସ୍ତୁ ହେଲେ ହେଁ ଗ୍ରାମର ନିରୀହ, ସରଳ ଓ ଭକ୍ତିବିଶ୍ୱାସର ପ୍ରତୀକ ସାଧାରଣ ଜନତାଙ୍କ ପାଇଁ ଏହା ହେଉଛି ସାକ୍ଷାତ ଦେବବାଣୀ । ଏଥିପାଇଁ ମାଳିକା ଉପରେ ସେମାନଙ୍କର ଗଭୀର ଆସ୍ଥା ଓ ଅତୁଟ ବିଶ୍ୱାସ ଏବେ ସୁଦ୍ଧା ଅକ୍ଷୁଣ୍ଣ ରହିଅଛି ।

ଲୋକମାନଙ୍କର ଆଚରଣ ଶୁଦ୍ଧ କରିବା ପାଇଁ ମାଳିକାରେ ଯେଉଁ ଦର୍ଶନ ଓ ଅଧ୍ୟାତ୍ମବାଦର ଅବତାରଣା କରାଯାଇଛି ତାହା ଓଡ଼ିଶୀ ବୈଷ୍ଣବ ଭାବଧାରାର ପ୍ରତୀକ ରୂପେ ସ୍ୱୀକାର୍ଯ୍ୟ । ସତ୍‌ସଙ୍ଗ ଓ ସାଧୁସେବା ହିଁ ଈଶ୍ୱର ପ୍ରାପ୍ତିର ମୂଳ ଲକ୍ଷ୍ୟ । ଜାଗତିକ କର୍ମରେ ବ୍ୟାପୃତ ରହି ଅକର୍ମ ଆଚରଣ କରିବା, ଅର୍ଥାତ୍ ବିଷୟାବଦ୍ଧ ହୋଇ ନିରାସକ୍ତ ତଥା ଉଦାସୀନ ଭାବେ ଦିନ ବିତାଇବାକୁ ମାଳିକାକାରଗଣ ଉପଦେଶ ଦେଇଯାଇଛନ୍ତି । ସବୁଥିରେ ଥାଇ କେଉଁଥିରେ ନ ମିଶିବା ହେଉଛି ସନ୍ଥ ଜନମାନଙ୍କର ପ୍ରକୃତ ମାର୍ଗ । ସମାଜକୁ ସତ୍ୟ, ଶିବ ଓ ସୁନ୍ଦର କରି ଗଢ଼ିବା ପାଇଁ ମାଳିକା ପ୍ରଣେତାମାନେ ଯେଉଁ ପ୍ରତ୍ୟୟବାଣୀ ଶୁଣାଇଛନ୍ତି ତାହା କେବେ ବିସ୍ମୃତ ହେବାର ନୁହେଁ ।

## ମାଳିକାରେ ବର୍ଣ୍ଣିତ କଳିଯୁଗର ବିବରଣୀ

କଳିଯୁଗର ଆଚାର ବିଚାର, ଚାଲିଚଳନ ଓ ରୀତିନୀତି ସମ୍ପର୍କରେ ମାଳିକାରେ ଯାହା କୁହାଯାଇଛି ତାହା ବିଚାର କରିବାର ବିଷୟ । ମହର୍ଷି ବ୍ୟାସଦେବ ତତ୍‌କୃତ ସଂସ୍କୃତ ଭାଗବତରେ କଳିଯୁଗର ସାଧାରଣ ଧର୍ମ ସମ୍ପର୍କରେ ନାନା କଥା ଉଲ୍ଲେଖ କରିଛନ୍ତି । ଶୁକଦେବ ପରୀକ୍ଷିତଙ୍କୁ କଳିଯୁଗ ଲକ୍ଷଣ ବିଷୟରେ ବୁଝାଇବାକୁ ଯାଇ କହିଛନ୍ତି, "ହେ ପରୀକ୍ଷିତ ! ଯେତେବେଳେ ଘୋର କଳିକାଳ ଆସିଯିବ, ସେତେବେଳେ ସେହି ଯୁଗ ପ୍ରଭାବରେ ଧର୍ମ, ସତ୍ୟ, ପବିତ୍ରତା, କ୍ଷମା, ଦୟା, ଆୟୁ, ବଳ ଏବଂ ସ୍ମରଣଶକ୍ତିର ବିଲୋପ ଘଟିବ । କଳିଯୁଗରେ ବିତ୍ତ-ସମ୍ପନ୍ନ ବ୍ୟକ୍ତିଗଣ କୁଳୀନ ଓ

ସଦାଚାରୀ ବୋଲି କଥିତ ହେବେ; ବଳବାନ ବ୍ୟକ୍ତି ପକ୍ଷେ ଧର୍ମ ଓ ନ୍ୟାୟ ବ୍ୟବସ୍ଥାର କାରଣ ରୂପେ ରହିବ; ଛଳନାପୂର୍ଣ୍ଣ ବ୍ୟକ୍ତି ଏବଂ କପଟାଚାରୀ ମନୁଷ୍ୟଙ୍କର ବ୍ୟବହାର କୁଶଳ ବୋଲି ପ୍ରତ୍ୟୟ ହେବ । ଯୁବକଯୁବତୀଙ୍କର ପାରସ୍ପରିକ ରୁଚିରେ ସମ୍ବନ୍ଧ ଘଟିବ; ରତିକୌଶଳ ସ୍ତ୍ରୀ ଓ ପୁରୁଷଙ୍କର ଶ୍ରେଷ୍ଠତାର ମାନଦଣ୍ଡ ହେବ ଏବଂ ଯଜ୍ଞୋପବୀତ କେବଳ ବ୍ରାହ୍ମଣର ଚିହ୍ନ ସ୍ୱରୂପ ରହିବ । ବୃତ୍ତିହୀନ ଲୋକପକ୍ଷେ ନ୍ୟାୟ ଦୁର୍ବଳ ହେବ ଏବଂ ଚପଳତାରେ କଥା କହୁଥିବା ବ୍ୟକ୍ତି ପଣ୍ଡିତ ରୂପେ ଗଣ୍ୟ ହେବେ । ଦୂରରେ ଥିବା ପୁଷ୍କରିଣୀକୁ ଲୋକେ ତୀର୍ଥ ବୋଲି ଗ୍ରହଣ କରିବେ । କେଶ ପ୍ରସାଧନ ହିଁ ଶରୀରର ସୌନ୍ଦର୍ଯ୍ୟ ଭାବେ ଘୋଷିତ ହେବ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ମଧ୍ୟରେ ଯେ ବଳବାନ ହେବ ତା' ହାତରେ ଶାସନ ଚାଲିବ । ଦସ୍ୟୁଧର୍ମକୁ ଆଚରଣ କରି ରାଜାମାନେ ପ୍ରଜାଙ୍କର ଧନପ୍ରତି ଲୁବ୍‌ଧଭାବ ଆଚରଣ କରିବେ । ପ୍ରଜାମାନେ କର ପୀଡ଼ାରେ ଦିନ ନେବେ, ଅନାବୃଷ୍ଟି ଜନିତ କ୍ଳେଶରେ ବିନାଶ ଲଭିବେ ଏବଂ ଶୀତ, ପବନ, ଗ୍ରୀଷ୍ମ ଓ ବର୍ଷା ଅନ୍ୟନ୍ୟୋଭାବରେ ଦେଖାଦେଇ ପ୍ରଜାମାନଙ୍କୁ ସନ୍ତପ୍ତ କରିବେ । କଳିଯୁଗ ପ୍ରଭାବରେ ବର୍ଣ୍ଣାଶ୍ରମଧର୍ମ ରହିବ ନାହିଁ, ଶରୀର କ୍ଷୀଣ ହେବ ଏବଂ ଲୋକେ ବୈଦିକ ଧର୍ମରୁ ବିଚ୍ୟୁତ ହେବେ । ଏହିପରି କଳିର ଅନ୍ତିମ ସମୟକୁ ମନୁଷ୍ୟମାନେ ଗର୍ଦ୍ଦଭ ପରି ଦୁଃସହ ଦୁଃଖ ଭୋଗ କରିବେ ଏବଂ ଧର୍ମ ରକ୍ଷା ପାଇଁ ତଥା ସତ୍ୟ ପ୍ରତିଷ୍ଠା ନିମନ୍ତେ ଭଗବାନ ଅବତୀର୍ଣ୍ଣ ହେବେ ।'' (୧)

ବ୍ୟାସକୃତ ସଂସ୍କୃତ ମହାଭାରତରେ ମଧ୍ୟ କଳିଯୁଗର ପ୍ରଭାବ ସ୍ପଷ୍ଟ । ସେଥିରେ ଉଲ୍ଲେଖ ଅଛି ଯେ, ''ଏହି ସମୟରେ ମାନବଗଣ ଲୋଭୀ, କୋପାବିଷ୍ଟ ଏବଂ କାମାସକ୍ତ ହୋଇ ପରସ୍ପରମଧ୍ୟରେ ଶତ୍ରୁଭାବ ସୃଷ୍ଟିପୂର୍ବକ ଜିଘାଂସୁ ହୋଇଉଠିଚେ । **ଗ୍ରହମାନେ ମାନବ ଜାତିର ପ୍ରତିକୂଳରେ ଗତି କରିବେ, ଭୟଙ୍କର ବାୟୁ ପ୍ରବଳ ବେଗରେ ବହିବ, ଲୋକମାନେ ବ୍ୟାକୁଳ ହୋଇଉଠିବେ ଏବଂ ମହାନ୍ ଭୟସୂଚକ ଉଲ୍‌କାପାତ ବାରମ୍ବାର ଦେଖାଯିବ ।** କଳିଯୁଗର ଅନ୍ତିମ ସମୟରେ ମନୁଷ୍ୟଗଣ ପରସ୍ପରକୁ ଲୁଣ୍ଠନ ଓ ହତ୍ୟା କରିବେ । ଯୁଗକ୍ଷୟବେଳକୁ ଲୋକେ ଜପତପ ଛାଡ଼ି ନାସ୍ତିକ ଓ ଚୋର ହେବେ । କଳିର ଶେଷାବସ୍ଥାରେ ପିତା ପୁତ୍ରର ଓ ପୁତ୍ର ପିତାର ଶଯ୍ୟାଦି ଭୋଗ୍ୟବସ୍ତୁକୁ ଉପଭୋଗ କରିବେ । ସେତିକିବେଳେ ଅଭକ୍ଷ ଅର୍ଥାତ୍ ତ୍ୟାଜ୍ୟ ପଦାର୍ଥ ମଧ୍ୟ ଭକ୍ଷଣଯୋଗ୍ୟ ବିବେଚିତ ହେବ । ରାଜାମାନେ ପ୍ରଜାମାନଙ୍କୁ ରକ୍ଷା କରିବେ ନାହିଁ; ପରନ୍ତୁ ସେମାନଙ୍କ ଠାରୁ ଅଧିକ ଧନ ସଂଗ୍ରହ କରିବାର ଲୋଭ ପୋଷଣ କରିବେ । ଗର୍ବ ଓ ଅହଙ୍କାରରେ ସର୍ବଦା ଉନ୍ମତ୍ତ ହୋଇ ପ୍ରଜାମାନଙ୍କୁ କେବଳ ଦଣ୍ଡ ଦେବା କାର୍ଯ୍ୟରେ ସେମାନେ ରୁଚି ଦେଖାଇବେ । ହେ ରାଜନ୍ ! ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କର ନାମ ସୁଦ୍ଧା ରହିବ ନାହିଁ । ଯୁଗାନ୍ତକାଳରେ ସମଗ୍ର ବିଶ୍ୱ ଏକ ବର୍ଣ୍ଣରେ ପରିଣତ ହେବ ।

---

୧. ଶ୍ରୀମଦ୍ ଭାଗବତ ମହାପୁରାଣମ୍, ୧୨ଶ ସ୍କନ୍ଧ, ଦ୍ୱିତୀୟ ଅଧ୍ୟାୟ ।

ଏହି ସମୟରେ ସ୍ତ୍ରୀ ଓ ପୁରୁଷମାନେ ସ୍ୱେଚ୍ଛାଚାରୀ ହୋଇ ଅନ୍ୟୋନ୍ୟର କାର୍ଯ୍ୟ ଓ ବିଚାରକୁ ସହ୍ୟ କରିପାରିବେ ନାହିଁ । ହେ ଯୁଧିଷ୍ଠିର ! ସେତେବେଳେ ସାରା ପୃଥିବୀ ମ୍ଳେଚ୍ଛ ହୋଇଯିବ । ଲୋକେ ଶ୍ରାଦ୍ଧ ଓ ଯଜ୍ଞ କର୍ମ ଦ୍ୱାରା ପିତୃ ଓ ଦେବତାମାନଙ୍କୁ ସନ୍ତୁଷ୍ଟ କରିବେ ନାହିଁ । କଳିଯୁଗର ଶେଷ ସମୟକୁ ଯୁଗାନ୍ତକାଳୀନ ଲକ୍ଷଣମାନ ପରିଦୃଷ୍ଟ ହେବ । ଯେତେବେଳେ ମନୁଷ୍ୟମାନେ ଭୟଙ୍କର ସ୍ୱଭାବ ବିଶିଷ୍ଟ, ଧର୍ମହୀନ, ମାଂସାଶୀ ଓ ମଦ୍ୟପ ହୋଇଯିବେ, ସେତେବେଳେ ଯୁଗର ସଂହାର ହେବ ବୋଲି ବୁଝିବାକୁ ହେବ । ଏତିକିବେଳେ ସମସ୍ତ ପ୍ରାଣୀଙ୍କର ଅଭାବ ଦେଖାଯିବ, ଦିଗ ସବୁ ପ୍ରଜ୍ୱଳିତ ହୋଇଉଠିବ ଓ ନକ୍ଷତ୍ରମାନଙ୍କର ତେଜ କମିଯିବ । ସ୍ତ୍ରୀମାନେ ସ୍ୱାମୀମାନଙ୍କର ଆଜ୍ଞାପାଳନ କରିବେ ନାହିଁ, ଏବଂ ପୁତ୍ର ପିତାମାତାଙ୍କୁ ହତ୍ୟା କରିବାକୁ କୁଣ୍ଠାବୋଧ କରିବ ନାହିଁ । ଲଳନାଗଣ ନିଜ ପୁତ୍ରମାନଙ୍କ ସହିତ ମିଶି ସ୍ୱାମୀଙ୍କୁ ହତ୍ୟା କରିବେ । ହେ ରାଜନ୍ ! ଅମାବାସ୍ୟା ବ୍ୟତୀତ ଅନ୍ୟ ତିଥିରେ ମଧ୍ୟ ସୂର୍ଯ୍ୟୋପରାଗ ସଂଘଟିତ ହେବ । ଯୁଗ ପ୍ରଭାବରେ ଦୁଃଶୀଳା ସ୍ତ୍ରୀମାନେ ନିଜର ଯୋଗ୍ୟ ସ୍ୱାମୀମାନଙ୍କୁ ମଧ୍ୟ ପ୍ରତାରଣା କରି ମନ୍ଦ ଆଚରଣ କରିବେ ଓ ନିଜର ଭୃତ୍ୟ ତଥା ପଶୁମାନଙ୍କ ସହ ବ୍ୟଭିଚାରରେ ମାତିବେ । **ସାତଗୋଟି ସୂର୍ଯ୍ୟ ଉଦିତ ହେଲେ ଯେପରି ଉତ୍ତାପ ହେବ ସେହିପରି ଉତ୍ତାପ ସୂର୍ଯ୍ୟଙ୍କର ବଢ଼ିଯିବ, ଚାରିଦିଗରୁ ଭୀଷଣ ବିଜୁଳି ସହ ଘଡ଼ଘଡ଼ି ଶବ୍ଦ ଶୁଣାଯିବ ଏବଂ ଦିଗ ସବୁ ପ୍ରଜ୍ୱଳିତ ହୋଇଉଠିବ ।** ଭାରତ ! ସେହି ସୂର୍ଯ୍ୟଙ୍କ ତେଜରେ ଯେତେବେଳେ ସମସ୍ତ ଜଳ ଶୁଖିଯିବ, ସେତେବେଳେ ସମ୍ବର୍ତ୍ତକ ନାମକ ପ୍ରଳୟଙ୍କର ଅଗ୍ନି ପବନସହ ମିଶି ସବୁଆଡ଼େ ବ୍ୟାପିଯିବ । ହେ ପୁରୁଷରତ୍ନ ! ତାହାପରେ ବିଧାତାଙ୍କ ଦ୍ୱାରା ପ୍ରେରିତ ହୋଇ ସେହି ଗର୍ଜନ ତର୍ଜନ କରୁଥିବା ଭୟଙ୍କର ମେଘମାଳା ଶୀଘ୍ର ବର୍ଷା କରି ପୃଥିବୀକୁ ଜଳପ୍ଲାବିତ କରିଦେବ । **ତତ୍ପରେ ସମୁଦ୍ର ନିଜର ସୀମା ଲଂଘନ କରିବ, ପର୍ବତ ସବୁ ବିଦୀର୍ଣ୍ଣ ହୋଇଯିବ ଓ ପୃଥିବୀ ପାଣିରେ ବୁଡ଼ିଯିବ ।**" (୧)

ମହାନିର୍ବାଣ ତନ୍ତ୍ରରେ ଯୋଗେଶ୍ୱର ମହାଦେବ ପାର୍ବତୀଙ୍କୁ କଳିଯୁଗର ବିବରଣୀ ଦେବାକୁ ଯାଇ କହିଛନ୍ତି, "ତପସ୍ୟାହୀନ, ପାପମୟ, ଅତିଦୁସ୍ତର ଏହି ଘୋର କଳିଯୁଗରେ ବ୍ରହ୍ମମନ୍ତ୍ର ସାଧନ ହିଁ ଏକମାତ୍ର ନିସ୍ତାରର ଉପାୟ । ମହେଶ୍ୱରି ! ଆମ୍ଭେ ନାନା ତନ୍ତ୍ରରେ ଓ ନାନା ଆଗମରେ ବିଭିନ୍ନ ସାଧନର ବିଷୟ କହିଅଛୁ । କିନ୍ତୁ କଳିଯୁଗରେ ଦୁର୍ବଳ ଜୀବପକ୍ଷେ ତତ୍ ସମୁଦାୟ ଅସାଧ୍ୟ । ପ୍ରିୟେ ! କଳିଯୁଗରେ ମାନବଗଣ ଅଳ୍ପାୟୁ ହେବେ । ସେମାନେ ସମଧିକ ଅନୁଷ୍ଠାନ କରିପାରିବେ ନାହିଁ । ସେମାନଙ୍କର ଅନ୍ନଗତ ପ୍ରାଣ ହେବ । ସେମାନେ ଧନୋପାର୍ଜନରେ ବ୍ୟଗ୍ର ଓ ସର୍ବଦା ଚଞ୍ଚଳଚିତ୍ତ ହେବେ । ସମାଧିରେ ସେମାନଙ୍କର ଚିତ୍ତ ରହିବ ନାହିଁ । ସେମାନେ ଯୋଗାନୁଷ୍ଠାନ କ୍ଳେଶ ସହ୍ୟ କରିବାକୁ ଅକ୍ଷମ ହେବେ ।" (୨)

---

୧. ମହାଭାରତ, ବନପର୍ବ. ୧୬୦ଅଃ.

୨. ମହାନିର୍ବାଣ ତନ୍ତ୍ରମ୍ ୩ୟ ଉଲ୍ଲାସ. ଶ୍ଳୋ. ୧୨୨-୧୨୫

ଉତ୍ପାତସାଗର, ଗର୍ଗସଂହିତା ଓ ବାର୍ହସ୍ପତ୍ୟ ସଂହିତାରେ ମଧ୍ୟ ଏହିଭଳି ନାନାବିଧ ବିବରଣୀ ଦେଖିବାକୁ ମିଳେ । ଉତ୍ତର ଭାରତର ସନ୍ଥକବି ତୁଳସୀଦାସ ତାଙ୍କ 'ଶ୍ରୀରାମଚରିତ ମାନସ'ର ଉତ୍ତରାକାଣ୍ଡରେ କାକଭୂଷଣ୍ଡଙ୍କ ମୁଖରେ ବୈନତେୟଙ୍କୁ ଆଗତ ଭବିଷ୍ୟ କହିଅଛନ୍ତି । ସେଥିରେ ଅଛି, 'ନରନାରୀଗଣ ବର୍ଣ୍ଣାଶ୍ରମ ଧର୍ମ ପାଳନ ନ କରି ବେଦବିରୋଧୀ କର୍ମ ଆଚରଣ କରିବେ । ବ୍ରାହ୍ମଣଗଣ ବେଦ ବିକ୍ରୟ କରିବେ ଏବଂ ରାଜାମାନେ ପ୍ରଜାମାନଙ୍କର ସମ୍ପତ୍ତି ଅପହରଣ କରିବାକୁ ପଛାଇବେ ନାହିଁ । ନିଗମ ବିଧାନକୁ କେହି ମାନିବେ ନାହିଁ । ଯେ କେବଳ ଭାବ କଥା କହିବ, ସେ ହେବ ପ୍ରକୃତ ମାର୍ଗୀ ଏବଂ ଯିଏ ମିଛୁଆ ସେ ହେବ ପଣ୍ଡିତ । ମିଥ୍ୟାଭାଷୀ ଆତ୍ମାଭିମାନୀ ବ୍ୟକ୍ତିଙ୍କୁ ସମସ୍ତେ ସନ୍ଥ ବୋଲି ସ୍ୱୀକାର କରିବେ । ପରସ୍ୱାପହରଣକାରୀ ମନୁଷ୍ୟ ଚତୁର ବୋଲି ବିବେଚିତ ହେବ ଏବଂ ଦମ୍ଭୀ ବ୍ୟକ୍ତିଗଣ ଆଚାରବନ୍ତ ଭାବେ କଥିତ ହେବେ । ବେଦୋକ୍ତ ଶାସ୍ତ୍ର ବିଧାନକୁ ପରିହାର କରିଥିବା ବ୍ୟକ୍ତି ବାସ୍ତବରେ କଳିଯୁଗରେ ଜ୍ଞାନୀ ରୂପେ ପରିଗଣିତ ହେବ ।'' (୧)

ବଙ୍ଗଳାରେ ଶ୍ରୀ କବିକଙ୍କଣ ଆଗମ ପୁରାଣୋକ୍ତ କଳିଯୁଗର ବୃତ୍ତାନ୍ତ ଉଲ୍ଲେଖ କରିଯାଇଛନ୍ତି । ତାଙ୍କ ମତରେ, ''ଏହି ମହାଘୋର କଳିକାଳରେ ରାଜାମାନେ ଅଧୋଗତି ଲଭି ନୀଚବୃତ୍ତି ଅବଲମ୍ବନ କରିବେ ଏବଂ ସାଧାରଣ ଲୋକେ ସଙ୍ଗଦୋଷରୁ ଦୁର୍ଗତି ପ୍ରାପ୍ତ ହୋଇ ଧର୍ମାଚାରବିହୀନ ପୂର୍ବକ ବେଦର କୁସାରଚନା କରିବେ ।'' (୨)

ଭାରତୀୟ ସାହିତ୍ୟରେ କଳିଯୁଗର ଯେଉଁସବୁ ସାଧାରଣ ଉତ୍‌ପ୍ରେକ୍ଷା ଦେଖାଯାଏ ତାହା ଓଡ଼ିଆ ସନ୍ଥକବିଙ୍କ ରଚନାରେ ଗୋଟି ଗୋଟି ହୋଇ ଫୁଟିଉଠିଛି । କଳିଯୁଗର ଆଚରଣ ଓ କ୍ରିୟାକଳାପ ସମ୍ପର୍କରେ ସେମାନେ ଉଲ୍ଲେଖ କରିଯାଇଥିବା ବହୁ ପ୍ରସଙ୍ଗ ମଧ୍ୟରୁ କେତୋଟି ମାତ୍ର ଦୃଷ୍ଟାନ୍ତ ପାଠକମାନଙ୍କର ଅବଗତି ପାଇଁ ନିମ୍ନରେ ଦର୍ଶାଇ ଦିଆଯାଇପାରେ ।

---

୧. ବରନ ଧର୍ମ ନହିଁ ଆସ୍ରମଚାରୀ । ସ୍ରୁତି ବିରୋଧ ସବ୍ ନରନାରୀ ॥
ଦ୍ୱିଜ ସ୍ରୁତି ବେଚକ ଭୂପ ପ୍ରଜାସନ । କୋଉ ନହିଁମାନ ନିଗମ ଅନୁସାସନ ॥
ମାରଗ ସୋଇ ଜା କହୁଁ ଜୋଇ ଭାବା । ପଣ୍ଡିତ ସୋଇ ଜୋ ଗାଲ ବଜାୱା ॥
ମିଥ୍ୟାରମ୍ଭ ଦମ୍ଭ ରତ ଜୋଇ । ତା କହୁଁ ସନ୍ତ ସବ କୋଇ ॥
ସୋଇ ସୟାନ ଜୋ ପରଧନହାରୀ । ଜୋ କର ଦମ୍ଭ ସୋ ବଡ଼ ଆଚାରୀ ॥
ନିରାଧାର ଜୋ ସ୍ରୁତିପଥ ତ୍ୟାଗୀ । କଳିଯୁଗ ସୋଇ ଜ୍ଞାନୀ ସୋ ବିରାଗୀ ॥

୨. ଆଗମ ପୁରାନ ମତ କଲିର ଚରିତ ଯତ ଶୁନ ଝିଏ ଖୁଲନା ସୁନ୍ଦରୀ ।
ତୁମି ଗୋ ପରମ ଶୁଚି ତ୍ୟଜ ଭୋଗ ଅଭିରୁଚି ଅବିଳମ୍ବେ ଚଲ ସୁରପୁରୀ ॥
ମହାଘୋର କଲିକାଲ ନୀଚ ହବେ ମହୀପାଲ ସର୍ବଭୋଗ ନୀଚେର ସମାନ ।
ସଙ୍ଗଦୋଷେ ପାବେ ଦୁଃଖ ଧର୍ମପଥ ପରାଙ୍ମୁଖ କଲିକାଲେ ବେଦେର ନିନ୍ଦନ ॥

## ଯଶୋବନ୍ତ ଦାସଙ୍କ ମାଳିକା

ଅନେକ ଅନୀତି ହୋଇବ ମହୀ । କେହି କାହାକୁ ପ୍ରତେ ଯିବେ ନାହିଁ ॥
ଇନ୍ଦ୍ର ପାଳିବ ଶସ୍ୟ ଯେ ନୋହିବ । ଖଣ୍ଡପାଳକ ମେଘ କରୁଥିବ ॥
ପିତାକୁ ପୁତ୍ର ବିଶ୍ୱାସ ନୋହିବ । ରାଣ୍ଡୀ ବ୍ରାହ୍ମଣୀ ପିତୃ ଶ୍ରାଦ୍ଧ ଦେବ ॥
ବାହୀ ପିନ୍ଧିଣ ଭୁଞ୍ଜିବେ ଆମିଷ । ଶୂଦ୍ରକୁ ଘେନି ଯିବେ ଦୂରଦେଶ ॥

o o o

ଦିବସେ ଉଦିତ ହୋଇବ ତାରା । **ପ୍ରଚଣ୍ଡ ହୋଇବ ରବିର ଖରା** ॥
**ପବନ ବହିବ ନିର୍ଘାତ କରି** । ବସିଲା ଠାରେ ଦ୍ରବ୍ୟ ଯିବ ଚୋରି ॥
ଏକ ବସ୍ତ୍ରକରେ ବଞ୍ଚିବେ ଦିନ । ରଜକ ଘରେ ନ ଦେବେ ବସନ ॥
ମାଇଁ ଭଣଜା ମାଯେ ପୋଯେ ସଙ୍ଗ । ଭାଇ ଭଉଣୀରେ ବିନୋଦ ରଙ୍ଗ ॥
ଗୁରୁଙ୍କୁ ଶିଷ୍ୟ ନ ମାନି ମିଛୁଆ । କହିଲା କଥା କହୁ କହୁ ମାୟା ॥
ଗୁରୁଙ୍କୁ ଭଣ୍ଡିବେ ନ ଦେବେ ଧନ । ଦେଖିଲେ ଲୁଚିବେ ନ ଥିବ ମାନ୍ୟ ॥

## ଅଚ୍ୟୁତାନନ୍ଦଙ୍କ ଗୁପ୍ତଗହନ ଗୀତା

ପୁରାଣ ଗୀତା ଭାଗବତ ପଢ଼ି । ମଦ ମାଂସ ଖାଇ ହୋଇବେ ରାଢ଼ି ॥
ମାତା ମାଉସୀ ଶାଶୁକୁ ହରଣ । ବେଦ ନ ପଢ଼ିବେ ତିଳେ ବ୍ରାହ୍ମଣ ॥
ଭଗ୍ନୀକି ହରିବେ ସୋଦର ଭାଇ । ବିପ୍ରେ ମଦିରା ଯେ ଖାଇବେ ମହୀ ॥

o o o

ଅତି ଅନୀତିରେ ହେବ ପ୍ରବଳ । ପୂଜା ନ କରିବେ ଦେବତା ଆଳ ॥
ଗୁରୁଙ୍କୁ ଶିଷ୍ୟ ଯେ ମାନିବେ ନାହିଁ । ଗୁରୁଙ୍କୁ ଦେଖିଲେ ଲୁଚିବେ ଯାଇଁ ॥

o o o

ରାଜାମାନେ ଯେ ଅନ୍ୟାୟ କରିବେ । ପ୍ରଜା ଗୁହାରି ରାଜା ନ ଶୁଣିବେ ॥

o o o

କରପୀଡ଼ା ହେବ ଶସ୍ୟ ନୋହିବ । ପରଜା ଦୁଃଖ ରାଜା ନ ଶୁଣିବ ॥

o o o

ଅଗାଡ଼ି ମିଶାଇ ବିକିବେ ଧାନ । ପାପ ପୁଣ୍ୟକୁ ଯେ ନୋହିବ ଜ୍ଞାନ ॥

o o o

ଏମନ୍ତେ ପ୍ରାଣୀ ଯେ ହୋଇବେ ହୀନ । ଯେତେ ଅର୍ଜିଲେ ନ ଅଣ୍ଟିବ ଅନ୍ନ ॥
ଗାବର କ୍ଷୀର ନ ପୂରିବ ପାଏ । ବିଷ୍ଠା ଭକ୍ଷିବେଟି ଗୋମାତା ପୋଏ ॥

୦ ୦ ୦

ଦୟା ଧର୍ମ ମାନ ତାଙ୍କେ ବୁଡ଼ିବ । ବ୍ରହ୍ମ ଶୂଦ୍ର ଧରି ପାଣି ବୋହିବ ॥
ଭାଉଜକୁ ଘେନି କରିବେ ଘର । ଗୋଦଣ୍ଡା ଚଷିବେ ଗାଲୁଆ ଚୋର ॥

୦ ୦ ୦

ଶାଶୁର ବାଳ ଯେ ବୋହୂ ଧରିବ । ସେ ଭାରିଯା ଘେନି ପୁଅ ରହିବ ॥

୦ ୦ ୦

ଜ୍ୟେଷ୍ଠ ଭ୍ରାତକୁ କନିଷ୍ଠ ନ ମାନି । ସମର୍ଥ ପଣରେ କଥା ନ ମାନି ॥
ବିଧର୍ମୀ ପୁତ୍ର ସଂସାରେ ପ୍ରବଳ । ଭାରିଯାକୁ ଘେନି ହୋଇବେ ଗେଲ ॥

୦ ୦ ୦

**ନୃପତି ଲାଞ୍ଛୁଆ ହେବେ ସଂସାର । ସୁଆଦ ନୋହିବ ମଧୁ ଶାକର ॥**
**ଲକଣ ଉଠିବ ପୂର୍ବ ଦିଗରୁ । ମାରୁ ମହରଗ ହେବ ସେଠାରୁ ॥**

## ଜଗନ୍ନାଥ ଦାସଙ୍କ ଭକ୍ତିଚନ୍ଦ୍ରିକା

ବ୍ରାହ୍ମଣେ ବେଦ ବିକ୍ରୟ କରିବେ । ଗାବମାନେ ଯେ ଅଭକ୍ଷ ଭକ୍ଷିବେ ॥
ଗୋରୁ ମନୁଷ୍ୟର ହୋଇବ ପ୍ରୀତି । ପୋଇଲିମାନେ କୁଳବଧୂ ସ୍ଥିତି ॥
ଇଚ୍ଛା ସୁଖେ କନ୍ୟା ବର ବରିବ । ତାହାରି ଇଚ୍ଛାଯେ ବିଭା ହୋଇବ ॥
ଗାରେଡ଼ି କୁଯନ୍ତ୍ର ବାଦ ବିଦ୍ୟାରେ । ପରଙ୍କୁ ହିଂସିବେ ପ୍ରାଣୀ ସଂସାରେ ॥
ନାନାବିଧି ଅକର୍ମ କରିବେ ଜନ । ଯେକଠାରେ ବସି କରି ଭୋଜନ ॥
ଜାତି ବର୍ଣ୍ଣଭେଦ ରହିବ ନାହିଁ । ନୃପତିମାନେ ନିଷ୍ଠୁର ଭଜଇ ॥
ପ୍ରଜାଙ୍କୁ ଅତ୍ୟନ୍ତ କଷଣ ଦେବେ । କର ପୀଡ଼ାରେ ଦିନ ନେଉଥିବେ ॥
ଶୂନ୍ୟରେ ମେଘ ଆଚ୍ଛାଦନ କରି । ବାୟୁ ଗର୍ଜନ ବିଜୁଳି ସଞ୍ଚରି ॥
କିଞ୍ଚିତ ବରଷା ହେବ ନୋହିବ । ଜଳ ବିହୁନେ କୃଷି ନାଶ ଯିବ ॥
ନାନାବିଧି ବେପାର ଲୋକେ କରିବେ । ଆପଣା ପେଟ ପୋଷି ନ ପାରିବେ ॥
ଭାଇ ଭଉଣୀର ପ୍ରୀତି ହୋଇବ । ମାତା ପିତାଙ୍କୁ ପୁତ୍ର ମାରୁଥିବ ॥
ବେହି ଭାରିଯାକୁ ଛାଡ଼ିବେ ଜନ । ପୋଇଲି ହୋଇବେ ଘରେ ଭାର୍ଜନ ॥

୦ ୦ ୦

ମହା କଳିଯୁଗ ଘୋର ଅନ୍ଧାର । ପାପରେ ପ୍ରାଣୀ ହେବେ ପରିତାର ॥
ଯଜ୍ଞ ଜପ ତପ ଭକ୍ତି ହିଁ ଯିବ । ଚାରିପାଦ ଧର୍ମ ପଥ ବୁଡ଼ିବ ॥
(୨ୟ ଅଧ୍ୟାୟ)

ମାଳିକାରେ ଏପରି କେତେକ ତଥ୍ୟର ବର୍ଣ୍ଣନା ରହିଛି ଯାହା ବର୍ତ୍ତମାନର ଘଟଣା ସହିତ ବହୁ ପରିମାଣରେ ସାଦୃଶ୍ୟ ରକ୍ଷା କରିପାରିଛି । ସେଥିମଧ୍ୟରୁ ଭାରତରେ ଜଣେ ସ୍ତ୍ରୀ ରାଜତ୍ୱ କରିବା (୧) ଏବଂ କଳିଯୁଗରେ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ରୁଷିଆ ଏକ ଉଲ୍ଲେଖ ଯୋଗ୍ୟ ଭୂମିକା ନେବା (୨) ବିଷୟ ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

କେହି କେହି ଏହାକୁ ବହୁ ପରବର୍ତ୍ତୀ ରଚନା କିମ୍ବା ପ୍ରକ୍ଷିପ୍ତ ରୂପେ ମନେକରିବା ସ୍ୱାଭାବିକ । ମାତ୍ର ଏକାଧିକ ପୋଥିରେ ଏହିଭଳି ସୂଚନା ମିଳୁଥିବାରୁ ତାହା ବିଚାରର ପରିସରଭୁକ୍ତ କରାଯାଇପାରେ । ଅଚ୍ୟୁତାନନ୍ଦଙ୍କ ରଚନାରେ ଅନ୍ୟ କୌଣସି ଦେଶର ଉଲ୍ଲେଖ ନ ଥାଇ କେବଳ ରୁଷିଆ କଥା ମିଳୁଥିବାରୁ ସେଥିରୁ ପ୍ରତୀତି ହୁଏ ଯେ କବି ତାଙ୍କ ଦିବ୍ୟଦୃଷ୍ଟି ବଳରେ ଏକଦା ଭାରତ ସହିତ ରୁଷିଆର ସମ୍ପର୍କ ଘନୀଭୂତ ହେବ ବୋଲି ଜାଣି ପାରିଥିଲେ ଏବଂ ସେଥିପାଇଁ ସେ ପ୍ରସଙ୍ଗକ୍ରମେ ଏହାର ନାମ ପ୍ରକାଶ କରିବାକୁ ମଧ୍ୟ କୁଣ୍ଠାବୋଧ କରି ନ ଥିଲେ । ଏତଦ୍ ବ୍ୟତୀତ ରାଜାମାନଙ୍କର ରାଜତ୍ୱ ଲୋପ ହେବା (୩), ଉତ୍ତର ଦିଗରୁ ଝିଣ୍ଟିକାଦଳ ମାଡ଼ିଆସିବା (୪), ଶ୍ରୀମନ୍ଦିରରୁ ପଥର

---

୧. ବିଧବା ହୋଇଣ ଯେବଣ ନାରୀ । କୃତଶ୍ରେଷ୍ଠ ବୋଲି ତାହାକୁ ବୋଲି ॥
o o o
ଆହୁରି ହୋଇବ ଭାରଥସୋରି । କର ବାନ୍ଧିବ ସେ ପ୍ରଜାଙ୍କୁ ଧରି ॥
(ତତ୍ତ୍ୱବୋଧିନୀ—ଅଚ୍ୟୁତାନନ୍ଦ, ୩ୟ ଖଣ୍ଡ. ୬୫ ଥଃ)

୨. ରୁଷିଆ ଆସିଲେ ଦରଶନ କରି ତାଙ୍କ ପାଦେ ପ୍ରଣମିବ ।
ଯେତେ ସ୍ୱର୍ଣ୍ଣଦେବ ରାଜା ବଳଦେବ କାଳରେ ଭେଟି ପାଇବ ॥
(ତେରେ ଲକ୍ଷ ଶରଣ : ଅଚ୍ୟୁତାନନ୍ଦ)

ପୁଣି—ଅଣଆୟତ୍ତ ଯେବେ ହୋଇବ ପୁଣ
ଅନାଇଥିବୁ ରାମ ଅଣସୂତ୍ରେଣ ହେ
ଅଚ୍ୟୁତିକଥା । ଆସି ରୁଷିଆ ନିଶ୍ଚେ ନେବ ବାରତା ହେ। (ଅଚ୍ୟୁତାନନ୍ଦଙ୍କ ଚଉତିଶା)

୩. ନୃପତି ହୋଇଣ ଜଣେ ନ ରହିବେ କେହି ।
ନୟନେ ଦେଖିବୁ ଦୀନ ଅଚ୍ୟୁତି କହଇ ॥ (ଅଚ୍ୟୁତାନନ୍ଦଙ୍କ ଚଉତିଶା)

୪. ଜାଣିଥାଅ ଭଦ୍ର ଏହି ସୂଚକ । ଝିଙ୍କାରୀ ବୋଲି ଏକବର୍ଣ୍ଣ ପୋକ ॥
ଉତ୍ତର ଦିଗରୁ ଉଡ଼ିଆସିବେ । ତବକ ବଳ ସେ ଚର୍ଚ୍ଚି ମରିବେ ॥
(କଳିମାଳିକା : ଜଗନ୍ନାଥ ଦାସ)

ଖସିବା (୧), ଛତିଆ ଶ୍ରୀକ୍ଷେତ୍ରରେ ପରିଣତ ହେବା (୨), ସପ୍ତଦିନବ୍ୟାପୀ ଅନ୍ଧାର ହେବା (୩), ଚତୁର୍ଦ୍ଦିଗରେ ଲଞ୍ଜାତାରା ପଡ଼ିବା (୪), ଛଅବର୍ଷ ଧରି ଜଗନ୍ନାଥଙ୍କ ରଥଯାତ୍ରା ବନ୍ଦ ରହିବା (୫) । **ପୂର୍ବଦିଗରୁ ସମୁଦ୍ର ମାଡ଼ି ଆସିବା** (୬), ଶିଳା ଓ ରକ୍ତବୃଷ୍ଟି ହେବା (୭), ଘୁମାରୋଗ ବ୍ୟାପିବା (୮), ବଡ଼ ଦେଉଳରେ ଗୃଧ୍ରପକ୍ଷୀ ବସିବା (୯), ଗଜପତି ଦିବ୍ୟସିଂହଦେବଙ୍କ ଅଙ୍କରେ ଧୂମକେତୁ ଉଦୟ ହେବା (୧୦), ଆକାଶରୁ

---

୧. ବଡ଼ ଦେଉଳରୁ ମୋର ପଥର ଖସିବ । ସେହିଦିନଠାରୁ ସଖୀ ବିପଦ ପଡ଼ିବ ।
(ରୁକ୍ମିଣୀଗୀତା : ଅଚ୍ୟୁତାନନ୍ଦ)

ପୁଣି—ବଡ଼ ଦେଉଳରୁ ମୋର ଖସିବ ପଥର ।
ବସିବ ଯେ ଗୃଧ୍ରପକ୍ଷୀ ଅରୁଣ ଖୁମ୍ବର ।
ବତାସର ହେ । ବକ୍ର ହେବ ନୀଳଚକ୍ର ମୋର ହେ ॥ (ଜଗ ବିରଚିତ ଚଉତିଶା)

୨. ଲୀଳା ଉଦେ ହେବ ଲୀଳା ଚହଟିବ ଗହ ଗହ ଛତିଆରେ ।
ଶ୍ରୀରଙ୍ଗାଚରଣେ ସମସ୍ତେ ଖଟିବେ ଶ୍ରୀକ୍ଷେତ୍ର ହୋଇବ ଥରେ ॥
(ନିର୍ଘଣ୍ଟ : ଅଚ୍ୟୁତାନନ୍ଦ. ୧ମ ଅଃ)

୩. ଅନ୍ଧାର ହେବ ସାତଦିନ । ବିଜୁଳି ମାରି ଘନଘନ ॥
(ନିର୍ଘଣ୍ଟ : ଅଚ୍ୟୁତାନନ୍ଦ. ୪ର୍ଥ ଅଃ)

୪. ନକ୍ଷତ୍ରଲଞ୍ଜା ପଡ଼ିବ ପୁଞ୍ଜା ପୁଞ୍ଜା ହୋଇ—
(ଭକ୍ତିମୁକ୍ତିଦାୟକ ଗୀତା : ଶିଶୁଅନନ୍ତ. ୮ମ ପଟଳ)

୫. ଷଡ଼ବର୍ଷ ଯାତ୍ରା ଯେ ନୋହିବ ନନ୍ଦିଘୋଷ— (ସାରଙ୍ଗ ଦାସଙ୍କ ମାଳିକା)

୬. ଘୋର କଳିକାଳ ଥୟ ନରହିବ ପ୍ରାଣୀ ହେବେ କୁଆବୁଆ ।
ପୂର୍ବ ସମୁଦ୍ରରୁ ଲବଣ ଉଠିବ କମ୍ପିବ ପ୍ରାଣୀଙ୍କ ହିଆ ॥
(ନିର୍ଘଣ୍ଟ : ଅଚ୍ୟୁତାନନ୍ଦ. ୭ମ ଅଃ)
ନକ୍ଷତ୍ରଲଞ୍ଜା ଭୂମିକମ୍ପ ହେବ । ପୂର୍ବ ଦେଶରେ ସାଗର ବଢ଼ିବ॥
(କଲ୍କିକଳ୍ପ : ଅଚ୍ୟୁତାନନ୍ଦ. ୫ମ ପଟଳ)

୭. ଶିଳା ବୃଷ୍ଟି ହେବ ମର୍ତ୍ତ୍ୟେଲୋ ବଉଳ ବସୁଧା ଫାଟିବ ହେଳେ । (ହାଡ଼ିଦାସଙ୍କ ମାଳିକା)
ପୁଣି—ରୁଧିର ବୃଷ୍ଟିତ ହୋଇବ ଦେବୀବଳ ହୋଇବ । (ଲକ୍ଷ୍ମୀଧର ବିଳାସ : ହାଡ଼ିଦାସ)

୮. ଘୁମାରୋଗ ପ୍ରକାଶିବ ମନୁଷ୍ୟ ମାନରେ ।
ଘରେ ଘରେ କୁଢ଼ କୁଢ଼ ମରିବେ ଅପାରେ ॥
(ଭକ୍ତିଚନ୍ଦ୍ରିକା : ଜଗନ୍ନାଥ ଦାସ. ୪ର୍ଥ ଅଃ)

୯. ନୀଳାଚଳ ବଟପୁଟରେ ଗୃଧ୍ରପକ୍ଷୀ ବସିବ । (କଳିବ୍ୟାଳିଶ : ଅଚ୍ୟୁତାନନ୍ଦ)

୧୦. ଦିବ୍ୟସିଂହଦେବ ଅଙ୍କରେ ଜାଣ । ଧୂମକେତୁ ଉଦେ ପୂର୍ବଭାଗେଣ ॥
(କଲ୍କିକଳ୍ପ : ଅଚ୍ୟୁତାନନ୍ଦ. ୩ୟ ପଟଳ)

ବଜ୍ରପାତ ହେବା ଓ ଜଗନ୍ନାଥଙ୍କର ରତ୍ନ ଚାନ୍ଦୁଆରେ ନିଆଁ ଲାଗିବା (୧), **ବନ୍ୟା,ବାତ୍ୟା ଓ ଭୂମିକମ୍ପର ପ୍ରକୋପରେ ବହୁ ଧନଜୀବନ କ୍ଷୟ ଘଟିବା** (୨), ବୃତ୍ତିବାଡ଼ି ବାଣ୍ଟି ଦିଆଯିବା (୩) । ମହାରାଣୀଙ୍କ ରାଜତ୍ୱରେ ସ୍ତ୍ରୀମାନଙ୍କର ଦୌରାତ୍ମ୍ୟ ବୃଦ୍ଧି ପାଇବା (୪), ନୂଆପାଟଣାରେ ଧ୍ୱଜା ଉଡ଼ିବା (୫), ପୃଥ୍ୱୀ ରଙ୍ଗାକାର ହେବା (୬), ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ହେବା (୭), ଉତ୍ତର ଦିଗରେ

---

୧. ଆକାଶୁ ବଜ୍ର ପଡ଼ିବ ଲୋ ବଉଳ ଜାଳିଦେବ ଭୂମଣ୍ଡଳ ।
ଶ୍ରୀଜଗନ୍ନାଥଙ୍କ ରତ୍ନ ଚାନ୍ଦୁଆରେ ଲାଗିବ ସେ ଯେ ଅନଳ ॥
(ହାଡ଼ିଦାସଙ୍କ ମାଳିକା)

ପୁଣି—ନୀଳାଚଳ ଛାଡ଼ି ଆମ୍ଭେ ଯିବୁ ଯେତେବେଳେ ।
ଲାଗିବ ରତ୍ନ ଚାନ୍ଦୁଆ ଅଗ୍ନି ତେତେବେଳେ ।
ନିଶାକାଳେ ହେ ✱ ନୀଳାଚଳୁ ଚୋରିଯିବ ହେଲେ ହେ ॥ (ଜଇ ବିରଚିତ ଚଉତିଶା)

ପ୍ରକାଶ ଥାଉକି, ଗତ କିଛି ବର୍ଷ ତଳେ ଜଗନ୍ନାଥଙ୍କ ପାଖଦେଇ ବିରାଡ଼ି ଚାଲିଯିବା ବିଷୟ ଯାହା ଶୁଣାଯାଉଥିଲା ସେତିକିବେଳେ ରତ୍ନ ଚାନ୍ଦୁଆରେ ନିଆଁ ଲାଗିବା ଏବଂ ପରେ ନୀଳାଚଳ ପୀଠରୁ ମହାଲକ୍ଷ୍ମୀଙ୍କ ରତ୍ନମୁକୁଟ ଚୋରିଯିବା କଥା ପ୍ରାୟ ବହୁଲୋକ ଜାଣନ୍ତି ।

୨. ଭୂମିକମ୍ପ ହେବ ପୃଥ୍ୱୀ ଅନ୍ୟାୟ । କାହାରି କିଛି ନ ଥିବଟି ଭୟ ॥
(କଳ୍କିକଳ୍ପ : ଅଚ୍ୟୁତାନନ୍ଦ. ୮ମ ପଟଳ)
ଖଣ୍ଡ ପ୍ରଳୟମାନ ହେବ । କେତେକ ଦେଶ ନାଶ ଯିବ ॥
(ବ୍ରହ୍ମଟୀକା : ଅଚ୍ୟୁତାନନ୍ଦ. ୩ୟ ଅଃ)
ଜଳ ପବନେ ପୃଥ୍ୱୀ ନାଶ ହେବ । ପାଟରେ ରାଜା ବାଳୁତ ହୋଇବ ॥
(କଳ୍କିକଳ୍ପ : ଅଚ୍ୟୁତାନନ୍ଦ. ୫ମ ପଟଳ)

୩. ହାତୀରେ ଚଢ଼ି ଆସିବେରେ ହାତୀରେ ଚଢ଼ି ଆସିବେ
ବୃତ୍ତିବାଡ଼ି ସବୁ ବାଣ୍ଟିଣ ଦେବେ, ଶବରରେ—ନବନାଗରରେ,
ହାଡ଼ିଆ କମାର ଭାବେ-ଜାମୁଡ଼ାଳିରେ ॥
(ହାଡ଼ିଦାସଙ୍କ ବିବିଧ କବିତା, ଜାମୁଡ଼ାଳି ଗୀତ)

୪. ମହାରାଣୀ ରାଜା ହୋଇବ ଯେଣୁ । ସ୍ତିରୀମାନେ ଦୁଷ୍ଟ ହୋଇବେ ତେଣୁ ॥
(ପଞ୍ଚସଖାଙ୍କ ବିରଚିତ ପରାର୍ଦ୍ଧ. ୫ମ ଅଃ)

୫. ନୂଆପାଟଣାରେ ଧ୍ୱଜା ଉଡ଼ିବ ଯେ ଜାଣ । (କଳ୍କିକଳ୍ପ : ଅଚ୍ୟୁତାନନ୍ଦ. ୭ମ ପଟଳ)

୬. ପୃଥ୍ୱୀ ଦିଶିବ ରଙ୍ଗିମା ଆକାର । ଜାଣିବୁ କିଛି ହୋଇଲା ସଂହାର ॥
(କଳ୍କିକଳ୍ପ : ଅଚ୍ୟୁତାନନ୍ଦ. ୬ଷ୍ଠ ପଟଳ)

୭. ଲାଜ ସଙ୍କୋଚ ସବୁ ଦୂର ହେବ । ଜାତିକୁଳଧର୍ମ କିଛି ନ ଥିବ ॥
(ତତ୍ତ୍ୱବୋଧିନୀ. ୩ୟ ଖଣ୍ଡ. ଅଚ୍ୟୁତାନନ୍ଦ. ୧ମ ଅଃ)

ଗୋଳମାଳ ଉପୁଜିବା (୧), ରତ୍ନସିଂହାସନକୁ ସମୁଦ୍ର ସ୍ପର୍ଶ କରିବା ଓ ମକ୍କା ମଦିନାରେ ସଂଘର୍ଷ ହେବା (୨), କଳ୍ପବୃକ୍ଷକୁ ଛେଦନ କରିବା (୩), ଏବଂ ଚନ୍ଦ୍ରଙ୍କର ତେଜ ହ୍ରାସ ପାଇବା ସଙ୍ଗେ ସଙ୍ଗେ ସୂର୍ଯ୍ୟକିରଣ ପ୍ରଖର ହେବା (୪) ବୃତ୍ତାନ୍ତ ମାଳିକାରେ ବର୍ଣ୍ଣିତ ହୋଇଅଛି । ବିଶେଷକରି ଏଥିରେ ଗ୍ରହଚକ୍ରର ଅବସ୍ଥାନ ସମ୍ପର୍କରେ ଯେଉଁ ବର୍ଣ୍ଣନା ରହିଅଛି ତାହା ଯୁଗାନ୍ତ ସମୟରେ ଦେଖାଯାଇଥାଏ ବୋଲି ଜ୍ୟୋତିଷ ଶାସ୍ତ୍ରରୁ ପ୍ରମାଣ ମିଳେ । ଗୋଟିଏ ମାସରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ହେଲେ (୫), ମୀନରାଶିରେ ଶନି

---

୧. ମେଳିଗୋଳ ହେବ ଉତ୍ତରାଞ୍ଚଳ । ଦକ୍ଷିଣ ଦିଗରେ ହୋଇବ ଗୋଳ ॥
(କଳ୍କିକଳ୍ପ : ଅଚ୍ୟୁତାନନ୍ଦ. ୯ମ ପଟଳ)

ପୁଣି—ଅଙ୍ଗ ବଙ୍ଗ କଳିଙ୍ଗ ଆଦିଏ ଦେଶ ଯେତେ । ଓଡ଼ିଶା ଉତ୍ତରଖଣ୍ଡ ପ୍ରଳୟ ସମସ୍ତେ ॥
(ବିଜ୍ଞାନକଳ୍ପ. ଅଚ୍ୟୁତାନନ୍ଦ. ୬ଷ୍ଠ ଅଃ)

୨. ବାଇଶି ପାବଚ୍ଛେ ମୀନ ଯେ ଖେଳିବ ସିଂହାସନରେ ବରୁଣ ।
ମକ୍କା ମଦିନାରେ ଘୋର ଯୁଦ୍ଧ ହେବ ମରିବେ ପଠାଣଗଣ ॥
(ନିର୍ଘଣ୍ଟ : ଅଚ୍ୟୁତାନନ୍ଦ. ୩ୟ ଅଃ)

ପୁଣି—ପୂର୍ବ ଅଞ୍ଚଳରେ ହେବ ଖଳଗୋଳ ଉତ୍ତରେ ଲାଗିବ ଗୋଳ ।
ମକ୍କା ମଦିନାରେ ଯୁଦ୍ଧ ଆରମ୍ଭିବେ ପଶୁ ମାନବ ବିକଳ ॥
(ଶିବକଳ୍ପ : ଅଚ୍ୟୁତାନନ୍ଦ)

୩. କଳ୍ପବଟ ଡାଳ ହୋଇବ ଛେଦନ ଦେଖିବୁ ତୁ ନୟନରେ ।
ଅମୁହାଁ ଦେଉଳ ମହିମା ଗୋପ୍ୟାନ ରଖିଥିବୁଟି ମନରେ ॥
(କଳ୍କିକଳ୍ପ : ଅଚ୍ୟୁତାନନ୍ଦ. ୧ମ ପଟଳ)

ପୁରୁଷୋତ୍ତମ କ୍ଷେତ୍ର ଭଗ୍ନ ହେବ । କଳ୍ପବଟ ଛେଦନ ହୋଇବ ॥
(କଳିମାଳିକା : ଜଗନ୍ନାଥ ଦାସ)

ସମୁଦ୍ର ଉଠିଆସିବ ବତାସ କରିବ । ଶ୍ରୀକଳ୍ପବଟ ମୋର ଭାଙ୍ଗି ପକାଇବ ।
ସତ୍ୟଭାବ ହେ । ସାଲ ଊନଶତ କର ଠାବହେ ॥ (ଜଇ ବିରଚିତ ଚଉତିଶା)

**ଅଚ୍ୟୁତାନନ୍ଦ ମଧ୍ୟ ଏହି ଊନଶତ (୧୯୯୯) ସାଲ ବେଳକୁ କିଛି ଥୟ ରହିବ ନାହିଁ ବୋଲି ପ୍ରକାଶ କରିଛନ୍ତି ।** ଯଥା—"ଥୟ ନୋହେ ତିନିନବ । ଥୟ କଲେ କେ କାହାକୁ ଛାଡ଼ିବରେ ରାମଚନ୍ଦ୍ର । ସ୍ଥିର କିଛି ନ ରହିବ ।" (ଚଉତିଶା)

୪. ଚନ୍ଦ୍ର କିରଣ ମଳିନ ହୋଇବ । ସୂର୍ଯ୍ୟକିରଣ ତେଜ ପ୍ରକାଶିବ ॥
(ତତ୍ତ୍ୱବୋଧିନୀ : ଅଚ୍ୟୁତାନନ୍ଦ. ୧ମ ଅଃ)

୫. ଯଦୈକ ମାସେ ଗ୍ରହଣଂ ଜାୟତେ ଶଶିସୂର୍ଯ୍ୟୟୋଃ ।
ଶସ୍ତ୍ରକୋପେ କ୍ଷୟଂଯାନ୍ତି ତଦା ଭୂପା ପରସ୍ପରମ୍ ॥

ଅବସ୍ଥାନ କଲେ (୧), ତେରଦିନିଆ ପକ୍ଷ ପଡ଼ିଲେ (୨), ବର୍ଷ ମଧ୍ୟରେ କ୍ଷୟ ମାସ ଦେଖାଗଲେ (୩), ବିଶେଷ କରି ପାପ ରାଶିରେ ପଞ୍ଚଗ୍ରହ, ଷଡ଼ଗ୍ରହ ବା ସପ୍ତଗ୍ରହ ଯୁକ୍ତ ହେଲେ (୪), ଶନି ଓ ମଙ୍ଗଳ ହସ୍ତାନକ୍ଷତ୍ରରେ ବକ୍ରଗତି କଲେ (୫), ଏବଂ ବର୍ଷ ମଧ୍ୟରେ ପୂର୍ଣ୍ଣଗ୍ରାସ ସୂର୍ଯ୍ୟପରାଗ ହେଲେ (୬), ପ୍ରଳୟ ସମୟ ନିକଟବର୍ତ୍ତୀ ହୋଇଥାଏ ବୋଲି ଜ୍ୟୋତିର୍ବିଦ୍‌ଗଣ ଉଲ୍ଲେଖ କରି ଯାଇଛନ୍ତି । ଏଥିମଧ୍ୟରୁ ୧୯୮୨ ମସିହା ଆଶ୍ୱିନ ମାସରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ, ୧୯୬୭ ମସିହା ବୈଶାଖ ମାସ ଶୁକ୍ଳାଷ୍ଟମୀ ଗୁରୁବାର ଦିନ ମୀନ ଶନି ଯୋଗ, ୧୯୮୨ ମସିହା ଅକ୍ଟୋବର ମାସରେ ତେରଦିନିଆ ପକ୍ଷ, ୧୯୮୩ମସିହା ଜାନୁଆରୀ ୧୫ତାରିଖ ଠାରୁ ଫେବୃୟାରୀ ୧୨ତାରିଖ ଭିତରେ

---

୧. ମହାପୁରୁଷ ଅଚ୍ୟୁତାନନ୍ଦଙ୍କ 'ରୁକ୍ମିଣୀଗୀତା'ରେ ଅଛି, ଯେତେବେଳେ ମୀନରାଶିକୁ ଶନିଶ୍ଚର ଯିବ ସେତେବେଳେ ଭାରତବର୍ଷରେ ଯୁଦ୍ଧ ପରିସ୍ଥିତି ଉପୁଜିବ । ଯଥା—

ମୀନ ଶନି ମେଳ ଗୋ ହୋଇବ ଯେତେବେଳେ ।
ସେ ବେଳେ ସମର ହେବ ଭାରତ ମଣ୍ଡଳେ ॥

୨. ଯଦାଚ ଜାୟତେ ପକ୍ଷସ୍ତ୍ରୟୋଦଶ ଦିନାତ୍ମକଃ ।
ଭବେ ଲୋକ କ୍ଷୟୋ ଘୋରୋ ମୁଣ୍ଡମାଳ ଯୁତା ମହୀ ॥

ଅଚ୍ୟୁତାନନ୍ଦଙ୍କ କଳ୍କିକଳ୍ପ, ୫ମ ପଟଳରେ ଅଛି—
ତେରଦିନ ପକ୍ଷ ହୋଇବ ଯେବେ । କଳ୍କିଙ୍କୁ ଚିନ୍ତା ଲାଗିବ ତେବେ ॥

ତତ୍‌କୃତ 'ତତ୍ତ୍ୱବୋଧିନୀ' ୩ୟ ଖଣ୍ଡର ୧ମ ଅଧ୍ୟାୟରେ ଲେଖାଅଛି—
ତେରଦିନ ପକ୍ଷ ହୋଇବ ବାବୁ । ସେ ଦିନ ଘୋର କଳି ଜାଣିଥିବୁ ॥

ଜଗନ୍ନାଥ ଦାସଙ୍କ 'ରୁକ୍ମିଣୀ ମାଳିକା'ରେ ଅଛି—
ତେରଦିନ ପକ୍ଷ ନିଶ୍ଚେପଡ଼ିବ ଗୋ ସହୀ । କିଛି ଜନ ଅନଳରେ ହୋଇବେକ ଦହି ॥

୩. କ୍ଷୟୋଭମାସେ ଭବେଦ୍ୟସ୍ମିନ୍ ତସ୍ମିନ୍ ବର୍ଷେତି ବିଗ୍ରହମ୍ ।
ଦୁର୍ଭିକ୍ଷଂବାଽଥବା ପୀଡ଼ା ଛତ୍ରଭଙ୍ଗ କରୋତି ବା ॥

୪. ଏକତ୍ରରାଶୌ ଯଦି ପଞ୍ଚଷଡ୍ ବା ସପ୍ତଗ୍ରହାଃ ସନ୍ମିଳିତା ଭବନ୍ତି ।
ରାଷ୍ଟ୍ରସ୍ୟଭଙ୍ଗୋ ନୃପଚୈର୍ବିନାଶସ୍ତଦ୍ରାଶିଜାନାଂ ମରଣଂ ଧ୍ରୁବଂସ୍ୟାଦ୍ ॥

୫. ବକ୍ରଗତେ ରବିସ୍ଥିତେ ଧରଣୀ ସୁତେବୋ ।
ମୂଳର୍କ୍ଷ ହସ୍ତମଘା ରେବତୀ ରୌଦ୍ରଭେଷୁ ॥
ଛତ୍ରୋପଭଙ୍ଗ ପତନଂ ନୃପ ସୈନିକାନାଂ ।
ସର୍ବତ୍ର ଲୋକମରଣଂ ଜଳଧୌତ ଦେଶଃ ॥

୬. ଭଗବାନ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପୂର୍ବରୁ କଳ୍ପକ୍ଷୟ ବେଳେ ଏଭଳି ସୂର୍ଯ୍ୟୋପରାଗ ଘଟିଥିବା କଥା 'ଶ୍ରୀମଦ୍ ଭାଗବତ ମହାପୁରାଣମ୍'ର ୧୦ମ ସ୍କନ୍ଧ, ୮୨ ଅଧ୍ୟାୟରେ ଉଲ୍ଲେଖ ଅଛି ।

ମାଘମାସ କ୍ଷୟ, ୩୧-୧୦-୮୨ରେ ପଞ୍ଚଗ୍ରହକୂଟ ଓ ୧୩-୧୧-୮୨ରେ ଷଡ଼ ଓ ସପ୍ତଗ୍ରହକୂଟ, ୧୯୮୨ ମାର୍ଚ୍ଚଠାରୁ ମେ ମାସ ମଧ୍ୟରେ ଶନି ଓ ମଙ୍ଗଳ ଗ୍ରହର ହସ୍ତାନକ୍ଷତ୍ରରେ ବକ୍ର ଗମନ ଏବଂ ୧୯୮୦ ମସିହା ଫେବୃୟାରୀ ୧୬ତାରିଖରେ କୁମ୍ଭରାଶି, ଓ ଧନିଷ୍ଠା ନକ୍ଷତ୍ରରେ ପୂର୍ଣ୍ଣଗ୍ରାସ ସୂର୍ଯ୍ୟପରାଗ ଘଟିଯାଇଛି । ଏଭଳି ହେବାଦ୍ୱାରା ନାନାବିଧ ବିପ୍ଳବ, ପ୍ରଳୟ ଓ ଧ୍ୱଂସ ସଂଘଟିତ ହୁଏ ବୋଲି ଜ୍ୟୋତିର୍ବିଦ୍‌ମାନଙ୍କ ମତ । **ମହାପୁରୁଷ ଅଚ୍ୟୁତାନନ୍ଦ କଳିର ଅନୁଚରବର୍ଗ ରୂପେ ତିରିଶଗୋଟି ପାରିଷଦଙ୍କ ନାମ ଉଲ୍ଲେଖ କରିଅଛନ୍ତି** । ସେଗୁଡ଼ିକ ହେଲେ ମିଥ୍ୟା, ପାପ, ହିଂସା, ଦ୍ୱନ୍ଦ୍ୱ, କପଟ, ଅନ୍ୟାୟ, ଅତ୍ୟାଚାର, ଭ୍ରଷ୍ଟ, ନଷ୍ଟ, ଅଧର୍ମ, କ୍ରିୟାହୀନ, ଅପହାରୀ, ବୀଟ, ଲମ୍ପଟ, ଦୁର୍ଭାଗା, ଭିକାରି, ସ୍ତ୍ରୀକାତରତା, ଅଳସ, କୃପଣ, କ୍ରୋଧ, ନିଷ୍ଠୁର, ସାହସ, ଅଜ୍ଞାନ, ଲୋଭ, ମୋହ, ମାଦକ, କାମରତ, ଦମ୍ଭ, ରୋଗ ଓ କୁତ୍ସିତ । ଏମାନଙ୍କ ପ୍ରଭାବରେ ମାନବଗଣ ହିତାହିତ ଓ ବିବେକଶୂନ୍ୟ ହୋଇ ଅକ୍ରିୟାରେ ରତ ହେବେ ଓ ନିଜ ନିଜର ବିନାଶ ସାଧନ କରିବେ । ଯେତେବେଳେ ଚନ୍ଦ୍ରରେ ବିନ୍ଦୁ ବା କଳଙ୍କ ପ୍ରକାଶିତ ହେବ (୧), ଶିବ ପାର୍ବତୀଙ୍କ ପ୍ରଧାନ ପୀଠ କୈଳାସପୁରରେ ବସୁଧା ବିଦୀର୍ଣ୍ଣ ହେବ (୨), ଦିବସରେ ତାରା ଦେଖାଯିବ (୩), ଯାଜପୁରସ୍ଥିତ ସପ୍ତମାତୃକା (ଯମ ମା' ସାତଭଉଣୀ)ଙ୍କ ଅଧରରୁ ରକ୍ତ ବହିବ (୪), ମଣିଭଦ୍ରଠାରେ ଶାନ୍ତିଯଜ୍ଞ ହେବ (୫), ଏବଂ ଅଚ୍ୟୁତାନନ୍ଦଙ୍କ ସମାଧି ପାର୍ଶ୍ୱରେ ଥିବା ବଟବୃକ୍ଷର ଶାଖା ଗାଦିକୁ ସ୍ପର୍ଶ କରିବ (୬), ସେତେବେଳେ କଳ୍କି ଅବତାରଙ୍କ ଲୀଳା ପ୍ରକଟ ହେବ ବୋଲି ପଞ୍ଚସଖାଗଣ ସଙ୍କେତ ପ୍ରଦାନ କରି ଯାଇଛନ୍ତି । ମାଳିକା ଗ୍ରନ୍ଥଗୁଡ଼ିକ ଅପ୍ରକାଶ୍ୟ, କିନ୍ତୁ ଠିକଣା ବେଳକୁ ଅର୍ଥାତ୍ କଳ୍କି ଅବତାରଙ୍କ ଉଦୟ ହେବା ସମୟକୁ ଏହାର ପ୍ରକାଶ ଘଟିବ ଓ ଲୋକେ ଏଥିରେ ସ୍ନେହ ବଳାଇବେ (୭) ।

---

୧. ଇନ୍ଦୁ ପରେ ବିନ୍ଦୁ ଦେଖିବ ପୁଣ (ଶିଶୁ ଅନନ୍ତଙ୍କ ମାଳିକା. ୫ମ ଅଃ)

୨. ବସୁଧା ଫାଟିବ କୈଳାସପୁରେ (ତତ୍ରୈବ)

୩. ଦିବସରେ ତାରା ଶୂନ୍ୟ ଦିଶିବ (ତତ୍ରୈବ)

୪. ସପତ ମାତୃକା ଟେକିଛି ଶିର । ତାଙ୍କ ଅଧରୁ ବହିବ ରୁଧିର ॥
(କଳ୍କିକଳ୍ପ : ଅଚ୍ୟୁତାନନ୍ଦ ୩ୟ ପଟଳ)

୫. କଳିଶେଷ ଲୀଳା ଯେବେ ହୋଇବ। ମଣିଭଦ୍ରରେ ଶାନ୍ତିଯଜ୍ଞ ହେବ ॥
(ବିଜ୍ଞାନକଳ୍ପ : ଅଚ୍ୟୁତାନନ୍ଦ ୪ର୍ଥ ଅଃ)

୬. କହନ୍ତି ସ୍ୱାମୀ ବାରଜଣ ମେଳେ । ମୋର ନିବାସ ଚିତ୍ରୋତ୍ପଳା କୂଳେ ॥
ସିଦ୍ଧ ସାଧନା ସେହିଠାରେ ହେବ । ବରଡାଳ ମୋର ଶିରେ ଲାଗିବ ॥
(କଳ୍କିକଳ୍ପ : ଅଚ୍ୟୁତାନନ୍ଦ ୬ଷ୍ଠ ପଟଳ)

୭. ଉଦୟ ବେଳ ଯହୁଁ ସେ ହୋଇବ । ଗ୍ରନ୍ଥ ଠାବେ ଠାବେ ଆଦର ହେବ ॥
(ପଞ୍ଚସଖାଙ୍କ ପରାର୍ଦ୍ଧ. ୯ମ ଅଃ)

ଏଠାରେ ଆଉ କେତୋଟି ବିଶେଷ କଥା ଆଲୋଚନା କରାଯିବାର ଅବକାଶ ରହିଛି । ତାହାହେଲା କଳିଯୁଗର ଅନ୍ତିମ ସମୟରେ ଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡ଼ି ଛତିଆ ଧାମରେ ଅବତୀର୍ଣ୍ଣ ହେବେ । ଏକଥା ଅନ୍ୟ ଯିଏ ଯାହା ଭାବନ୍ତୁ ନା କାହିଁକି, ଜଗନ୍ନାଥ ସଂସ୍କୃତି ପ୍ରଚାରକ ବ୍ୟକ୍ତିଗଣ ଏ ବିଷୟକୁ ଟିକେ ଭିନ୍ନ ଦୃଷ୍ଟିରେ ଦେଖନ୍ତି । ସେମାନଙ୍କ ମତରେ ଜଗନ୍ନାଥ ତାଙ୍କ ନିତ୍ୟସ୍ଥଳୀ ପୁରୁଷୋତ୍ତମ ଛାଡ଼ି କସ୍ମିନକାଳେ ଅନ୍ୟତ୍ର ଯିବେନାହିଁ । ଏକଥା କୁଆଡ଼େ ସେ ସତ୍ୟଯୁଗର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆଗରେ ନିୟମ କରିଛନ୍ତି । କିନ୍ତୁ ଐତିହାସିକମାନଙ୍କ ଆଲୋଚନାରୁ ଜଣାଯାଏ ଯେ, କେବଳ ଥରେ ନୁହେଁ, ବହୁବାର ଜଗନ୍ନାଥଙ୍କ ଦାରୁବ୍ରହ୍ମ ମୂର୍ତ୍ତି ଅନେକତ୍ର ସ୍ଥାନାନ୍ତରିତ ହୋଇଛନ୍ତି ଏବଂ ପରେ ପୁଣି ତାଙ୍କ ବ୍ରହ୍ମକୁ ଆଣି ନୀଳାଚଳପୀଠରେ ପ୍ରତିଷ୍ଠା କରାଯିବାର ଉଦ୍ୟମ କରାଯାଇଛି । କଳାପାହାଡ଼ ଜଗନ୍ନାଥଙ୍କୁ ନେଇ ଗଙ୍ଗାକୂଳରେ ପୋଡ଼ିବାବେଳେ ବିଶର ମହାନ୍ତି ଯେଉଁଳି ଅପୋଡ଼ା ବ୍ରହ୍ମକୁ ଆଣିବାର ଦୁଃସାହସ କରିଥିଲେ ଏବଂ ଗଜପତି ରାମଚନ୍ଦ୍ର ଦେବ କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇ ପୁନର୍ବାର ନୂତନ ବିଗ୍ରହ ପ୍ରତିଷ୍ଠା କରିଥିଲେ, ସେସବୁ ମାଦଳା ପାଞ୍ଜିରେ ଲିପିବଦ୍ଧ ଅଛି । ଯବନମାନଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ଜଗନ୍ନାଥଙ୍କୁ ସୋନପୁର ଠାରେ ପାତାଳି କରି ରଖାଯାଇଥିବା ବୃତ୍ତାନ୍ତ ଭଣା ଅଧିକେ କେହି କେହି ଜାଣିଥିବେ । ଜଗନ୍ନାଥ ଜଣର ନୁହଁନ୍ତି, ସେ ଗଣର । ଯେଉଁଠାରେ ରହିଲେ ମଧ ଯଦି ଭକ୍ତି ଭାବରେ ତାଙ୍କୁ କେହି ଡାକିପାରେ ସେ ଦର୍ଶନ ଦିଅନ୍ତି । ଦାସିଆ ବାଉରୀର ଶ୍ରଦ୍ଧା ଓ ଆନୁଗତ୍ୟକୁ ଏଡ଼ି ନ ଦେଇ ଜଗନ୍ନାଥ ସ୍ୱୟଂ ତା ହସ୍ତରୁ ନଡ଼ିଆ ନେଇ ଖାଇଥିଲେ ବୋଲି କିମ୍ବଦନ୍ତୀ ଅଛି । ସେହି ସନ୍ତକ ସ୍ୱରୂପ ବାଲିଗ୍ରାମର ପଇଡ଼, ଚୂଳମାଳ ଆସି ରଥରେ ଲାଗି ନ ହେବାଯାଏ ଏବେ ବି ରଥ ଯାଉନାହିଁ । ସେମିତି କେବେ ଥରେ ହାଡ଼ିଆ କମାର ହଟିଆ ନାଗର କଳାକାହ୍ନୁଙ୍କ ପାଖରେ ଭକ୍ତିଭରା ଗୀତଟିଏ ଗାଇ ଅଳି ଓ ଅନୁଯୋଗ କରିଥିଲା—

ଦେଖାଯାଉ ଭଲା ହଟିଆ ନାଗର କେତେ ଲଗାଇବୁ ହଟ ।
ନିଶ୍ଚୟ କରିବି ଛତିଆ ଗ୍ରାମରେ ତୋହରି କଳପବଟ ।।
କାଳକାଳକୁ ଏ କଥା ରହିଥିବ ଦେଖିବେ ସଂସାରଜନେ ।
ହାଡ଼ିଆ କମାର ଆଣ୍ଠ କି ଭାଙ୍ଗିବ ଶ୍ରୀହରି ବୋଲି ବଦନେ ।।(୧)

---

୧. ହାଡ଼ିଦାସଙ୍କ 'କଇଁଫୁଲ ମାଳିକା'ରେ ଅଛି—
ଛତିଆ ଗ୍ରାମରେ ହାଟ । ଦୁଇ ଭାଇଙ୍କର ଲାଗିବ ନାଟ ଲୋ କଇଁଫୁଲ ।।
ବାଉଣି ଅଙ୍କରେ ଭେଟ ।।

ପ୍ରକାଶ ଥାଉକି, ଶିଶୁଅନନ୍ତ ଛତିଆବଟର ମହିମା ସମ୍ପର୍କରେ [redacted] 'ଚୁମ୍ବକ ମାଳିକା'ରେ ଉଲ୍ଲେଖ କରିଛନ୍ତି—
ଛତିଆ ବଟ ଆଦିବଟ ସ୍ଥାନ । ଅଦ୍ଭୁତ ଲୀଳା ସେ ସ୍ଥାନେ ଭିଆଣ ।।
(୫ମ ଅଃ)

ଏଇଥିଲା ଜଗନ୍ନାଥଙ୍କ ପାଖରେ ଭକ୍ତର ତାଗିଦ୍ । ହାଡ଼ିଦାସଙ୍କ ବହୁ ଆଗରୁ ଏ ପ୍ରକାର ଚିନ୍ତା ଓ ଚେତନା ସନ୍ଥକବିମାନଙ୍କର ବିଭିନ୍ନ ରଚନାରେ ରୂପନେଇସାରିଥିଲା । ସେହିସବୁ ପୋଥିବର୍ଣ୍ଣିତ ବିବରଣୀରୁ ଶ୍ରୀଜଗନ୍ନାଥଙ୍କ ଛତିଆ ଆଗମନ ବୃତ୍ତାନ୍ତ ସମର୍ଥିତ ହୁଏ ।

## ଅଚ୍ୟୁତାନନ୍ଦଙ୍କ ବିଜ୍ଞାନକଳ୍ପ

କ୍ଷେତ୍ର ଛାଡ଼ି ପ୍ରଭୁ ଛତିଆ ଗ୍ରାମରେ ହୋଇବେକ ଅଧିପତି ।
ରକ୍ତନଦୀ ବହି ପଡୁଥିବ ଭେଦି ନାମ ଯା ଅମରାବତୀ ।
(୧ମ ଅଧ୍ୟାୟ)

## ଅଚ୍ୟୁତାନନ୍ଦଙ୍କ ନିର୍ଘଣ୍ଟ

ଛତିଆବଟରେ ହାଡ଼ିଆକମାର ଚାହିଁଛି ପ୍ରଭୁପଥକୁ ।
ଶ୍ରୀକ୍ଷେତ୍ର ଯେ ସାତଦିନ ବସିଥିବ ଭକତଙ୍କୁ ଲୋଡ଼ିବାକୁ ।
(୧ମ ଅଧ୍ୟାୟ)

## ଅଚ୍ୟୁତାନନ୍ଦଙ୍କ ତେରଜନ୍ମ ଶରଣ

ରଜନୀରେ ବରଜିବେ ଜଗନ୍ନାଥ ଛତିଆ ନୀଳସୁନ୍ଦର ।
ଭକତ ପାଇଁକି ଲାଗିଯିବ ଲୀଳା ହୋଇବ କେତେ ସୁନ୍ଦର ॥
ଛତିଆ ମହିମା କି କହିବି ତୋତେ ଶୁଣ ରାମଦାସ ତୁହି ।
ସକଳ ମୁନିଙ୍କ ବାସସ୍ଥାନ ଶେଷେ ସମସ୍ତ ହୋଇବ ସେହି ॥

## ଅଚ୍ୟୁତାନନ୍ଦଙ୍କ ବ୍ରହ୍ମଟୀକା

ଦଶାଶନି ଛାଡ଼ି ବ୍ରହ୍ମ ମୂର୍ତ୍ତିକୁ । ଭକତେ ନେବେ ଛତିଆବଟକୁ ॥
ବଡ଼ଚଣା ଠାରେ ଉତ୍ସବ ହେବ । ହାଡ଼ିଦାସ ଗାଦି ଯାଏ ଲାଗିବ ॥
ଜଗନ୍ନାଥଙ୍କୁ ରଖିବେ ଯେ ନେଇ । ଶ୍ରୀକ୍ଷେତ୍ର ପ୍ରାୟ ହେବ ସେଇ ଭୂଇଁ ॥
ତହିଁ କଇବଲ୍ୟ ହାଟ ହୋଇବ । ମହାପ୍ରସାଦ କିଣାବିକା ହେବ ॥
ବଢ଼ିବ ଅନନ୍ତ କେଶରୀ କୀର୍ତ୍ତି । ଲୀଳା ପ୍ରକାଶ ହେବ ଦିବାରାତି ॥

## ଅଚ୍ୟୁତାନନ୍ଦଙ୍କ ଅମ୍ବିକା ମାଳିକା

ଜଗନ୍ନାଥେ ଆସିବେ ସେଦିନ ଚକାଛାଡ଼ି । ପ୍ରବେଶ ହୋଇବେ ପ୍ରଭୁ ଛତିଆ ନଗରୀ ॥

## ଦୀନକୃଷ୍ଣ ଦାସଙ୍କ ଭବିଷ୍ୟ ବଉଳ ଚଉତିଶା

ଛତିଆ ନଗ୍ର ଅମରାବତୀ ଯେ କଟକ । ଛାଡ଼ିଚକା ଜଗନ୍ନାଥ ଘେନି ସ୍ୱର୍ଗଲୋକ ॥

କିନ୍ତୁ ଶିଷ୍ୟ ଅନନ୍ତଙ୍କ 'ଭକ୍ତିମୁକ୍ତିଦାୟକ ଗୀତା'ରୁ ପ୍ରମାଣ ମିଳୁଛି ଯେ, ଜଗନ୍ନାଥ ନୀଳାଚଳକ୍ଷେତ୍ର ଛାଡ଼ିବା ବେଳକୁ ବଡ଼ଦେଉଳ କବାଟ ସାତଦିନ ପାଇଁ ବନ୍ଦ ରହିବ (୧) । ବୋଧହୁଏ ସେଇଥିପାଇଁ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସମେତ ଅନ୍ୟ ସନ୍ଥକବିଗଣ ସାତଦିନ ପାଇଁ ଅନ୍ଧକାର ଘୋଟିବ ବୋଲି ଘୋଷଣା କରିଛନ୍ତି । ଏହି ସାତଦିନ ପ୍ରଳୟର ସମୟ ଏବଂ ଏତିକିବେଳେ ସମଗ୍ର ଉତ୍କଳ ଜଳପ୍ଲାବିତ ହେବା ସଙ୍ଗେ ସଙ୍ଗେ ଏହାର ଚତୁର୍ଦ୍ଦିଗରେ ଯୁଦ୍ଧର ଘନଘଟା ଲାଗି ରହିବ । ସେତେବେଳକୁ ଦେଶର ଅବସ୍ଥା କ'ଣ ହୋଇଥିବ ତାହା ସନ୍ଥକବିମାନଙ୍କ ନିମ୍ନୋକ୍ତ ବର୍ଣ୍ଣନାରୁ ଉପଲବ୍ଧ ହୁଏ ।

## ହାଡ଼ିଦାସଙ୍କ କଳି ଚଉତିଶା

ସପତ ଦିବସ ଅନ୍ଧାର ଯୁଦ୍ଧଗୋଳ ହୋଇବ ।
ସୁଦର୍ଶନ ଚକ୍ର ଶୂନ୍ୟରେ ରହି ଭ୍ରମୁଣ ଥିବ ।

## ବାଲିଗାଁ ଦାସଙ୍କ ମାଳିକା

ସପତ ଦିବସ ଅନ୍ଧାର । ଘୋଟି ରହିବ ଭବପୁର ॥
ବୃଷଳି ପାତିଆ ଯେ ନାଶ । ଏଣୁ ହୋଇବ କଳିଶେଷ ॥

## ଭୀମଭୋଇଙ୍କ ଚଉତିଶା

ଝଡ଼ବତାସ ଯେ ସାତଦିନ ହେବ ଝାମ୍ପି ନେଇଯିବ କାଳ ଯେ ।
ଝାଡ଼୍‌ବାଡ଼୍ ଘେନି ସୈନ୍ୟ ଚାଲୁଥିବେ ଆସୁଛି ଦେଖିବା ବେଳ ଯେ ।
ଝାଉଁଳି ନ ପଡ଼ କେହି । ଝଞ୍ଜାକା ଭିତରୁ ଯେ ବଞ୍ଚି ରହିବ
ବିହନ ହୋଇବ ସେହି ଯେ ॥

ସେହିପରି 'ରୁଷିଆ' ସମ୍ପର୍କରେ ଅଚ୍ୟୁତାନନ୍ଦ ଲେଖିଛନ୍ତି ଯେ, ଠିକଣା ବେଳକୁ ଏହି ଦେଶର ଲୋକମାନେ ବଡ଼ଦେଉଳରୁ ଜଗନ୍ନାଥଙ୍କ ଦାରୁବିଗ୍ରହ ନେବାପାଇଁ ପ୍ରବଳ ଉଦ୍ୟମ କରିବେ ସତ, ମାତ୍ର ସେମାନଙ୍କର ଏହି ପ୍ରଚେଷ୍ଟା ଫଳବତୀ ହେବନାହିଁ (୨) ।

---

୧. ସାତଦିନ ଦେଉଳରେ କବାଟ ପଡ଼ିବ । ଶଗଡ଼ ଗାଡ଼ି ରାସ୍ତାରେ ପଥ ନ ଦିଶିବ॥
(ଭକ୍ତିମୁକ୍ତିଦାୟକ ଗୀତା, ୮ମ ପଟଳ)

୨. ରୁଷିଆ ସେ କାଳେ ଦାରୁର ନିମନ୍ତେ ପଶିବ ବଡ଼ଦେଉଳେ ।
ପଥ ନ ପାଇବ ବାଟବଣା ହେବ ମରିବ ମାର୍କଣ୍ଡଠାରେ ॥
(ନିର୍ଘଣ୍ଟ : ଅଚ୍ୟୁତାନନ୍ଦ, ୭ମ ଅଃ)

ପୃଥିବୀର ଚତୁର୍ଦ୍ଦିଗର ଲୋକେ ଦାରୁବ୍ରହ୍ମଙ୍କ ଉପାସନା ନିମନ୍ତେ ନୀଳାଚଳ ପୀଠରେ ଏକତ୍ରିତ ହେବା ଏବଂ ଜଗନ୍ନାଥଙ୍କ ଅପାର ଅନୁଗ୍ରହରୁ ବିଶ୍ୱର ସମସ୍ତ ଗୁପ୍ତ ତଥ୍ୟ ଭେଦ କରିବା କାରଣ ନେଇ ରୁଷିଆ ଲୋକ 'ଶୂନ୍ୟରଥ' (ବ୍ୟୋମଯାନ) ସାହାଯ୍ୟରେ ଜଗନ୍ନାଥଙ୍କୁ ନେବାଁ ପାଇଁ ଯେତେ ଉପାୟ କଲେ ମଧ ତାହା ପଣ୍ଡ ହୋଇଯିବ (୧) । **ଲୀଳାମୟ ପରଂବ୍ରହ୍ମ ଜଗନ୍ନାଥ ନିତ୍ୟଧାମ ଉତ୍କଳକୁ ଛାଡ଼ି ଅନ୍ୟକୁଆଡ଼େ ଯିବେନାହିଁ । ଏହିଠାରେ ରହି ସେ ସମଗ୍ର ବିଶ୍ୱବାସୀଙ୍କୁ ଏକତା ଓ ସମନ୍ୱୟର ବନ୍ଧନରେ ବାନ୍ଧି ମହାନ୍ ଆଦର୍ଶରେ ଉଦ୍‌ବୁଦ୍ଧ ହେବା ପାଇଁ ପ୍ରେରଣା ଦେବେ ।**

କଲ୍‌କି ରୂପର ପ୍ରକାଶ ସମୟକୁ ଯୁଗର ପ୍ରଳୟ ଅବସ୍ଥା କୁହାଯାଇପାରେ (୨) । ଏହି ସମୟରେ ଏକ ବିଶ୍ୱଯୁଦ୍ଧ ସଂଘଟିତ ହୋଇ ବହୁ ଜନକ୍ଷୟ ହେବାର ସୂଚନା ମାଳିକାମାନଙ୍କରେ ଉଲ୍ଲେଖ ଅଛି (୩) । ସେଥିରେ କୁହାଯାଇ ଅଛି ଯେ କଳିର ଘୋର

---

୧. ଛକି ରହିଥିବ ରାଜା ବିଅଁ ନେବା ପାଇଁ। ଶୂନ୍ୟରଥ ଆଣିକରି ନିକଟେ ରଖାଇ ॥
ଦବନ ମନରେ ପାଞ୍ଚେ ଦାରୁ ଯୋଗେ ନଷ୍ଟ
ଚାରି ଖାନି ଲୋକେ ଏଥି ହେଉଛନ୍ତି ମେଷ୍ଟ ॥
ସବୁ ଭେଦମାନ ପରା ଏହାଯୋଗୁ ଜଣା
ଦାରୁ ଏଥି ନେଇଗଲେ ମେଣ୍ଟଭାଙ୍ଗେ ସିନା ॥
ଏମନ୍ତ ମନେ ବିଚାରି ଦବନ ରାଜନ । ଉପାୟ ନାଶ କରିବେ ପ୍ରଭୁ ଦାରୁବ୍ରହ୍ମ ॥
(ପଞ୍ଚସଖାଙ୍କ ପରାର୍ଦ୍ଧ. ୨୧ ଅଃ)

୨. କଳଙ୍କି ରୂପ ଯେଉଁଦିନ ହୋଇବୁ ଯୁଗପ୍ରଳୟ ତାକୁ କହି (ଉଦେବୋଖର : ଶିଶୁଅନନ୍ତ)

୩. ହୋଇବ ନିଗୂଢ଼ ସଂଗ୍ରାମ । କେହି ନୋହିବେ ତାକୁ କ୍ଷମ ॥
(ଯଶୋବନ୍ତ ଦାସଙ୍କ ମାଳିକା)

ପ୍ରବଳ ଯୁଦ୍ଧ ହୋଇବ। ପୃଥ୍ୱୀ ଭାରାଭର ଉଶ୍ୱାସ ହେବରେ ରାମଚନ୍ଦ୍ର ॥
ପ୍ରଜାମାନଙ୍କ କଷ୍ଟ ତୁଟିବ ॥ (ଅଚ୍ୟୁତାନନ୍ଦଙ୍କ ଚଉତିଶା)

କଳିଯୁଗ ଶେଷ ବେଳେ ଘୋର ଉତପାତ ।
ରଣଗୋଳ ସେ କାଳରେ ହୋଇବ ବହୁତ ॥
(ଅମର କୁମର ସଂହିତା : ନିରାକାର ଦାସ, ୧ମ ଅଃ)

ପୃଥ୍ୱୀର ଚାରିଦିଗମାନ । ତିନିଦିଗ ଯେ ହେବ ଶୂନ୍ୟ ॥
(ଅମର କୁମର ସଂହିତା : ନିରାକାର ଦାସ, ୧୪ ଅଃ)

ହାଣଗୋଳ ଭୟ ନିଷ୍ଟେ ଜଗତେ ବ୍ୟାପିବ ।
ତେତେବେଳେ କେ କାହାକୁ ସାହାଯ୍ୟ ନୋହିବ ॥
(ବିଜ୍ଞାନକଳ୍ପ : ଅଚ୍ୟୁତାନନ୍ଦ ୬ଷ୍ଠ ଅଃ)

ପ୍ରଭାବରେ ବୈଦ୍ୟମାନେ ବ୍ୟାଧିର କାରଣ ନିର୍ଣ୍ଣୟ କରିପାରିବେ ନାହିଁ (୧) । ଏତିକିବେଳେ ଶଠ ଭକ୍ତଗଣ ନିଜ ନିଜର ପେଟ ଚାଖଣ୍ଡକ ପୂରଣ କରିବା ନିମନ୍ତେ ଲୋକମାନଙ୍କୁ ନାନା ପ୍ରତାରଣାପୂର୍ଣ୍ଣ କଥା କହି ଭୁଲାଇବେ, ମାତ୍ର ଏହାଦ୍ୱାରା କେବଳ ନିନ୍ଦା ଓ ଅପଯଶ ହିଁ ସେମାନଙ୍କର ଲଭ୍ୟ ହେବ (୨) । ଯେ ପ୍ରକୃତ ଭକ୍ତ ସେ ବହୁ ଦୁଃଖ କଷ୍ଟରେ ଦିନ ନେବେ ଏବଂ ନାନାବିଧ ନିର୍ଯ୍ୟାତନାକୁ ମୁଣ୍ଡପାତି ସହିନେବେ (୩) । ଯୁଗାନ୍ତକାଳକୁ ବିରଜାଙ୍କ ପୀଠ ଯାଜପୁରଠାରେ ସୁଧର୍ମାସଭା ଅନୁଷ୍ଠିତ ହେବ (୪) ଏବଂ ମହାପୁରୁଷମାନଙ୍କ ଲିଖିତ ଭବିଷ୍ୟ ଗ୍ରନ୍ଥଗୁଡ଼ିକରୁ ଭକ୍ତମାନଙ୍କର ପରିଚୟ ମିଳିବ (୫) । ଏହି ସମୟରେ ଲୋକମାନେ କ୍ଷୁଦ୍ରମାଣରେ ଶସ୍ୟାଦି ଦ୍ରବ୍ୟ ବିକ୍ରୟ କରିବେ ଏବଂ ଘୋର ଅନ୍ୟାୟ ଓ ପାପର ମାତ୍ରା ବଢ଼ିଯିବାରୁ ସମୁଦ୍ରର ଜଳପ୍ଲାବନ ଦ୍ୱାରା ନୀଳାଚଳ ପୃଥକ୍ ହୋଇ ବିଚ୍ଛିନ୍ନ ହୋଇଯିବ ଏବଂ ଏକ ଦ୍ୱୀପରେ ପରିଣତ ହେବ (୬) ।

---

୧. ବୈଦ୍ୟ ନ ଜାଣିବେ ବ୍ୟାଧିର ଲେଶ । ନାଡ଼ି ଧରିଣ କହିବେ ସାହସ ॥
(ତତ୍ତ୍ୱବୋଧିନୀ : ଅଚ୍ୟୁତାନନ୍ଦ, ୩ୟ. ୧ମ ଅଃ)

୨. ଠକ ଭକତ ଥୋକେ ବୁଲୁଥିବେ । ହସି ହସାଇ ଜନଙ୍କୁ ମୋହିବେ ॥
କହିବେ ଆଗତ ଭବିଷ୍ୟମାନ । ଡାଲି ଭାତରେ ରହିଥିବ ମନ ॥
ଏହାଙ୍କ ନ ଥିବ ଭକ୍ତିର ଲେଶ । ଆଖର ପାଇବେ ସେ ଅପଯଶ ॥
(ତତ୍ତ୍ୱବୋଧିନୀ : ଅଚ୍ୟୁତାନନ୍ଦ, ୩ୟ. ୨ୟ ଅଃ)

୩. ଭକ୍ତମାନେ ଅତି ଅନ୍ତକଷ୍ଟେ ଦିନ ନେବେ । ଅପଯଶ ନିନ୍ଦାବାକ୍ୟ ବହୁତ ସହିବେ ॥
(ବିଜ୍ଞାନକଳ୍ପ : ଅଚ୍ୟୁତାନନ୍ଦ, ୩ୟ ଅଃ)

୪. ବଳଦେବ ହେବେ ରାଜା କାହ୍ନୁ ପରିଚାର ।
ବସିବ ସୁଧର୍ମା ସଭା ଯାଜନଗ୍ରଠାର ॥
(ଅଚ୍ୟୁତାନନ୍ଦଙ୍କ ଚଉତିଶା)

୫. ଯାଜପୁରଠାରେ ହେବ ଗ୍ରନ୍ଥ ଯେ ମେଳଣ ।
ପଦ୍ମେ ଭକତଙ୍କ ନାମ ମିଳିବ ଶାସ୍ତ୍ରେଣ ॥
(ଭକ୍ତିମୁକ୍ତିଦାୟକ ଗୀତା : ଶିଶୁଅନନ୍ତ)

ପୁଣି—ଯାଜପୁରଠାରେ ଗ୍ରନ୍ଥ ମେଳଣ । ଭକ୍ତ ଜନମାନେ ମିଳିବେ ପୁଣ ॥
(ତୃମ୍ବକ ମାଳିକା : ଶିଶୁଅନନ୍ତ, ୫ମ ଅଃ)

୬. କ୍ଷୁଦ୍ରମାଣେ ବିକ୍ରୟ ଯେ ସେକାଳେ ହୋଇବ ।
ଆମ୍ଭ ନୀଳାଚଳ ନାଥ ଦ୍ୱୀପାନ୍ତରେ ଯିବ ॥
(ଅମର ଭ୍ରମର ସଂହିତା : ଅଚ୍ୟୁତାନନ୍ଦ, ୧୬ଅଃ)

ଅଚ୍ୟୁତାନନ୍ଦ ଲେଖିଯାଇଛନ୍ତି ଯେ, କ୍ରମେ ଏଭଳି ଏକ ଦୁର୍ଦ୍ଦିନ ଆସି ପହଞ୍ଚିବ ଯେଉଁ ସମୟରେ ଦକ୍ଷିଣ ଦିଗରୁ ତେଲଙ୍ଗାଦଳ ଓ ପଶ୍ଚିମ ଦିଗରୁ ସୈନ୍ୟ ସାମନ୍ତମାନେ ଦେଶ ଭିତରକୁ ମାଡ଼ି ଆସିବେ । ସେତେବେଳକୁ ପୂର୍ବଦିଗ ଶୂନ୍ୟ ହୋଇ ଯାଇଥିବ ଓ ବାକି ଯେତକ ଝାଡ଼ଖଣ୍ଡଭୂମି ଧରି ବଞ୍ଚି ରହିଯିବେ ସେମାନେ କେବଳ କୁଳକୁ ହେବେ ବିହନ (୧) । କଳିର ପ୍ରାନ୍ତକାଳକୁ ତାଙ୍କର (ଅଚ୍ୟୁତାନନ୍ଦଙ୍କର) ବାରପୁରୁଷ ଭୋଗଯାଇ ତେରପୁରୁଷ ଆରମ୍ଭ ହେବା ପ୍ରସଙ୍ଗ ସନ୍ଧକଳି ନିରାକାର ଦାସଙ୍କ ବର୍ଣ୍ଣନାରୁ ଉପଲବ୍ଧ ହୋଇଥାଏ (୨) ।

ଏତଦ୍‌ବ୍ୟତୀତ ସମାଜ ଜୀବନର ଏକ ବିଡ଼ମ୍ବିତ କରୁଣାର୍ଦ୍ର ରୂପଚିତ୍ର ଏହି ମାଳିକା ଭିତର ଦେଇ ଆତ୍ମପ୍ରକାଶ କରିଛି ଯହିଁରେ ଗୁରୁ ପରମ୍ପରାର ସାଧନା, ନିଷ୍ଠା ଓ ଆସ୍ତିକତା ବ୍ୟର୍ଥତାରେ ଝାଉଁଳି ପଡ଼ିବାର ଲକ୍ଷ୍ୟ କରାଯାଏ । ଗୁରୁ ଶିଷ୍ୟ ମଧ୍ୟରେ ନିହିତ ସ୍ନେହଭକ୍ତିର ପବିତ୍ର ସେତୁବନ୍ଧକୁ ଯଥେଚ୍ଛାଚାରିତା ଓ ଆତ୍ମକୈନ୍ଦ୍ରିକତା ରୂପକ ବନ୍ୟା ଧ୍ୱଂସ କରିଦେବା ଫଳରେ କେବଳ ଅତୃପ୍ତି ଓ ଅସ୍ଥିରତା ହିଁ ସାମ୍ପ୍ରତିକ କାଳରେ ସାର ହେବ ବୋଲି ଅଚ୍ୟୁତାନନ୍ଦ ଦର୍ଶାଇଛନ୍ତି (୩) ।

ପୁନଶ୍ଚ ଯଶୋବନ୍ତ ଦାସଙ୍କ ମାଳିକାରୁ ପ୍ରମାଣ ମିଳେ ଯେ, ସ୍ୱୟଂ ଜଗନ୍ନାଥ ହିଁ ସତ୍ୟର ପ୍ରତିଷ୍ଠା ପାଇଁ କଳ୍କି ରୂପରେ ଅବତୀର୍ଣ୍ଣ ହେବେ (୪) । ସତ୍ୟଯୁଗର ପ୍ରକାଶ ସମୟରେ ସାଧାରଣ ଲୋକେ ହଠାତ୍ ତାହା ଜାଣି ପାରିବେ ନାହିଁ (୫) । ମାତ୍ର

---

୧. ଦକ୍ଷିଣୁ ଆସିବେ ତେଲଙ୍ଗାଦଳ । ପଶ୍ଚିମୁ ମାଡ଼ିବେ ସୈନ୍ୟ ଗହଳ ॥
କୁଳକୁ ବିହନ ହୋଇବେ ସେହି । ସତ୍ୟ କହିଲିରେ ବ୍ରଜ ତନୟୀ ॥
(କଳ୍କିକଳ୍ପ. ୮ମ ପଟଳ)

୨. ବାର ପୁରୁଷ ଭୋଗ ହେବ । ତେରରେ କଳି ନାଶଯିବ ॥
(ଅମର କୁମର ସଂହିତା. ୧୪ ଅଃ)

୩. କଳିଯୁଗରେ ଏମନ୍ତ ହୋଇବ । ଗୁରୁଙ୍କୁ ଶିଷ୍ୟ କେବେ ନ ମାନିବ ॥
ଗୁରୁ ପଢ଼ାଇବ ଯେବଣ ପାଠ । ଶିଷ୍ୟ ବୋଲିବ ମୁଁ ଜାଣେ ଏ ପାଠ ॥
ଗୁରୁଠାରୁ ଯେଉଁ ନାମ ପାଇବ । ପଦେ ପାଇଲେ ଛ' ପଦ କହିବ ॥
(ତତ୍ତ୍ୱବୋଧିନୀ : ଅଚ୍ୟୁତାନନ୍ଦ, ୩ୟ ଖଣ୍ଡ. ୪ ଅଃ)

୪. ଜଗନ୍ନାଥ ହେବେ କଳଙ୍କି ରୂପ । ଠାବେ ଠାବେ ଲୀଳା ହେବ ପ୍ରକଟ ॥
(ଯଶୋବନ୍ତ ଦାସଙ୍କ ମାଳିକା, ୨ୟ ଅଃ)

୫. ମଉନରେ ସତ୍ୟକଳି ପ୍ରବେଶ ହୋଇବ ।
ମନୁଷ୍ୟ ଶରୀରେ କେହି ଜାଣି ନ ପାରିବ ॥
(ଗରୁଡ଼ ଚଉତିଶା : ଶିଶୁ ଅନନ୍ତ)
ଏଣୁ କରି ଅନ୍ତ ନ ପାଇବେ କେହି ନ ଥିବାରୁ ଅଧିକାର ।
(ଭକ୍ତି ପ୍ରଦାୟକ : ଭଣିତା—ଶିଶୁଅନନ୍ତ)

ଏହାର ସମ୍ପୂର୍ଣ୍ଣ ପ୍ରଭାବ ଅନୁଭୂତ ହେଲେ ବହୁ ବ୍ୟକ୍ତିଙ୍କର ହୃଦୟ ପରିବର୍ତ୍ତନ ହୋଇଯିବ ଏବଂ ସନାତନ ଧର୍ମର ପ୍ରଚାର ପ୍ରସାର ଦିଗରେ ସମସ୍ତେ ମନ ବଳାଇବେ (୧) ।

## କଳ୍କି ଆବିର୍ଭାବର ସମୟ

ଶ୍ରୀମଦ୍ ଭଗବତ୍ ଗୀତାରେ ଅଛି, ଯେତେବେଳେ ପବିତ୍ର ଭାରତ ଭୂମିରେ ଧର୍ମର ଗ୍ଲାନି ଦେଖାଦିଏ ସେତେବେଳେ ଭଗବାନ ଦୁଷ୍କୃତର ବିନାଶ କରି ସନ୍ଥମାନଙ୍କୁ ପରିତ୍ରାଣ କରିବା ପାଇଁ ଏବଂ ଅଧର୍ମକୁ ଦୂର କରି ସତ୍ୟର ପ୍ରତିଷ୍ଠା ପାଇଁ ଯୁଗେ ଯୁଗେ ଆବିର୍ଭାବ ହୋଇଥାନ୍ତି । ପୃଥିବୀର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ଏକ ନିର୍ଦ୍ଦିଷ୍ଟ ସମୟର ବ୍ୟବଧାନରେ ଐଶ୍ୱରିକ ଶକ୍ତିସମ୍ପନ୍ନ ଅବତାର ପୁରୁଷଙ୍କର ଆବିର୍ଭାବ ହୋଇଥାଏ । କାଳଚକ୍ର ବିବର୍ତ୍ତନର ଏହି ସ୍ୱାଭାବିକ ପ୍ରକ୍ରିୟା ଅବତାରବାଦର ପୃଷ୍ଠଭୂମି ରୂପେ ଗୃହୀତ । ଯୁଗାବ୍ଦ ବା କାଳନିର୍ଘଣ୍ଟ ପରିସଂଖ୍ୟାନରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ, ଚତୁର୍ଯୁଗ ପରିଗଣନାରେ କଳିଯୁଗର ଆରମ୍ଭ ଓ ଶେଷର ସମୟ ରେଖା ମାତ୍ର ପାଞ୍ଚସହସ୍ର ମଧ୍ୟରେ ସୀମାବଦ୍ଧ । ବ୍ୟାସକୃତ ଶ୍ରୀମଦ୍ ଭାଗବତ ମହାପୁରାଣମ୍‌ରୁ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ପ୍ରମାଣ ମିଳେ । ସେଥିରେ ଜଣାଯାଏ ଯେ, ପରୀକ୍ଷିତ ମହାରାଜାଙ୍କ ଜନ୍ମଠାରୁ ନନ୍ଦରାଜାଙ୍କ ସିଂହାସନ ଆରୋହଣ ପର୍ଯ୍ୟନ୍ତ ସମୟ ହେଉଛି ୧୧୧୫ ବର୍ଷ, ଯଥା—

ଆରଭ୍ୟ ଭବତୋ ଜନ୍ମ ଯାବନ୍ନନ୍ଦାଭିଷେଚନମ୍ ।
ଏତଦ୍ ବର୍ଷ ସହସ୍ରଂ ତୁ ଶତଂ ପଞ୍ଚଦଶୋତ୍ତରମ୍ ॥(୨)

ପୁଣି ତହିଁରେ ଉଲ୍ଲେଖ ଅଛି, ଯେତେବେଳେ ମଘାନକ୍ଷତ୍ରରେ ସପ୍ତର୍ଷି ବିଚରଣ କରୁଥିଲେ ସେତେବେଳକୁ (ଶ୍ରୀକୃଷ୍ଣଙ୍କ ଦେହାନ୍ତ ସମୟକୁ) କଳିଯୁଗ ୧୨୦୦ ବର୍ଷ ଭୋଗ ହୋଇ ଯାଇଥିଲା । ଶ୍ଳୋକଟି ହେଲା—

ଯଦା ଦେବର୍ଷୟଃ ସପ୍ତ ମଘାସୁ ବିଚରନ୍ତି ହି ।
ତଦା ପ୍ରବୃତ୍ତସ୍ତୁ କଳି ର୍ଦ୍ୱାଦଶାବ୍ଦ ଶତାତ୍ମକଃ ॥(୩)

---

୧. ସାଧୁମାନଙ୍କୁ ସ୍ଥାପିବେ । ସନାତନ ଧର୍ମ ଆଦେଶ ଦେବେରେ ରାମଚନ୍ଦ୍ର ।
ସତ୍ୟରେ ସର୍ବେ ରହିବେ ॥ (ଅଚ୍ୟୁତାନନ୍ଦଙ୍କ ଭବିଷ୍ୟ ୬ ପଟଳ)

୨. ୧୨ଶ ସ୍କନ୍ଧ, ୨ୟ ଅଃ. ଶ୍ଳୋକ ୨୬
ପ୍ରକାଶ ଥାଉକି, ବିଷ୍ଣୁ ପୁରାଣରେ ମଧ୍ୟ ଏ ଉକ୍ତିର ଯଥାର୍ଥ୍ୟ ପ୍ରତିପାଦିତ, ଯଥା—
ଯାବଦ୍ ପରୀକ୍ଷିତୋଜନ୍ମ ଯାବନ୍ନନ୍ଦାଭିଷେଚନମ୍ ।
ଏତଦ୍ ବର୍ଷ ସହସ୍ରଂତୁ ଜ୍ଞେୟ ପଞ୍ଚାଶଦୁତ୍ତରମ୍ ॥ (୪ର୍ଥ ଅଂଶ ୨୪/୧୦୪)

୩. ୧୨ଶ ସ୍କନ୍ଧ. ୨ୟ ଅଃ. ଶ୍ଳୋ ୩୧
ପୁନଶ୍ଚ ଅଚ୍ୟୁତାନନ୍ଦଙ୍କ 'ବ୍ରହ୍ମଟୀକା'ର ବିବରଣୀ ମଧ୍ୟ ଏହା ସହିତ ତୁଳନୀୟ—

ଏ ଦୃଷ୍ଟିରୁ ବିଚାର କଲେ ନନ୍ଦ ରାଜାଙ୍କର ସିଂହାସନ ପ୍ରାପ୍ତିବେଳକୁ କଳିଯୁଗର ଭୋଗ ସମୟ ୧୨୦୦+୧୧୧୫=୨୩୧୫ବର୍ଷ । ନନ୍ଦବଂଶର ରାଜତ୍ୱକାଳ ୧୦୦ବର୍ଷ ହୋଇଥିବାରୁ (୧) ଏବଂ ଏହି ବଂଶ ଖ୍ରୀ: ପୂ: ୪୦୦ ବର୍ଷ ପୂର୍ବେ ରାଜତ୍ୱ କରୁଥିବାରୁ ଖ୍ରୀଷ୍ଟାବ୍ଦ ଆରମ୍ଭ ବେଳକୁ କଳିଯୁଗର ହାରାହାରି ଭୋଗ ସମୟ ହେଉଛି ୨୩୧୫+୧୦୦+୪୦୦=୨୮୧୫ବର୍ଷ । ସୁତରାଂ ଆଜିସୁଦ୍ଧା (୧୯୮୪ ଖ୍ରୀ: ପର୍ଯ୍ୟନ୍ତ) କଳିଯୁଗର ମୋଟାମୋଟି ଭୋଗ ହେଉଛି ୨୮୧୫+୧୯୮୪=୪୭୯୯ ବର୍ଷ । ପ୍ରସଙ୍ଗତଃ ଏଠାରେ ସୂଚାଇ ଦିଆଯାଇପାରେ ଯେ ମହର୍ଷି ମନୁ କଳିଯୁଗର ପରମାୟୁ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ କହିଛନ୍ତି—

ଚତୁର୍ଯ୍ୟାହୁଃ ସହସ୍ରାଣି ବର୍ଷାଣାଂ ତତ୍‌କୃତଂ ଯୁଗମ୍ ।
ତସ୍ୟ ଦାବଚ୍ଛତୀ ସନ୍ଧ୍ୟା ସନ୍ଧ୍ୟାଶଶ୍ଚ ତଥାବିଧଃ ॥

ଅର୍ଥାତ୍, କଳିଯୁଗର ପରମାୟୁ ଚାରିହଜାର ବର୍ଷ ଏବଂ ଦାର ପୂର୍ବ ଓ ପର ସଂଖ୍ୟା ଉଭୟ ୪୦୦ ବର୍ଷ ଲେଖାଏଁ ଭୋଗ ହୋଇଥାଏ । ଏହିରୂପେ କଳିଯୁଗର ନିର୍ଦ୍ଦିଷ୍ଟ ସମୟ ହେଲା ୪୮୦୦ବର୍ଷ । ଏହାଛଡ଼ା ଶ୍ରୀମଦ୍ ଭାଗବତରେ ମଧ୍ୟ କଳିଯୁଗାୟୁ ୪୮୦୦ବର୍ଷ ବୋଲି ସ୍ୱୀକୃତ ହୋଇଅଛି । ସେଥିରେ ଲେଖାଅଛି—

ଚତ୍ୱାରି ତ୍ରୀଣି ଦ୍ୱେଚୈକଂ କୃତାଦିଷୁ ଯଥାକ୍ରମମ୍ ।
ସଂଖ୍ୟାତାନି ସହସ୍ରାଣି ଦ୍ୱିଗୁଣାନି ଶତାନି ଚ ॥(୨)

ଅର୍ଥାତ୍, ସେହି ସତ୍ୟାଦି ଚାରିଯୁଗ କ୍ରମଶଃ ଚାରି-ତିନି-ଦୁଇ ଏବଂ ଏକ ସହସ୍ର ବର୍ଷ ଭୋଗ କରନ୍ତି । ସେ ଦୃଷ୍ଟିରୁ ସତ୍ୟଯୁଗର ଆୟୁ ଏକ ହଜାର ବର୍ଷ ଏବଂ ଏହି

ଯେଉଁ ସମୟେ ସପ୍ତର୍ଷି ମଘାରୁକ୍ଷେ ଥିଲେ ବସି ସେଦିନ କଳି ଆଶ୍ରମ କହିଲି ମର୍ମ ହେ ।
ସେ ସପ୍ତର୍ଷି ଯେଉଁଦିନ ପୂର୍ବାଷାଢ଼େ ନେଲେ ସ୍ଥାନ ସେଦିନୁ ଶ୍ରୀଭଗବାନ ତେଜିଲେ ସ୍ଥାନ ହେ ॥
ସେ ସମୟେ ବାରଶତ କଳିଯୁଗ ଭୋଗକୃତ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ଅନ୍ତକାଳ ପ୍ରଶସ୍ତ ଯେ ।
କଳିଯୁଗ ସେହିଠାରୁ ପରିଚୟଟି ଦେବାରୁ ଲୋକମତରେ ପ୍ରଚାର ହୋଇଲା ସାର ଯେ ॥

1. Chandragupta began to reign in or about 322 B.C. He was preceded by the nine Nandas—Mohapadma and his eight sons, who are said to have enjoyed the earth one hundred years. (Ancient Historical Traditions by F.E. Pergiter, 1st Edition 1922 p.172)

୨. ୩ୟ ସ୍କନ୍ଧ. ୧୧ ଅଃ. ଶ୍ଳୋ୧୯

ପ୍ରକାଶ ଥାଉକି, ମନୁଷ୍ୟ ଲୋକରେ ଚତୁର୍ଯୁଗର ହାରାହାରି ବର୍ଷ ହେଉଛି ୧୨,୦୦୦ ବର୍ଷ । ମହାଭାରତ, ବନପର୍ବ. ୧୮୮ ଅଧ୍ୟାୟ. ଶ୍ଳୋ୨୭ ଏବଂ ମନୁସ୍ମୃତି ୧ମ ଅଧ୍ୟାୟ ଶ୍ଳୋ୭୧ ଦ୍ରଷ୍ଟବ୍ୟ । ମାତ୍ର କଳିଯୁଗରେ ପଣ୍ଡିତଗଣ ଏହି ୧୨,୦୦୦ ବର୍ଷକୁ ଦେବତାମାନଙ୍କର ବର୍ଷ ହିସାବରେ ଗ୍ରହଣ କରି ଚତୁର୍ଯୁଗର କାଳ ନିର୍ଣ୍ଣୟରେ ଭ୍ରମରେ ପଡ଼ିଅଛନ୍ତି ।

କ୍ରମରେ କଳିଯୁଗର ଆୟୁ ଚାରିହଜାର ବର୍ଷ ବୋଲି ବୁଝିବାକୁ ହେବ । ତା' ସହିତ ୨ଗୁଣ ଶତବର୍ଷ ସନ୍ଧ୍ୟା ଓ ସନ୍ଧ୍ୟାଂଶକୁ ଯୋଗକଲେ କଳିଯୁଗର ପରିମାଣ ହେବ ମୋଟ ୪୮୦୦ ବର୍ଷ । ଏହି ଅନୁକ୍ରମରେ ୧୯୮୪ମସିହାକୁ ଯଦି କଳିଯୁଗର ଭୋଗ ସମୟ ୪୭୯୯ ବର୍ଷ ହୋଇଥାଏ ତେବେ ଏହାର ସମ୍ପୂର୍ଣ୍ଣ ପରିସମାପ୍ତି ଘଟିବ ଅର୍ଥାତ୍, ୪୮୦୦ ବର୍ଷ ଭୋଗ ହେବ ଖ୍ରୀ: ୧୯୮୫ରେ । (୧)

ଭାସ୍କରାଚାର୍ଯ୍ୟଙ୍କ 'ସିଦ୍ଧାନ୍ତ ଶିରୋମଣି' ଗ୍ରନ୍ଥରୁ କଳିଯୁଗ ଖ୍ରୀ:୨୦୦୦ ବେଳକୁ ପରିସମାପ୍ତି ହେବାର ପ୍ରମାଣ ମିଳୁଛି । ସେ ଲେଖିଛନ୍ତି—

ନନ୍ଦାଦ୍ରୀନ୍ଦୁଗଣାସ୍ତଥା ଶକନୃପସ୍ୟାନ୍ତେ କଳେର୍ବତ୍ସରଃ ।

ଅର୍ଥାତ୍, ଶକ ରାଜବଂଶୀୟ ରାଜାଙ୍କ ବେଳକୁ କଳିଯୁଗର ଭୋଗକାଳ 'ନନ୍ଦାଦ୍ରୀନ୍ଦୁଗଣାସ୍ତଥା' ଏହି ନ୍ୟାୟରେ ନିର୍ଣ୍ଣୟ କରିବାକୁ ହେବ । ଅଙ୍କ ଗଣନା ସମୟରେ ସଂଖ୍ୟାଗୁଡ଼ିକ ଡାହାଣରୁ ବାମକୁ ଗଣନା କରାଯାଏ (ଅଙ୍କାନାଂ ବାମତୋ ଗତିଃ) । ଏହି ଦୃଷ୍ଟିରୁ ବିଚାର କଲେ 'ନନ୍ଦାଦ୍ରୀନ୍ଦୁଗଣାସ୍ତଥା' (ନନ୍ଦ+ଅଦ୍ରି+ଇନ୍ଦୁ+ଗଣାଃ+ତଥା)ର ସଂଖ୍ୟା ହେବ, ନନ୍ଦ (ମଗଧର ମହାପଦ୍ମ ନନ୍ଦ ଓ ତାଙ୍କର ଆଠପୁତ୍ର) ଅଦ୍ରି ଅର୍ଥାତ୍ ପର୍ବତ (ଏଠାରେ ସପ୍ତକୁଳାଚଳ ଯଥା—ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ, ଋକ୍ଷ, ବିନ୍ଧ୍ୟ, ଓ ପାରିପାତ୍ର (English-Sanskrit Dictionary— by Monier Williams), ଇନ୍ଦୁ (ଚନ୍ଦ୍ରସମ ସଂଖ୍ୟଃ ଏକ ସଂଖ୍ୟାଂଯୁକ୍ତଃ—ଶବ୍ଦ କଳ୍ପଦ୍ରୁମ, ୧ମ ଖଣ୍ଡ ପୃ-୨୦୫) ଏବଂ ଗଣାଃ ('ଅଶ୍ୱିନୀ ଆଦି ଜନ୍ମନକ୍ଷତ୍ରାନୁସାରେଣ ଦେବ, ମାନୁଷ, ରାକ୍ଷସଗଣ ଇତି ତୁ ପାରିଭାଷିକମ୍' (ଶବ୍ଦକଳ୍ପଦ୍ରୁମ, ୨ୟ ଖଣ୍ଡ, ପୃ-୨୯୩) ୩୧୭୯ ବର୍ଷ । ଇତିହାସରୁ ପ୍ରମାଣ ମିଳେ ଯେ, ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଶକମାନଙ୍କୁ ପରାସ୍ତ କରି ଖ୍ରୀ.୩୮୦ରେ ରାଜ ସିଂହାସନ ପ୍ରାପ୍ତହୋଇଥିଲେ ।

ସୁତରାଂ, ତାଙ୍କଠାରୁ ଆଜିପର୍ଯ୍ୟନ୍ତ (୧୯୮୪ଖ୍ରୀ. ସୁଦ୍ଧା) ଭୋଗ ସମୟ ହେଉଛି ୧୬୦୫ବର୍ଷ । ଏ ଦୃଷ୍ଟିରୁ ଦେଖିଲେ କଳିଯୁଗର ସମୁଦାୟ ଭୋଗକାଳ ଆଜିକୁ ହେଉଛି ୩୧୭୯+୧୬୦୫=୪୭୮୪ ବର୍ଷ । ୪୮୦୦ବର୍ଷ କଳିଯୁଗର ପରମାୟୁ ହୋଇଥିବାରୁ ଭାସ୍କରାଚାର୍ଯ୍ୟଙ୍କ ମତାନୁଯାୟୀ ଏହାର ପରିସମାପ୍ତି ଘଟିବ ୧୯୮୪+୧୬=୨୦୦୦ଖ୍ରୀ. ରେ ।

ମାତ୍ର ଓଡ଼ିଶାର ସନ୍ଥ ସାଧକଗଣ କଳିଯୁଗର ଭୋଗ ଏବଂ ସତ୍ୟର ପ୍ରକାଶକୁ ସେମାନଙ୍କ ତାତ୍ତ୍ୱିକ ଦୃଷ୍ଟିରେ ୪୮୦୦ବର୍ଷ ନ କହି ଅନ୍ୟୁନ ୫୦୦୦ ବର୍ଷ ବୋଲି ନିର୍ଦ୍ଦେଶ

---

୧. ପ୍ରକାଶ ଥାଉକି, ଆମେରିକାରେ ଅନୁଷ୍ଠିତ ବିଶ୍ୱଜ୍ୟୋତିର୍ବିଦ ସମ୍ମିଳନୀରେ ୧୯୮୫ ମସିହା ଶରତ ଋତୁ ବେଳକୁ ପ୍ରଳୟ ଦେଖାଦେବ ବୋଲି ମତ ପ୍ରକାଶ ପାଇଛି ।

(The Times of America, 18-7-69)

କରିଅଛନ୍ତି । ଏ ପ୍ରସଙ୍ଗରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ବିବରଣୀ ଉଲ୍ଲେଖଯୋଗ୍ୟ । ସେ ତାଙ୍କ ଭବିଷ୍ୟ ଚଉତିଶାରେ ଲେଖିଛନ୍ତି—

ଠିକଣା ଅମରପୁର,
ଠାକୁର ତହିଁରୁ ହେବେ ବାହାର, ରାମଚନ୍ଦ୍ର ହେ,
ଠାରି ପଞ୍ଚସସ୍ରଧର ।

ପୁନଶ୍ଚ— ଠିକଣା ଅଚ୍ୟୁତ ବୋଲେ
ଠ' ତିନି ବାମେ ପାଞ୍ଚ ରଖିଲେ ରାମଚନ୍ଦ୍ର ହେ ।
ଠକିଯିବ ମୀନ ଶନି ଭଲେ ।

ଅନ୍ୟ ଏକ ସ୍ଥାନରେ ସେ କହିଛନ୍ତି—

ଚହଟିବ ଲୀଳା ତୁ ଚାରିରେ ମିଶା ଏକ ।
ଚଢ଼ା ତିନି ଶୂନ ତହିଁ ଯେତେ ହେଲା ଠିକ ॥
ଚଳିଯିବ ଘୋର କଳି ଦଳି ଦେବେ ମିଳି ।
ଚେତାଇ ଗୀତ ଛନ୍ଦଇ ଅଚ୍ୟୁତ ଯେ ଭାଳି ॥

ଶିଶୁ ଅନନ୍ତ ତାଙ୍କ 'ଆଗତ ଭବିଷ୍ୟ'ରେ ଏହି ସମୟକୁ ଗ୍ରହଣ କରିଅଛନ୍ତି । ଶିଷ୍ୟ ବାରଙ୍ଗ ଓ ଗୁରୁ ଅନନ୍ତଙ୍କ ମଧ୍ୟରେ ଯେଉଁ ପ୍ରଶ୍ନୋତ୍ତର ହୋଇଥିଲା ତାହା ଭିତରେ କଳିଯୁଗର ଅନ୍ତିମ ସମୟ ନିରୂପିତ ହୋଇଅଛି । ଯଥା—

ବାରଙ୍ଗ ବୋଲଇ ଶୁଣିମା ଗୋସାଇଁ କୁହ ଭବିଷ୍ୟ ବିଚାର ।
କେତେବେଳେ କଳ୍କି ସ୍ୱରୂପ ହୋଇବେ ଶୁଣିବିଂ ମୁଖୁ ତୁମ୍ଭର ॥
ଶିଶୁ ବୋଲନ୍ତି ହେ ଶୁଣିମା ବାରଙ୍ଗ କଳ୍କି ସ୍ୱରୂପ ତୁହି ।
ଯୁଗସନ୍ଧି ପାଞ୍ଚସହସ୍ର ବରଷ ଯେବେ ଯିବ ଭୋଗ ହୋଇ ॥
ଯେସନେକେ ନିଶି ପାହିଲେ ପ୍ରଭାତ ଯୁଗସିନ୍ଧା ଏହା ଜାଣ ।
ଯେମନ୍ତ ସମୟେ କଳଙ୍କି ସ୍ୱରୂପ ହୋଇବେ ସେ ନାରାୟଣ ॥
ସମାକ୍ଷର ବଡା ଶୁଣି ଆଣିକରି ପ୍ରମାଣ ଏହାକୁ କର ।
ସବୁ ଏକଠାବେ ମିଶାଇ କରିଣ କରିବୁ ପାଞ୍ଚହଜାର ॥
ଏହି ସମୟକୁ ତଲେ କରିଥିବୁ କହଇ ହୋ ବାବୁ ତୋତେ ।
ଠିକରେ ଏକଥା ଦେଖାଇ କହିଲୁଂ ରଖିଥିବୁ ହୃଦଗତେ ॥

**(O.L. 1889—State Museum, Orissa)**

ମହାପୁରୁଷ ହାଡ଼ିଦାସ ମଧ୍ୟ ତାଙ୍କ 'କଳି ଚଉତିଶା'ରେ କଳିଯୁଗର ସମାପ୍ତି ୫୦୦୦ବର୍ଷ ବେଳକୁ ଘଟିବ ବୋଲି ସୂଚନା ଦେଇଛନ୍ତି । ତାଙ୍କ ମତରେ—

ସମ୍ବତର ପାଞ୍ଚ ସହସ୍ର କଳି ହୋଇବ ଶେଷ ।
ସତ୍ୟଯୁଗ ଆଦ୍ୟ ହୋଇବ ଶୁଭଯୋଗେ ପ୍ରବେଶ । (୧)

ସଙ୍କେତ ମାଧ୍ୟମରେ ହାଡ଼ିଦାସ ଓ ଅଚ୍ୟୁତାନନ୍ଦ ଦାସ (ହାଡ଼ିଆଠାର ଓ ଅଚ୍ୟୁତଗାର) କଳିଯୁଗର ଶେଷ ସମୟ ଏବଂ କଲ୍କି ଅବତାରଙ୍କ ଲୀଳା ସମ୍ପର୍କରେ ବର୍ଣ୍ଣନା କରିଯାଇଛନ୍ତି । 'ଲକ୍ଷ୍ମୀଧର ବିଳାସ'ରେ ହାଡ଼ିଦାସ ଖ୍ରୀ. ୨୦୦୦ବେଳକୁ କଳିଯୁଗ ଶେଷ ଏବଂ ୧୯୮୯ ମସିହା ବେଳକୁ କଲ୍କି ପୁରୁଷର ଆବିର୍ଭାବ ହେବ ବୋଲି ସୂଚନା ଦେଇଛନ୍ତି । ଯଥା—

ଊଣାଇଶ ଅଣଦିରିଣ ଚାରି ତେରରେ ଠିକ ।
ତେରରୁ ଚବିଶ ଫେଡ଼ିଲେ କଲ୍କି ହେବ ସ୍ୱରୂପ ॥ (୨)

ଅଚ୍ୟୁତାନନ୍ଦ ମଧ୍ୟ ତାଙ୍କ 'କଳି ବୟାଳିଶ' ଓ 'କଲ୍କି କଳ୍ପ'ରେ ଯଥାକ୍ରମେ କଳିଯୁଗର ଭୋଗ ସମୟ ୫୦୦୦ବର୍ଷ ଏବଂ କଲ୍କି ଅବତାରଙ୍କ ଲୀଳା ୨୩ଅଙ୍କ ବେଳକୁ (ଏହି ଅଙ୍କ ବର୍ତ୍ତମାନର ଗଜପତି ରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କଠାରୁ ଗଣନା କରିବାକୁ ହେବ)ପ୍ରକାଶ ପାଇବ ବୋଲି ଲେଖି ଯାଇଛନ୍ତି । 'କଳି ବୟାଳିଶ'ରେ ଅଛି—

ଦଶରଥ ସୁତ ମୁଣ୍ଡରେ ତିନି ଅଙ୍କ ଚଢ଼ିବ ।
ବକ୍ର ଅଙ୍କ ଦେଇ ଏଗାର ଅଙ୍କ ତହୁଂ ଫେଡ଼ିବ ॥
ଶେଷ ଡାହାଣ ଭାଗ ଯାହା ହେଲା ଗାଣ୍ଡିବ ଶୁଣ ।
କଳି ଶେଷ ଭୋଗ ଏହିଟି କହିଲି ଅରଜୁନ ॥

ଦଶରଥଙ୍କ ପୁତ୍ର ଚାରି (ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ), ଚାରିର ମୁଣ୍ଡ ଉପରେ ତିନି ଚଢ଼ାଇଲେ ସଂଖ୍ୟାଟି ହେବ $(୪)^{୩}$ ଅର୍ଥାତ୍ ୪x୪x୪=୬୪ । ବକ୍ର ଅଙ୍କରେ ସଂଖ୍ୟାଟି ଓଲଟି ଯାଉଥିବାରୁ ତାହା ୬୪ସ୍ଥାନରେ ୪୬ ହେବ । ସେହି ୪୬ରୁ ୧୧ଅଙ୍କ

୧. ପ୍ରକାଶ ଥାଉକି, ଗଙ୍ଗାଧର ପାଣିକୃତ 'ଭବିଷ୍ୟ ପୁରାଣ'ରେ କଳିଯୁଗର ଭୋଗ ପାଞ୍ଚହଜାର ବର୍ଷ ବୋଲି ନିରୂପିତ ହୋଇଅଛି । ସେ ଲେଖିଅଛି—

କଳିଯୁଗେ ଏକନଦୀ ଏକ ଦରଶନ । କଳିଯୁଗେ ଭୋଗ ପାଞ୍ଚସହସ୍ର ବର୍ଷ ଜାଣ॥
(୧୨ ଅଧ୍ୟାୟ)

୨. ଏହାର ଅର୍ଥ ହେବ ୧୯+୨୯+୫୨ (୧୩୪)=୧୦୦

ଊନବିଂଶ ଶତକ ସହିତ ଏହି ଏକଶତ ଯୋଗକଲେ ସଂଖ୍ୟାଟି ହେବ ୨୦୦୦ ଖ୍ରୀଷ୍ଟାବ୍ଦ । ହାଡ଼ିଦାସଙ୍କ ମତରେ ଏହାହିଁ ହେଉଛି ଠିକ୍ ବେଳ । ପୁଣି ୨୦୦୦ ସହିତ ୧୩ ମିଶାଇ ସେଥିରୁ ୧୪ ଫେଡ଼ିଲେ ଅଙ୍କଟି ହେବ ୧୯୮୯ ଖ୍ରୀଷ୍ଟାବ୍ଦ, ଅର୍ଥାତ୍ ଏତିକିବେଳକୁ କଲ୍କି ସ୍ୱରୂପ ପ୍ରକାଶ କରିବେ ବୋଲି ଏଥିରୁ ସୂଚନା ମିଳୁଛି । ପ୍ରକାଶ ଥାଉକି, ମହାତ୍ମା ହାଡ଼ିଦାସ ଇଂରେଜମାନଙ୍କ ଶାସନ କାଳରେ ଜୀବିତ ଥିବାରୁ ସେ ଖ୍ରୀଷ୍ଟାବ୍ଦ ବା ମସିହା ଉପରେ ସଙ୍କେତଗୁଡ଼ିକୁ ଆରୋପ କରିଛନ୍ତି ।

ବାଦ୍‌ଦେଲେ ୩୫ ରହୁଛି । ଏହି ୩୫ଅଙ୍କର ଡାହାଣ ପଟରେ ୫ ଓ ବାମ ପଟରେ ୩ ଅଛି । ସୁତରାଂ ଦକ୍ଷିଣ ଭାଗସ୍ଥିତ ସଂଖ୍ୟା ଅର୍ଥାତ୍ ୫କୁ ସଙ୍କେତରେ ୫୦୦୦ହଜାର ବର୍ଷ ବୁଝିବା ପାଇଁ ଅଚ୍ୟୁତାନନ୍ଦ ଇଙ୍ଗିତ ପ୍ରଦାନ କରିଅଛନ୍ତି । ଏତିକିବେଳେ ଅର୍ଥାତ୍ ୫୦୦୦ବର୍ଷ ଭୋଗ ହୋଇଗଲେ କଳିର ଶେଷ ସମୟ ପହଞ୍ଚିବ ବୋଲି ଏଥିରୁ ପ୍ରତୀୟ ହେଉଅଛି ।

'କଲ୍‌କିକଳ୍ପ'ରେ ମଧ୍ୟ ଏହିଭଳି ସୂଚନା ଦିଆଯାଇଅଛି । ଅଚ୍ୟୁତାନନ୍ଦ ଭଗବାନଙ୍କ ଲୀଳାର ଶେଷ ସମୟ ସମ୍ପର୍କରେ ଧାରଣା ଦେବାକୁ ଯାଇ କହିଛନ୍ତି—

ବାଣବସୁ ଘନ ଋତୁ ମିଶାଇ । ଏହି ଅଙ୍କରେ ଖେଳ ଯେ ହେବଇ ॥

ଏଠାରେ ବାଣ ଅର୍ଥରେ ୫ (ପଞ୍ଚବାଣ), ବସୁ ଅର୍ଥରେ ୮ (ଅଷ୍ଟବସୁ), ଘନ ଅର୍ଥରେ ୪ (ପୁଷ୍କର, ଆବର୍ତ୍ତ, ସମ୍ବର୍ତ୍ତ ଓ ଦ୍ରୋଣ) ଏବଂ ଋତୁ ଅର୍ଥରେ ୬ (ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ) ଗ୍ରହଣ କଲେ ଅଙ୍କଟି ହେବ ୨୩ । ଅଧୁନା ଶ୍ରୀ ଦିବ୍ୟସିଂହଦେବଙ୍କ ୧୭ଅଙ୍କ ପଡ଼ିଥିବାରୁ ତାଙ୍କର ୨୩ଅଙ୍କ ଭୋଗ ହେବ ଖ୍ରୀ.୧୯୮୯-୯୦ରେ ଏବଂ ସେତିକିବେଳେ କଲ୍‌କି ପୁରୁଷର ଲୀଳା ପ୍ରକଟ ହେବ ବୋଲି ଏଥିରୁ ବିଶ୍ୱାସ ହେଉଅଛି ।

ଏଠାରେ ଅନ୍ୟ ଏକ ପ୍ରଶ୍ନ ଉଠୁଛି । ଅଙ୍କ ଗଣନା ପ୍ରସଙ୍ଗରେ ବର୍ତ୍ତମାନର ଗଜପତି ରାଜାଙ୍କୁ କାହିଁକି ବିଚାରକୁ ନିଆଯାଉଛି ତାର ଏକ ସ୍ପଷ୍ଟ ଆଲେଖ୍ୟ ମିଳେ ଅଚ୍ୟୁତାନନ୍ଦଙ୍କ 'ଆଦିସଂହିତା'ରୁ । ସେଥିରେ ସେ ଲେଖିଛନ୍ତି—

ଏ ଯେ ସୁବାହୁ ଯୁଗ କଳି । କ୍ଷୀଣ ଆୟୁଷ ମହାବଳୀ ॥
ପାପେ ସକଳ କ୍ଷୟ ଯିବ । ପାଞ୍ଚସହସ୍ର ଭୋଗ ହେବ ॥
୦ ୦ ୦
ଶ୍ରୀ ଦିବ୍ୟସିଂହ ନାମେ ରାୟେ । ଏ ଯୁଗ ପ୍ରାନ୍ତେ ସେ ଉଦୟେ ॥
୦ ୦ ୦
ଶୁଣ କୁମର ମୋ ବଚନ । ସେ ଊନବିଂଶ ଅଙ୍କରେଣ ॥
ତ୍ରିପୁରେ ହେବ ଉଲ୍‌କାପାତ । କାନ୍ତାନୀ ଭ୍ରମିବେ ଜଗତ ॥
୦ ୦ ୦
ବାଇଶ ଅଙ୍କରେ ରୁଧିର । ଧାରା ବହିବ ମେଦିନୀର(୧) ॥

---

୧. ପଞ୍ଚସଖାଙ୍କ ବିରଚିତ 'ପରାର୍ଦ୍ଧି'ରେ ପନ୍ଦର ପରେ ସତର ଅଙ୍କ ବେଳକୁ ପୂର୍ବଦିଗରେ ସମୁଦ୍ର ମାଡ଼ିଆସିବା କଥା କୁହାଯାଇଛି, ଯଥା—

'ପନ୍ଦର ଯାଇଣ ଯେବେ ସତର ଆସିବ । ପୂର୍ବଦିଗୁ ସମୁଦ୍ର ଯେ ମାଡ଼ିଣ ଆସିବ ।'

ପ୍ରସଙ୍ଗତଃ ଏଠାରେ ସୂଚାଇ ଦିଆଯାଇପାରେ ଯେ ଏହି ବର୍ଷ, ଅର୍ଥାତ୍ ୧୯୮୪ଖ୍ରୀ. ଅକ୍ଟୋବର ମାସ ୨୩ ତାରିଖ ମଧ୍ୟରାତ୍ରରେ ପ୍ରବଳ ବୃଷ୍ଟି ତଥା ବନ୍ୟା ହେବାର ସୂଚନା ଓଡ଼ିଶା କୋହେନୂର ପ୍ରେସ ପଞ୍ଜିକାସ୍ଥ ୧୯୮୪-୮୫ ମସିହା ରାଷ୍ଟ୍ରଫଳରେ ପ୍ରଦତ୍ତ ହୋଇଅଛି ।

ଉତ୍କଳର ଗଜପତି ଶ୍ରୀ ଦିବ୍ୟସିଂହଦେବ କଳିଯୁଗର ଅନ୍ତିମ ସମୟକୁ ଉଦୟ ହେବାର ଯେଉଁ ପ୍ରମାଣ ଏଥିରୁ ମିଳୁଛି ସେଥିରୁ କେହି କେହି ମନରେ ସନ୍ଦେହ ପୋଷଣ କରିବା ସ୍ୱାଭାବିକ । କାରଣ ବର୍ତ୍ତମାନର ଗଜପତିଙ୍କୁ ମିଶାଇ ଏ ପର୍ଯ୍ୟନ୍ତ ଚାରିଜଣ ଦିବ୍ୟସିଂହ ଦେବ ରାଜତ୍ୱ କଲେଣି । ସେଥିପାଇଁ ମନରେ ଆଶଙ୍କା ହୁଏ ଏ କ'ଣ ସେହି ଦିବ୍ୟସିଂହ ଦେବ ଯେ କି କଳିକାଳର ଶେଷ ରାଜା ରୂପେ ଖ୍ୟାତ ? ଏ ସମ୍ପର୍କରେ ଜଗନ୍ନାଥ ଦାସଙ୍କ 'କଳିମାଳିକା'ର ବିବରଣୀ ଉଲ୍ଲେଖଯୋଗ୍ୟ । ସେଥିରେ ବର୍ଣ୍ଣିତ ହୋଇଥିବାର ବିଷୟରୁ ଏହି ଦିବ୍ୟସିଂହ ଦେବ (୪ର୍ଥ) କଳିଯୁଗର ପ୍ରାନ୍ତକାଳକୁ ଅବସ୍ଥାନ କରୁଥିବା ସୂଚିତ ହେଉଛି । ଜଗନ୍ନାଥ ଦାସଙ୍କ ଉକ୍ତି ହେଲା—

ପୁରୁଷୋତ୍ତମ ଦେବ ରାଜାଠାରୁ । ଊନବିଂଶ ରାଜା ହେବ ସେଠାରୁ ॥
ସେଠାରୁ ପୁଣ ରାଜା ନାହିଁ ଆଉ। ଅକୁଳି ହୋଇବେ କୁଳକୁ ବହୁ ॥
ଠ ଠ ଠ
ପନ୍ଦର ଯାଇ ସତର ଅଙ୍କରେ । ଲବଣ ମାଡ଼ି ଆସିବ ପୂର୍ବରେ ॥

ଉପରୋକ୍ତ ବର୍ଣ୍ଣନାକୁ ବିଚାରକୁ ନେଲେ ଆମେ ଦେଖୁ ସୂର୍ଯ୍ୟବଂଶର ରାଜା ପୁରୁଷୋତ୍ତମ ଦେବଙ୍କ ପରେ ତାଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ଏବଂ ପ୍ରତାପରୁଦ୍ର ଦେବଙ୍କ ପରେ ତାଙ୍କର ଶେଷପୁତ୍ର ଚକ୍ରପ୍ରତାପ ସିଂହାସନଭୁକ୍ତ ହୋଇଥିଲେ । ପରେ ପୁଣି ଚକ୍ରାନ୍ତ କରି ଗୋବିନ୍ଦ ବିଦ୍ୟାଧର ଓଡ଼ିଶାର ଗଜପତି ସିଂହାସନ ଅଳଙ୍କୃତ କଲେ ସତ, କିନ୍ତୁ ତେଲଙ୍ଗା ମୁକୁନ୍ଦଦେବ କଳାପାହାଡ଼ କର୍ତ୍ତୃକ ଗୋହିରାଟିକିରିଠାରେ ୧୫୬୮ ଖ୍ରୀ.ରେ ନିହତ ହେବା ପରେ ଭୋଇବଂଶର ପ୍ରତିଷ୍ଠାତା ରାମଚନ୍ଦ୍ରଦେବ ସିଂହାସନାରୂଢ଼ ହେଲେ ଏବଂ ତାଙ୍କଠାରୁ ଠାକୁର ରାଜା ବୋଲି ଅଙ୍କଗଣନା କରାଗଲା । ତଦୀୟ ପୁତ୍ର ପୁରୁଷୋତ୍ତମଦେବଙ୍କଠାରୁ ଅଧୁନା ଯେତେ ରାଜା ରାଜତ୍ୱ କରିଯାଇଛନ୍ତି ସେମାନଙ୍କ ସଂଖ୍ୟା ଊନବିଂଶ (୧) । ତେଣୁ ଜଗନ୍ନାଥ ଦାସଙ୍କ 'କଳିମାଳିକା' ଅନୁଯାୟୀ ଏହି ୪ର୍ଥ ଦିବ୍ୟସିଂହଦେବ ହିଁ କଳିଯୁଗର ଶେଷ ରାଜା (୨) ।

୧. ଏହି ଊନବିଂଶ ରାଜା ହେଲେ ପୁରୁଷୋତ୍ତମଦେବ, ନରସିଂହଦେବ, ବଳଭଦ୍ରଦେବ, ଗଙ୍ଗାଧରଦେବ, ମୁକୁନ୍ଦଦେବ (୧ମ), ଦିବ୍ୟସିଂହଦେବ (୧ମ), ହରେକୃଷ୍ଣଦେବ, ଗୋପୀନାଥ-ଦେବ, ରାମଚନ୍ଦ୍ରଦେବ (୨ୟ), ବୀରକିଶୋରଦେବ (୧ମ), ଦିବ୍ୟସିଂହ-ଦେବ(୨ୟ), ମୁକୁନ୍ଦଦେବ (୨ୟ), ରାମଚନ୍ଦ୍ରଦେବ (୩ୟ), ବୀରକିଶୋରଦେବ (୨ୟ), ଦିବ୍ୟସିଂହଦେବ (୩ୟ), ମୁକୁନ୍ଦଦେବ (୩ୟ), ରାମଚନ୍ଦ୍ରଦେବ (୪ର୍ଥ), ବୀରକିଶୋର-ଦେବ(୩ୟ) ଓ ଦିବ୍ୟସିଂହଦେବ (୪ର୍ଥ) ।

୨. ଦିବ୍ୟସିଂହଦେବଙ୍କ ସମୟରେ ସତ୍ୟଯୁଗ ହେବ ଏବଂ ସେ ବାଳକ ଅବସ୍ଥାରେ ରାଜଗାଦି ଲାଭ କରିବା ବୃତ୍ତାନ୍ତ ନିମ୍ନୋକ୍ତ ବର୍ଣ୍ଣନାରୁ ଉପଲବ୍ଧ ହୁଏ ।

ଦିବ୍ୟ କେଶରୀ ରାଜା ହେବ । ତେବେ ସେ ସତ୍ୟଯୁଗ ହେବ ॥
(ଅମର ଭ୍ରମର ସଂହିତା, ୧୪ ଅଃ)

## କଲ୍କି ଅବତାରଙ୍କ ଜନ୍ମସ୍ଥାନ

କଲ୍କି ଅବତାର ସମ୍ପର୍କରେ ପୁରାଣକାରମାନେ ଯାହା କହିଯାଇଛନ୍ତି ସେଥିରୁ ପ୍ରମାଣ ମିଳେ ଯେ, କଳିଯୁଗର ଶେଷ ସମୟରେ ଭଗବାନ ସମ୍ଭଲ ନାମକ ଗ୍ରାମର ବିଷ୍ଣୁଯଶା ନାମଧେୟ ବ୍ରାହ୍ମଣଙ୍କ ଘରେ ଜନ୍ମଲାଭ କରିବେ । ଏ ସମ୍ପର୍କରେ ଶ୍ରୀମଦ୍ ଭାଗବତର ବର୍ଣ୍ଣନା ହେଲା—

ଶମ୍ଭଲ ଗ୍ରାମ ମୁଖ୍ୟସ୍ୟ ବ୍ରାହ୍ମଣସ୍ୟ ମହାତ୍ମନଃ ।
ଭବନେ ବିଷ୍ଣୁଯଶସଃ କଲ୍କିଃ ପ୍ରାଦୁର୍ଭବିଷ୍ୟତି ॥ (୧)

ବିଷ୍ଣୁ ପୁରାଣ ମଧ୍ୟ ଭାଗବତର ଏହି ଉକ୍ତିକୁ ସମର୍ଥନ କରେ । ଯଥା—

ବ୍ରହ୍ମମୟସ୍ୟାଦ୍ ରୂପିଣୋ ଭଗବତୋ ବାସୁଦେବସ୍ୟାଂଶଃ
ଶମ୍ଭଳଗ୍ରାମ ପ୍ରଧାନ ବ୍ରାହ୍ମଣସ୍ୟ ବିଷ୍ଣୁଯଶସୋ ଗୃହେ
ଅଷ୍ଟଗୁଣର୍ଦ୍ଧି ସମନ୍ୱିତ କଲ୍କି ରୂପୀ ।

ସଂସ୍କୃତ ମହାଭାରତରେ ବନପର୍ବରେ ମହର୍ଷି ବ୍ୟାସଦେବ ଯେଉଁ ବିବରଣୀ ପ୍ରଦାନ କରିଛନ୍ତି ତାହା ଉପରୋକ୍ତ ମତ ସହିତ ପ୍ରାୟ ସମାନ । ସେ ଲେଖିଛନ୍ତି—

କଲ୍କି ବିଷ୍ଣୁଯଶାନାମ ଦ୍ୱିଜଃ କାଳ ପ୍ରଚୋଦିତଃ
ଉତ୍ପସ୍ୟତେ ମହାବୀର୍ଯ୍ୟୋ ମହାବୁଦ୍ଧି ପରାକ୍ରମଃ
ସମ୍ଭୂତ ଶମ୍ଭଳ ଗ୍ରାମେ ବ୍ରାହ୍ମଣା ବସଥେ ଶୁଭେ । (୨)

ଏହାଛଡ଼ା 'ଦେବୀ ଭାଗବତ'ରେ ବିଷ୍ଣୁଯଶାଙ୍କ ନାମୋଲ୍ଲେଖ ଥିବାବେଳେ ଗରୁଡ଼ ପୁରାଣରେ ସମ୍ଭଳ ନାମକ ଗ୍ରାମର ବର୍ଣ୍ଣନା ପରିଦୃଷ୍ଟ ହୁଏ । ଓଡ଼ିଶାର ସନ୍ଥବର୍ଗ ସେମାନଙ୍କ ମାଳିକାରେ ଏହି ସମ୍ଭଳ ନାମକ ଗ୍ରାମରେ ବିଷ୍ଣୁଯଶାଙ୍କ ଘରେ ଭଗବାନ କଲ୍କି ରୂପରେ ଆବିର୍ଭାବ ହେବା ବିଷୟ ସୂଚିତ କରିଛନ୍ତି । ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ 'କଲ୍କିକଳ୍ପ' ୭ମ ପଟଳରେ ଲେଖିଛନ୍ତି—

<u>ବିଷ୍ଣୁଶର୍ମାଗୃହେ ପ୍ରଭୁ ହୋଇବେକ ଜାତ । ଗୟାରେ ସମ୍ଭଳନଗ୍ର ହରିହର ଛତ୍ର ॥</u>

ବୃଦ୍ଧ ବାଳକ ରାଜା ହୋଇଥିବ। ଗୁପତରେ ସାଲ ସନ ଚଳିବ ॥
(କଲ୍କିକଳ୍ପ : ଅଚ୍ୟୁତାନନ୍ଦ ଦାସ, ୩ୟ ପଟଳ)

ପ୍ରକାଶ ଥାଉକି, ପୂର୍ବର ବୃଦ୍ଧ ଦିବ୍ୟସିଂହଦେବ ବର୍ତ୍ତମାନ ବାଳକ ଓ ସେ ହେଉଛନ୍ତି କଳିଯୁଗର ଅନ୍ତିମ ରାଜା ।

୧. ଶ୍ରୀମଦ୍ ଭାଗବତ. ୧୨ଶ ସ୍କନ୍ଧ. ୨ୟ ଅଃ. ଶ୍ଳୋ୧୮ ।

୨. ମହାଭାରତ ବନପର୍ବ. ୧୬୧ ଅଃ ।

ତାଙ୍କର ଅନ୍ୟ ଏକ 'ତେରଜନ୍ମ ଶରଣ'ରେ ମଧ ଏକଥା କୁହାଯାଇଛି । ଯଥା—

ସମ୍ଭଳ ଗ୍ରାମରେ ବିଷ୍ଣୁଯଶା ଘରେ ପ୍ରଭୁ ଯହୁଁ ଜନମିବେ ।
ସୁଧର୍ମା ସଭାଟି ଶ୍ରୀଯାଜନଗରେ ପ୍ରଭୁ ଆପେ ବିସ୍ତାରିବେ॥ (୧)

ଅଚ୍ୟୁତାନନ୍ଦଙ୍କ ଗୁରୁଭକ୍ତିଗୀତା ମଧ ଏହି ମତକୁ ସମର୍ଥନ କରେ—

ଗୟାରେ ସମ୍ଭଳ ନଗ୍ର ବିଷ୍ଣୁଶର୍ମା ଘର ।
ଜନମିଣ ତପସ୍ୟା କରିବେ ଚକ୍ରଧର ॥

ଅନ୍ୟ ଏକ ଅପ୍ରକାଶିତ ମାଳିକା 'ସଦର ଜମା ଟକଡ଼ା ମଡ଼ାଣ'ରେ ମଧ ସେ ଏକା କଥା କହିଛନ୍ତି—

ଯୋଗନିଦ୍ରାକୁ ଯେ ଆମ୍ଭେ ଭାଙ୍ଗି ପୁଣ ସମ୍ଭଳ ନଗ୍ରେ ଜନ୍ମିବୁ ।
ଅଗ୍ନିହୋତ୍ର ଦ୍ୱିଜଶର୍ମା ଘରେ ପୁଣ ପଞ୍ଚସଖା ସଙ୍ଗେ ନେବୁ ॥

ଏହି ସମ୍ଭଳ ନଗ୍ରକୁ ବିରଜାକ୍ଷେତ୍ର ରୂପେ ମାଳିକାକାରମାନେ ଗ୍ରହଣ କରିଛନ୍ତି । ଯାଜପୁର ହିଁ ହରିହର କ୍ଷେତ୍ର ତଥା ନାଭିଗୟା ପୀଠ ରୂପେ ଶାସ୍ତ୍ରରେ ବର୍ଣ୍ଣିତ । ବ୍ରହ୍ମାଣ୍ଡ ପୁରାଣରେ ଅଛି, ଏକଦା କାର୍ତ୍ତିକେୟ ସଦାଶିବଙ୍କର ପରମ ଭକ୍ତ ନନ୍ଦିକେଶ୍ୱରଙ୍କୁ ଶିବଙ୍କର ତଥା ଶକ୍ତିସ୍ୱରୂପା ଦେବୀଙ୍କର ଅତ୍ୟୁତ୍ତମ କ୍ଷେତ୍ର ଭାରତ ଭୂଖଣ୍ଡରେ କେଉଁଠି ଅଛି ବୋଲି ପ୍ରଶ୍ନ କରିବାରୁ ସେ ତାହା 'ବିରଜଃ କ୍ଷେତ୍ର' ବୋଲି ଦର୍ଶାଇଥିଲେ । ଏହି କ୍ଷେତ୍ରର ନାମ 'ଅବିମୁକ୍ତ କ୍ଷେତ୍ର' କାରଣ ଏଠାରେ ହର 'ଈଶାନେଶ୍ୱର' ରୂପରେ ଏବଂ ଗୌରୀ 'ବିରଜା' ରୂପରେ ଏକତ୍ର ବାସ କରନ୍ତି । ଏ ବିଷୟରେ କୁହାଯାଇଛି—

ଯତ୍ର ପୁଣ୍ୟତମଂ କ୍ଷେତ୍ରଂ ତତ୍ର ଦେବଃ ପିନାକଧୃକ୍ ।
ତତ୍ର ଦେବୀ ସ୍ୱୟଂ ଗୌରୀ ତତ୍ରଦେବୋ ଜନାର୍ଦ୍ଦନଃ ॥ (୨)

ଅର୍ଥାତ୍ ସେହି ପୁଣ୍ୟତମ କ୍ଷେତ୍ରକୁ ସ୍ୱୟଂ ପିନାକପାଣି ଶିବ, ଦେବୀ ଗୌରୀ ଓ ଦେବ ଜନାର୍ଦ୍ଦନ ଅଳଙ୍କୃତ କଲେ ।

କପିଳ ସଂହିତାରେ ନାଭିଗୟା କ୍ଷେତ୍ର ଭାବେ ବିରଜାପୀଠକୁ ଅଭିହିତ କରାଯାଇଅଛି । ସେଥିରେ ଉଲ୍ଲେଖ ଅଛି ଯେ ଏହି ନାଭିକୂପ ଅର୍ଥାତ୍ ନାଭିଗୟା ନିକଟରେ ପିତୃଭକ୍ତି ପରାୟଣ ପୁତ୍ରଗଣ ସଂଯତେନ୍ଦ୍ରିୟ ହୋଇ ସ୍ନାନ ସମାପନ ପୂର୍ବକ ପିଣ୍ଡ ପ୍ରଦାନ କରିବା ଦ୍ୱାରା ସ୍ୱବଂଶର ଏକୋଇଶ ପୁରୁଷଙ୍କୁ ସ୍ୱର୍ଗଗାମୀ କରାନ୍ତି ।

ଯସ୍ମିନ୍ନରାଃ ସଂଯମିନେ ବିଧାୟ
ସ୍ନାନଂ ପିତୃର୍ଭକ୍ତି ଯୁତାଃ ବିଶେଷାତ୍ ।

---

୧. ଉତ୍ତମାପ୍ରେସ, ଅରବିନ୍ଦ ନଗର, କଟକ-୧୦ ରୁ ପ୍ରକାଶିତ ।
୨. ବ୍ରହ୍ମାଣ୍ଡ ପୁରାଣ. ୧ମ ଅଃ. ଶ୍ଳୋ୩୭

ପିଣ୍ଡ ପ୍ରଦାନେନ ଦିବଂ ନୟନ୍ତି
ତ୍ରିସପ୍ତକୃତଃ କୁଳଜାନ୍ ସ୍ୱକୀୟାନ୍ ॥ (୧)

ଏହିସବୁ କାରଣରୁ ଅର୍ଥାତ୍ ସମ୍ପନ୍ନ ଗ୍ରାମ ସହିତ ନାଭିଗୟା ତଥା ହରିହର କ୍ଷେତ୍ରର ସୂଚନା ଜଡ଼ିତ ଥିବାରୁ ତାହା ଯାଜପୁର ବୋଲି ଗ୍ରହଣ କରିବା ସମୀଚୀନ ମନେ ହୁଏ । ବୋଧହୁଏ ଏଥିପାଇଁ ବିଭିନ୍ନ ମାଳିକାରେ କଲ୍‌କିଙ୍କ ଜନ୍ମସ୍ଥାନ ରୂପେ ଯାଜପୁରକୁ ଚିହ୍ନିତ କରାଯାଇଛି ।

## ବଳରାମ ଦାସଙ୍କ କଳି ଆଗତ ଭବିଷ୍ୟାତ

ଶୁଣ ବାଲିଆ ତୋତେ କହି । ଆମ୍ଭେ ଜନ୍ମିବୁ ଯେଉଁଠାଇଁ ॥
ତାହା କହିବା ତୋତେ ଶୁଣ । ଯେ ଯାଜପୁର ବୋଲି ଗ୍ରାମ ॥
ସେଠାରେ ବ୍ରାହ୍ମଣର ଘର । ବିପ୍ର ପଣ୍ଡା ନାମ ତାହାର ॥
ତାର ଘରଣୀ ନାମ ଜାଣ । ଅଟଇ ପଦ୍ମାବତୀ ନାମ ॥
(୫ମ ଅଧ୍ୟାୟ)

ବିରଜାସ୍ତୁ ମହାଦେବି ବିଜୟସ୍ତତ୍ର ଭୈରବଃ ॥ (ଶ୍ଳୋ. ୫୧, ପୀଠ ନିର୍ଣ୍ଣୟ)

## ଯଶୋବନ୍ତ ଦାସଙ୍କ ମାଳିକା

ଯେଥି ମଧ୍ୟରେ ଯେ ଗୁପତ ଥାନ । ଲାଭିମଣ୍ଡଳ ବୋଲି ଯାର ନାମ ॥
ଦେହବନ୍ତ ହୋଇ ଖେଳିବେ ତହିଁ । ଗୋପୀ ଗୋପାଳ ଭକତଙ୍କୁ ଲଇଂ ॥
(୧ମ ଅଧ୍ୟାୟ)

## ଅଚ୍ୟୁତାନନ୍ଦଙ୍କ ତତ୍ତ୍ୱବୋଧିନୀ

ଯାଜନଗ୍ରେ ପ୍ରଭୁ ଜନମ ହେବେ । ଜନମ ହୋଇବେ ବ୍ରାହ୍ମଣ ଭାବେ ॥
(୩ୟ ଖଣ୍ଡ, ୯ମ ଅଧ୍ୟାୟ)

## ଅଚ୍ୟୁତାନନ୍ଦଙ୍କ ବିଜ୍ଞାନକଳ୍ପ

ଯାଜନଗ୍ରେ ମହାପ୍ରଭୁ ଜନମ ହୋଇବେ ।
ଗରୁଡ଼ଙ୍କୁ ସଙ୍ଗେ ଘେନି ଲୀଳା ଯେ ରଚିବେ ॥
(୬ଷ୍ଠ ଅଧ୍ୟାୟ)

---

୧. କପିଳ ସଂହିତା ୬-୪

ପ୍ରକାଶ ଥାଉକି, 'ତନ୍ତ୍ର ଚୂଡ଼ାମଣି'ରେ ନାଭିଦେଶ ରୂପେ ବିରଜାକ୍ଷେତ୍ରର ପ୍ରାଧାନ୍ୟ ସ୍ୱୀକାର୍ଯ୍ୟ । ସେଥିରେ ଅଛି—"ଉତ୍କଳେ ନାଭିଦେଶଞ୍ଚ ବିରଜାକ୍ଷେତ୍ର ମୁଚ୍ୟତେ ।"

## ଅଚ୍ୟୁତାନନ୍ଦଙ୍କ କଲ୍‌କିକଳ୍ପ

କ୍ଷୀର ସିନ୍ଧୁ ଦକ୍ଷିଣ ଯେ ବିରଜା ମଣ୍ଡଳ । ଖ୍ୟାତ ଯେ କମଳପୁର
(୧) ନାମ ଯେ ସମ୍ବଳ ॥ (୭ମ ପଟଳ)

## ଶିଶୁଅନନ୍ତଙ୍କ ଚୁମ୍ବକ ମାଳିକା

ଶୁଣ ହୋ ବାରଙ୍ଗ କହିବା ସେ ରଙ୍ଗ ପ୍ରଭୁ ଅବତାର ଗୁଣ ।
ଶ୍ରୀ ବିରୋଳା କ୍ଷେତ୍ରେ ଜନମ ଲଭିବେ ଅନନ୍ତ ମିଶ୍ର ଗୃହେଶ ॥
(୧ମ ଅଧ୍ୟାୟ)

## ଜଗନ୍ନାଥ ଦାସଙ୍କ କଳିମାଳିକା

ଆମ୍ଭ ଜନମ ଅଣତିରିଶରେ । ଜନ୍ମ ହୋଇବୁ ବିରଜା ନଗ୍ରରେ ॥
ପଦ୍ମାବତୀ ଗର୍ଭେ ଜନ୍ମ ହୋଇବୁ । ଖଣ୍ଡଗିରିରେ ଧ୍ୟାନରେ ବସିବୁ ॥
(Cy. No.355 Orissa State Museum)

## ଶାଳିଆ ଦାସ (ସାଲବେଗ)ଙ୍କ କଳିଭାରତ

ଯାଜନନଗ୍ର ବୋଲି ଜାଣ । ବୈତ୍ରଣୀ ନଦୀ ତୀରେ ପୁଣ ॥
ବିରଜା ଶାସନ ପାଖର । ପୂର୍ବ ଭାଗରେ ଆଡ଼ମ୍ବର ॥
ବିପ୍ର ମିଶ୍ର ବ୍ରାହ୍ମଣ ଘରେ । ତା'ଘରେ ଜନମ ଶ୍ରୀଧରେ ॥
(୧ମ ଅଧ୍ୟାୟ)

## ବାଇକୃଷ୍ଣ ଦାସଙ୍କ କଳିଭବିଷ୍ୟ

ଆମ୍ଭେ ଯେ ଗୋଦାବରୀ ତୀରେ । ଜନ୍ମିବୁ ବିଷ୍ଣୁଶର୍ମା ଘରେ ॥
୦ ୦ ୦
ବୈତ୍ରଣୀ ଉତ୍ତର ତୀରରେ । ଜନମ ହୋଇବୁ ସେଠାରେ ॥
ଅନନ୍ତ ମିଶ୍ର ବୋଲି ନାମ । ଦୂର୍ବାଦଳ ଶ୍ୟାମଳ ବର୍ଣ୍ଣ ॥
ଅତି ଦରିଦ୍ର ବିପ୍ର ସେହି । ଅନ୍ନ ବସନ ନ ମିଳଇ ॥
ଭିକ୍ଷା ମାଗଇ ନିତି ନିତି । ଯେ ରୂପେ ଉଦର ପୋଷନ୍ତି ॥
ସେ ଗୃହ କରିଥିବ ଯହିଁ । ଶ୍ମଶାନ ଭୂମି ସେ ଅଟଇ ॥
(୨ୟ ଅଧ୍ୟାୟ)

---

୧. ଯାଜପୁରଠାରୁ ଅଳ୍ପଦୂରରେ 'କମଳପୁର' ବୋଲି ଏକ ଗ୍ରାମ ରହିଛି । ସେହି ଗ୍ରାମର ନିକଟବର୍ତ୍ତୀ ସ୍ଥାନ ସମ୍ବଳ ନାମରେ ନାମିତ ।

ପୁଣି ପଞ୍ଚସଖାଙ୍କ 'ପରାର୍ଦ୍ଧ'ରୁ ଜଣାଯାଏ ଯେ ଯାଜପୁର ନିକଟସ୍ଥ 'ମହଲ' ଗ୍ରାମ ପାର୍ଶ୍ୱରେ ବୋଧହୁଏ ଏହି ସମ୍ବଳ ଗ୍ରାମ ଅବସ୍ଥିତ ।

## ସାରଙ୍ଗ ଦାସଙ୍କ ଚଉତିଶା

ଜନମ ହୋଇବୁ ହେ ଯାଜପୁର ଠାରେ ।
ଜନମ ହୋଇବେ ଚଣ୍ଡୀ ଦକ୍ଷିଣ ଦିଗରେ ॥
ସୁଙ୍କଜନ ହେ, ଯେତେ ଦେବୀଗଣ ।
ଜନମ ହୋଇବେ ଯାଇ ଦକ୍ଷିଣ ଦିଗେଣ ॥

## ଜଇ ବିରଚିତ ଚଉତିଶା

ଯେତେବେଳେ ନୀଳାଚଳ ଛାଡ଼ିକରି ଯିବୁ ।
ଯାଜପୁର ବିପ୍ରଘରେ ଯାଇଁ ଜନମିବୁ ।
ଜଗିଥିବୁ ହେ । ଯେ ଯେତେ କହିଲେ ନ ଶୁଣିବୁ ହେ ॥

ବିଭିନ୍ନ ମାଳିକାରେ କଳ୍କି ପୁରୁଷଙ୍କ ପିତାମାତାଙ୍କ ନାମ ସାଙ୍କେତିକ ଅର୍ଥରେ ଗୃହୀତ ହୋଇଅଛି । କେହି କେହି ଏହାକୁ ବସୁଦେବ ଓ ଯଶୋବନ୍ତୀ, କେହି ଅନନ୍ତମିଶ୍ର ଓ ଭଗବତୀ, କେହି ବିପ୍ର ପଣ୍ଡା ଓ ପଦ୍ମାବତୀ ଏବଂ ଅନ୍ୟ କେହି ଅନନ୍ତ ମିଶ୍ର ଓ ପଦ୍ମାବତୀ ବୋଲି ଗ୍ରହଣ କରିଅଛନ୍ତି । କିନ୍ତୁ ବହୁ ସ୍ଥଳରେ କଲ୍କିରୂପୀ ଭଗବାନଙ୍କ ପିତାମାତାଙ୍କୁ ଅନନ୍ତ ମିଶ୍ର ଓ ପଦ୍ମାବତୀ ବୋଲି ଉଲ୍ଲେଖ କରାଯାଇଥିବାର ଦେଖିବାକୁ ମିଳେ । ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ 'ବ୍ରହ୍ମଟୀକା'ରେ ସମସ୍ତ ଗୁପ୍ତ ତଥ୍ୟକୁ ପ୍ରାୟତଃ ଖୋଲି ଦେଇଛନ୍ତି । ଏ ସମ୍ପର୍କରେ ସେ ତାଙ୍କ ପ୍ରିୟତମ ଶିଷ୍ୟ ରାମଚନ୍ଦ୍ରଙ୍କୁ କହିଛନ୍ତି—

ଅଚ୍ୟୁତ କହନ୍ତି ହରଷେ ଶୁଣ ଭକତ ରାମ ।
କଳିରେ ଅବତାର ହେବେ ପ୍ରଭୁ କଳଙ୍କି ରାମ ॥
ନୀଳଗିରି ଛାଡ଼ି ସମ୍ବଳ ଗ୍ରାମେ ଜନମ ହେବେ ।
ମହେନ୍ଦ୍ର ପର୍ବତେ ଗୋପନେ ରହି ଯୋଗ ସାଧିବେ ॥(୧)
ମାତାଙ୍କ ନାମ ପଦ୍ମାବତୀ ପିତା ନାମ ଅନନ୍ତ ।
ଶଙ୍ଖ ଚକ୍ରାଦି ଚିହ୍ନ ଘେନି ପ୍ରଭୁ ହେବେ ଉଦିତ ॥
ଗୃହ ଉତ୍ତର ପାର୍ଶ୍ୱରେ ଥିବ କଦମ୍ବ ବୃକ୍ଷ ।
ଦକ୍ଷିଣ ଦିଗରେ ପିପ୍‌ପଳ(୨) ବୃକ୍ଷ ଥିବ ସଲକ୍ଷ ॥

---

୧. କଲ୍‌କି ପୁରାଣ (ସଂ)ରେ ବର୍ଣ୍ଣିତ ଅଛି ଯେ କଳିଯୁଗ ଶେଷରେ ଯେତେବେଳେ ଭଗବାନ କଲ୍‌କି ଅବତାର ଗ୍ରହଣ କରିବେ ସେତେବେଳେ ସେ ଗଞ୍ଜାମ ଅନ୍ତର୍ଗତ ମହେନ୍ଦ୍ର ପର୍ବତକୁ ଯାଇ ଚିରଞ୍ଜୀବୀ ପର୍ଶୁରାମଙ୍କଠାରୁ ସମସ୍ତ ବ୍ରହ୍ମବିଦ୍ୟା ଶିକ୍ଷାକରି ଖଡ୍‌ଗ ପ୍ରାପ୍ତ ହେବେ ।

୨. ଅଶ୍ୱତ୍ଥ ବୃକ୍ଷ ।

ଉଦୟା ଭକତ ଚିହ୍ନିବେ ପ୍ରଭୁ ଉଦୟ ଜାଣି ।
ସଙ୍କେତ ବୁଝାଇ କହିଲୁ ରଖ ମନରେ ଗୁଣି ॥

୦ ୦ ୦

ବୈଶାଖ ଶୁକ୍ଳ ଦ୍ୱିତୀୟାରେ ପ୍ରଭୁ ଜନମ ହେବେ ।
ଭକତଙ୍କ ହିତେ ଜନମି କଳ୍କି ନାମ ବହିବେ ॥
ଲଗ୍ନ ହୋଇଥିବ କର୍କଟ ଶୁକ୍ରଙ୍କ ପଞ୍ଚମରେ ।
ଗୁରୁ ରହିଥିବେ ଆବର ଶନି ଚତୁର୍ଥ ଘରେ ॥
ରବି ଚନ୍ଦ୍ର ଆଉ ମଙ୍ଗଳ ଉଚ୍ଚରେ ଥିବେ ରହି ।
ଆଉ ଗ୍ରହ ଶୁଭ ସ୍ଥାନରେ ରହିଥିବେ ଅନାଇ ॥

ଏ ପ୍ରସଙ୍ଗରେ ମହାପୁରୁଷ ଅଚ୍ୟୁତାନନ୍ଦ 'ଇଟୁଆ' ନାମକ ସ୍ଥାନରେ କ୍ଷତ୍ରିୟ କୁଳ ସମ୍ଭୂତା 'ଗୁଲାବ' ନାମଧାରିଣୀ ସୁଭଦ୍ରା ଦେବୀ (ଯୋଗମାୟା ବା ଆଦିଶକ୍ତି)ଙ୍କ ଜନ୍ମ ଏବଂ କର୍ଣ୍ଣାଟକର 'ପଦ୍ମକେଶର' ରାଜାଙ୍କର ପ୍ରଜା ବୋଲାଉଥିବା 'ଗୋପୀନାଥ ଟାଟରା'ଙ୍କ ଔରସରେ ତାଙ୍କ ସ୍ତ୍ରୀ ଉମାଦେବୀଙ୍କ ଗର୍ଭରୁ ବଳଭଦ୍ରଙ୍କର ଜନ୍ମ ହେବ ବୋଲି ସୂଚାଇ ଅଛନ୍ତି ।

## ଯାଜପୁର କାହିଁକି ?

ଯାଜପୁର (ଏହାର ପ୍ରକୃତ ନାମ ଯାଜିପୁର) ଏକ ପ୍ରଧାନ ଓ ପ୍ରାଚୀନତମ ଶକ୍ତିପୀଠ ରୂପେ ବହୁ ଶାସ୍ତ୍ରରେ ସ୍ୱୀକୃତି ଲାଭ କରିଛି । ସଂସ୍କୃତ ମହାଭାରତର ବନ ପର୍ବରେ (୮୫ ଓ ୧୧୪ ଅଧ୍ୟାୟ ଦ୍ରଷ୍ଟବ୍ୟ) ପୁଣ୍ୟତୋୟା ବୈତରଣୀ ତୀର୍ଥ ଓ ବିରଜା ତୀର୍ଥର ବର୍ଣ୍ଣନା ରହିଛି । ବ୍ରହ୍ମାଣ୍ଡ ପୁରାଣ ଓ ବାୟୁ ପୁରାଣରେ ଏ ସମ୍ପର୍କରେ ବହୁଳ ଚର୍ଚ୍ଚା କରାଯାଇଛି । କପିଳ ସଂହିତାର ଚତୁର୍ଦ୍ଦଶ ଓ ପଞ୍ଚଦଶ ଶ୍ଳୋକରେ କୁହାଯାଇଛି, ଭାରତ ଭୂଖଣ୍ଡ ମଧ୍ୟରେ ଥିବା କ୍ଷେତ୍ରମାନଙ୍କ ମଧ୍ୟରେ ପାର୍ବତୀ କ୍ଷେତ୍ର ସର୍ବପ୍ରଥମ ଏବଂ ଏହି କ୍ଷେତ୍ରରେ ସାଧକମାନଙ୍କର ହିତସାଧନ ପାଇଁ ବ୍ରହ୍ମରୂପିଣୀ ପାର୍ବତୀ ବିରଜା ନାମ ଧାରଣ କରି ବିରାଜମାନ କରିଛନ୍ତି । ସେହିପରି ଆଚାର୍ଯ୍ୟ ପ୍ରବୋଧଚନ୍ଦ୍ର ବାଗ୍‌ଚୀଙ୍କ ଦ୍ୱାରା ସମ୍ପାଦିତ 'କୌଳଜ୍ଞାନ ନିର୍ଣ୍ଣୟ' ନାମକ ତନ୍ତ୍ର ପୋଥିରେ 'ଯାଜପୁର ପଟ୍ଟଣ' ଓ 'ଯାଜନଗରୀ' ଶବ୍ଦର ପ୍ରୟୋଗ ଥିବାରୁ ଏକଦା ଏହି କ୍ଷେତ୍ର ପ୍ରାଚୀନ ଶକ୍ତିପୀଠ ଥିବାର ନିଦର୍ଶନ ମିଳେ ।

ମୂର୍ତ୍ତିତତ୍ତ୍ୱବିଦ୍‌ମାନଙ୍କ ମତରେ ଶକ୍ତିପୂଜା ଦୃଷ୍ଟିରୁ ଦ୍ୱିଭୁଜା ଦୁର୍ଗାମୂର୍ତ୍ତି ପ୍ରାଚୀନତମ ଏବଂ ଏହିଭଳି ମୂର୍ତ୍ତି ଭାରତବର୍ଷରେ ପ୍ରାୟ ବିରଳ । ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ବିରଜା ମୂର୍ତ୍ତି ଦ୍ୱିଭୁଜାବିଶିଷ୍ଟା ଏବଂ ଏହା ପ୍ରାୟ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକର ହେବ ବୋଲି

ଐତିହାସିକ ରମାପ୍ରସାଦ ଚାନ୍ଦ ନିର୍ଣ୍ଣୟ କରିଛନ୍ତି । ତିବତ୍ତୀୟ ଗ୍ରନ୍ଥ 'ପାଗ୍ ସାମ୍ ଜନ୍ ଜାଙ୍ଗ୍'ରେ ଉଲ୍ଲେଖ ଅଛି ଯେ ବୁଦ୍ଧଦେବ ତାଙ୍କର କୌଣସି ଏକ ପୂର୍ବ ଜନ୍ମରେ ଯାଜପୁରଠାରେ (ବିରଜା କ୍ଷେତ୍ରରେ) ପଦ୍ମସମ୍ଭବ ନାମରେ ଜନ୍ମଗ୍ରହଣ କରିବେ ବୋଲି ତାଙ୍କ ଶିଷ୍ୟଙ୍କ ଆଗରେ ଭବିଷ୍ୟତ ବାଣୀ କହିଥିଲେ । ଦଶାବତାର ମଧ୍ୟରେ ବୁଦ୍ଧଙ୍କର ପରବର୍ତ୍ତୀ ଅବତାର କଳ୍କି ହୋଇଥିବାରୁ ଏବଂ ସେ ଯାଜପୁରରେ ଜନ୍ମଗ୍ରହଣ କରିବା ପ୍ରସଙ୍ଗ ମାଳିକାରେ ସୂଚିତ ହୋଇଥିବାରୁ ଏହି ଘଟଣା ସହିତ ତିବତ୍ତୀୟ ଗ୍ରନ୍ଥର ବହୁ ସାଦୃଶ୍ୟ ବିଦ୍ୟମାନ । ଅଷ୍ଟମ ଶତାବ୍ଦୀ ବେଳକୁ ସୋମବଂଶୀ ରାଜା ଶୁଭକର ଦେବ ଏହି ପୀଠରେ ଏକ ଶୁଭସ୍ତମ୍ଭ ନିର୍ମାଣ କରିଥିଲେ । ନବମ ଶତାବ୍ଦୀ ବେଳକୁ ଯାଜପୁରରେ ଯଯାତିକେଶରୀ ଦଶସହସ୍ର ନୈଷ୍ଠିକ ବ୍ରାହ୍ମଣମାନଙ୍କ ଦ୍ୱାରା ଏକ ଯଜ୍ଞ କରାଇଥିବାର ବୃତ୍ତାନ୍ତ ଇତିହାସରେ ଉଲ୍ଲେଖ ଅଛି । ଶୁଣାଯାଏ, ସେହି ଯଜ୍ଞରେ ଏତେ ପଶୁବଳି ଦିଆଯାଇଥିଲା ଯେ ବୈତରଣୀ ନଦୀର ଜଳ ତାହାଦ୍ୱାରା ରକ୍ତରଞ୍ଜିତ ହୋଇଯାଇଥିଲା ଏବଂ ସେହି ଜଳକୁ କେହି କେହି ପାନ କରି ମଦ୍ୟପାନର ନିଶା ଅନୁଭବ କରିଥିଲେ । ତନ୍ତ୍ର ସାଧନାର ପ୍ରଧାନ ପୀଠ ରୂପେ ଏଠାରେ ଦେବୀଙ୍କର ପ୍ରାଧାନ୍ୟ ନ ଥିଲେ ନଦୀଜଳ 'ମଦ'ରେ ପରିଣତ ହେବା ସମ୍ଭବ ହୁଅନ୍ତା ନାହିଁ । ସୁତରାଂ ତନ୍ତ୍ରୋକ୍ତ ଦେବୀ ବିରଜାଙ୍କର ଏହି ପୀଠ ଶାକ୍ତମାନଙ୍କ ପରମ ତୀର୍ଥସ୍ଥଳୀ ରୂପେ ବହୁକାଳରୁ ଉପାସିତ ଓ ସମ୍ମାନିତ ହୋଇଆସୁଛି । ଶକ୍ତିବିନା ଶିବଙ୍କର କୌଣସି ସାର୍ଥକତା ନ ଥିଲା ଭଳି ଯୋଗମାୟା ବା ପ୍ରକୃତିରୂପିଣୀ ଆଦ୍ୟାଶକ୍ତିର ସାହାଯ୍ୟ ବିନା ପରଂବ୍ରହ୍ମଙ୍କର ଲୀଳାର ବିକାଶ ସମ୍ପୂର୍ଣ୍ଣ ଅସମ୍ଭବ ମନେହୁଏ । ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ, ସନ୍ଥବର୍ଗଙ୍କ ପରିକଳ୍ପିତ ଚିନ୍ତାଧାରାରେ ଲୀଳାମୟ ଭଗବାନଙ୍କର କଳ୍କି ଅବତାର ହିଁ ପ୍ରାଚୀନତମ ଶକ୍ତିପୀଠ ଯାଜପୁରଠାରେ ବିରଜା ଦେବୀଙ୍କୁ ଆଶ୍ରୟ କରି ଯେ ଗଢ଼ି ଉଠିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

## ମାଳିକାର ତତ୍ତ୍ୱପୂର୍ଣ୍ଣ ଆଲୋଚନା

ପ୍ରାୟ ସମସ୍ତ ସନ୍ଥସାଧକ କଳୁଷପୂର୍ଣ୍ଣ କଳିଯୁଗର ଅବକ୍ଷୟ ଏବଂ ତଜ୍ଜନିତ ପ୍ରକ୍ରିୟାର ନିରାକରଣ ପାଇଁ ଧର୍ମ ସଂସ୍ଥାପନା ନିମିତ୍ତ ଏକ ଅବତାର ଶକ୍ତିର ଆବିର୍ଭାବ ସମ୍ପର୍କରେ ଦୃଢ଼ମତ ପୋଷଣ କରିଅଛନ୍ତି । ଏହି ଦିବ୍ୟଦ୍ରଷ୍ଟା ଆତ୍ମବୋଧସମ୍ପନ୍ନ ମହାପୁରୁଷମାନଙ୍କର ଭବିଷ୍ୟତବାଣୀ ବିଭିନ୍ନ ସମୟରେ ନାନା ସ୍ଥାନରେ ପ୍ରକାଶିତ ହୋଇଅଛି । ସ୍ଥଳ ବିଶେଷରେ ବର୍ଣ୍ଣନା ତଥା ଉପସ୍ଥାପନାର ତାରତମ୍ୟ ଥିଲେ ମଧ୍ୟ ମୁଖ୍ୟତଃ ମୂଳସତ୍ୟ ଏଥିରେ ସ୍ଥିର ଓ ଅପରିବର୍ତ୍ତନୀୟ । ସନ୍ଥମାନସର ବିଶ୍ୱକଲ୍ୟାଣୀ ଚିନ୍ତାଧାରା, ବିପର୍ଯ୍ୟସ୍ତ ଧର୍ମ ତଥା ସମାଜ ଜୀବନକୁ ସୁନିୟନ୍ତ୍ରିତ କରିବା ଲାଗି ନିରପେକ୍ଷ ତଥା ସ୍ୱତଃସ୍ଫୂର୍ତ୍ତ ରୂପେ ଆଜି ଭବିଷ୍ୟତର ନିର୍ଦ୍ଦିଷ୍ଟ ରୂପରେଖାକୁ ଅଭିବ୍ୟକ୍ତ କରିଛି ।

ଯୋଗାଚାର ଓ ଜ୍ଞାନମିଶ୍ରିତ ସନ୍ଥପରମ୍ପରା ସୃଷ୍ଟି ଓ ବିଲୟ ପ୍ରକ୍ରିୟାର ବହି ତଥା ଅନ୍ତଃ ପରିକଳ୍ପନାକୁ ପ୍ରଜ୍ଞାବୋଧ ମାଧ୍ୟମରେ ଅନୁଭବ ପୂର୍ବକ ସାର୍ଥକ ରୂପ ଦେଇଛି । ରହସ୍ୟାବୃତ ଚର୍ଯ୍ୟାଗୀତିକା ତଥା ଶୈବ-ପାଶୁପତ-କୌଳ, ପିଣ୍ଡସମ୍ଭିତ୍ତି ଏବଂ କାୟାକଳ୍ପ ସାଧନାର ଏକ ସୁସମଞ୍ଜସ ଅଭିବ୍ୟକ୍ତି ହିଁ ଓଡ଼ିଆ ସନ୍ଥ ଚଳଣିର ମୁଖ୍ୟ ଉପଜୀବ୍ୟ ଯାହାର ସ୍ୱଚ୍ଛ ପରିପ୍ରକାଶ ଅଗଣିତ ମାଳିକା ସୃଷ୍ଟିରେ ଆତ୍ମପ୍ରକାଶ ଲାଭ କରିଛି । ବିଶେଷ କରି ଗୁରୁଶିଷ୍ୟ ସମ୍ବାଦ ମାଧ୍ୟମରେ ଅନାଗତ ସୁଦୂର ଭବିଷ୍ୟତର କ୍ରାନ୍ତିକାରୀ ପରିବର୍ତ୍ତନ ତଥା ତତ୍କାଳୀନ ଲୋକଚରିତ୍ରର ଏକ ସ୍ପଷ୍ଟ ଅଭିଲେଖ ହିଁ ମାଳିକା ସାହିତ୍ୟର ପ୍ରାଣ । ଅଧ୍ୟାତ୍ମବାଦ ଓ ଆତ୍ମଜ୍ଞାନ ତତ୍ତ୍ୱ ଉପରେ ମାଳିକା ସାହିତ୍ୟ ପର୍ଯ୍ୟବସିତ (୧) । ଏହା ଯଥାର୍ଥରେ ଏକ ଶଙ୍କିତ ଏବଂ ଶୋକାତୁର ମାନବ ପ୍ରାଣର ମୃତ ସଞ୍ଜୀବନୀ ।

ଏହିସବୁ ମାଳିକାକୁ ଟିକିଏ ଗଭୀର ଦୃଷ୍ଟିପାତ କରି ଦେଖିଲେ ବୋଧହେବ ଯେ, ସମାଜକୁ କେବଳ ଅନାଗତ ପ୍ରଳୟବାଣୀରେ ଭୟବିହ୍ୱଳ କରାଇବା ମାଳିକାକାରମାନଙ୍କର ଉଦ୍ଦେଶ୍ୟ ନ ଥିଲା । ଏହି ଧ୍ୱଂସ ଓ ଯୁଗଭୁସୁଡ଼ାର ବାର୍ତ୍ତା ଶୁଣାଇ ସମାଜକୁ ନୂତନ ରୂପେ ଗଢ଼ିବା ପାଇଁ ସେମାନେ ସଚେଷ୍ଟ ହୋଇ ପଡ଼ିଥିଲେ । ସେଥିପାଇଁ ସେମାନେ ଅନେକତ୍ର ନୀତିବାଣୀ ଶୁଣାଇବାକୁ ଯାଇ କହିଛନ୍ତି ଯେ ଏହି ପାପବିଦ୍ଧ ସମାଜ ଯେତେବେଳେ ଉତ୍ପାଟିତ ହୋଇଯିବ ସେତେବେଳେ ଯେ ଧର୍ମରେ ଥିବ, ଅନାଗତ ଆସନ୍ନ ଅଧର୍ମ ତାର କିଛି କରିପାରିବ ନାହିଁ ।(୨) ଅନ୍ୟପକ୍ଷରେ ଧର୍ମସ୍ଥ ହୋଇ ଈଶ୍ୱରଙ୍କର ଅଭୟ ଆଶ୍ରୟର ଅଧିକାରୀ ହୋଇପାରିବାର ଆଶାବାଣୀ ହିଁ ମାଳିକା ଭିତର ଦେଇ ପରିସ୍ଫୁଟ ହୋଇଉଠିଛି କହିଲେ ଅତ୍ୟୁକ୍ତି ହେବନାହିଁ । କଳିଯୁଗର ତାରକମନ୍ତ୍ର ରୂପେ

---

୧. ସ୍ତିରୀ ପୁରୁଷ ଦୁଇ ରୂପ ତାର । ନୋହଇ ସ୍ତିରୀ ସେ ନୋହେ ଅଣ୍ଡିର ॥
ମନ ଥିର କରି ବୁଝିବୁ ପୁତା । ତୋହ ଘରେ ଅଛି ସେହି ଦେବତା ॥
ଠ ଠ ଠ
ଜ୍ଞାନ ଅଠା ଠିକେ ଲଗାଇଥିବୁ । ସମାନ ଦୃଷ୍ଟିରେ ନଳ ଯୋଖିବୁ ॥
ସଧୀରେ ସଧୀରେ ତୋଳିବୁ ବାଇ । ଯେ ରୂପେ ଏ ଗଛ ହଲିବ ନାହିଁ ॥
ଗଛ ହଲିଗଲେ ଯିବଟି ଉଡ଼ି । ସବୁ ପାଞ୍ଚଯାକ ଯିବ ବିଗିଡ଼ି ॥
ଠ ଠ ଠ
ଚୈତନ୍ୟ ଠେଙ୍ଗାକୁ ଯୋଖିବୁ ତଳେ । ସୁଜାରି ଶୁଆକୁ ଧରିବୁ ବଳେ ॥
ଠ ଠ ଠ
ଶୁଆ ଗୋଡ଼ରେ ତୁ ଲଗାଅ ଫାଶ । ଫିଟିବ ତୋର ମନରୁ ସନ୍ଦେଶ ॥
(ତତ୍ତ୍ୱବୋଧିନୀ, ୩ୟ ଖଣ୍ଡ, ୬ଷ୍ଠ ଅଃ, ଅଚ୍ୟୁତାନନ୍ଦ)

୨. ଯେଉଁମାନେ ବିଷ୍ଣୁ ଅଂଶେ ଭକ୍ତ ଅବତାର ।
ସେହିମାନେ ଥୋକେ ରହିଥିବେ ଏ ସଂସାର ।
ଜନେ ଶୁଣ ହେ । ସେହିମାନେ ହୋଇବେ ବିହ୍ୱଳ ହେ ॥ (ହାଡ଼ିଦାସ ମାଳିକା)

'ହରେ ରାମ କୃଷ୍ଣ' ଭଜନ ଓ ଅଖଣ୍ଡ ନାମକୀର୍ତ୍ତନ ହିଁ ଆଜିର ଧ୍ୟେୟ ହେବା ଉଚିତ୍ ।(୧) ସତ୍‌ସଙ୍ଗ, ଆଚରଣ ଶୁଦ୍ଧି, ଶୃଙ୍ଖଳାର ସହିତ କର୍ତ୍ତବ୍ୟ ସମ୍ପାଦନ, ପରୋପକାର ନିମନ୍ତେ ଆତ୍ମୋତ୍ସର୍ଗ ଏବଂ ଗୃହସ୍ଥାଧର୍ମରେ ରହି ଈଶ୍ୱରଙ୍କ ପ୍ରତି ଅନାବିଳ ଭକ୍ତି ଓ ପ୍ରେମପ୍ରଦର୍ଶନ ହିଁ କଳିଯୁଗ ସଙ୍କଟରୁ ତ୍ରାଣ ପାଇବାର ଏକମାତ୍ର ଉପାୟ ।

ଏଠାରେ ଏହା ସୂଚାଇ ଦେବା ଅପ୍ରାସଙ୍ଗିକ ହେବନାହିଁ ଯେ, ଉତ୍କଳର ପଞ୍ଚସଖାଗଣ ଅବତାରୀ ଜଗନ୍ନାଥଙ୍କୁ ବିଶ୍ୱର ଭାବକେନ୍ଦ୍ର ବୋଲି କାୟମନୋବାକ୍ୟରେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କର କ୍ଷେତ୍ରକୁ ସମଗ୍ର ବିଶ୍ୱର ଏକ ପ୍ରତିବିମ୍ବ ରୂପେ କଳ୍ପନା କରିଅଛନ୍ତି ଏବଂ ମହାଜାଗତିକ ପ୍ରକ୍ରିୟାର ସୂକ୍ଷ୍ମାତିସୂକ୍ଷ୍ମ ପ୍ରବାହକୁ ଏହି କ୍ଷେତ୍ରଦର୍ପଣ ଭିତରେ ଦର୍ଶନ କରିଅଛନ୍ତି । ସେଥିପାଇଁ ମାଳିକାର ବିଭିନ୍ନ ଘଟଣାଗୁଡ଼ିକ ବିଶେଷ କରି ଉତ୍କଳର ପ୍ରାଚୀନତମ ଶକ୍ତିପୀଠ ବିରଜାଙ୍କ କ୍ଷେତ୍ରରୁ ଆରମ୍ଭହୋଇ ପୁରୁଷୋତ୍ତମ କ୍ଷେତ୍ର ମଧ୍ୟରେ ସଂଘଟିତ ହେବାର ସୂଚନା ଆମେ ସନ୍ଥ ସାହିତ୍ୟ ବର୍ଣ୍ଣନାରେ ଦେଖିବାକୁ ପାଉ ।(୨)

ବେଦ ସନାତନ ଧର୍ମ ବିଶ୍ୱାସରେ ଅପୌରୁଷେୟ ଶବ୍ଦ ପ୍ରମାଣ ବୋଲି ନିର୍ଦ୍ୱନ୍ଦ୍ୱରେ ଗୃହୀତ ଏବଂ ସମସ୍ତ ପୁରାଣ ଉପପୁରାଣମାନ ବେଦରୂପୀ କଳ୍ପବୃକ୍ଷର ଅଙ୍ଗ ପ୍ରତ୍ୟଙ୍ଗ ବୋଲି ମଧ୍ୟ ସସମ୍ମାନେ ସ୍ୱୀକୃତ । ଶାସ୍ତ୍ରରେ ପ୍ରତିପାଦିତ ବିଭିନ୍ନ ତଥ୍ୟ ଓ ବିବରଣୀ ଦିବ୍ୟଦ୍ରଷ୍ଟା, ଯୋଗସିଦ୍ଧ, ପୁରାଣବୁଦ୍ଧିମାନଙ୍କର ସ୍ୱାନୁଭୂତିଲବ୍‌ଧ ଚାକ୍ଷୁଷ ବା ପ୍ରତ୍ୟକ୍ଷ ପରିପ୍ରକାଶ । ନିଗୂଢ଼ ସତ୍ୟକୁ କ୍ଷୟିଷ୍ଣୁ ବ୍ୟକ୍ତିମାନସରେ ପ୍ରତିଫଳିତ କରାଇବାକୁ ଅପରୋକ୍ଷ ପ୍ରମାଣର ରୂପକବ୍ୟଞ୍ଜନା ଗ୍ରହଣ କରାଯାଏ । ଓଡ଼ିଶାରେ ପ୍ରଚଳିତ ସମସ୍ତ ମାଳିକା ସାହିତ୍ୟ ନିର୍ଭୁଲ ଭାବେ ଏହି ତିନି ପ୍ରମାଣ ଉପରେ ପର୍ଯ୍ୟବସିତ ।

ଯଦିଓ ସୃଷ୍ଟି ଓ ଧ୍ୱଂସ ବିଶ୍ୱର ସ୍ୱାଭାବିକ ନିୟମ ତଥାପି ସାଧୁସନ୍ଥ ଓ ମହାପୁରୁଷମାନେ ଅଭିଭାବକ ରୂପେ ସର୍ବଦା ବ୍ୟକ୍ତି ତଥା ସମାଜର କଲ୍ୟାଣ ଚିନ୍ତାକରି ଆସିଛନ୍ତି । ଏହି ନ୍ୟାୟରେ ଏକ ଦୁଷ୍ଟ ବାଳକକୁ ପିତାମାତା ବା ଗୁରୁଜନ ଅପକର୍ମରୁ ନିବୃତ୍ତ ହେବାପାଇଁ ଉପଦେଶ ଦେବା ଯେପରି କାମ୍ୟ ସେଇଭଳି ସମାଜର ଶୁଭଚିନ୍ତକ, ବିଶ୍ୱର ହିତାକାଂକ୍ଷୀ ଏହି ଧର୍ମାତ୍ମା ମହାମନୀଷୀଗଣ ଅନାଗତ ପ୍ରଳୟ ଓ ବିକ୍ରିୟାରୁ ନିରତ ହେବାପାଇଁ ସତତ ଚେତାବନୀ ପ୍ରଦାନ କରିଯାଇଛନ୍ତି । ନୀଡ଼ହରା ବିହଙ୍ଗ ବା ପଥହରା

୧. 'କଳିସନ୍ତରଣୋପନିଷଦ୍'ରେ ହରେରାମ ଓ ହରେକୃଷ୍ଣ ମହାମନ୍ତ୍ର ଉପରେ ଗୁରୁତ୍ୱ ଅର୍ପିତ ହୋଇଥିଲା ବେଳେ 'ଶ୍ରୀମଦ୍ ଭାଗବତ ମହାପୁରାଣମ୍'ରେ କଳିର ସବୁ ଦୋଷ ଭିତରେ କୃଷ୍ଣଙ୍କର ନାମ କୀର୍ତ୍ତନ ହିଁ ଏକମାତ୍ର ମହାନ୍ ଗୁଣ ଏବଂ ମୁକ୍ତିପଥ ରୂପେ ସ୍ୱୀକୃତ ହୋଇଅଛି ।

୨. ଯାଜପୁର ନଣ୍ଡାଦେଉଳଠାରୁ । ପୁରୁଷୋତ୍ତମଠାରୁ ମହାମେରୁ ॥
ଏଥିର ମଧ୍ୟରେ ଯେତେକ ଖେଳ । କହିଅଛନ୍ତି ଯେ ସେ ଆଦିମୂଳ ॥
(କଳ୍କିକଳ୍ପ : ଅଚ୍ୟୁତାନନ୍ଦ, ୮ମ ପଟଳ)

ପଥିକ ପାଇଁ ନିରନ୍ତର ଏକ ମାର୍ଗଦର୍ଶନର ପ୍ରୟୋଜନ ରହିଥାଏ । ତେଣୁ ଜୀବନର ଚଲାପଥରେ ପଥଭ୍ରଷ୍ଟ ପଥିକ, ଜଞ୍ଜାଳର ଆବର୍ତ୍ତରେ ଦିଗହରା ନାବିକ ପାଇଁ ଏକ ଅଦୃଶ୍ୟ ଇଙ୍ଗିତ ଅନବରତ କ୍ରିୟାଶୀଳ । ଯେତେବେଳେ ବ୍ୟକ୍ତି କ୍ଷୟମାଣ ଅବଚେତନରେ ଏହି ଐଶୀ ନିର୍ଦ୍ଦେଶକୁ ହୃଦୟଙ୍ଗମ କରିବାକୁ ଅସମର୍ଥ ହୋଇଥାଏ ସେତେବେଳେ ଚିନ୍ମୟ ଶକ୍ତିର ପ୍ରକାଶ ଦିବ୍ୟଦ୍ରଷ୍ଟା ସନ୍ଥମାନେ ସ୍ୱତଃପ୍ରବୃତ୍ତ ଭାବେ ଗଣଚେତନାକୁ ଉତ୍ତମମାର୍ଗରେ ପରିଚାଳନା କରିବା ପାଇଁ ପ୍ରୟୋଜନୀୟ ମାର୍ଗ ଦର୍ଶାଇଥାନ୍ତି । ସେହି ଦୃଷ୍ଟିରୁ ବିଚାର କରି ଦେଖିଲେ ମାଳିକା ଅବାନ୍ତର କିମ୍ବା ପ୍ରହେଳିକାବାଦ ଉପରେ ପର୍ଯ୍ୟବସିତ ବୋଲି କେହି ବିଶ୍ୱାସ କରିପାରିବେ ନାହିଁ ।

## ଯୁଗାନ୍ତ ସମ୍ପର୍କରେ ବିଶ୍ୱର ମନୀଷୀମାନଙ୍କର ମତ

ଅଧୁନାତନ ସମାଜରେ ବିଜ୍ଞାନର ଯଥେଷ୍ଟ ଉନ୍ନତି ଘଟିଥିଲେ ମଧ୍ୟ କାହାରି ମନରେ ଶାନ୍ତି ନାହିଁ । ସମଗ୍ର ବିଶ୍ୱ ଆଜି ଭୀଷଣ ସଙ୍କଟର ସମ୍ମୁଖୀନ । ପ୍ରତ୍ୟେକ ଯେପରି ଆତ୍ମସ୍ୱାର୍ଥ ବଜାୟ ରଖି ଛକାପଞ୍ଝା ଭିତରେ ଗତି କରୁଛନ୍ତି, ତା' ଦେଖି ଭବିଷ୍ୟତର ସୁଖ ସ୍ୱପ୍ନ ଏକାବେଳକେ ମନରୁ ଉଭେଇ ଯାଉଛି । ଲାଞ୍ଚ, ମିଛ, କଳାବଜାର, ଦାୟିତ୍ୱହୀନତା ଓ କର୍ତ୍ତବ୍ୟ ପ୍ରତି ଅବହେଳା ଆଦି ଦ୍ୱାରା ଆମ ସମାଜ ଅନ୍ତଃସାରହୀନ ହୋଇପଡ଼ିଛି । ସବୁଠି ଈର୍ଷା, ଅବିଶ୍ୱାସ ଓ ପ୍ରତାରଣାର ଚିତ୍ର ପ୍ରକଟିତ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ, ଗ୍ରାମ ଗ୍ରାମ ମଧ୍ୟରେ, ଜାତି ଜାତି ମଧ୍ୟରେ ଓ ଦେଶ ଦେଶ ମଧ୍ୟରେ ହିଂସା, ଦ୍ୱେଷ, ଘୃଣା ଓ ସଂଘର୍ଷ ପୂରିରହିଛି । ଏଣେ ଦେଶେ ଦେଶେ ଚାଲିଛି ମରଣର ଉତ୍ସବ ଓ ଯୁଦ୍ଧ ସଜ୍ଜା । ରୁଷିଆ ଆଣବିକ ଶକ୍ତିର ଗବେଷଣା କରୁଛି ତ, ଆମେରିକା ସନ୍ଧାନ କରୁଛି ଏପରି ଏକ ଉପଗ୍ରହ ଯେଉଁଠୁ ବୋମାଟିଏ ଫିଙ୍ଗିଦେଲେ ପୃଥିବୀ ହୋଇଯିବ ମୁଠାଏ ପାଉଁଶ । ରାଷ୍ଟ୍ର ପୁଣି ପେଶାଦାର ବୈଜ୍ଞାନିକମାନଙ୍କୁ ହାତକରି ମରଣର ବିକଟ ତାଣ୍ଡବ ପାଇଁ ମଞ୍ଚ ରଚନାରେ ବ୍ୟସ୍ତ । ଦେଶ, ଜାତି, ଦଳ ଓ ସମ୍ପ୍ରଦାୟର ଦୁହାଇ ଦେଇ ବ୍ୟକ୍ତିକୁ କରାଯାଉଛି କ୍ଲୀବ ଓ ପୌରୁଷହୀନ । ଏକଛତ୍ରବାଦର କରାଳ ଛାୟାତଳେ ଯାହା କିଛି ସତ୍ୟ, ଶିବ ଓ ସୁନ୍ଦର ସବୁ ଯାଉଛି ଲୁଚି । ଆଧୁନିକ ସମାଜ-ଜୀବନ ଧର୍ମାଧର୍ମଶୂନ୍ୟ ହୋଇ କେବଳ ପଶୁବୃତ୍ତି ଦ୍ୱାରା ପରିଚାଳିତ । ଧର୍ମ, ନ୍ୟାୟ ଓ ମାନବିକତା ପ୍ରଭୃତି କଥାଗୁଡ଼ିକ ଆଜି (Pious sentiment)ରେ ପର୍ଯ୍ୟବସିତ । ଆଜିର ନୀତି ପୁଣି ହେଉଛି ('To lie is a sin but not a crime') (୧) ।

---

୧. କବି ବ୍ରଜନାଥ ରଥ ସାମ୍ପ୍ରତିକ ମାନବର ଯଥାର୍ଥ ସ୍ୱରୂପ ତାଙ୍କ 'ଡିସେମ୍ବର ପଚିଶ' କବିତାରେ ବିଶ୍ଳେଷଣ କରିଛନ୍ତି—

ଗୀର୍ଜାର ପ୍ରାର୍ଥନା ମିଛ ମିଥ୍ୟା ପୁଣି ଏଇ ଉପାସନା ।
ଲୁଣ୍ଠିତ ଆତ୍ମାର ପାଇଁ ଏଇ ଏକ ଜଘନ୍ୟ ବଞ୍ଚନା ॥

ବିଦେଶ କଥା ବ୍ୟତିରେକେ ଆମ ଦେଶ କଥା ଭାବିଲେ ମଧ୍ୟ ହତୋତ୍ସାହ ହେବାକୁ ପଡ଼େ । ସୀମାନ୍ତ ପ୍ରଦେଶ ସର୍ବଦା ଶତ୍ରୁ ବ୍ୟୂହରେ ଆତଙ୍କିତ, ପଞ୍ଜାବ ଓ ଆସାମର ସମସ୍ୟା ବର୍ତ୍ତମାନ ବହୁ ଜଟିଳ ପରିସ୍ଥିତି ସୃଷ୍ଟି କରିଛି ଏବଂ ରାଜ୍ୟର ସ୍ଥାନେ ସ୍ଥାନେ ଅନ୍ତଃବିପ୍ଳବ ଦେଖାଦେଇ ଦେଶର ସମୃଦ୍ଧି ପଥରେ ଘୋର ଅନ୍ତରାୟ ହୋଇଛି । ଯଥାର୍ଥରେ ଏହି ବିଂଶ ଶତାବ୍ଦୀ ହେଉଛି ଏକ ନୈରାଶ୍ୟ, ସଂଶୟ, ବିଷାଦ, ବ୍ୟାକୁଳତା ଓ ଅବିଶ୍ୱାସର ଶତାବ୍ଦୀ । ଏହାର ପୃଷ୍ଠଭୂମିରେ ରହିଛି ପାପ, ପୈଶାଚିକତା, ନିର୍ମମତା, ଯନ୍ତ୍ରଣା ଓ ଅପରାଧର ମନୋବୃତ୍ତି । ଆଶା, ଆଶ୍ୱାସନା ଓ ଆନ୍ତରିକତାର ଆଲୋକ ବିଶ୍ୱରେ ଯେପରି ଆଜି ନିର୍ବାପିତ । ସମାଜବାଦୀର ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ବ୍ୟାଧିର ଏ ସମସ୍ତ ଦୁର୍ଲକ୍ଷଣ ଆଜିର ମନୁଷ୍ୟକୁ ରୁଦ୍ଧଶ୍ୱାସ କରିଛି ଏବଂ ସମଗ୍ର ବାତାବରଣକୁ ବିଷାକ୍ତ କରି ତୋଳିଛି । ସେଥିପାଇଁ ଆଜିର କବି ଏ ସୃଷ୍ଟିର ଧ୍ୱଂସ କାମନା କରି ଏକ ନୂତନ ସୂର୍ଯ୍ୟୋଦୟର ପରିକଳ୍ପନା କରିଛି ।(୧) W.B. Yeats (୧୮୮୮-୧୯୬୫)ଙ୍କ 'A Vision', ଏବଂ 'The Second Coming' କବିତାରେ ଏହି ଅବକ୍ଷୟ ସମାଜର ହା ହତାଶମୟ ଚିତ୍ର ସ୍ପଷ୍ଟ ପ୍ରତିଫଳିତ । ସେ ଲେଖିଛନ୍ତି—

"Things fall apart; the centre can not hold; Mere anarchy is loosed upon the world, The blood dimmed, tide is loosed, and every where the ceremony of innocence is drowned." (The Second Coming)

Adlous Huxley 'The Brave New World' ଏବଂ George Orwellଙ୍କ ୧୯୮୪ ଉପନ୍ୟାସରେ ଏହି କ୍ଷୟିଷ୍ଣୁ ସମାଜର ଯନ୍ତ୍ରଣା ଜର୍ଜରିତ ଜୀବନର ପ୍ରତିବିମ୍ବ ଦେଖିବାକୁ ମିଳେ । ହିବ୍ରୁ କ୍ୟାଲେଣ୍ଡରରେ ୫୬୪୪ଅଙ୍କର ସଙ୍କେତ ହେଉଛି ଏହି ୧୯୮୪ଖ୍ରୀଷ୍ଟାବ୍ଦ ଯାହା 'ତସ୍ମଦ' ଅର୍ଥାତ୍ ବିନାଶକାଳ ରୂପେ ଚିତ୍ରିତ ।(୨) ମହାପୁରୁଷ ଯୀଶୁ ତାଙ୍କ The Holy Bibleରେ କେତେଗୁଡ଼ିଏ ଭବିଷ୍ୟତବାଣୀ ଉଲ୍ଲେଖ କରିଛନ୍ତି ଯାହାକୁ Apoalypse କୁହାଯାଏ । ସେଥିରେ ସେ କହିଛନ୍ତି—"For then shall be great tribulation such as was not since the beginning of the world to this time, no nor ever shall be......" ଅର୍ଥାତ୍ ସେତେବେଳେ ଏପରି ମହାକ୍ଲେଶ ଦେଖାଦେବ ଯେ ଆଜି ପର୍ଯ୍ୟନ୍ତ କେବେ ସେଭଳି

୧. କବି ଯଦୁନାଥ ଦାଶ ମହାପାତ୍ରଙ୍କ ଭାଷାରେ—
ଏ ସୃଷ୍ଟିର ଅବସାନ ଘଟୁ
ତା ପରେ ହୁଏତ ପୁଣି ନୂତନ ସୂର୍ଯ୍ୟୋଦୟ ହେବ,
ସେହି ଆମରି କାମ୍ୟ
ବର୍ତ୍ତମାନର ଗତାୟୁ ପୃଥିବୀ ହରାଇ ବସିଛି ତାର ଭାରସାମ୍ୟ । (ଗତାୟୁ ପୃଥିବୀ)

୨. "Telegraph" Sunday 25th Dec. 1983.

ଘଟିନାହିଁ କିମ୍ବା ପୁଣି ସେଭଳି ଘଟିବ ନାହିଁ । ଶିଖଧର୍ମର ପ୍ରବର୍ତ୍ତକ ଗୁରୁନାନକ ବିଂଶଶତାବ୍ଦୀ ବେଳକୁ ମୁସଲମାନ ଓ ଖ୍ରୀଷ୍ଟଧର୍ମର ବିଲୁପ୍ତି ଘଟିବ ବୋଲି ଭବିଷ୍ୟତବାଣୀ କରିଯାଇଛନ୍ତି ।(୧) ଶିଖ ଧର୍ମଗ୍ରନ୍ଥ 'ସୌସାଖୀ'ରେ ଖ୍ରୀ୧୯୯୮ ବେଳକୁ ଏକ ବିଶ୍ୱଯୁଦ୍ଧ ଦେଖାଦେଇ ଧ୍ୱଂସଲୀଳା ସଂଘଟିତ ହେବ ବୋଲି ବାଣୀ ପ୍ରକାଶ ପାଇଛି ।(୨) ମହମ୍ମଦୀୟ ଧର୍ମଗ୍ରନ୍ଥ 'ମକସୁମବୁଖାରି'ରେ ଅଛି, 'ଚୌଦହ ବିଂଶଦୀ ହିଜରୀକେ ଆଖୀର ସେ କୟାମତ ଆୟେଗୀ ଔର ହଜରତ ମହଦୀ ପ୍ରକଟ ହୋ ଜାୟେଗେଁ—ଅର୍ଥାତ୍, ମହମ୍ମଦଙ୍କର ଚଉଦଶଦ ଶତାବ୍ଦୀର ୨ୟଭାଗର ତୃତୀୟାଂଶ ବେଳକୁ ପ୍ରଳୟ ଦେଖାଦେବ । ଏହି ସମୟ ଗତ ୧୯୮୦ମସିହା ମାର୍ଗଶିର ମାସର ପ୍ରଥମ ଦିନରେ ଭୋଗ ହୋଇଯାଇଛି । ସୁତରାଂ ଏହାପରେ ନାନା ବିପର୍ଯ୍ୟୟ ଦେଖାଦେବ ଓ ଜଣେ ଦେବଦୂତଙ୍କର ଆବିର୍ଭାବ ହେବାର ସୂଚନା ମିଳୁଛି ।

ପଶ୍ଚିମବଙ୍ଗର ଜଗଦୀଶ୍ୱରାନନ୍ଦ 'Kalki Comes' ପୁସ୍ତକରେ ୧୯୮୫ ବେଳକୁ କଲ୍‌କି ପୁରୁଷର ଆବିର୍ଭାବ ହେବ ବୋଲି ଦର୍ଶାଇଛନ୍ତି । ନୋଏଲବେକର ୧୯୭୯ଖ୍ରୀଷ୍ଟାବ୍ଦରେ ଲଣ୍ଡନଠାରେ ଶାନ୍ତିସ୍ତୂପ ଉଦ୍‌ଘାଟନ କରି ବିଶ୍ୱର ଭବିଷ୍ୟତ ସଙ୍କଟ ସମ୍ପର୍କରେ ଇଙ୍ଗିତ ଦେଇଛନ୍ତି । ଡେଭିଡଏଲ ବେବର 'The Unfolding of the Ages' ପୁସ୍ତକରେ ବିଶ୍ୱ ପରିସ୍ଥିତି ସମ୍ବନ୍ଧରେ ଆଲୋଚନା କରି ଏକ ଦୁର୍ଦ୍ଦିନ ସମୟ ଆସୁଥିବା ବିଷୟ ଉଲ୍ଲେଖ କରିଛନ୍ତି ।

ମଦର ସିମ୍ପସନ (ଇଂଲଣ୍ଡର ୟର୍କସାୟାରରେ ୧୪୮୮ଖ୍ରୀ.ରେ ଜନ୍ମ) ୧୯୯୧ ମସିହାରେ ସମଗ୍ର ବିଶ୍ୱ ଧ୍ୱଂସର ସମ୍ମୁଖୀନ ହେବାକୁ ଯାଉଛି ବୋଲି ଭବିଷ୍ୟତବାଣୀ ପ୍ରକାଶ କରିଛନ୍ତି । ତାଙ୍କ ମତରେ—

The World then to an end will come
In Nineteen hundred and nintyone.

ଡକ୍ଟର ଏସ.ଜି. ବ୍ରାଉନ 'Human Ecology' ପୁସ୍ତକରେ ଆଗାମୀ ତିରିଶ ବର୍ଷ ମାନବ ଜାତି ପକ୍ଷରେ ଏକ ଦୁଃସମୟ ବୋଲି ଘୋଷଣା କରି ଏହି ସମୟରେ ଖାଦ୍ୟର ଉତ୍କଟ ଅଭାବ, ପ୍ରାକୃତିକ ଇନ୍ଧନର ହ୍ରାସ, ଆନ୍ତର୍ଜାତିକ କ୍ଷେତ୍ରରେ ରାଜନୈତିକ ଆଦର୍ଶବାଦର ସଂଘର୍ଷ, ଗୋପନୀୟ ମାରାତ୍ମକ କ୍ଷେପଣାସ୍ତ୍ରର ପ୍ରୟୋଗ, ଆଣବିକ ବିସ୍ଫୋରଣ ଏବଂ ଆତ୍ମସଂଯମର ଅଭାବ ଦେଖାଯିବ ବୋଲି ମତ ପ୍ରକାଶ କରିଛନ୍ତି । ୱାଶିଂଟନ ବିଶ୍ୱବିଦ୍ୟାଳୟର ପ୍ରଫେସର ପାଲ ଏହାରଲିକଙ୍କ ମତରେ ଖ୍ରୀ.୨୦୦୦ବେଳକୁ

---

୧. ଜବ ଆବେ ସମ୍ବତ୍ ବୀସା । ନ ମୁସଲିମ ରହେ ନ ଈଶା ॥

୨. ଚଢ୍ଦେବ ସାଲ ଅଠାନବେ, ପରତ ଜାନ ସବରଙ୍ଗ ।
କୋନେ କୋନେ ଧରତୀ ମେ, ଘନେ ହୋଁଗେ ଜଙ୍ଗ ॥ (୬୬ ଅଃ)

ପୃଥିବୀର ସମସ୍ତ ଖାଦ୍ୟ ଶେଷ ହୋଇଯିବାର ସମ୍ଭାବନା ରହିଛି । ଦାର୍ଶନିକ ଏଚ.ଜି. ଓ୍ୱେଲସ 'At the End of the Tether' ପୁସ୍ତକରେ କହିଛନ୍ତି, "The World is at the end of its rope the end of every thing we call life is close at hand", ଅର୍ଥାତ୍ ମାପିବା ଦୌଡ଼ିର ଶେଷ ସୀମାରେ ଜଗତ ପହଞ୍ଚିଲା ପରି ମନେହୁଏ ଏବଂ ଯାହାକୁ ଭୌତିକ ଜୀବନ କହ, ତାହା ଲୋପ ହେବା ସମୟ ନିକଟବର୍ତ୍ତୀ । 'ମରକୁସକୋରନଜୀଲ ହଜରତ ଈଶା' ଏବଂ ଆରବୀ ଭାଷାରେ ଲିଖିତ 'ମାଲବୁବକବଲୁଲ କିୟାମତ' ଗ୍ରନ୍ଥରେ ଶେଖଲୁ ଅକବର ମହୀଉଦ୍ଦିନ ଯୁଗ ପରିବର୍ତ୍ତନର ସଙ୍କେତ ପ୍ରଦାନ କରିଅଛନ୍ତି । ଇହୁଦୀ ଏବଂ ଜରାଥୁଷ୍ଟଙ୍କ ଧର୍ମରେ ମଧ୍ୟ ଏହିଭଳି ଭବିଷ୍ୟତବାଣୀ ପ୍ରକାଶ ପାଇଛି । ହଜରତ ମସିହ ଅଲୈହିସଲାମଙ୍କ ମତରେ ରୁଷିଆ ଆମେରିକା ଭିତରେ ବିଶ୍ୱଯୁଦ୍ଧ ଲାଗିଯିବାର ସମ୍ଭାବନା ରହିଛି ।(୧) ଫରାସୀ ଜ୍ୟୋତିର୍ବିଦ୍ ନୋଷ୍ଟେର୍ଡମ (Nosterdom) ମଧ୍ୟ ଏ ସମ୍ପର୍କରେ ଏକମତ । ଫରାସୀ ଭାଷାରେ ଲିଖିତ ଶାହ କିୟାମତ ଉଲ୍ଲାବଲୀ ସାହିବଙ୍କ ଭବିଷ୍ୟବାଣୀରୁ ଜଣାଯାଏ ଯେ, ତୃତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀ ଏବଂ ରୁଷିଆ ବିରୋଧରେ ଆମେରିକା ପ୍ରଧାନ ସ୍ଥାନ ଗ୍ରହଣ କରିବ । ହଲାଣ୍ଡର ଭବିଷ୍ୟବକ୍ତା ଗେରାର୍ଡ ଖ୍ରୀ.୨୦୦୦ବେଳକୁ ଭାରତରେ ଜଣେ ଦେବପୁରୁଷ ଜନ୍ମଲାଭ କରି ଶାନ୍ତି ଓ ସତ୍ୟର ବାର୍ତ୍ତା ପ୍ରଚାର କରିବା କଥା ସ୍ୱୀକାର କରିଅଛନ୍ତି । ଯୋଗୀ ଅରବିନ୍ଦଙ୍କ ମତାନୁଯାୟୀ ଭାରତବର୍ଷରେ ଜଣେ ଧର୍ମାତ୍ମାଙ୍କର ଆବିର୍ଭାବ ହେବ ଏବଂ ଏଭଳି ଏକ ସମୟ ଆସିବ ଯେଉଁ ସମୟରେ ଅତି ମାନସର ଅବତରଣ ଘଟିବ । ଥିଓସଫିକାଲ ସୋସାଇଟିର ଜଣେ ବିଶିଷ୍ଟ ଯୁଗନେତ୍ରୀ ମାଡ଼ାମ ବ୍ଲାଭାସ୍କି ଯୁଗ ପରିବର୍ତ୍ତନ ଖୁବ୍ ନିକଟରେ ହେବ ବୋଲି ବିଶ୍ୱାସ କରନ୍ତି । ତାଙ୍କ ମତରେ, "We have not long to wait and many of us will witness the new dawn of cycle" ।(୨) ଆମେରିକାର ଆୟୋବା ଏଣ୍ଡରସନ ଓ ଜୀନ ଡିକ୍ସନ, ମିଶରର ଜର୍ଜ ବାବେରୀ ଏବଂ ହଙ୍ଗେରୀର ଶ୍ରୀମତୀ ବୋରେସକା ଭାରତରେ ଜନ୍ମ ନେବାକୁ ଯାଉଥିବା ମହାପୁରୁଷଙ୍କ ସମ୍ପର୍କରେ ପ୍ରାୟ ଏକମତ ।

ଆଚାର୍ଯ୍ୟ ରଜନୀଶ ଆମେରିକାର ଅରିଗନଠାରେ ଏକ ଆଶ୍ରମ ନିର୍ମାଣ କରି ନିଜ ନାମାନୁସାରେ ତାର ନାମ ଦେଇଛନ୍ତି 'ରଜନୀଶପୁରମ୍' । ସେ ମତ ଦିଅନ୍ତି ଯେ, "Nuclear holocast wil be started in a muslim country" ।(୩) ରୁଷିଆର ବୈଜ୍ଞାନିକ ଏ. ଚିଜୋଭାସ୍କି କହିଛନ୍ତି ଯେ, ବର୍ତ୍ତମାନଠାରୁ ସୂର୍ଯ୍ୟଙ୍କର ପ୍ରଖର କିରଣ ହେବା ଫଳରେ ନାନାବିଧ ବିପ୍ଳାତ ଓ ଅନିଷ୍ଟ ଦେଖାଦେବ । ଏତାଦୃଶ

୧. ଦୈନିକ ସମାଜ, ତା. ୧୭-୧୦-୮୦

୨. Secret Doctrine, Vol. 1. p-65

୩. Sunday March. 1983

ପରିସ୍ଥିତିରେ ଅତୀତରେ ମାକ୍ସିମାଠାରେ ବଡ଼ ବଡ଼ ଯୁଦ୍ଧ ସଂଘଟିତ ହାରଥିଲା । ସୁତରାଂ ନିକଟ ଭବିଷ୍ୟତରେ ଏକ ସଂଘର୍ଷ ଲାଗିଯାଇପାରେ ବୋଲି ସେ ଆଶଙ୍କା କରିଛନ୍ତି । ସ୍ୱାମୀ ବିବେକାନନ୍ଦ ତାଙ୍କ ଦେହାନ୍ତ ବାର୍ତ୍ତାରେ କଳିଯୁଗ ଶେଷ ହେବାକୁ ଯାଉଥିବା ପ୍ରସଙ୍ଗ ସୂଚାଉଛନ୍ତି । ପ୍ରଜାପିତା ବ୍ରହ୍ମକୁମାରୀ ସଂସ୍ଥା କଳିଯୁଗୀୟ ୫୦୦୦ବର୍ଷ ଶେଷ ହୋଇ କ୍ରମଶଃ ସତ୍ୟଯୁଗ ପ୍ରକାଶ ପାଉଥିବା ବିଷୟ ସ୍ୱୀକାର କରିଅଛନ୍ତି ।(୧) ମହାରାଷ୍ଟ୍ରର ଜ୍ୟୋତିର୍ବିଦ୍ ଏବଂ ଭବିଷ୍ୟତବାଣୀ ପୁସ୍ତକର ଲେଖକଦ୍ୱୟ ଶ୍ରୀମତୀ ଇନ୍ଦୁମତୀ ପଣ୍ଡିତ ଓ ଜ୍ୟୋତିଷ ମହର୍ଷି ଅଜନ୍ତା ଜୈନ ୧୯୪୩ମସିହା ଅଗଷ୍ଟ ପହିଲା ଦିନ ସତ୍ୟଯୁଗର ଏକଶତ ବର୍ଷୀୟ ସନ୍ଧ୍ୟାକାଳ ଆରମ୍ଭ ହେବା ବିଷୟ ସେମାନଙ୍କ ଗ୍ରନ୍ଥରେ ଲିପିବଦ୍ଧ କରିଯାଇଛନ୍ତି । H. P. Blavasky ତାଙ୍କ Secret Doctrineରେ ମଧ୍ୟ ଏହି ମତ ପୋଷଣ କରିଛନ୍ତି ।(୨)

ମଥୁରାରୁ ପ୍ରକାଶିତ 'ଯୁଗଶକ୍ତି' ପତ୍ରିକାରେ ସୌରସ୍ଫୋଟ ଓ ପୃଥିବୀ ଉପରେ ତାର ପ୍ରତିକ୍ରିୟା ଶୀର୍ଷକ ପ୍ରବନ୍ଧରେ ୧୯୮୩ମସିହା ବେଳକୁ ସୂର୍ଯ୍ୟର କଳଙ୍କ ବୃଦ୍ଧି ପାଇବା ଏବଂ ଏହା ଫଳରେ ଭୟାବହ ଘଟଣାମାନ ସଂଘଟିତ ହେବାର ସୂଚନା ପ୍ରଦତ୍ତ ହୋଇଅଛି ।(୩) ଜ୍ୟୋତିର୍ବିଦ୍ ବରାହମିହିରଙ୍କ ମତରେ ସୂର୍ଯ୍ୟରେ କଳଙ୍କ ବୃଦ୍ଧି ହେଲେ ମହାମାରୀ ଓ ଦୁର୍ଭିକ୍ଷ ପ୍ରଭୃତି ଦେଖାଦେଇଥାଏ । ଫରାସୀ ବୈଜ୍ଞାନିକ ଆବିଥିଓଡ଼ର ମୋରେକ୍ସ କହନ୍ତି ଯେ, ସୂର୍ଯ୍ୟରେ କଳଙ୍କ ଘନୀଭୂତ ହେଲେ ଏହା ପୃଥିବୀ ଉପରେ ଦୁର୍ବିପାକର ଘନଘଟା ଆଣେ ଏବଂ ଏହାଦ୍ୱାରା ପୃଥିବୀରେ ଥିବା ଚୁମ୍ବକର ବ୍ୟତିକ୍ରମ ଘଟୁଥିବାରୁ ମସ୍ତିଷ୍କ ଉପରେ ଏହାର ପ୍ରଭାବ ପଡ଼େ । ଇଟାଲିର ପାଦ୍ରାପିୟୋ, ଜର୍ମାନୀର ହରକୌସ, ଫ୍ରାନ୍ସର ଡକ୍ଟର କୁଲବର୍ଣ୍ଣ ଓ ନାସ୍ତ୍ରେଦାମ, ସ୍କଟଲାଣ୍ଡର କିରୋ ଏବଂ କାନାଡ଼ାର ଭବିଷ୍ୟତ ବକ୍ତାଗଣ ଖ୍ରୀ.୨୦୦୦ମଧ୍ୟରେ ଯୁଗ ପରିବର୍ତ୍ତନ ହେବାର ସଙ୍କେତ ଦେଇଛନ୍ତି । ଏହି ସମୟ ଭିତରେ ବିଶ୍ୱଯୁଦ୍ଧ ସଂଘଟିତ ହୋଇ ବହୁ ଲୋକ କ୍ଷୟ ହେବା, ସମଗ୍ର ପୃଥିବୀ ଏକ ଶାସନାଧୀନ ହେବା ଏବଂ ଭାରତରେ ଜନ୍ମଲାଭ କରିଥିବା ଜଣେ ମହାନ୍ ପୁରୁଷ ବିଶ୍ୱବାସୀଙ୍କୁ ପଥ ପ୍ରଦର୍ଶନ କରିବା ଓ ସନାତନ ଧର୍ମ ପ୍ରତିଷ୍ଠା କରିବା ପ୍ରଭୃତି ସଂକ୍ରାନ୍ତରେ ମତ ପ୍ରକାଶ ପାଇଛି ।(୪)

---

୧. All these events took place 5000 years ago and will repeat identically every 500 years. The world Renewal Nov. 83, Vo. No-5. Chief Editor—B. K. Jagdis Chandra.

୨. Vol. II, p-93

୩. Published from U.P. Feb. 1981.

୪. ଦୈନିକ ପ୍ରଜାତନ୍ତ୍ର, ୧୭-୩-୮୪

ଏସବୁ ବିଚାରକୁ ନେବାପରେ ଯାହା ମନେହୁଏ ସେଥିରୁ ଉପଲବ୍ଧି ହୁଏ ଯେ, ୧୯୮୫ଖ୍ରୀ.ଠାରୁ ୨୦୦୦ଖ୍ରୀ. ମଧ୍ୟରେ ଏକ ବିରାଟ ବିପ୍ଳବ ସଂଘଟିତ ହୋଇ ସତ୍ୟ ଶାନ୍ତିର ପ୍ରତିଷ୍ଠା ହେବ । କାହାରି କାହାରି ମତରେ ୟୁରେନ୍‌ସ ଅର୍ଥାତ୍ ଇନ୍ଦ୍ରଗ୍ରହ ୧୯୮୬ ମସିହା ପର୍ଯ୍ୟନ୍ତ ବିଛା ରାଶିରେ ଅବସ୍ଥାନ କରୁଥିବାରୁ ଏତିକିବେଳେ ଭୀଷଣ ଯୁଦ୍ଧ ଲାଗିବାର ସମ୍ଭାବନା ରହିଛି । ପାଶ୍ଚାତ୍ୟ ଜ୍ୟୋତିର୍ବିଦ କୀରୋ ୧୯୮୦ରୁ ୨୦୦୦ଖ୍ରୀ. ମଧ୍ୟରେ ପ୍ରଳୟଙ୍କରୀ ଘଟଣା ଘଟିବାର ଆଶଙ୍କା ପୋଷଣ କରିଛନ୍ତି । ଦିଲ୍ଲୀର ସ୍ୱର୍ଗୀୟ 'ମୌଲାନସାହା ରଫିଉଦ୍ଦିନ' ଯୁଗାନ୍ତ ସମୟ ଉପସ୍ଥିତ ହୋଇଥିବା କଥା ବିଶ୍ୱାସ କରନ୍ତି । ମହାପୁରୁଷ ହାଜୀ ମହବୁବ କାଶୀମ ବାରବେଲ ଓ କୋରାନର ଉକ୍ତି ଉଦ୍ଧାର କରି ଲେଖିଛନ୍ତି ଯେ, ପୃଥିବୀରେ ତିନୋଟି ସ୍ତରରେ ବିପର୍ଯ୍ୟୟ ସଂଘଟିତ ହେବ ଏବଂ ଏଥିମଧ୍ୟରୁ ପ୍ରଥମଟି ୧୯୮୦ରୁ ୧୯୮୯, ଦ୍ୱିତୀୟଟି ୧୯୮୯ରୁ ୧୯୯୬ ଏବଂ ତୃତୀୟଟି ୧୯୯୬ରୁ ୨୦୦୦ଖ୍ରୀ. ମଧ୍ୟରେ ଘଟିବ ।(୧) ତାଙ୍କ ମତରେ ପ୍ରଥମ ୯ବର୍ଷ ଭିତରେ ଜଣେ ଦେବପୁରୁଷଙ୍କର ଆବିର୍ଭାବ, ତା'ପରେ ସାତବର୍ଷ ଭିତରେ ନାନା ନିର୍ଯ୍ୟାତନା ଏବଂ ଅବଶିଷ୍ଟ ପାଞ୍ଚବର୍ଷ ଭିତରେ ଧର୍ମ ଓ ଶାନ୍ତି ପ୍ରଚାରିତ ହୋଇ ବିଶ୍ୱରେ ବହୁ ପରିବର୍ତ୍ତନ ଦେଖାଦେବ ।

ଇତିହାସ ଅନୁସାରେ ଗୋଟିଏ ଯୁଗ ବା ଶତାବ୍ଦୀର ଶେଷବେଳକୁ ପୃଥିବୀରେ ମହାଯୁଦ୍ଧ ଓ ରାଜନୈତିକ ପରିବର୍ତ୍ତନମାନ ଦେଖାଦେଇଥାଏ(୨) । ଏହି ଦୃଷ୍ଟିରୁ ଚିନ୍ତାକଲେ ଊନବିଂଶ ଶତାବ୍ଦୀ ପରେ ବିଂଶ ଶତାବ୍ଦୀର ଆଗମନ ହିଁ ଯୁଗ ପରିବର୍ତ୍ତନର ସଙ୍କେତ ବହନ କରିବା ସ୍ୱାଭାବିକ । ତିବ୍ବତର ଲୋବସାଙ୍ଗ ରାମ୍ପାଙ୍କ ଅଭିମତ ଏ ସମ୍ପର୍କରେ ପ୍ରଣିଧାନଯୋଗ୍ୟ । ସେ କହିଛନ୍ତି—"So beginning with the year 2000, the world shall have pleasures and a Golden age shall dawn." (୩) ଆଗ୍ରାର ଭାଟକବି ଅନ୍ଧ ସୁର ଦାସ ଯୁଗ ପରିବର୍ତ୍ତନର ସଙ୍କେତ ଦେବାକୁ ଯାଇ ଲେଖିଛନ୍ତି—

---

୧. Destruction or Peace, p-779.

୨. It is common place of history that great wars, conquests or political changes put an end to one age and usher in a new age or make the transition from one to the other, and so the Mahammedans and the British introduced New ages into India—F.E. Pergiter—Ancient Historical Traditions 1922.

୩. LOBSANG RAMPA—CHAPTERS OF LIFE, P-26 (Corgi Books)

ସମ୍ଭତ୍ ଦୋ ହଜାରକେ ଉପର ଏସା ଯୋଗ ପରେ ।
ପୂରବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଚହୁ ଦିଶି କାଲଫିରେ ॥
ଅକାଲ ମୃତ୍ୟୁ ଜଗମାହିଁ ବ୍ୟାପେ ପ୍ରଜା ବହୁତ ମରେ ।
ଦୁଷ୍ଟ ଦୁଷ୍ଟକୋ ଐସାକାଟେ ଜୈସେ କାଠ ଜରେ ॥
ସହସ୍ର ବର୍ଷ ଆଗେ ସତଯୁଗ ବିତେ ଧର୍ମକୀ ବେଲବଢ଼େ ।
ସ୍ୱର୍ଣ୍ଣଫୁଲବନ ପୃଥ୍ୱୀପର ଫୁଲେ ସୁଖକୀ ଦଶା ଫିରେ ॥
ସୁରଦାସ ଯହ ହରିକୀ ଲୀଲା ଟାରେ ନହୀ ଟରେ ॥

ସୁତରାଂ ସୁରଦାସଙ୍କ ବର୍ଣ୍ଣନାନୁଯାୟୀ ୨୦୦୦ ସମ୍ଭତ୍ ବେଳକୁ (୧) ପୃଥିବୀରେ ପ୍ରବଳ ସଂଘର୍ଷ ଓ ଅକାଳ ମୃତ୍ୟୁ ଦେଖାଦେଇ ତାହାପରେ ୧୦୦୦ ବର୍ଷ ପର୍ଯ୍ୟନ୍ତ ସତ୍ୟଯୁଗର ଆବିର୍ଭାବ ହେବ ଏବଂ ଶାନ୍ତି ପ୍ରତିଷ୍ଠା ହେବ । କବିଙ୍କ ମତରେ ଭଗବାନଙ୍କର ଏହି ପ୍ରକାଶୋନ୍ମୁଖୀ ଲୀଳାକୁ କେହି ଟାଳିପାରିବେ ନାହିଁ କି ଟଳାଇପାରିବେ ନାହିଁ ।

ଓଡ଼ିଶାର ସନ୍ଥସାଧକଗଣ ଏହିଭଳି ଦୃଢ଼ତାର ସହିତ କଳିଯୁଗର ପରିସମାପ୍ତି ଓ ସତ୍ୟଯୁଗର ଆଗମନ ସମ୍ବନ୍ଧରେ ଘୋଷଣା କରିଯାଇଛନ୍ତି । ଦିବ୍ୟଦ୍ରଷ୍ଟା ଅଚ୍ୟୁତାନନ୍ଦ, ହାଡ଼ିଦାସ ଓ ଆର୍ତ୍ତଦାସ ପ୍ରଭୃତିଙ୍କ ଉକ୍ତି ଏ ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ ।

## ଅଚ୍ୟୁତାନନ୍ଦ

ସୀତାଠାକୁରାଣୀ ଅସତୀ ହୋଇବେ ପର୍ବତେ ଫୁଟିବ କଇଁ ।
ଅଚ୍ୟୁତ ବଚନ ତିଳେ ନ ଟଳିବ ପାଷାଣର ଗାର ଏହି ॥
(ନିର୍ଘଣ୍ଟ, ୨ୟ ଅଃ)

ପୁଣି, ପର୍ବତ ଶିଖରେ ଫୁଟିବ କଇଁ । ଅଚ୍ୟୁତ ବଚନ ମିଥ୍ୟା ନୁହଇ ॥
ପୂର୍ବଭାନୁ ଅବା ପଶ୍ଚିମେ ଯିବ । ଅଚ୍ୟୁତ ବଚନ ଆନ ନୋହିବ ॥
(ଶରଣପଞ୍ଜର ସ୍ତୋତ୍ର)

## ହାଡ଼ିଦାସ

ଟଳିବ ନାହିଁ ଯେ ଏକଥା ନିଶ୍ଚେ ହୋଇବ ଦିନେ ।
ଚାହିଁ ରହିଛନ୍ତି ଭରସା କରି ଭକତମାନେ ॥
ଠାବ କରିଅଛି ଅମରାବତୀ ପୂର୍ବକୋଣର ।
ଠିକପଦ ବାଛି କହିଲେ ହାଡ଼ିଦାସ କମାର ॥ (କଳି ଚଉତିଶା)

୧. ସମ୍ଭତ୍—Especially year of the Vikramaditya era commencing 56 years before Christian era.
Apte—Sanskrit-English Dictionary, Poona.

## ଆର୍ଶିବାଦ

ଠିକ ବଚନ ଏ ସତ୍ୟ, ଠକ ନ ମଣ ପଣ୍ଡିତ
ଠିକରେ ଆରତ କହିଗଲେ ସତ୍ୟ
ଯେ ଥିବ ଦେଖିବ ରହି, ମୋ ଭଜ ଅଲେଖ ବାଇ ॥ (ମାଳିକା)

ସତ୍ୟଯୁଗର ପ୍ରକାଶ ବେଳକୁ ଜନସଂଖ୍ୟା ହ୍ରାସ ପାଇବ(୧), ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀମାନଙ୍କର ସଂଖ୍ୟା ଊଣା ହେବ(୨), ଠିକ୍ ସମୟରେ ମେଘ ବର୍ଷା କରିବ ଓ ପୃଥିବୀ ଶସ୍ୟଶ୍ୟାମଳା ହେବ(୩), ରତ୍ନ ପ୍ରତି ଲୋକମାନଙ୍କର ଲୋଭ ରହିବ ନାହିଁ ଓ ସମସ୍ତେ ସତ୍ୟଭାଷୀ ହେବେ(୪) ଏବଂ ଅନନ୍ତକେଶରୀଙ୍କ ରାଜତ୍ୱରେ ଆନନ୍ଦରେ କାଳାତିପାତ କରିବେ(୫) ।

---

୧. କୋଟିକରେ ଏକଗୋଟି ରହିବେ ହେ ଜନ ।
ତଦନ୍ତରେ ସତ୍ୟଯୁଗ ବୋଲାଇବ ନାମ ॥
(ଭବିଷ୍ୟ ପୁରାଣ : ଗଙ୍ଗାଧର ପାଣି, ୧୪ ଅଃ)

ଗ୍ରାମକେ ବୁଇଟିନି ଯେ ବିହନ। ଦୁଷ୍ଟ ମ୍ଲେଚ୍ଛ ଆଦି ହେବେ ନିଧନ ॥
(ଶିଶୁଅନନ୍ତ ମାଳିକା, ୪ର୍ଥ ଛାନ୍ଦ)

୨. କଳି ଶେଷବେଳେ ପୁରୁଷ ସଂଖ୍ୟା ହେବ ବିଶେଷ ।
ନାରୀ ହୀନ ହେବେ ନିଜର ଜାତି କରିବେ ଧ୍ୱଂସ ॥
(କଳି ବୟାଳିଶ, ଉତ୍ତରଖଣ୍ଡ, ଅଚ୍ୟୁତାନନ୍ଦ)

୩. ବାସେବ ଯେ ଆଜ୍ଞାକାରୀ ହୋଇବ । ପ୍ରଜା କୃଷି ଜାଣି ଜଳ ବର୍ଷିବ ॥
(ଶିଶୁଅନନ୍ତ ମାଳିକା, ୪ର୍ଥ ଛାନ୍ଦ)

୪. ଅଷ୍ଟରତ୍ନମାନ ପଥେ ପଡ଼ିଥିବ କେହି ନ ଛୁଇଁବେ ତାକୁ ।
ମିଥ୍ୟା ବୋଲିକରି କେବଣ ପଦାର୍ଥ ପଚାରିବେ ଆକୁ ତାକୁ ॥
(ଭକ୍ତି ପ୍ରଦାୟନ, ଭଣିତା, ଶିଶୁ ଅନନ୍ତ)

ଗ୍ରାମକରେ ଦୁଇ ଚାରିଜଣ ଥିବେ ପବନ ଆହାର କରି ।
ନ ମିଳିବ ଅନ୍ନ ନ ମିଳିବ ପାଣି ମୁଖେ ବୋଲୁଥିବେ ହରି ॥
(ନୀଳସୁନ୍ଦର ଗୀତା : ଶିଖର ଦାସ, ୨ୟ ଅଃ)

୫. ଟାଣ ହୋଇ ପୃଥିବୀରେ କଣେ କେ ନ ଥିବେ ।
ଟେକୋଇବୁ ଛତ୍ର ଯେ ଅନନ୍ତ ନାମେ ଦେବୋ॥
(ଗରୁଡ଼ ଚଉତିଶା : ଶିଶୁଅନନ୍ତ)

ବ୍ରହ୍ମ ଜନ୍ମ ନାମ ଅନନ୍ତ କିଶୋରୀ ନୃପତି ହୋଇବ ଜାଣ ।
ରାଜଗାଦିକି ସେ ଆବୋରି ବସିବ ସୁଖ ହେବ ସେହିଦିନ ॥
(ଭକ୍ତିଚନ୍ଦ୍ରିକା : ଜଗନ୍ନାଥ ଦାସ, ୫ମ ଅଃ)

ମାଳିକା ଭିତର ଦେଇ ସନ୍ଥ-ସାଧକବୃନ୍ଦ ଯାହା ପ୍ରକାଶ କରିଯାଇଛନ୍ତି ତାହା ସର୍ବକାଳୀନ ଓ ସାର୍ବଜନୀନ(୧) । ସେହିସବୁ ଶାଶ୍ୱତବାଣୀର ମୂଲ୍ୟାୟନ ନ କରି ଉପହାସପୂର୍ଣ୍ଣ ଦୃଷ୍ଟିରେ ଯେଉଁମାନେ ତାହା ବିଚାର କରିଥାନ୍ତି, ସେମାନଙ୍କୁ କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ଭାଷାରେ, 'ନାରୀକେଳ ସେ ରସସାର, ତା' ସ୍ୱାଦୁ ନଜାଣେ ବାନର' ବୋଲି କହିବା ଯଥାର୍ଥ ହେବ । ଆଜିକାଲି ବଜାରରେ ଯେଉଁ ଶସ୍ତା ମାଳିକା ମିଳୁଛି ଏବଂ କେତେକ ପ୍ରେସ୍‌ର ସ୍ୱତ୍ୱାଧିକାରୀ ସମାଲୋଚନାର ଧାର ଧରି ନ ଥିବା ନାମମାତ୍ର ଶିକ୍ଷିତ ବ୍ୟକ୍ତିଙ୍କ ରଚନାକୁ ନେଇ ଯେଉଁପରି ଅଜସ୍ର ମାଳିକା ଛାପି ଚାଲିଛନ୍ତି ତାହା ପାଠକମାନଙ୍କୁ ଦିଗଭ୍ରଷ୍ଟ କରିବା ଛଡ଼ା ଅନ୍ୟ କୌଣସି ମହତ୍ ଲକ୍ଷ୍ୟସାଧନରେ ବ୍ରତୀ କରାଉ ନାହିଁ । ସାହିତ୍ୟାଲୋଚନାର ପ୍ରକୃତ ମାନଦଣ୍ଡ ଶାସ୍ତ୍ର ପୁରାଣର ଭିତ୍ତିଭୂମିକୁ ଆଧାରିତ କରି ନିରୂପିତ ହେବା ଆବଶ୍ୟକ । ଏହି ଦୃଷ୍ଟିରୁ ବିବେଚନା କଲେ ମାଳିକା ପ୍ରସଙ୍ଗରେ ପୃଥିବୀର ବିଭିନ୍ନ ଦାର୍ଶନିକ, ବୈଜ୍ଞାନିକ, ଜ୍ୟୋତିର୍ବିଦ, ଧର୍ମବେତ୍ତା ଓ ପ୍ରଫେଟ (ଭବିଷ୍ୟଦ୍ରଷ୍ଟା)ମାନଙ୍କ ଚିନ୍ତାଧାରାର କି ପ୍ରତିଫଳନ ଘଟିଛି ତାହା ସର୍ବାଦୌ ବିଚାର କରିବା ଆବଶ୍ୟକ । ଏହି ନ୍ୟାୟରେ ପୃଥିବୀର ମନୀଷୀଗଣ ଯୁଗ ପରିବର୍ତ୍ତନ ସମ୍ପର୍କରେ ଯେଉଁ ମତ ସବୁ ଉଲ୍ଲେଖ କରିଯାଇଛନ୍ତି ତାହା ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରବିନ୍ଦୁ ଠାରୁ ଅନ୍ୟତ୍ର ଅପସରି ଯାଇ ନାହିଁ । ଦେଶେ ଦେଶେ ମରଣର ଯେଉଁ ରଣଦୁନ୍ଦୁଭି ବାଜିଉଠୁଛି, ବିରାଟ ସଂସ୍କୃତିର ଧ୍ୱଂସସ୍ତୂପ ଉପରେ ଯେଉଁ ଅପସଂସ୍କୃତି ଗଢ଼ିଉଠିଛି, ସର୍ବଗ୍ରାସୀ ତୃଷ୍ଣାର କରାଳ ଆବର୍ତ୍ତରେ ମୁହ୍ୟମାନ ମାନବ ଯେଭଳି ଦାନବରେ ପରିଣତ ହେଉଛି, ଶ୍ରଦ୍ଧା, ସ୍ନେହ ଓ ସଦିଚ୍ଛା ପରିବର୍ତ୍ତେ ସମାଜର ପ୍ରତି ସ୍ତରରେ ଅଧୁନା ଯେଭଳି କପଟତା, ଦ୍ୱେଷ

ଅନନ୍ତ କିଶୋରୀ ଆସିବେ ବାହି । ବାଳମୂରତି ହୋଇଥିବେ ସେହି ॥
ହାତୀ ଚଢ଼ିଣ ଦେଶ ବୁଲିଯିବେ । ଶ୍ରୀକ୍ଷେତ୍ରେ ଆସିଣ ନୃପତି ହେବେ ॥
(ତତ୍ତ୍ୱବୋଧିନୀ ୩ୟ ଖଣ୍ଡ. ୧ମ ଅଃ, ଅଚ୍ୟୁତାନନ୍ଦ)

ଏଠାରେ ଏହା ସୂଚାଇ ଦିଆଯାଇପାରେ ଯେ ଶିଶୁଅନନ୍ତଙ୍କ ଶିଷ୍ୟ ସିଦ୍ଧ ବାରଙ୍ଗ ଦାସ ଏହି ଅନନ୍ତ କେଶରୀଙ୍କ ସମ୍ପର୍କରେ ତାଙ୍କ 'ଭବିଷ୍ୟତବାଣୀ'ରେ ନିମ୍ନୋକ୍ତ ବିବରଣୀ ଉଲ୍ଲେଖ କରିଅଛନ୍ତି—

ଶୁକଳ ପକ୍ଷ ବଇଶାଖ ମାସ । ତୃତୀୟା ତିଥି ମେ ରୋହିଣୀ ବୃଷ ॥
ବାର ବୃହସ୍ପତି ସେ ବିଦ୍ୟମାନ । ଗୋପ୍ୟ ନୃପତି ଉଦୟ ସେ ଦିନ ॥
ନାମ ତା' କେଶରୀ । ଲୁଚି ରହିଥିବ ଧବଳ ଗିରି ॥

୧. ପ୍ରକାଶ ଥାଉକି, ବର୍ତ୍ତମାନ ଦେଖାଦେଉଥିବା ଆମାଶୟ ବ୍ୟାଧିର ଭୟାବହତା ସମ୍ପର୍କରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ବାଣୀ ସ୍ମରଣୀୟ—

ବ୍ୟାଧି ହୋଇଣ ପିଶାଚୀ ଆସିବେ । ପ୍ରାଣୀମାନଙ୍କୁ ଗୁପତେ ଦଂଶିବେ ॥
ନାଳଶୂଳା ସଙ୍ଗେ ଉକଟ ବ୍ୟାଧି । ଘରକୁ ଘର ପକାଇବ ଶୋଧି ॥
(ତତ୍ତ୍ୱବୋଧିନୀ ଟୀକା, ୩ୟ ଅଃ)

ଓ ସ୍ୱାର୍ଥପରତା ବ୍ୟାପୁଛି ଏବଂ ଏକ ଉଲଂଘ ଜାନ୍ତବ ସଭ୍ୟତାର କବଳରେ ନିପତିତ ହୋଇ ମନୁଷ୍ୟ ଯେଉଁପରି କାମୁକ ପାଲଟୁଛି ତାହାର ସଂହାର ନ ଘଟିଲେ ଏ ଜାତିର ପରିତ୍ରାଣ ଆଶା କରିବା ସମ୍ପୂର୍ଣ୍ଣ ନିରର୍ଥକ । ସଭ୍ୟସମାଜର ମଣିଷ ଆଜି ଉଚ୍ଛୃଙ୍ଖଳ, ଲଗାମଛଡ଼ା ଓ ହିତାହିତଶୂନ୍ୟ । ଏତାଦୃଶ ଦୁର୍ଦ୍ଦିନ ପରିସ୍ଥିତିରେ ବିଶ୍ୱକର୍ତ୍ତା ପରମେଶ୍ୱର ହିଁ ତାହାର ଏକମାତ୍ର ପଥପ୍ରଦର୍ଶକ । ସତ୍ୟ, ଶାନ୍ତି, ଦୟା ଓ କ୍ଷମା ଉପରେ ନିଜକୁ ପ୍ରତିଷ୍ଠିତ କରି ଈଶ୍ୱରଙ୍କ ନିକଟରେ ସର୍ବତୋଭାବେ ସମର୍ପଣ କରିଦେବାକୁ ମାଳିକାକାରଗଣ ଉପଦେଶ ବାକ୍ୟ ଶୁଣାଇ ଯାଇଛନ୍ତି । (୧) ଆଜି ଯେପରି ମନେହୁଏ, ବିଶ୍ୱର କୋଟି କୋଟି ଜନତା ଉନ୍ମୁଖ ହୋଇ ସେହି ସତ୍ୟ, ଶିବ ଓ ସୁନ୍ଦରର ଚିର ଉପାସକ କଳ୍କି ଅବତାରକୁ ଅପେକ୍ଷା କରି ରହିଛନ୍ତି । ପାପର ମୂଳୋତ୍ପାଟନ ଓ ଧର୍ମର ସଂସ୍ଥାପନ ଉଦ୍ଦେଶ୍ୟରେ ସେହି ସର୍ବଦ୍ରଷ୍ଟା, ସର୍ବନିୟନ୍ତା ଓ ସର୍ବବ୍ୟାପୀ ପରମେଶ୍ୱରଙ୍କର କଲ୍ୟାଣ ଯଥାର୍ଥରେ ଫଳପ୍ରସୂ ହେଉ ।

ପ୍ରସଙ୍ଗର ଯଥାଯଥ ମୂଲ୍ୟ ନ ବୁଝି ଯଦି କେହି ବେପରୁଆ ଭାବେ ବ୍ୟଙ୍ଗ ଓ ବିଦ୍ରୂପ କରନ୍ତି ତେବେ ସନ୍ଥ କବୀରଙ୍କ ଭାଷାରେ ତାଙ୍କୁ ଏତିକି କହିଲେ ଯଥେଷ୍ଟ ହେବ ।

ଜୋ ତୋହେ ଶୂଲ ବୋଓ୍ୱ ତାହି ତୁ ବୋଓ୍ୱେ ଫୁଲ ।
ତୋହି ଫୁଲ ଫୁଲହୀ ହୈ ଓ୍ୱାକେ ହୈ ତ୍ରିଶୂଲ ॥

ଅର୍ଥାତ୍ ତୋ ବାଟରେ ଯେ କଣ୍ଟା ପକାଇଛି, ତୁ ତା ବାଟରେ ଫୁଲ ପକା । ତୋ ଫୁଲ ତୋ ପାଇଁ ସେହିଭଳି ଫୁଲ ହୋଇ ରହିବ, କିନ୍ତୁ ତାର କଣ୍ଟା ତାକୁ ଶୂଳ ପରି ବିନ୍ଧ କରିବ ।

ବିନୀତ
ରତ୍ନାକର ନାହୁ

---

୧. ସତ୍ୟ ଶାନ୍ତି ଦୟା କ୍ଷମା
ସେ ପାଦରୁ ଝରି ଆସୁଛି ସିନା, ରେ ରାମଚନ୍ଦ୍ର
ଶରଣରେ ପାଇବୁ ତୁ ସିନା ॥ (ଅଚ୍ୟୁତାନନ୍ଦଙ୍କ ଚଉତିଶା)

## ବଳରାମ ଦାସଙ୍କ

# କଳି ଆଗତ ଭବିଷ୍ୟାନ୍ତ

## ଚତୁର୍ଥ ଅଧ୍ୟାୟ

ଯେମନ୍ତ ବାଲିଆ ଶୁଣିଣ । ବୋଇଲନ୍ତି ପ୍ରଭୁ ଭଗବାନ ॥
ପୁଣି ହୋ କେମନ୍ତେ ହୋଇବ । ଫେଡ଼ିଣ ମୋତେ ତା କହିବ ॥
ଦୟା ହୋଇଲା ଯେବେ ମୋତେ । କହ ହେ ପ୍ରଭୁ ଯଦୁନାଥେ ॥
ବୋଲନ୍ତି କମଳ ଲୋଚନ । ବାଲିଆ ଦାସ ତୁମ୍ଭେ ଶୁଣ ॥
ଦୁର୍ଣ୍ଣୟ (୧) ଅପାର ହୋଇବ । ରାଜା ଗୁହାରି ନ ଶୁଣିବ ॥
ଅନେକ ଜନଟି ମରିବେ । ପାପରୁ ସବୁ ନାଶ ଯିବେ ॥
ମୁକୁନ୍ଦ ତେର ଅଙ୍କ ଜାଣ । ଜୀବମାରୁ ହେବଟି ପୁଣ ॥
କୃଷିହିଂ ଉପୁଜିବ ନାହିଁ । ଜଳ ବରଷା ଘୋର ହୋଇଂ ॥
ଯେଣୁ ସେ ଦୁର୍ଭିକ୍ଷ ପଡ଼ିବ । ଅରାଜ(୨) କର୍କଶ (୩) ହୋଇବ ॥
ପୁଣି ହିଂ ପନ୍ଦର ଅଙ୍କରେ । କୁରୁଷି (୪) ହୋଇବ ସଂସାରେ ॥
ତେଣୁ ସେ ଶୁଭଯୋଗ ହେବ । ସତର ଅଙ୍କଟି ହୋଇବ ॥
ସତରେ ଚହଳ ପଡ଼ିବ । କେହି ତା ଜାଣି ନ ପାରିବ ॥
ମାଘ ସପ୍ତମୀ ସେ ଦିନରେ । ଭୂମିକମ୍ପ ହେବ ଦିନରେ ॥
ଠାବେ ଠାବେ ସେ ଭାଗବତ । ହୋଇବ ସଂସାରେ ବିଖ୍ୟାତ ॥
କାହିଂ ବା ଭୂମିକମ୍ପ ହେବ । କେହି ତା ଜାଣି ନ ପାରିବ ॥
ଯେ ରୂପେ ହୋଇବଟି ଜାଣ । ସତର ଅଙ୍କରେ ପ୍ରମାଣ ॥
ଅନେକ ଧୂଷଣ (୫) ଲାଗିବ । ମହତଠାରେ ଲଜ୍ଜା ହେବ ॥
ଅଠର ଅଙ୍କରେ ତୁ ଶୁଣ । ଶୁଣିମେ (୬) ଅନେକ ବଚନ ॥
ଅଠର ଅଙ୍କ ଭୋଗ ଯାଇ । ଊନବିଂଶ ଅଙ୍କରେ କହି ॥
ପଶ୍ଚିମେ ସଂଗ୍ରାମ (୭) ଲାଗିବ । ଉତ୍ତରେ କମାଣ (୮) ପଡ଼ିବ ॥
ଦକ୍ଷିଣେ ଶୁଭୁଥିବ ଗୋଳ । ପୂର୍ବରେ ପଡ଼ିବ ଚହଳ ॥
ଏ ରୂପେ ଶୁଣୁଥିବେ ଜନ । ରାଜା ପରଜା ସର୍ବ ଜନ ॥
ଇନ୍ଦ୍ର ଯେ ଅନ୍ୟାଏ କରିବ । ଜଳ ଯେ କଠୋର ହୋଇବ ॥
ବାଇଶି ଅଙ୍କରେଟି ଯାଇଂ । ବିରଞ୍ଚି ଦେଶରେ ଯେ ଯାଇଂ ॥
ସେ ରାଜା ଆସିବେ ବାହିଣ । ମୋହନା ମୁଗଲ (୯) ପଠାଣ ॥

---

(୧) ଦୁଷ୍ଟନୀତି, (୨) ଅରାଜ୍ୟ, ଅରାଜକତା, (୩) ନିର୍ଦ୍ଦୟ ଅର୍ଥାତ୍ ଦୟାଧର୍ମ ଶୂନ୍ୟ, (୪) କୃଷି, (୫) ଦୂଷଣ, (୬) ଶୁଣିବେ, (୭) ସଂଗ୍ରାମ, (୮) ତୋପ ବା ଗୁଳିଗୋଳା, (୯) ଇତିହାସରୁ ଜଣାଯାଏ ଯେ କେଶୋଦାସ ନାମକ ଜଣେ ହିନ୍ଦୁ ମୋଗଲମାନଙ୍କ ସହିତ

ନଉଂ ସହସ୍ର ଅଶ୍ୱ ସଙ୍ଗେ । ବାହି ଆସିବ ନବରଙ୍ଗେ ॥
ବଡ଼ାଇ ମୁରାଟ (୧୦) ଯେ ଜାଣ । ଆସିବ ଦକ୍ଷିଣ ଦିଗେଣ ॥
ବାଇଶି ଅଙ୍କରେ ବାହିବ । ଚବିଶ ଅଙ୍କେ ପ୍ରବେଶିବ ॥
ଯେଥି ଉତ୍ତାରେ ସେ ତରକ (୧୧)। କହିବା ଶୁଣ ତୁମ୍ଭେ ଯେକ ॥
ବହୁତ ପ୍ରମାଦ ଲାଗିବ । କେହି କାହାକୁ ନ ମାନିବ ॥୩୦
ଅର୍ଜିଲା ଧନ ପର ନେବ । କହିଲେ ଚୋର ବୋଲାଇବ ॥
ଏ ରୂପେ ହୋଇବଟି ଜାଣ । ମରିବେ ଅନେକଟି ଜନ ॥
ଅବଳା ସ୍ତିରୀ ଯେତେ ଜାଣ । ବିଟପେ କରିବେ ରମଣ ॥
ଧନ ଲୋଭରେ ଜାତି ଦେବେ । ଚାଣ୍ଡାଳ ସଙ୍ଗତେ ରମିବେ ॥
ଲଜ୍ଜାକୁ ଭୟ ନ କରିବେ । ପତି କୋହରେ ନାଶ ଯିବେ ॥
କାନ୍ତର କ୍ରୋଧ ହେବ ଯେଣୁ । ଭାରିଯା ସୁଖ ନାହିଁ ତେଣୁ ॥
ଏ ରୂପେ ଅଳ୍ପାୟୁଷ ହେବେ । ଦୋଚାରୁଣୀଟି ବୋଲାଇବେ ॥
ମାତାଙ୍କୁ ପୁତ୍ର ନ ଡରିବେ । ଶାଶୁଙ୍କୁ ବୋହୂ ଡେଇଁଯିବେ ॥
ପିତାଙ୍କୁ ପୁତ୍ର ନ ଡରିବେ । ଗୁରୁଙ୍କୁ ଶିଷ୍ୟ ନ ମାନିବେ ॥
ଯେ ରୂପେ ନାରଖାଇ ହେବେ । ଅନେକ ବୋରଟି ମାତିବେ ॥୪୦
ଏକଥା ହୋଇବ ପ୍ରମାଣ । ଶୁଣ ବାଲିଆ ଦେଇ ମନ ॥
ଏଣୁ ହୋଇବେ ଅନ୍ୟୋଅନ୍ୟ (୧୨)। ଚବିଶେ ଲାଗିବଟି ହାଣ ॥
ଚଣ୍ଡୀ ଯେ ବାମଡ଼ା(୧୩) ମାତିବେ। ଖପର କରେ ଘେନିଥିବେ ॥
ରୋଧିର (୧୪) ବୃଷ୍ଟି ଯେ ହୋଇବ । କେ ଅବା କାହିଁ ନାଶ ଯିବ ॥
ଯାହାକୁ ରଖିବିଟି ମୁହିଁ । ସେ ପ୍ରାଣୀମାନେ ଥିବେ ରହି ॥
ଦୁଷ୍ଟଲୋକ ଯେ ନାଶ ହେବେ । ସନ୍ଥ ଯେ ଅବଶ୍ୟ ରହିବେ ॥
ଅନେକ ଉପ୍ତାତ ଲାଗିବ । ଶୂନ୍ୟରେ ଚହଳ ପଡ଼ିବ ॥
ଶ୍ରୀକୃଷ୍ଣ ମୁଖୁ ଏହା ଶୁଣି । ବାଲିଆ କାନ୍ଦି ଉଠେ ପୁଣି ॥
ଶ୍ରୀକୃଷ୍ଣ ପାଦେ ଦେଇ ଆଶ । କହଇ ବଳରାମ ଦାସ ॥
ସୁଜନେ ନ କହିବ ଫେଇ । ମହିଂମା ଗୁପତ ଅଟଇ ॥
ଅଜ୍ଞାନୀ (୧୫) ଜନେ ନ କହିବ । କହିଲେ ଅପ୍ରାଧ ହୋଇବ ॥୫୧

ଇତିଶ୍ରୀ ମହିଂମା ଶାହାସ୍ତ୍ର ବର୍ଣ୍ଣନେ ଶ୍ରୀକୃଷ୍ଣ ବାଲିଆଦାସ
କଳି ଆଗତ ଭବିଷ୍ୟାନ୍ତ କଥନେ ନାମୋ ଚତୁର୍ଥ ଅଧାୟ ॥

---

ମିଶି ଯାତ୍ରୀ ବେଶରେ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରି ଲୁଟ୍‌ପାଟ୍ କରିଥିଲେ । ଏହି ଘଟଣାକୁ ଲକ୍ଷ୍ୟ କରି କବି ମୋହନା ମୁଗୁଲ ଶବ୍ଦ ବ୍ୟବହାର କରିଛନ୍ତି । (୧୦) ଶ୍ରେଷ୍ଠ, (୧୧) ଚମକ ବା ଛାନିଆ, (୧୨) ଅନ୍ୟୋନ୍ୟ ଅର୍ଥାତ୍ ପରସ୍ପରଠାରୁ ପୃଥକ୍, (୧୩) ଚାମୁଣ୍ଡା, (୧୪) ରୁଧିର, (୧୫) 'ଅଜ୍ଞାନ' ହେବା କଥା : ପୋଥିରେ କିନ୍ତୁ 'ଅଜ୍ଞାନୀ' ରହିଛି ।

## ପଞ୍ଚମ ଅଧ୍ୟାୟ

ଶୁଣ ବାଳିଆ ମନ ଦେଇ । ମୋହୋର ଗୁପ୍ତ ସ୍ଥାନ ଯହିଂ ॥
ଭୈରବ ଡାକ ହାଦେ ଜାଣ । ଭୁବନେଶ୍ୱରଟି ପ୍ରମାଣ ॥
ଯାଜପୁର ଯାଏ ଶୁଭିବ । ବିରଜା ଖପର ପାତିବ ॥
ଗୋହିରାଟିକରି ପୂରିବ । ବିରଜା ଆସନ କମ୍ପିବ ॥
ଚିତ୍ରଉତ୍ପଳା ନଦୀ ତୀରେ । ଦୁର୍ଗା ଯେ ଭଗବତୀଠାରେ ॥
କାଠମାଳିଆ ଦାସେ ଜାଣ । ଅଶୀ ସହସ୍ରଟି ପ୍ରମାଣ ॥
ଏକାକ୍ଷର ପ୍ରଚ୍ଛିନ୍ନ (୧) ହେବ । ଦେବୀ ଯେ ଉଭା ହୋଇଥିବ ॥
କେହି କହିଣ ନ ପାରିବେ । ଦୁର୍ଗାଙ୍କ ଖପରେ ପଡ଼ିବେ ॥
ଯେକା ଅକ୍ଷର ଯେ କହିବ । ସେହିଟି ଦାସ ବୋଲାଇବ ॥
ଏ ରୂପେ ହୋଇବ ପ୍ରମାଣ । ବାଳିଆ କହିଲୁ ତୁ ଶୁଣ ॥
ଲେମ୍ବାଙ୍କ ବୋଲି ଯେଉଁ ବଟ । ସେଠାରେ ପଡ଼ିବ ଚହଟ (୨) ॥
ସାଧୁଙ୍କ ଭେଟ ହେବ ତହିଂ । କଳି ଭାରଥ (୩) ଉଦେ ତହିଂ ॥
ନୀଳ ଧବଳ ଦୁଇ ରୂପ । ସେଠାରେ ଦେଖିବ ସ୍ୱରୂପ ॥
ସେଠାରେ ଭାଗବତ ହେବ । ଗୁପତେ ରାହାସ ଲାଗିବ ॥
ଯଜ୍ଞ ହୋଇବ ସେହିଠାବେ । ସ୍ୱର୍ଗରୁ ଦେବତା ଆସିବେ ॥
ଖଣ୍ଡା ଯେ ତହୁଂ ଜାତ ହେବ । ଅଶ୍ୱ ଯେ ଇନ୍ଦ୍ର ଦେଇଯିବ ॥
ମହିଂମା ଉଦଏ ହୋଇବ । ଅଣ୍ଟୁତ (୪) ନାମ ବିକାଶିବ ॥
ସେଠାରେ ହୋଇବ ଉଦିତ । ଅଣ୍ଟୁତ ଅଟେ ମୋ ଭଗତ ॥
ଯେରୂପେ ହୋଇବ ପ୍ରମାଣ । ଘଟିବ ଅଳପ ଦିନେଣ ॥
ଏହା ଉତ୍ତାରୁ ଶୁଣ ତୁହି । ଯହିଂ ବା ଯେଉଁ ରୂପେ ଥାଇ ॥
ତାହା କହିବା ଶୁଣ ତୋତେ । ତୁ ଯେଣୁ ପଚାରିଲୁ ମୋତେ ॥
ପାଦ ଯେ ଯାଜପୁର ଜାଣ । ସେଥିରୁ ମହିମାଟି ପୁଣ ॥
ଅପୂର୍ବ ସ୍ଥାନ ସେ ଅଟଇ । ଯହିଁ ବିରଜା ଦେବୀ ଥାଇ ॥
ସେ ସ୍ଥାନ ମହିଂମା ଅପାର । କେ କରିପାରୁ ତା ଗୋଚର ॥
ଯହିଂ ସୁବର୍ଣ୍ଣ ସ୍ତମ୍ଭ ଜାଣ । ବିଧାତା ଯଜ୍ଞ କଲେ ପୁଣ ॥
କୋଟିଏ ଦେବ ଛନ୍ତି ରହି । ଯହିଂରେ ରାତ୍ର ଦିବା ନାହିଂ ॥
ଏ ରୂପେ ଅନେକ ବିଚାର । ଯୋଗମାୟାଙ୍କର ସେ ଘର ॥
ଯାଉଂକି ବନ୍ଧ ଅଛି ତହିଂ । ଯହିଂରେ ରାତ୍ର ଦିବା ନାହିଂ ॥
ଗୁପଦ ଗଙ୍ଗା ଅଛି ତହିଂ । ନବ ମାଧବ ବିଜେ ତହିଂ ॥

(୧) ପ୍ରଚ୍ଛନ୍ନ ଅର୍ଥାତ୍ ଗୁପ୍ତ, (୨) ଚହଳ, (୩) ଭାରତ, (୪) ଅଚ୍ୟୁତ ।

ଯେ ଦଶାଶନି ଘାଟ ଶୁଣ । ଦଶ ଯେ ସହସ୍ରେ ବ୍ରାହ୍ମଣ ॥
ସ୍ୱଦେହେ ସ୍ୱର୍ଗକୁ ସେ ଗଲେ । ପାତାଳ ବୈକୁଣ୍ଠେ ମିଳିଲେ ॥
ବରେହା ରୂପ ବହିକରି । ବିଜୟେ ତହିଂ ନରହରି ॥
ତ୍ରିବେଣୀ ବହୁଅଛି ଧାର । ତୀର୍ଥମାନଙ୍କର ଯେ ସାର ॥
ଗୁପତେ ଜଳ ଅଛି ଯହିଂ । ପଦ୍ମନ ତପସ୍ଥାନ ସେହି ॥
ଯେବେ କହିବା ତୋତେ ପୁଣ । ଗୋହିରାଟିକିରି (୫) ଯେ ଜାଣ ॥
ସେଠାରେ ସଂଗ୍ରାମ ଲାଗିବ । ଘୋଡ଼ାରେ ପୃଥ୍ୱୀ ସେ ପୂରିବ ॥
ଦେବୀ ଯେ ଖଣ୍ଡା ଧରିଥିବେ । କେହି ଯେ ରହି ନ ପାରିବେ ॥
ଯେବେ କହିବା ଶୁଣ ତୁହି । ଯେ ଗଲଗଲି ଘାଟ ତହିଂ ॥
ସେ ସ୍ଥାନ ଅଟଇ ଅଗମ୍ୟ । କହିବା ବାଲିଆ ତୁ ଶୁଣ ॥
ସେଠାରେ ଚହଟ ଲାଗିବ । କେହି ତା ଜାଣି ନ ପାରିବ ॥
ସେଠାରେ ମେଳ ହେବ ଜାଣ । ଅନେକ ଦେଶର ରାଜନ ॥
ମଙ୍ଗଳବାର ସାତଘଡ଼ି । ପଡ଼ିବ ଶୂନ୍ୟ ଘଡ଼ଘଡ଼ି ॥
କେବଳ ହୋଇବ ସଂଗ୍ରାମ । କହିଲି ବାଲିଆ ତୁ ଶୁଣ ॥
ଯୋଗମାୟା ସେ ଥିବେ ରହି । ଶୂନ୍ୟରେ ଶବଦ ଶୁଭଇ ॥
ବିରୂପା ବୋଲି ଯେଉଁ ନଈ । ଘଣ୍ଟି ମୁହୁଁ ଆସୁଛି ବହି ॥
ସେ ନଦୀ କୂଳରେଟି ଜାଣ । ଜଳୁକା ବୋଲିଣ ଯେ ସ୍ଥାନ ॥
ନିଗମବୃକ୍ଷ (୬) ଅଛି ତହିଂ । ସାଧୁଙ୍କ ମେଳ ସେ ଅଟଇ ॥
ସହସ୍ରେ ଗୁମ୍ଫା ସେ ତହିଂରେ । ସର୍ପେକ ଅଛି ତା ଉପରେ ॥
ସର୍ପର ମୁଖେ ଅଛି ଗଦ । ମହିଂମା ତାହାର ବିଶାଦ (୭) ॥
ବିପୁଳ ଘର ଅଛି ତହିଂ । ଯହିଂରେ ରାତ୍ର ଦିବା ନାହିଂ ॥
ପର୍ବତେ ପଦ୍ମ ଅଛି ଫୁଟି । କେହି ତା ନ ପାରନ୍ତି ଭେଟି ॥
ଶ୍ରୀଭାଗବତ ଗୋଷ୍ଠୀ ତହିଂ । ଯହିଂରେ ରାତ୍ର ଦିବା ନାହିଂ ॥
ମଧ୍ୟରେ ଯେକ ସ୍ଥାନ ଅଛି । ବିମ୍ୱର (୮) ଭିତରୁ ଫୁଟିଛି ॥
ସେ ସ୍ଥାନେ ଅଛି ଯେକ ଦେବ । ନିତ୍ୟେ ରାହାସ ଯହିଂ ଭାବ ॥
ଯେ ରୂପେ ସ୍ଥାନର ମହିଂମା । ଶୁଣ ବାଲିଆ ଗୁଣ ସୀମା ॥
ତୁ ଯେଣୁ ଭଗତ ମୋହର । କହିବା ସ୍ଥାନ ସବୁ ମୋର ॥
ଆବର କହିବି ମୁଁ ତୋତେ । ଶୁଣ ବାଲିଆ ଏକ ଚିତ୍ତେ ॥
ଅମରାବତୀ ଯେଉଁ ସ୍ଥାନ । ତହିଂକି କିଛୁ (୯) ଦୂର ଜାଣ ॥

---

(୫) ଯାଜପୁର ଅଦୂରବର୍ତ୍ତୀ ଏକ ଐତିହାସିକ ସ୍ଥାନ ବିଶେଷ ଯେଉଁଠାରେ ମୁକୁନ୍ଦଦେବଙ୍କ ସହିତ କଳାପାହାଡ଼ର ଯୁଦ୍ଧ ହୋଇଥିଲା, (୬) ଦେବରୂପୀ ବୃକ୍ଷ, (୭) ବିଶଦ, ବିଖ୍ୟାତ, (୮) ଗର୍ଭ, (୯) କିଛି ।

ସେ ସ୍ଥାନେ ଅମରଟି ଭୂଇଁ । ଅଢ଼ାଇ ପାଦ ବୋଲି କହି ॥
ସିଦ୍ଧଙ୍କ ଗୁପ୍ତସ୍ଥାନ ସେହି । ପାଣ୍ଡବେ ଥିଲେ ତହିଁ ରହି ॥
ଯୋଗମାୟାଙ୍କ ଖେଳ ତହିଁ । ଶୁଣ ବାଲିଆ ମନ ଦେଇଁ ॥
ପଦ୍ମ ଯେ ଫୁଟିଣ ଅଛଇ । ଅମରାସୁର ଥିଲା ତହିଁ ॥
ଆବର କହିଦେବା ତୋତେ । ଚାଲିଆ ଶୁଣ ଯେକ ଚିତେ ॥
ବିରୂପା ନଦୀକୂଳେ ଜାଣ । ମହେଶ୍ୱର ବୋଲି ସେ ସ୍ଥାନ ॥
ସିଦ୍ଧବଟ ହେଲୁ ବୋଲାଇଂ । ମରିଚ ଗଛ ଅଛି ତହିଁ ॥
ସେ ସ୍ଥାନେ ବହୁତ ମହିଂମା । କେ କହିପାରେ ଗୁଣ ସୀମା ॥
ଚବିଶ ଅଙ୍କର ମଧରେ । ବନ୍ଧ ଭାଙ୍ଗିବ ସେହିଠାରେ ॥
ଯେକୌଣି ଦିନ ବଢ଼ି ହେବ । ସେଠାରେ ବନ୍ଧ ଯେ ଭାଙ୍ଗିବ (୧୦)॥
ତ୍ରିବେଣୀ ବୋଲି ଯେଉଁସ୍ଥାନ । ଅଛଇ ପୂର୍ବ ଭାଗେ ପୁଣ ॥
ସେଠାରେ ମହତି (୧୧) ପଡ଼ିବ । ତ୍ରିବେଣୀ ଧାରଟି ଫୁଟିବ ॥
ଚଉଦ ଗଛ ଯେ କଦମ୍ବ । ହୋଇବ ସେହୁ ସ୍ଥାନେ ବେଗ ॥
ଦୁର୍ଗା ଅମ୍ବିକା ସରସ୍ୱତୀ । ସେଠାରେ ମିଳିବେ ତଡ଼ତି (୧୨) ॥
କେବଳ ନାମ କୀରିତନ । ତ୍ରିବେଣୀ ତୀର୍ଥେ ହେବ ଜାଣ ॥
ଯେ ରୂପେ ହୋଇବଟି ତହିଁ । ବାଲିଆ ଶୁଣ ମନ ଦେଇ ॥
କୁଣ୍ଡୀ କଟକ ବୋଲି ଜାଣ । ରୁକ୍ମିଣୀ (୧୩) ହରଣ ସେ ସ୍ଥାନ ॥
ଦୁର୍ଗା ଯେ ଭଗବତୀ ତହିଁ । ଚିତ୍ରଉତ୍ପଳା ନଦୀ ଯହିଁ ॥
ମାହାଳ ବନ ଅଛି ତହିଁ । ଯହିଁରେ ରାତ୍ର ଦିବା ନାହିଁ ॥
ସେଠାରେ ସାଧୁଙ୍କର ମେଳ । ଯହିଁରେ ନ ପଶଇ କାଳ ॥
କେହି କାହାକୁ ନ ଜାଣନ୍ତି । ସମସ୍ତେ ହରି ନାମେ ମାତି ॥
ଲେମ୍ବାଳ ବୋଲି ବଟ ସ୍ଥାନ । ସେଠାରେ ମୋହର ଆଶ୍ରମ ॥
ବ୍ରହ୍ମାଦି ଈଶ୍ୱରଟି ଯହିଁ । ସେଠାରେ ବରେହା ଅଛଇ ॥
କେହୁ ଭେଦିବ ସେହି ସ୍ଥାନ । ଯହିଁ ରାହାସ କୁଞ୍ଜବନ ॥
ସକଳ ତୀର୍ଥ ଅଛି ତହିଁ । ଯହିଁରେ ରାତ୍ର ଦିବା ନାହିଁ ॥
ଗୁପତେ ଗଙ୍ଗା ଅଛି ତହିଁ । କେହି ତାହାକୁ ନ ଜାଣଇ ॥
ଶୁଣ ବାଳିଆ ମୋ ବଚନ । କହିବା ତୋତେ ସବୁ ସ୍ଥାନ ॥
ମାହାଳ ବନ ବୋଲି ଦେଖ । ଅଛନ୍ତି ତହିଁ ଜ୍ଞାନୀଲୋକ ॥
ତାହା କହିବା ତୋତେ ଶୁଣ । ଶୁଣ ବାଲିଆ ମୋ ବଚନ ॥
ତୁ ଯେଣୁ ମୋହର ବିଶ୍ୱାସ । କହିବୁ ସକଳ ସନ୍ଦେଶ ॥

(୧୦) ଭାଙ୍ଗିବା, (୧୧) ଘଳିଆ, (୧୨) ଶୀଘ୍ର, (୧୩) କୁଣ୍ଡୀକଟକର ରାଜା ଭୀଷ୍ମକଙ୍କର ଦୁଲାଟୀ ଝିଅ ଶ୍ରୀକୃଷ୍ଣଙ୍କୁ ଇଚ୍ଛାବର ରୂପେ ବରଣ କରିଥିଲେ ।

ଶାଳ ଶିଳ ବଟର ଯାଏ । ଗୁପତେ ଅଛନ୍ତି ଥୋକାଏ ॥
କାଳ ପ୍ରମାଦଟି ପଡ଼ିବ । କେ ତାହା ଜାଣି ନ ପାରିବ ॥
ଶୁଣ କହିବା ତୋତେ ତାହା । ତୋତେ ମୋହର ନାହିଂ ମାୟା ॥
ଘୋର ଗର୍ଜନ ନାଦ ଘୋର । ପ୍ରମାଦ ପଡ଼ିବ ସଂସାର ॥
ଭୁବନେଶ୍ୱରଠାରେ ଜାଣ । ବିନ୍ଦୁ ଯେ ସରୋବର ପୁଣ ॥
ସେଠାରେ ଥାଟ ଉଦେ ହେବ । କେହି କାହାକୁ ନ କହିବ ॥
ସଂଗ୍ରାମ ଲାଗିବଟି ପୁଣ । ଚବିଶ ଅଙ୍କରେ ପ୍ରମାଣ ॥
ଚଇତ୍ର ମାସର ମଧ୍ୟରେ । ମଙ୍ଗଳବାର ସେ ଦିନରେ ॥
ସେ ଦିନ ସନ୍ୟଟି ଆସିବେ । ଓଡ଼ିଶା ଭିତରେ ପଶିବେ ॥
ଘୋର ପ୍ରମାଦ ହେବ ଜାଣ । ଦବନ (୧୪) ହେବେ ନାଶ ପୁଣ ॥
ଉଚ୍ଚାଟ ସବୁଙ୍କୁ ଲାଗିବ । ଗ୍ରାମରେ ଖଣ୍ଡଟି ମାତିବ ॥
ସାହି ପଡ଼ିଶା ନେବେ ବହି । ଥୋକେ ହୋଇବେ କୁହାକୋହି ॥
ଏ ରୂପେ ହୋଇବଟି ଗୋଳ । ମୋହନା ମୁଗୁଲର ବଳ ॥
ସମସ୍ତେ ଯେକାକାର ହେବେ । ଜାତି ଅଜାତିଟି ନ ଥିବେ ॥
ଯେ ପ୍ରାଚୀ ତୀର୍ଥ ବୋଲି କହି । ମାର୍କଣ୍ଡ ତପ ସ୍ଥାନ ତହିଂ ॥
ସେ ସ୍ଥାନେ ଋଷିଗଣେ ଛନ୍ତି । ଗୁପତେ ସାଧୁ ଯେ ଅଛନ୍ତି ॥
ସେଠାରେ ପଶି ନ ପାରିବେ । ଥୋକାଏ ଗୁପତେ ରହିବେ ॥
ନିଗମ ସ୍ଥାନ (୧୫) ସେ ଅଟଇ । ଯହିଂରେ ରାତ୍ର ଦିବା ନାହିଂ ॥
ମୋର ଭଗତ ଛନ୍ତି ରହି । ଯହିଂ ଗାହସ ନିତ୍ୟେ ହୋଇଂ ॥
ଯେ ରୂପେ ସ୍ଥାନର ମହିଂମା । ବାଲିଆ ଶୁଣ ଗୁଣ ସୀମା ॥
ଗୋଳକୁଣ୍ଡା(୧୬) ଯେ ହେବ ଜାଣ । ଗୁହାରି ନ ଶୁଣି ଦବନ ॥
ସବୁ ବର୍ଣ୍ଣର ଜାତି ନେବ । କାହାରି ବୋଲ ନ କରିବ ॥
କାହାକୁ ରକ୍ଷଣ ନ ଦେବ । ମୁଗୁଲ (୧୭) ସବୁଙ୍କୁ ଦହିବ ॥
ଶୁଣ ବାଲିଆ ତୋତେ କହି । ଆମ୍ଭେ ଜନ୍ମିବୁ ଯେଉଁ ଠାଇଂ ॥
ତାହି କହିବା ତୋତେ ଶୁଣ । ଯେ ଯାଜପୁର ବୋଲି ଗ୍ରାମ ॥
ସେଠାରେ ବ୍ରାହ୍ମଣର ଘର । ବିପ୍ରପଣ୍ଡା ନାମ ତାହାର ॥
ତାର ଘରଣୀ ନାମ ଜାଣ । ଅଟଇ ପଦ୍ମାବତୀ ନାମ ॥
ତାହାର ଘରେ ଆମ୍ଭେ ଯାଇଂ । ଜାତ ହୋଇବୁ ଦୁଇଭାଇ ॥
ତାହାର ଘରେ ଜାତ ହେବୁ । ସେଠାରେ ଆମ୍ଭେ ଯେ ରହିବୁ ॥
ପାଣ୍ଡବ ପାଞ୍ଚଭାଇ ଜାଣ । ଜନ୍ମିବେ ପଦ୍ମାବତୀ ସ୍ଥାନ ॥

---

(୧୪) ଯବନ, ବିଜାତୀୟ ବା ବିଧର୍ମୀ ଲୋକ, (୧୫) ନିକାଞ୍ଚନ ସ୍ଥାନ, (୧୬) ଗୋଳମାଳିଆ ଅବସ୍ଥା, (୧୭) ମୋଗଲ ।

ସେଠାରେ ସେହୁ ଜାତ ହେବେ । କେହି ତାହାଙ୍କୁ ନ ଚିହ୍ନିବେ ॥
ସେ ପଞ୍ଚଶାଖା ବୋଲି ଜାଣ । ସୁଦରଶନ ବୋଲି ନାମ ॥
ସେ ପଞ୍ଚଶାଖା ସଙ୍ଗ ହେବେ । ଲେମ୍ଭାଳ ବଟରେ ମିଳିବେ ॥
ସେ ପୁଣି ବଟେଶ୍ୱର ଠାରେ । ମିଳିବେ ଦୁଇ ଯେ ପ୍ରହରେ ॥
ଯେମନ୍ତ କହିଦେଲୁ ତୋତେ । ଚବିଶ ଅଙ୍କ କଥା ଯେତେ ॥
ବିଶେଷେ ଘୋର ମାରୁ (୧୮) ହେବ । ରୋଧିର ନଦୀଯେ ବହିବ ॥
ଅଶୀ ସହସ୍ରଟି ତୁ ଜାଣ । କାଠମାଳିଆ ହେବେ ହାଣ ॥
ଧୂଆଁ-ଖିଆଳିଟି ସେ ଜାଣ । ମରିବେ ବାର ସସ୍ର ପୁଣ ॥
କପଟୀ ଦାସ ଯେତେ କହି । ବାର ସହସ୍ର କ୍ଷୟେ ଯାଇ ॥
ଗଡ଼ଗଡ଼ିଆ ହେବ ହାଣ । ଛଅ ସହସ୍ରଟି ସେ ପୁଣ ॥
ନଙ୍ଗୁଳି ଦାସ ଯିବେ ନାଶ । ଠୁଳରେ ପାଞ୍ଚ ଯେ ସହସ୍ର ॥
ଲମ୍ପଟ ଦାସ ହେବେ ହାଣ । ସାତ ସହସ୍ରଟି ସେ ପୁଣ ॥
ଅଧର୍ମ ଆଠ ଯେ ସହସ୍ର । ମରିବେ ଓଡ଼ିଶାର ଦେଶ ॥
କୁଚର୍କୀ (୧୯) ଦଶସସ୍ର ଜାଣ । ମରିବେ ଦବନ ହସ୍ତେଣ ॥
ଆବର ଦଶସସ୍ର କହି । ଗୋହିରାଟିକିରିରେ ଯାଇ ॥
ସେଠାରେ ହାଣ ଯେ ହୋଇବେ । ଯୋଗ୍ନୀ ମୁଖରେ ସେ ପଡ଼ିବେ ॥
ଏ ରୂପେ ଅଶୀସସ୍ର ଜାଣ । ଦବନ ହସ୍ତେ ଯିବେ ହାଣ ॥
ଆବର ଦଶସସ୍ର ଜାଣ । କାଠମାଳିଆ ହେବେ ହାଣ ॥
ସ୍ତିରୀ ଅବଳା ଯେତେ ଜାଣ । ତାହାର କଥା ଏବେ ଶୁଣ ॥
ବିଟପୀ ସ୍ତିରୀ ଯେତେ ଜାଣ । ଷାଠିଏ ସହସ୍ରଟି ପୁଣ ॥
ସ୍ୱାମୀର ଶାପ୍ୟ ସେ ଘେନନ୍ତି । ପର ପୁରୁଷେ ମନ ଦ୍ୟନ୍ତି ॥
ସ୍ୱାମୀକି କେଭେ ନ ମାନନ୍ତି । ଅନ୍ୟ ପୁରୁଷେ ରତ ଥାନ୍ତି ॥
ସ୍ୱାମୀ ଶାପ୍ୟରେ ହେବେ ନଷ୍ଟ । ଶଏ ଷାଠିଯେ ଯିବେ ନାଶ ॥
ଏ ରୂପେ ମୋହର ଭିଆଣ । କହିଲୁ ବାଳିଆ ତୁ ଶୁଣ ॥
ଅଠାଇଶ ଅଙ୍କରେ ଯାଇଁ । ଆମ୍ଭେ ଆସିବୁ ଦୁଇଭାଇ ॥
ସମସ୍ତେ ମେଳ ଯେ ହୋଇବେ । ତେର ସୁଆର ବୋଲାଇବେ ॥
କିଶୋରୀ ରାଜା ହେବ ଜାଣ । ନୀଳ କିଶୋରୀ ତାଙ୍କ ନାମ ॥
ଏଠାରେ ପାଟ (୨୦) ସେ ବାନ୍ଧିବ । ଦୁଷ୍ଟ ରାଜାଙ୍କୁ ସେ ନାଶିବ ॥
ପୃଥ୍ୱୀ ସେ ବୁଲିଣ ମାରିବ । ଦୁଷ୍ଟଙ୍କୁ ଆଉ ନ ରଖିବ ॥
ଅଣଚାଳିଶ ଅଙ୍କ ଜାଣ । ଏ ଅବତାର ଆମ୍ଭେ ପୁଣ ॥

(୧୮) ହଣାକଟା, (୧୯) କୁମନ୍ତ୍ରଣାରେ ଲିପ୍ତ ଥିବା ବ୍ୟକ୍ତି,
(୨୦) ଶିରପା ବାନ୍ଧିବା ଅର୍ଥାତ୍ ରାଜଗାଦିରେ ଅଭିଷିକ୍ତ ହେବା ।

ଏମନ୍ତ ବାଲିଆ ଶୁଣିଲା । ଶ୍ରୀକୃଷ୍ଣ ଚରଣେ ପଡ଼ିଲା ।।
ଭୋ ପ୍ରଭୁ ନିସ୍ତରିଲି ମୁହିଁ । ମୋ ପରି ଭାଗ୍ୟବାନ କାହିଁ ।।
ଏମନ୍ତ ବାଲିଆ ବୋଇଲା । ପଦ୍ମପାଦରେ ସେ ପଡ଼ିଲା ।।
ବୋଲନ୍ତି ବ୍ରହ୍ମାଣ୍ଡ ଗୋସାଇଁ । ଶୁଣ ବାଲିଆ ମନ ଦେଇ ।।
ତୋଠାରେ ଦୟା ଥିଲା ମୋର । ମିଳିଲୁ ତୋହର ମଠର ।।
ଏମନ୍ତ ବାଲିଆକୁ କହି । ସେଠାରୁ ଗଲେ ବିଜେ ହୋଇ ।।
ବାଲିଆ ଉଠିଣ ଚାହିଁଲା । ହରିଙ୍କି ଆଉ ନ ଦେଖିଲା ।।
ଶ୍ରୀକୃଷ୍ଣ ହରି ପାଦେ ଆଶ । ଭଣଇ ବଳରାମ ଦାସ ।।୧୫୬

ଇତି ଶ୍ରୀମହିଁମା ଶାହାସ୍ର ବର୍ଣ୍ଣନେ ଶ୍ରୀକୃଷ୍ଣ ବାଲିଆ ଦାସ
କଳି ଆଗତ ଭବିଷ୍ୟାନ୍ତ କଥନେ ନାମୋ ପଞ୍ଚମ ଅଧ୍ୟାୟ ।।

# ଯଶୋବନ୍ତ ଦାସଙ୍କ ମାଳିକା

ଶୁଣ ସୁଗ୍ୟଂ ଜନେ ମହିଁମା ରସ । କଳକି ରୂପଟି ସେ ଜଗଦୀଶ ।।
ଗୁପତେ ରହିବେ ଗୁପତ ଭୂଇଁ । ସବୁ ଭକତଙ୍କୁ ସଙ୍ଗରେ ଲଇଁ (୧) ।।
ଶାଖା ଅଙ୍ଗେ ହରି ହେବେ ପ୍ରକାଶ । ଲୀଳା ନିମନ୍ତେଟି ସେହୁ ରହସ (୨)।।
ଖେଳିବେ ବିରଜା ମଣ୍ଡଳ ଘେନି । ମହାନଦୀଠାରୁ ଗୁପତ ଭୂମି ।।
ଏଥି ମଧରେ ହେବ ନାନା ଖେଳ । ଚଉପାଶେ ଥିବେ ଗୋପୀ ଗୋପାଳ।।
ପଦ୍ମର କେଶର ଗୁପତ ଭୂଇଁ । ଚଉପାଶେ ଗୋପୀ ପାଖୁଡ଼ା ତହିଂ ।।
ବେଢ଼ି ରହିଥିବେ ମଣ୍ଡଳାକାରେ । ଶବଦ ଫେରିବ ନାନା ପ୍ରକାରେ ।।
ଗିରିଗୁହା ବୋଲି ଗୁପତ ସ୍ଥାନ । ଦରପଣୀ ବୋଲି ଷୋଳ ଶାସନ ।।
ସୁଙ୍ଗୁଡ଼ା ଅଟଇ ବିଭୂତି ସ୍ଥାନ । ଯେଥି ମଧ୍ୟେ ପ୍ରଭୁ ହୋଇବେ ଜନ୍ମ ।।
ଅଳତି ବୋଲିଣ ଅଟଇ ଯେହୁ । ଉଦେଗିରି ଠାରୁ ଖେଳଟି ସେହୁ ।।୧୦
କୁରାଳଖଣ୍ଡ ଅଟଇଟି ଜ୍ୟୋତି । ଜ୍ୟୋତି ମଧ୍ୟରେ ଥିବେ ଗୁପତେଟି ।।
ତହିଁ ନିକଟରେ ଯେ ପଦ୍ମପୁର । ବୟାଳିଶି ମଉଜାଟି ମଧ୍ୟର ।।
ତାଙ୍କୁ ଘେନି ସରସ୍ୱତୀଟି ଜାଣ । କୁଣ୍ଡୀ ହ୍ରଦ ବୋଲି ଯେବଣ ଗ୍ରାମ ।।
ତିତ୍ରୋପ୍ତଳା ବୋଲି ଯେବଣ ନଈ । ମହାନଦୀରୁ ସେ ଆସୁଛି ବହି ।।
ସେ ନଦୀ ତଟରେ ଅଛନ୍ତି ମୁନି । ଭଗବତୀ ଦୁର୍ଗା ଶବଦ ଘେନି ।।

---

(୧) ନେଇ, (୨) ରହସ୍ୟ ।

ସମେଶ୍ୱରୀ ବୋଲି ଗୁପତ ସ୍ଥାନ । ଶୂନ୍ୟରେ ବଇଁଶୀ ବାଜଇ ସ୍ୱନ ॥
ସେହି ସଳଖରୁ କୁଣ୍ଡୀର ଧାର । ରୁକ୍ମିଣୀ ହରଣ ଲୀଳା ସେଠାର ॥
ସେଠାବରେ ପ୍ରଭୁ ହେବେ ପ୍ରବେଶ । ସଙ୍ଗତରେ ଥିବେ ଅନେକ ଦାସ ॥
ଲୀଳା ନିମନ୍ତେ ସେ କରିବେ ମେଳି । ସେଠାରେ ଗୋପୀ ଗୋପାଳଙ୍କ କେଳି ॥
ଖେଳ ନିମନ୍ତେ ସେ ରହିବେ ତହିଁ । ଗୋପୀ ଗୋପାଳ ଭକତଙ୍କୁ ଲଇଁ ॥
ଛାଟଖମ୍ଭଠାରୁ ଅଶେଷ ସ୍ଥାନ । ନୃସିଂହ ଉଦେ ସେହି ନିକଟେଣ ॥
ଜଗନ୍ନାଥେ ହେବେ କଳକି ରୂପ । ଠାବେ ଠାବେ ଲୀଳା ହେବେ ପ୍ରକଟ ॥
କୋଟି କୋଟି ମୁନି ଖେଳଇ ଭୂଇଁ । ସେଠାରେ କଳକି ଦେଖିବେ ରହିଁ ॥
ଚିତ୍ରତୋଳା ତଳେ ମାହାଳ ବନ । କାଠହାରି ବୋଲି ଯେବଣ ଗ୍ରାମ ॥
ମାହାଳ ବନ ସେ ଗୁପତ ସ୍ଥାନ । ଯୋଗ ସାଧୁଥିବେ ସେ ମୁନିଗଣ ॥
ସେହି ନଦୀ ତଟ ଉପରେ ଜ୍ୟୋତି । ଅଚୋଡ଼ା ବୋଲିଣ ଗ୍ରାମ ଏକଟି ॥
ଭକତମାନେ ଗୁପତରେ ଥିବେ । କୃପାସିନ୍ଧୁଙ୍କୁ ସଙ୍ଗେ ଘେନିଯିବେ ॥
ଅଣ୍ଡାଲ ସାହି ଚମେଡି ସେ ଗ୍ରାମ । ଖଇରାକୁଞ୍ଜ ବୋଲିକରି ଥାନ ॥
କୁଶଭଦ୍ରା ତଟ ଅଟଇ ସେହି । ଜଗତପୁର ବୋଲି ଗ୍ରାମ କହି ॥
ସେହି ନିକଟରେ ଗୁପତ ଭୂଇଁ । ବିରୂପା ବୋଲି ଅଛି ଧାରେ ରହିଂ ॥
କୃଷ୍ଣେଶ୍ୱର ବୋଲି ଲିଙ୍ଗେ ପ୍ରମାଣ । ଭଗତି (୩) ତଟ ଚିତ୍ରେଶ୍ୱର ଜାଣ ॥
ତଉଦ୍ୱାର ବୋଲି ଅଟଇ ଗ୍ରାମ । ଧବଳେଶ୍ୱର ଅଟିହିଁ ଉପାମ (୪) ॥
ଉତରେଶ୍ୱର ଆଗରାଟି ହାଟ । ଜୟା ବୋଲି ନଦୀ ଅଛି ଗୁପତ ॥
ଅନେକ ଭକତ ଥିବେ ସେଠାରେ । ଖେଳ କରୁଥିବେ ନାନା ପ୍ରକାରେ ॥
ମହିମା ଉଦେ ହୋଇବଟି ତହିଁ । ମେଳ କରିବେ ସାତ ପାଞ୍ଚ ହୋଇଁ ॥
ଯେମନ୍ତ ମହିମା ହେବ ଅପାର । ଯାହା ମହିମା ଅଗାଦ (୫) ସାଗର ॥
ଏଥି ନିକଟରେ ଅଛଇ ସ୍ଥାନ । ଭଣ୍ଡାରିଆ ଅଟେ ତାହାର ନାମ ॥
ସେଠାରେ ଭଗତ ଥିବେ ଥୋକାଏ । କଳକି ଧ୍ୟାଇବେ ଗୋପାଳ ପୋଏ ॥
ଚନ୍ଦ୍ରଦ୍ୱାର ବୋଲି ଅପୂର୍ବ ସ୍ଥାନ । ବୀରମାନେ ରହିଥିବେ ଗୁପ୍ତେଣ ॥
ମୁଁ ଯେ ଯଶୋବନ୍ତ ଆଶ୍ରିତ ଜନ । ମୁଁ କାହୁଂ ଜାଣିବି ବଡ଼ ଗହନ ॥
ଶ୍ରୀହରି ଆଜ୍ଞା ହୋଇଲାକ ମୋତେ । ଲେଖିବା ପାଇଁ ଆଜ୍ଞା ଦେଲେ ଚିତ୍ତେ ॥
କଳକିରେ ଆମ୍ଭେ ହେବୁ ପ୍ରକାଶ । ତୁମ୍ଭେମାନେ ଉଦେ ହୁଅ ଅଶେଷ ॥
ଭଗତମାନେ ସବୁଠାରେ ଜାତ । ଯେଥି ମଧ୍ୟରେ ଲୀଳା ପରକାଶ ॥
ଭଗତ ଜୀବନ ମହିମାମେରୁ । ଭକତଙ୍କ ଖେଳ କଳପତରୁ ॥
ଦୟା ସାଗର କ୍ଷମାସିନ୍ଧୁ ହରି । ଅର୍କସ୍ଥଳୀ ସ୍ଥାନ ଗୁପତ ଗିରି ॥
ରାମଚନ୍ଦ୍ର ଘେନି ଅଚ୍ୟୁତ ଯହିଁ । ଶାଖା ଅଙ୍ଗେ ବଳଭଦ୍ର ଗୋସାଇଁ ॥

(୩) ଭକତି, (୪) ଅନୁପମ, ଶ୍ରେଷ୍ଠ, (୫) ଅଗାଧ ।

ବଟ ଆବୋରି ରହିବେ ସେଠାରେ । ମହିଁମା ଉଦେ ହେବ ନିରନ୍ତରେ ॥
ମୂଢ଼ ମସ୍ତନା (୬) ପାଷାଣ୍ଡିଆ ଯେତେ। ଗମି ନପାରିବେ ସେ ଅସୁରାନ୍ତେ(୭) ॥
ଦାମ୍ଭିକ ନାସ୍ତିକ କପଟୀ ଜନ । ଏମାନେ ମାୟାରେ ହେବେ ଗୋପ୍ୟାନ ॥
ଯାଙ୍କୁ ଗିରିଜା କରିବେ ଆହାର । ଅନେକ ପଡ଼ିବେ ଅସୁର ନର ॥୫୦
ବିଷ୍ଣୁ ନିନ୍ଦୁଥିବେ ଅଜ୍ଞାନ ହୋଇଁ । ଗୋପୀ ଗୋପାଳ ଖେଳକୁ ସେ ଚାହିଁ ॥
ହାସ୍ୟ କରୁଥିବେ ନାନା ପ୍ରକାରେ । ବେଳକୁ ନଷ୍ଟ ହୋଇବେ ସକଳେ ॥
ଅନନ୍ତ ଖେଳ ଦେଖି ଆଚମ୍ୱିତ । ହାସ୍ୟ କରିବେ ବହି ଆହାନ୍ତିକ(୮) ॥
ଚଉବନରେ ବିରଜା ଖପରେ । ଚାଳିଶ ହଜାର ପଡ଼ିବେ ଠୁଳେ ॥
ଅନନ୍ତ ଗୋପାଳ ଖେଳର ଭୂଇଁ । ଅସୁରମାନଙ୍କୁ ଦିଶିବ ନାହିଁ ॥
ହରିହର ବେନି ହେବେ ପ୍ରକାଶ । ଆଜ୍ଞାରେ କହେ ଯଶୋବନ୍ତ ଦାସ ॥
ଜନ୍ମେ ଜନ୍ମେ ମୁଁ ଅଟଇ କୋୟର (୯)। ମୁଁ ଛାର କାହୁଁ କରିବି ଗୋଚର ॥
ହରି ପଣି କରି ଦିଅନ୍ତି କହିଁ । ଆଜ୍ଞା ଶିରେ ବହି ଲେଖିଲି ମୁହିଁ ॥
ଆହେ ସୁଜନେ ହରି ଆଶ୍ରେ କର । ଅଳପ ଦିନରେ ହେବ ଅନ୍ଧାର ॥
ଥଳକୂଳ ଆଉ ଦିଶିବ ନାହିଁ । ବିରଜା ଖପରେ ପଡ଼ିବ ଯାଇଁ ॥୬୦
ନିନ୍ଦେକ (୧୦) ହାସ୍ୟକ ଯେ ଦୁଷ୍ଟ ଜନ । ଅଣବିଶ୍ୱାସିଆ ଯେତେକ ପୁଣ ॥
ଏମାନେ ସବୁ ପଡ଼ିବେ ଖପରେ । ହରି ଆଶ୍ରେକର ହେ ସୁଜ୍ଞ ନରେ ॥
ମାୟା କୁହୁଡ଼ିରେ ହୋଇବେ ନାଶ । ଏକମାତ୍ରକ ଯେ ରହିବେ ଦାସ ॥
ଗୋପୀ ଗୋପାଳଙ୍କ ଅନନ୍ତ ଖେଳ । ଯଶୋବନ୍ତ ସେବେ ବେନି ପୟର ॥୬୪

# ଅଚ୍ୟୁତାନନ୍ଦଙ୍କ ବିଜ୍ଞାନକଳ୍ପ

## ଷଷ୍ଠ ଅଧ୍ୟାୟ

ଆବର କଥାଏ ରାମ ଶୁଣ ଦେଇ ମନ ।
ବଡ଼କ୍ଷିରି ଗ୍ରାମ ମଧ୍ୟେ କ୍ଷୀରେଶ୍ୱର ଜାଣ ॥
ଶିବଲିଙ୍ଗ ନିକଟରେ ଅଛି ଏକ ଭକ୍ତ ।
ମୁକୁନ୍ଦ (୧) ଦାସ ନାମଟି ଅଟଇ ନିୟତ ॥
ବେନି ଚେଲା ସଙ୍ଗତରେ ରହିଥିବ ତାର ।

---

(୬) ମସ୍ତ ହେଉଥିବା—ଉତ୍ପାତ କରୁଥିବା, (୭) ତାମସିକ ବା ଆସୁରିକ ସମ୍ପନ୍ନ ବ୍ୟକ୍ତିଗଣ,
(୮) ଅହନ୍ତା ଭାବ, (୯) ଭୃତ୍ୟ ବା ସେବକ, (୧୦) ନିନ୍ଦୁକ ।
(୧) ମୁକୁନ୍ଦ ।

ତ୍ୟାଗୀ ହୋଇ ଗୃହୀ ପରି କରିବ ଆଚାର ॥
ଅସୁରେଶ୍ୱରରେ ଭକ୍ତ ଥୋକେ ଥିବେ ରହି ।
କୃଷ୍ଣଚନ୍ଦ୍ର ମଣି ରାମ ଆଦି ନାମ ବହି ॥
ଟିଙ୍କରା ନିକଟେ ଭକ୍ତ ରହିଥିବେ ମୋର ।
ଛତ୍ରପୁର ନିକଟରେ ସିଦ୍ଧ ଯେ ରୂପର ॥
ଭଉଂରିଆ ଶୁକ୍ଳେଶ୍ୱର ସ୍ଥାନମାନଙ୍କରେ ।
ମାହାଙ୍ଗା ଶିରିଲୋ ରାମକୃଷ୍ଣ ପୁରଠାରେ ॥
ବାଲିକୁଦା କୋଟପଦା ଦଶରାଜପୁର ।
ହନୁ ମଞ୍ଜେଶ୍ୱର ଅଟେ ବିଶ୍ୱ ଯେ ନବର ॥
ସୂତାଣ ବନ୍ଧଟି ରାମ ବିରୂପା କୂଳର ।
ଭଗ୍ନ ହୋଇ ତହୁଂ ଏକ ବାହାରିବ ଧାର ॥
ଶିବଲିଙ୍ଗ ତ୍ରିବେଣୀଶ୍ୱର ଯେ ଅଛି ରହି ।
ତଥି ମଧ୍ୟକୁ ଧାରଟି ଯିବ ବେଗେ ବହି ॥
ନୋରତାଙ୍ଗ (୨) ନିକଟରେ ହୋଇବ ପ୍ରମାଣ ।
ଉଦ୍ଧାମ ଆଳପୁରରେ ନାମ ଯେ ରହିଣ ॥୧୦
କଳାଶିରୀ ମଲ୍ଲୀପୁର ନୋରତାଙ୍ଗ ସ୍ଥାନ ।
ଏହା ମଧ୍ୟେ ବହିଯିବ କୃଷ୍ଣଭଦ୍ରା ନାମ ॥
ମହା ଉତପାତ କଳିକାଳରେ ହୋଇବ ।
ରାଜା ପ୍ରଜା କାହାରି ଯେ ଥୟ ନ ରହିବ ॥
ଦୁର୍ଭିକ୍ଷ ପଡ଼ିବ ଲୋକେ ଯିବେ ବହୁ ମରି ।
ଚଉଷଠି ରୋଗ ଭ୍ରମୁଥିବେ ଫେର ଫେରି ॥
ଜଉତିଷ ଯୋଗ ଜାଣ ପ୍ରମାଣ ନୋହିବ ।
ଅନେକ ପାପରୁ କଳିଯୁଗ କଟିଯିବ ॥
ଭୟଙ୍କର କଥାମାନ ପ୍ରମାଦ ଉଠିବ ।
ଅଘଟଣା କଥା ପୁଣି ଘଟଣା ହୋଇବ ॥
କର ନ ଦେଇଣ ରାଜ୍ୟ ଛାଡ଼ି ପଳାଇବେ ।
ନାନା ଦୁଃଖ କଷ୍ଟରେ ଯେ କୁଟୁମ୍ବ ପୋଷିବେ ॥
ଜାତି ଗୋତ୍ର କାହାର ଯେ ନଥିବ ଠିକଣା ।
ଗୁପତେ ସାଧିବେ ଭକ୍ତେ ନ ଦେଇଣ ଚିହ୍ନା ॥
ବୀର ଅନନ୍ତକେଶରୀ ସମ୍ରାଟ ହୋଇବେ ।
ତେବେ ଯାଇଂ ପ୍ରଜାଙ୍କର ଗୁହାରି ଶୁଣିବେ ॥

(୨) କୃତାଙ୍ଗ (ଏକ ଗ୍ରାମ ବିଶେଷ) ।

ଅଙ୍ଗ ବଙ୍ଗ କଳିଙ୍ଗ ଆଦି ଏ ଦେଶ ଯେତେ ।
ଓଡ଼ିଶା ଉତ୍ତରଖଣ୍ଡ ପ୍ରଳୟ ସମସ୍ତେ ।।
ଉତ୍ତରୁ ଆସିବେ ବଳ ପଶିବେ ଝସାଇ (୩) ।
ଠାବେ ଠାବେ ଘୋର ଦ୍ୱନ୍ଦ୍ୱ ଆରମ୍ଭିବେ ସେହି ।।
ହାଣଗୋଳ ଭୟ ନିଶ୍ଚେ ଜଗତେ ବ୍ୟାପିବ ।
ତେତେବେଳେ କେ କାହାକୁ ସାହାଯ୍ୟ ନୋହିବ ।।
ଭକ୍ତମାନେ ରହିଥିବେ ଚୋର ପ୍ରାୟ ହୋଇ ।
ନାମ ଭଜୁଥିବେ ନିଜ ପ୍ରାଣରକ୍ଷା ପାଇଁ ।।
ଥୋକେ ଲୋକ ଚିହ୍ନି ତାଙ୍କୁ କରିଥିବେ ସେବା ।
ସେବା କରିଲେ ତାହାଙ୍କୁ ତରିଯିବେ ଅବା ।।
ସିଦ୍ଧଗିରି ଗୋଟି ବାବୁ ଅଟେ ସିଦ୍ଧସ୍ଥାନ ।
ତହିଂରେ ଯେ ଯୋଗମାୟା ରହି କିଛିଦିନ ।।
ପ୍ରବେଶ ହୋଇବେ ଯାଇଂ କାଳିଆ ଘାଇର ।
ପରୀକ୍ଷା ସ୍ଥାନଟି ସେହୁ ଶୁଣିଥାଅ ବୀର ।।
ଭକ୍ତମାନେ ଗୁପ୍ତଭାବେ ହୋଇଥିବେ ଜନ୍ମ ।
ଚିହ୍ନା ନ ଦେଇଣ ମହୀ କରିବେ ଭ୍ରମଣ ।।
ଚିହ୍ନି ଭାଗବତ ଥୋକେ କରୁଥିବେ ପୂଜା ।
ଶେଷ ଖେଳାକରି ପ୍ରଭୁ ଉଡ଼ାଇବେ ଧ୍ୱଜା ।।
ଯାଜନଗ୍ରେ ମହାପ୍ରଭୁ ଜନମ ହୋଇବେ ।
ଗରୁଡ଼କୁ ସଙ୍ଗେ ଘେନି ଲୀଳା ଯେ ରଚିବେ ।।
ନ ଚିହ୍ନି ଅଜ୍ଞାନୀ ନରେ କରୁଥିବେ ଟାହି ।
ଠିକବେଳ ନୁହଇ ଏ ହେବେ କୁହାକୋହି ।।
ହେଲା ବେଳେ ଦଣ୍ଡେ କେହି ନ ରଖିବେ ଆଉ ।
ନଷ୍ଟଭ୍ରଷ୍ଟ ହେବ ମହୀ ନେତ୍ରେ ଚାହୁଁ ଚାହୁଁ ।।
ବାରୁ (୪) ଆରୋହଣ ପୁଣି କରିବେଟି ପ୍ରଭୁ ।
ତେତିକି ବେଳରେ ରାମ ସରିବଟି ସବୁ ।।
ନନ୍ଦକ ଖଡ଼ଗ ଧରି କରିବେ ସଂହାର ।
ନେତ୍ରେ ଦେଖୁଥିବ ରାମ ଅଚ୍ୟୁତ ପାମର ।।
ଶୁଣିଣ ଅଧମ ରାମ ମୁକତି ଲଭିଲା ।
ଭୃତ୍ୟଙ୍କର ଭୃତ୍ୟ ହୋଇ ଅଚ୍ୟୁତି କହିଲା ।।

ଇତି ଶ୍ରୀ ବିଜ୍ଞାନକଳ୍ପ ଅଚ୍ୟୁତାନନ୍ଦ ରାମଚନ୍ଦ୍ରବୋଧନେ ନାମ ଷଷ୍ଠ ଅଧ୍ୟାୟଃ ।।

---

(୩) ଧସାଇ, ଜୋର କରି ଅଥବା ବଳପୂର୍ବକ, (୪) ଅଶ୍ୱ ।

# ଅଚ୍ୟୁତାନନ୍ଦଙ୍କ କଲ୍କିକଳ୍ପ

## ତୃତୀୟ ପଟଳ

କହନ୍ତି ରାମ ଗୁରୁ ପାଦ ଧ୍ୟାଇ । ସଂଶୟ କିଛି ରହିଲା ଗୋସାଇଂ ॥
କହିବା ହେଉ ଭବିଷ୍ୟ ବିଚାର । ଶୁଣିଲେ ସଂଶୟ ଯିବ ମୋହର ॥
କିସ ହୋଇବ ସଂସାରରେ ପୁଣ । କିସ ଲିଆଣ କରିବେ ଆପଣ ॥
ରାମଚନ୍ଦ୍ରକୁ ଆଶ୍ୱାସନା କରି । କହନ୍ତି ଶୁଣ ହେତୁ ଚିତ୍ତେ ଧରି ॥
ବୃଦ୍ଧ ବାଳକ ରାଜା ହୋଇଥିବ । ଗୁପତରେ ସନ ସାଲ ଚଳିବ ॥
ମନୁଷ୍ୟ କେହି ଜାଣି ନ ପାରିବେ । ଭକ୍ତେ ଜାଣିଶୁଣି ବଣା ହୋଇବେ ॥
ଘୋର ମରୁଡ଼ି କୃଷି ହତ ହେବ । ଚାଷୀକୁଳ ନଷ୍ଟ ଭ୍ରଷ୍ଟ ହୋଇବ ॥
ସାନବଡ଼ ସମସରି ହୋଇବେ । ଅମାନନ୍ତ ମାନନ୍ତି ନ ମାନିବେ ॥
ବସୁଧା ବିକଳ ହୋଇବ ଯେଣୁ । ଇନ୍ଦ୍ର ଅପାଳଣା କରିବ ତେଣୁ ॥
ସେ କାଳେ ମେଘ ଘଡ଼ଘଡ଼ି ହେବ । ଆକାଶ ଘୋଟି ବିନ୍ଦୁ ନ ପଡ଼ିବ ॥
ଚନ୍ଦ୍ରକିରଣ ଲୁଚିବ ଆକାଶେ । ପୁରୁଷ ରହିବେ ନାରୀଙ୍କ ବଶେ ॥
କୁହୁକ ଘୋଟିବ ନବ ଦିବସ । ଜାଣିବ ପ୍ରଭୁ କରିଲେ ନିରାଶ ॥
ମୀନ ଶନି ହେବ ମୁକୁନ୍ଦ ଅଙ୍କେ । ଭାରତେଶ୍ୱରୀ ହେବ ଛତପାଟେ ॥
ବହନ୍ତୁ ରଖିଥିବ ବ୍ରଜକୁମର । ସେକାଳେ ମୁହିଂ ତେଜି କଳେବର ॥
ମଧୁ (୧) ଷଷ୍ଠୀ ତିଥି ଗୁରୁବାରରେ । କଷଣ ପଡ଼ିବ ନିଜ ଦାସରେ ॥
ସେହି କାଳକୁ ଅଷ୍ଟାଦଶ ଜାଣ । ଭକ୍ତଙ୍କୁ କିଛି ହୋଇବ କଷଣ ॥
ନକ୍ଷତ୍ର ବୃଷ୍ଟି ରାତ୍ରଦିନ ହେବ । ମହତ ପୁଣ ଯେ କେହି ନଥିବ ॥
ଲୁଚିବେ ଭକ୍ତ କଳିପ୍ରଭା ଦେଖି । ସନ୍ଥ ସାଧୁ ଦୃଷ୍ଟି ହେବ ନିର୍ମାଖି ॥
ବାଳ ବୃଦ୍ଧ ଅଙ୍ଗେ ବତାସ ହେବ । ଜଳ ପ୍ରବଳ ବତାସ ବହିବ ॥
ପୃଥ୍ୱୀ ହୀନମାନ ବହୁତ କଷ୍ଟ । ରାଜା ହେଉଥିବେ ସେ ନଷ୍ଟଭ୍ରଷ୍ଟ ॥
ପ୍ରଜା ଗୁହାରି ରାଜା ନ ଶୁଣିବେ । ଅଣଘରୁଆ ଘରୁଆ ହୋଇବେ ॥
ଘରୁଆମାନେ ଯେ ଯିବେ ଉଜୁଡ଼ି । ନ ମିଳିବ ପୁଣି ଟଙ୍କା କଉଡ଼ି ॥
ଦୁହିତା ବିକିରି ହେବ ସବୁରି । କୁଳ ବିଚାର ନଥିବ କାହାରି ॥
ବିଧବା ବ୍ରାହ୍ମଣୀ ବିଭା ହୋଇବେ । ତିନିପାଦ କଳିକାଳ ଘୋଟିବେ ॥
କଳିରେ ଲିଆଣ ଏସବୁ ଜାଣ । ଧରି ମାରୁଥିବେ ପାଣ ପଠାଣ ॥
ଅଙ୍କରେ ଅଙ୍କ ଭେଦ ରହିଥିବ । ମନୁଷ୍ୟ ଏହା କେହି ନଜାଣିବ ॥
ବିଧବା ବ୍ରାହ୍ମଣୀ ବିଭା ନିଶ୍ଚୟ । ତିନିପାଦ କଳି ଶେଷ ଏ କ୍ଷୟ ॥

(୧) ମଧୁ ଅର୍ଥାତ୍ ଚୈତ୍ର ମାସ ।

ଦିବ୍ୟ ସିଂହଦେବ ଅଙ୍କରେ ପୁଣ । ଧୂମକେତୁ ହେବ ପୂର୍ବଭାଗେଣ ॥
ଉଲ୍‌କାପାତ ହୋଇବ ହାଲ ହୋଳି । ଶ୍ୱାନ ଶୃଗାଳ ଛାଡ଼ିବେ ବୋବାଳି ॥
ଥୋକାଏ ମରିବେ ଯୋଗ୍ମୀ ମୁଖରେ । ଦୟାଧର୍ମ ନ ଥିବଟି କାହାରେ ॥
ବରାହ କ୍ଷେତ୍ରେ ଶୁଭସ୍ତମ୍ଭ ଥିବ । ସେଠାରେ ରୁଧିର ନଦୀ ବହିବ ॥
ଏକ ବୈଷ୍ଣବ ସେହିଠାରେ ମିଳି । ମାରୁଥିବ ରହି ସେ କରତାଳି ॥
କପଟେ ଥିବ ନ ଜାଣିବେ କେହି । ଶୁଭ ସ୍ତମ୍ଭକୁ ଖୋଳିଥିବେ ରହି ॥
କିଛି ପଦାର୍ଥ ଘେନି ଚଳିଯିବ । ସେଦିନ ଜାଣିବ ସୂଚକ ଭାବ ॥
ଟହ ଟହ ହୋଇ ବିରଜା ମାତ । କିଛିଦିନେ ପୃଥ୍ୱୀ ହେବ ଉତ୍ପାତ ॥
ସମ୍ଭଳ ନଗ୍ର ଛାଡ଼ି କରି ହରି । ଆମ୍ଭା ତପସ୍ୟା ସ୍ୱର୍ଣ୍ଣ ଚୂଟଗିରି ॥
କାଞ୍ଚନଗ୍ର କାଶୀପୁର ପାଟଣା । ସେଠାରେ ଭକ୍ତମାନଙ୍କର ଠଣା ॥
ସେଠାରେ ମୋର ନିଜ ବାସ ଥିବ । ଗୁପତ ପ୍ରଘଟ (୨) ସେଠାରେ ହେବ ॥
ମାଟିଗଡା ହୋଇ ଥିବି ମୁଂ ରହି । ଭକ୍ତଙ୍କ କୋଠ ଆଶ୍ରମ ସେଠାଇଂ ॥
ବିରଜା ପୀଠ ବୈତରଣୀ ନଦୀ । ଦଶାଶ୍ୱନୀ ଘାଚ ଉଦୟ ଭେଦି ॥
ସପତ ମାତୃକା ଟେକିଛି ଶିର । ତାଙ୍କ ଅଧରୁ ବହିବ ରୁଧିର ॥
ସେହି ସଙ୍କେତ ଜାଣିଥାଅ ରାମ । କଳଙ୍କି (୩) ଉଦୟ ନିଶ୍ଚୟ ଜାଣ ॥
ରାମେଶ୍ୱର ଥିବେ ପରଚେ ହୋଇ । ବିଭୀଷଣ ତପସ୍ୟା ସ୍ଥାନେ ରହି ॥
ଉଚ ଦେଉଳ ତୋଳାଇବ ଯେହୁ । ବୈଷ୍ଣବ ରୂପ ଧରିଥିବେ ସେହୁ ॥
ବିଶ୍ୱକର୍ମା ଅଙ୍ଗେ ଜାତ ତାହାର । କିଛିଦିନ ରହି ହେବ ଅନ୍ତର ॥
ତ୍ରିଲୋଚନ ମୂର୍ତ୍ତି ଯେବଣ ସ୍ଥାନ । ତପକଲା ଯାଇଂ ତହିଂ ରାବଣ ॥
ଛପନଗଣ୍ଡା ଯୁଗ ଭୋଗ ହେବ । ବରପାଇ ତହୁଂ ଲଭିଲା ଧ୍ରୁବ ॥
ଚଉଦଗଣ୍ଡା ଯୁଗ ଭୋଗ କଲା । ଆମ୍ଭର ବର ଯହୁଂ ପାଇଥିଲା ॥
ବଳବାନ ହୋଇ ସୀତା ହରିଲା । ଅଶୋକବନେ ନେଇ ରଖିଥିଲା ॥
ହନୁ ଠାବ କରି ସଙ୍କେତ ଦେଲେ । ରାମ ବାଣରେ ପ୍ରାଣକୁ ହାରିଲେ ॥
ତ୍ରିଜଟା ବର ପାଇଥିଲା ଯହୁଁ । ସୀତା ବରେ ନୃପତି ହେଲା ସେହୁ ॥
ବିଷ୍ଣୁ ଭକ୍ତ ସେହୁ ଏକାଙ୍ଗ ଛତ୍ରି (୪)। କ୍ଷତ୍ରି କୁଳକୁ କରିବି ନିକ୍ଷତ୍ରି ॥
ଗଡ଼ମାଣ୍ଡକୁ ବାଟ କରିଥିବ (୫) । ରାଜାର ଜ୍ୟୋତି କିଛି ନ ରଖିବ ॥
ଛତିଶ ପ୍ରକାରେ ବାନ୍ଧିବ କର । ଶୂନ୍ୟରେ ସେହୁ ନେବଟି ଖବର ॥
ତେର ପୁରୁଷ ସେ ଭୋଗ କରିବ । ଓଡ଼ିଶା ରାଜୁତି ସେହି ଛାଡ଼ିବ ॥
ଡିଲୀ (୬) ରାଜଧାନୀ କରିବ ବାରେ । ବଙ୍ଗଳା ହାତକୁ ବାଣ୍ଟିବ ବଳେ ॥
ବିହାର ଓଡ଼ିଶା ଏକତ୍ର ହେବ । କର ସମାନ ସବୁଠାରେ ଥିବ (୭) ॥

(୨) ପ୍ରଚାର, (୩) କଲ୍‌କି, (୪) କ୍ଷତ୍ରି, (୫) ପାଠାନ୍ତର—ଗଡ଼ଜାତକୁ ଆଣ୍ଟ କରିଥିବ, (୬) ଦିଲ୍ଲୀ, (୭) ପାଠାନ୍ତର—ଖାସମାହାଲ ସବୁଠାରେ ଥିବ ।

ଜରାସନ୍ଧ ପୁଣି ହେବ ପ୍ରବଳ । ସଂହାର କରିବ ଦମନ ବଳ ॥
ଏମନ୍ତ ସମୟେ ଋଷିଆ ରାଜା । ବାହି ଆସିବ କହିବ ତୁ ଯା ଯା ॥
ଶରଣ ପଶିବ ତାଂଠାରେ ଯାଇ । କିଛି ଦିବସ ଯେ ସତ୍ୟରେ ରହି ॥
ଭୋଇ ବଂଶରେ ବାଳବୃଦ୍ଧ ହେବ । ଯୁଗ ଭୋଗ ସେହୁ କିଛି କରିବ ॥
କେନ୍ଦୁଝରରେ ଭୂଇଂଆଙ୍କ ମେଳ । ସେହିଦିନୁ କିଛି କଳି ପ୍ରବଳ ॥
ଦିବ୍ୟସିଂହ ଦେବ ନବ ଅଙ୍କରେ । କିଛି ଦୁର୍ଭିକ୍ଷ ପଡ଼ିବ ସଂସାରେ ॥
କେତେ ନାଶ ଯିବେ ଅନ୍ନ କଷ୍ଟରେ । ନିଷ୍ଠା ବଚନ ମୁଂ କହୁଛି ବାରେ ॥
ଗୁପତରେ କିଛି ଖେଳ କରିବି । ସମ୍ବଳ ନଗ୍ରରେ ମୁଂ ରହିଥିବି ॥
ନବମ ଜନ୍ମ ମୋ ରୋପ୍ୟାନ ହେବ । ବୃଦ୍ଧ ବାଳକ ରାଜା ହୋଇଥିବ ॥
ଯୋଗ ନିଦ୍ରାରେ ମୋହ ଯିବ ଅଙ୍ଗ । ସଙ୍ଗ ମୋହର ଯେ ହେବ ବିଭଙ୍ଗ ॥
ଠାକୁରଙ୍କର ଯେ କେତେକ ଅଂଶ । ସୁଦାମା ଅଙ୍ଗରେ ତହିଂ ବିକାଶ ॥
ଆର ଅଧ୍ୟାରେ କହିବି ଥୋକାଏ । ହେତୁ ରଖିଥାଅ ବରଜ ପୋଯେ ॥
ରୁପତୁ ଅଛି ଗୁପତ ଅଟଇ । କଲ୍‌କିକଳ୍ପ ଗୀତା ଅଚ୍ୟୁତ କହି ॥

ଇତିଶ୍ରୀ କଲ୍‌କିକଳ୍ପ ଗୀତା ଭବିଷ୍ୟାନ୍ତ ବର୍ଣ୍ଣନେ ରାମଚନ୍ଦ୍ର ବୋଧନେ ନାମ ତୃତୀୟ ପଟଳ ॥

# ଅଚ୍ୟୁତାନନ୍ଦଙ୍କ ତତ୍ତ୍ୱବୋଧିନୀ

## (ତୃତୀୟ ଖଣ୍ଡ) ତୃତୀୟ ଅଧ୍ୟାୟ

ଶୁଣି ରାମଚନ୍ଦ୍ର ପୁଚ୍ଛଇ ବାଣୀ । ସଂଶୟ ମନରେ ରହିଲା ପୁଣି ॥
କେମନ୍ତେ ଭକତ ମେଳ ହୋଇବେ । ସେ କଥା ମୋ ଆଗେ କହିବା ଭାବେ ॥
ତେଇଶ ଯାଇ ଚବିଶରେ ପୁଣ । ଭକତ କିଛି ହୋଇବେ ପ୍ରମାଣ ॥
ତେଇଶ ଯାଇ ଚବିଶ ଆଗତ । ପୃଥିବୀ ହୋଇବ ଉଲ୍‌କା ପାତ ॥
ପୃଥିବୀ ହୋଇବ ସେ ହାଲହୋଲି । କାକ କୁକୁର ଯେ କରିବେ କଳି ॥
କାକ କୁକୁର ହୋଇବେ ଏକତ୍ର । ଇନ୍ଦ୍ର ବରଷା କରିବ ରକତ ॥
ବ୍ୟାଧି ହୋଇଣ ପିଶାଚୀ ଆସିବେ । ପ୍ରାଣୀମାନଙ୍କୁ ଗୁପତେ ଦଂଶିବେ ॥
ନାଳଶୂଳା ସଙ୍ଗେ ରକତ ବ୍ୟାଧି । ଘରକୁ ଘର ପକାଇବ ଶୋଧି ॥
ବହୁତ ଉତ୍ପାତ ସଂସାର ହେବ । ନିର୍ଭୟ ହୋଇ ଜଣେ କେ ନଥିବ ॥
ମାରୁ ମହରଗ ହୋଇବ ଭଲେ । ସବୁ ନ ଅଣ୍ଟିବ ଯେତେ ଅର୍ଜିଲେ ॥
ପଡି ପଦ୍ମୀରେ ହୋଇବ ଅମେଳ । ଚତୁର୍ଦ୍ଦିଗରେ ଘୋଟିଯିବ କାଳ ॥

କନ୍ୟା ବିକିରି ହୋଇବ ସବୁରି । ତହିଁ ବିଚାର ନୋହିବ କାହାରି ॥
ଦୟା ନଥିବ ଯେ କୁଟିଳ ଲୋକେ । ବ୍ରହ୍ମଜ୍ଞାନରେ ମାତୁଥିବେ ଥୋକେ ॥
ବ୍ରହ୍ମ ନ ଚିହ୍ନି ହେଉଥିବେ ବଣା । ଆଖି ଥାଉ ପୁଣି ହୋଇବେ କଣା ॥
ଭକତ ହୋଇବେ ପାଣ ପଠାଣ । ଡରି ମରିବେ ଦେଖିଲେ ବ୍ରାହ୍ମଣ ॥
ଅତି ଅନ୍ୟାୟ ହୋଇବ ସଂସାର । କାହାରି ନଥିବ କୁଳ ବିଚାର ॥
ହିଂସା ଆଚରି ବଡ଼ିମା ଦେଖାଇ । ସତ କଥାକୁ ଦେବେଟି ଉଡ଼ାଇ ॥
ପାଞ୍ଚସାତରେ କରୁଥିବେ ମେଳି । ସତ ଲୋକ ସଙ୍ଗେ କରିବେ କଳି ॥
ମେଘ ବରଷା ଫିରି ଫିରି ହେବ । ବଜ୍ରର ଘାତେ ମନୁଷ୍ୟ ମରିବ ॥
ଫଳିଲା ଭୂମି ଗୋଚର ହୋଇବ । ନିବୃତ୍ତି ମାନସେ ଧାନ ଫଳିବ ॥
ଓଲଟା ପହରା ହୋଇବ ବାବୁ । ତୋ ଆଗେ ଏ ମାନ କହିଲି ସବୁ ॥
ରାମଚନ୍ଦ୍ର ବୋଲେ ଶୁଣିମା ଥରେ । ଆହୁରି ସଂଶୟ ମୋର ମନରେ ॥
ସେ କାଳେ ପରଜା କି ରୂପେ ଥିବେ। ଏମନ୍ତ କଷ୍ଟ କେମନ୍ତେ ସହିବେ ॥
କଳି ଆଗମେ ଏମନ୍ତ ହୋଇବ । ଧନ୍ୟ କଳିଯୁଗ କଲା ଦଇବ ॥
ମୋ ମନେ ସଂଶୟ ରହିଲା ଆଉ । ତତ୍ତ୍ୱ ଚେତାନାମ କହିବା ହେଉ ॥
ବୋଲନ୍ତି ଶୁଣିମା କୁମରମଣି । କେତେ ପଚାରୁ ତୁ ତତ୍ତ୍ୱ ବଖାଣି ॥
ତତ୍ତ୍ୱ ବଖାଣିବା ନୁହଇ ବାବୁ । କି ରୂପେ କହିବା ତୋ ଆଗେ ସବୁ ॥
ତତ୍ତ୍ୱ ତେର ଜଣ କହିବା ତୋତେ । କା ଆଗେ ନ କହି ରଖ ଗୁପତେ ॥
କେବେ ନ କହିବୁ କାହା ଆଗର । ଛୁଅନି ବାରେ ଚରଣ ମୋହର ॥
ଛତିଆ ହାଡ଼ିଆ ଅଟଇ ଚେତା । ଯାଜପୁରେ ଅଟେ ଦାସ ଭକତା ॥
ଓଳାଭରେ ତନ୍ତୀ ସୁଦାମ ମୋର । ଫକୀର ଅଟଇ ଭକତ ସାର ॥
ମଧୁଦାସ ଅଟେ ଭକତ ଚେତା । କିଶୋରୀ ନାମଟି ଅଟେ ଗୁପତା ॥
ଚକ୍ରଧର ମୋର ବାଳୁତ ପିଲା । ଆହୁରି ଭକତ ହୋଇବ ବୁଲା ॥
ଗୋବିନ୍ଦ ଭକତ ଅଟଇ ଟାଣ । ଉଛବା ବୋଲିଣ ଏକ ବ୍ରାହ୍ମଣ ॥
ଘନଶ୍ୟାମ ମୋର ଭକତ ପିଲା । ମାଗି ଭକତ ମୋ ବଡ଼ ଚଗଲା ॥
ଗୋପାଳ ଭକତ ଗୋବିନ୍ଦପୁର । ତତ୍ତ୍ୱଚେତା ଅଟେ ଚନ୍ଦ୍ରଶେଖର ॥
କାହ୍ନୁଆ ବେନୁଆ ଏ ଦୁଇ ଜଣ । କେଶବା ବୋଲିଣ ଏକ ବ୍ରାହ୍ମଣ ॥
ସାତ ପାଞ୍ଚ ବାକ୍ୟ ଜାଣନ୍ତି ସେହି । ଆଉ କେ ଜାଣିବ ଜ୍ଞାନର ଭୂଇଁ ॥
ରାମଚନ୍ଦ୍ର ବୋଲେ ଶୁଣିମା ହେଉ । ଜ୍ଞାନର ଭେଦ ସେ ଜାଣିବେ କାହୁଁ ॥
ଶୁଣ ରାମଚନ୍ଦ୍ର କହିବା ତୋତେ । ଗୁପତ କଥା ରଖିଥିବୁ ଚିତ୍ତେ ॥
ପୂର୍ବ ବାସନା ଥିବଟି ଯାହାର । ଅନାମରୁ ନାମ ହେବ ବାହାର ॥
ଅନାମ ଅକ୍ଷର ଭଜିବ ଯେହି । ଚିହ୍ନିପାରିଲେ ଜ୍ଞାନ ତାର ହୋଇ ॥
ଛଡ଼ଚକ୍ର ମଧ୍ୟେ ପଚାଶ ଦଳ । ସମସ୍ତେ ଅଟନ୍ତି ଅନାମ ଦଳ ॥
ଅନାମ ଉପରେ ମଣ୍ଡଳୀ ଗୋଟି । ପିଣ୍ଡ ବ୍ରହ୍ମାଣ୍ଡକୁ ଅଛଇ ଘୋଟି ॥

| | | | |
|---|---|---|---|
| ତହିଁ ଉପରକୁ ନାହିଁଟି କିଛି | । | ଡିମ୍ବର ଭିତରେ ଛୁଆଟି ଅଛି | ॥ |
| ଡିମ୍ବ ଫୁଟାଇ ଛୁଆକୁ ଦେଖିଲେ | । | ଅନ୍ଧକାରମାନ ଫିଟିବ ଭଲେ | ॥ |
| ପଲକ ନିଶ୍ଚଳ ସାଧି ପବନ | । | ନିଶ୍ଚଳ କରିବ ସେ ପାଞ୍ଚମନ | ॥ |
| ମନ ପବନକୁ କରିଣ ଏକ | । | ତେବେ ବୋଲିବା ବ୍ରହ୍ମର ସାଧକ | ॥ |
| ରଜ ତାମସ ଗୁଣକୁ ଛାଡ଼ିବ | । | ସତଗୁଣେ ମନ ଚଳାଇଥିବ | ॥ |
| ନିଶ୍ଚଳ ଚିତ୍ତେ ଧ୍ୟାନ ଲଗାଇବ | । | ଦେହ ହଜାଇ ଜାଗି ବସିଥିବ | ॥ |
| ଓଲଟ ପିଛଡ଼ା ଟେକିବ ଦୃଷ୍ଟି | । | ତେବେ ଅନ୍ଧକାର ଯିବଟି ଫିଟି | ॥ |
| ବ୍ରହ୍ମ ମଣ୍ଡଳକୁ ବାଇ ଟେକିବ | । | ଜ୍ଞାନ ଦୀପରେ ବ୍ରହ୍ମକୁ ଚିହ୍ନିବ | ॥ |
| ଚନ୍ଦ୍ର ମଣ୍ଡଳେ ସୂର୍ଯ୍ୟକୁ ଦେଖିବ | । | ପୂର୍ବ ବାସନା ଜ୍ଞାନ ଯାର ଥିବ | ॥ |
| ପୂର୍ବରୁ ଧ୍ୟାନ ଯାହା ଘରେ ଥିବ | । | ସେଇ ଅବଶ୍ୟ ପୂରୁଣା ଖାଇବ | ॥ |
| ଏହି ପ୍ରକାରେ ସବୁ ଅଟେ ବାବୁ | । | ବାସନା ନ ଥିଲେ କାହିଁ ପାଇବୁ | ॥ |
| ତୋ ଆଗେ ଏକଥା କହିଲି ମୁହିଁ | । | ଏ ଜ୍ଞାନ ସାଧିଲେ ବ୍ରହ୍ମକୁ ପାଇ | ॥ |
| ବ୍ରହ୍ମ ଗୁଣାଣ ବ୍ରହ୍ମ ଏକାକ୍ଷର | । | ଶୂନ୍ୟ ସଂହିତାରୁ ଏହି ବିଚାର | ॥ |
| ଚଉତ ଅଧ୍ୟାରେ ଏମାନ କହି | । | ଶୁଣ ହେ କୁମର ତୁ ମନ ଦେଇ | ॥ |
| ବାସନା ଥିଲେ ମିଳଇ ଯେ ପାଶ | । | ଭାବରେ ଭଣିଲେ ଅଚ୍ୟୁତ ଦାସ | ॥ |

ଇତିଶ୍ରୀ ବ୍ରହ୍ମବିଦ୍ୟାୟାଂ ତତ୍ତ୍ୱବୋଧିନୀ ଟୀକା
ବ୍ରହ୍ମଜ୍ଞାନ କଥନେ ନାମ ତୃତୀୟ ଅଧ୍ୟାୟ ସମ୍ପୂର୍ଣ୍ଣ ॥

# ଶିଶୁଅନନ୍ତଙ୍କ ଭକ୍ତିମୁକ୍ତିଦାୟକ ଗୀତା

## ସପ୍ତମ ପଟଳ

ହେତୁ ମତି ଦେଇ ଶୁଣ ପଣ୍ଡୁ ନୃପସୁତ ।
ଜଉତିଷ ଯୋଗ ହେବ ବିଚଳ ବିକୃତ ॥
ସୁଜନ ବଚନ କେହି ନ କରିବେ ଲେଖା ।
ହୀନ ଦୁଃଖୀଜନେ ଦେଖି ନ ଦେବେକ ଭିକ୍ଷା ॥
ପ୍ରୀତିଲୋକ ବନ୍ଧୁବର୍ଗ ହୋଇବେ କନ୍ଦଳ ।
ସାଇ ସାଇ ହୋଇ ନିତି ହେବ କଳିଗୋଳ ॥
ଜଳ ଥଳ (୧) ଅରଣ୍ୟରେ ହେବେ ପିଟାପିଟି ।
ଏକ ଆରେକର ବୋଲି ଧରିବେଟି ତୁଟି ॥

(୧) ସ୍ଥଳ ।

ମୋର ମୋର ବୋଲିକରି ମିଛେ ଭୁଲାଇଣ ।
ଏହିପରି କରି ପର ଦ୍ରବ୍ୟ ନେବେ ଜାଣ ॥
କଳର ଯୋଗରେ ହେବ ନାନାଦି ବିଅର୍ଥ ।
ବହୁ ପରାକ୍ରମୀ ଲୋକେ ହେବେ ଅସମର୍ଥ ॥
ବସିଲା ଠାବରୁ ବୁଦ୍ଧି ନ ସ୍ଫୁରିବ ଆଉ ।
ସାନ ସାନ ବିଶାମାଣ ଗଉଣିରେ ଭାଉ ॥
ଅବିଶ୍ୱାସୀ ହେବେ ନାରୀ କୁପୁରୁଷେ ରସି ।
ଗଳାମାନଙ୍କରେ ଲଗାଇବେ ପୁଣ ଫାଶି ॥
ପୁତ୍ର ଜାତ କରି ମାତା ପକାଇବେ ମାରି ।
ରାଜପୁତ୍ର ହେବେ ଦୀନ ବାଟର ଭିକାରି ॥
ରାଜାମାନେ ରାଜ୍ୟ ଗଡ଼ ଛାଡ଼ି ପଳାଇବେ ।
କନ୍ଦି ବିକନ୍ଦିରେ ଯାଇ ଲୁଚିଣ ରହିବେ ॥୧୦
ଆହୁରି ପଛରୁ କଥା ରହିଅଛି ଯେତେ ।
କହିବା ବୁଝାଇ ଠିକ ଶୁଣ ଶୁଦ୍ଧ ଚିତ୍ତେ ॥
ମାଧବ ମାସରେ ହେବ ଅଖଣ୍ଡ ବରଷା ।
ବିହନ ହଜାଇ ବିଲେ ଚଷିବେକ ଚଷା ॥
ସ୍ୱଳ୍ପ ବୃଷ୍ଟି କରି ଇନ୍ଦ୍ର ଦେଶକୁ ପାଳିବ ।
ଶ୍ରାବଣ ମାସରେ ଜଳ ନିରାଧାର (୨) ହେବ ॥
ଶୁଷ୍କ ହେବ କୂପ ବାମ୍ପି ପୁଷ୍କରିଣୀ ଜଳ ।
ପ୍ରତ୍ୟେକ ନଦୀରେ ଆଉ ନ ବହିବ ଜଳ ॥
ଆଶ୍ୱିନ ମାସରେ ଧୋଇ ହୋଇବ ପ୍ରବଳ ।
ଭାଙ୍ଗିଯିବ ଗୃହସବୁ ଦେବତାଙ୍କ ଆଳ ॥
ଅଦିନେ ଦୁର୍ଦ୍ଦିନ ହେବ ଅଦିନେ କୁହୁଡ଼ି ।
ଅନ୍ନର ଯୋଗେ ପରଜା ମରିବେ ଯେ ଗଡ଼ି ॥
ଏହି କଥା ଥାଉଁ ଆନ ଗତି ହେବ କ୍ଷିତି ।
କହିବା ଗୋପ୍ୟାନ ଏବେ ପଣ୍ଡୁର ସନ୍ତତି ॥
ବରଷା ରତ୍ନରେ ତିନି ବିନ୍ଦୁ ହେଲେ ମେଳ ।
କୁଡ଼କୁଡ଼ୁ ହୋଇଣ ଗଡ଼ିବ ମୁଣ୍ଡମାଳ ॥
ଏକ ଯେ ଏଗାର ବସୁଦେବ ଅଙ୍କ କୁଟ ।
ସେହିଦିନୁ ସବୁ ହେବ କଳିରେ କପଟ ॥

---

(୨) ଧାରାଶୂନ୍ୟ ।

ଦାନା ଥାଉ ପ୍ରାଣୀମାନେ ମରିବେଟି ଗଡ଼ି ।
ବ୍ରହ୍ମାଣ୍ଡ ଅଙ୍କରେ ଥୋକେ ଲେଖ ଧରି ଖଡ଼ି ॥୨୦
ଶୂନ୍ୟ ହେବ ଥୋକେ ଜନ ଧନ ଗୋରୁ ଘର ।
ଅନଙ୍ଗ ଯୋଗରେ ଜାଣ ପଣ୍ଡୁର କୁମର ॥
ଶୁଣିଲୁ ଯେ କର୍ଣ୍ଣପଥେ ଏହୁ ସମାଚାର ।
ନାରଦଙ୍କୁ ଠିକରେ କହିଲେ ବେଦବର ॥
ବେଦ ଚାରି ଭେଦ କରି ପଞ୍ଚମକୁ ଠାରି ।
ଅର୍ଦ୍ଧଭାଗ ମଧ୍ୟରେ ହୋଇବ ଛଡ଼ ଚୋରି ॥
ଅତି ଉପଦର୍ପ ହେବ ପଥଚାରୀ ଠାରେ ।
ବାହାରିବେ ନାହିଁ ନର ଜନ୍ତୁଙ୍କ ଭୟରେ ॥
ସର୍ପ ଯେ ଶାର୍ଦ୍ଦୂଳ ଶ୍ୱାନ ମର୍କଟ ଶୃଗାଳ ।
ଚାରିଙ୍କର ପ୍ରଭା ହେବ ନିଶାରାତ୍ର କାଳ ॥
ଜୀବ ଜନ୍ତୁଙ୍କର ଆଳ (୩) ଗୃହ ଗୃହ ହୋଇ ।
ଅବଶ୍ୟ ହୋଇବ ସଂହାରଣ କଥା ପାଇଂ ॥
ମନ୍ତ୍ର ମଉଷଧି (୪) କିଛି ନ କାଟିବ କଲେ ।
ବ୍ୟାଧିରେ ଦନ୍ତାଘାତରେ ଏଥିକଥା ଭଲେ ॥
ନିତ୍ୟରେ ଅନିତ୍ୟ ଥାନ (୫) ହେବ ହେ ଯୁଧିଷ୍ଠି ।
ସେହିଦିନ ଉତପାତ ହେବ ନବସୃଷ୍ଟି ॥
ଭଣଇ ଶିଶୁ ଅନନ୍ତ କ୍ଷୀରାର୍ଣ୍ଣବବାସୀ ।
ଧର୍ମସୁତ ଆଗରେ କହିଲେ ଏହା ଭାଷି ॥

ଇତି ଶ୍ରୀ ଭକ୍ତିମୁକ୍ତିଦାୟେକ ଗୀତା ଶ୍ରୀକୃଷ୍ଣ ଯୁଧିଷ୍ଠିର ବ୍ରହ୍ମା ନାରଦ ସମ୍ବାଦେ ଅଗମ୍ୟ କଥନେ ନାମ ସପ୍ତମ ପଟଳ ସମ୍ପୂର୍ଣ୍ଣ ॥

---

(୩) ନିଳୟ ବା ବାସସ୍ଥାନ, (୪) ଔଷଧ, (୫) ସ୍ଥାନ ।

## ଅଷ୍ଟମ ପଟଳ

ଧାତାୟେ ବୋଲନ୍ତି ମୁନି ନାରଦଙ୍କୁ ହେଜି ।
ଶୁଣ ହେ ସୁଜନେ ତୁମ୍ଭେ ମୁଂ କଥା ସମାଦି(୧) ॥
ଶ୍ରୀକଳପବଟ ଘାତ ହେବ ଯେତେବେଳେ ।
ନୀଳାଞ୍ଚଳ ଛାଡ଼ିଯିବେ ମଦନଗୋପାଳେ ॥
ସାତଦିନ ଦେଉଳରେ କବାଟ ପଡ଼ିବ ।
ଶଗଡ଼ ଗାଡ଼ି ରାସ୍ତାରେ ପଥ ନ ଦିଶିବ ॥
ସୁନିଆ ହୋଇବ ଘାଟ ହାଟ ବାଟ ପ୍ରତି ।
ସବୁ ପ୍ରାଣୀମାନଙ୍କର ନ ରହିବ ଜାତି ॥
ଶିରୀ (୨) ଛାଡ଼ିଯିବେ ବାବୁ ସକଳ ଗୃହରୁ ।
ଯେଉଂଦିନ ଅନନ୍ତ ଟେକିବେ ନିଶ୍ଚେ ଫେରୁ(୩) ॥
ଆହୁରି ସୂଚକ ଶୁଣ ମନକର୍ଣ୍ଣ ଦେଇ ।
ନକ୍ଷତ୍ର ଲଞ୍ଜା (୪) ପଡ଼ିବ ପୁଞ୍ଜା ପୁଞ୍ଜା ହୋଇ ॥
ବୃଷ୍ଟି ହୋଇବ ପାଷାଣ ରୁଧିର ସଙ୍ଗତେ ।
**ଅଣଚାଶ ପବନ ବହିବ ଅକସ୍ମାତେ ॥**
**ଆବର ଛୁଟିବ ଲୁଣା ପୂର୍ବଦିଗୁ ପେଲି ।**
**ନଦୀ ନାଳ ପୋତି ହେବ ଗଡ଼ି ଗଡ଼ି ବାଲି ॥**
କୁଂଡୀନଗ୍ର ଠାରୁ (୫) ଶାଳ ବିଶାଳ ପୁରକୁ ।
ଏକ ସର୍ପ ବାହାରିବ ଅନ୍ତର କାଳକୁ (୬) ॥
ଗର୍ଜ୍ଜନ ଘାତରେ ନର ଶୁଣି ହେବେ ଧ୍ୱଂସ ।
ଆବର ସୂଚକ ଏବେ ଶୁଣ ଧର୍ମଶିଷ୍ୟ ॥୧୦
ବକ୍ରେଶ୍ୱର ଠାରୁ ଶାଳଶିଳ ବଟ ଭେଦି ।
ଚିତ୍ରତୋଳା ନାମେଣ ବହିବ କ୍ଷୀରନଦୀ ॥
ତୁଳସୀ ପତର ଗୋଟି ଗୋଟି ଭାସୁଥିବ ।
ଲେମ୍ବାଳ ଗ୍ରାମରେ ପଦ୍ମେ ଭକ୍ତ ଗୋଷ୍ଠୀ ହେବ ॥

---

(୧) ସମାଦ ଅର୍ଥାତ୍ ଆରମ୍ଭ କରି, (୨) ଶ୍ରୀ ବା ସୌନ୍ଦର୍ଯ୍ୟ, (୩) ଫଣା,
(୪) ଏହା ଲଞ୍ଜାତାରା ବା ଧୂମକେତୁକୁ ବୁଝାଇଥାଏ । ଆକାଶରୁ ଲଞ୍ଜା ଖସିବା ଅଶୁଭ ସୂଚକ ବୋଲି ଗ୍ରହଣ କରାଯାଏ ।
(୫) ଏହା ଯାଜପୁର ବୋଲି ମାଳିକାରେ ଗୃହୀତ ଯଥା—ଯାଜନଗ୍ର ଯେ କୁଣ୍ଡିନଗ୍ର ନାମ'
(ପଞ୍ଚସଖାଙ୍କ ବିରଚିତ ପରାର୍ଦ୍ଧ ଚତୁର୍ଥ ଅଃ)
(୬) ଶେଷବେଳକୁ ଅର୍ଥାତ୍ ଯୁଗାନ୍ତ ସମୟକୁ

ଦକ୍ଷିଣ ଉତ୍ତର ପୂର୍ବ ପଶ୍ଚିମରେ ଜୁଟ (୭) ।
ପଦ୍ମେ ଭକ୍ତ ରହିବେ ଏ ସିଦ୍ଧିଗିରି ପୀଠ ॥
ଯାଜପୁର ଗ୍ରାମେ ହେବ ଗ୍ରନ୍ଥ ଯେ ମେଳଣ ।
ପଦ୍ମେ ଭଗତଙ୍କ ନାମ ମିଳିବ ଶାସ୍ତ୍ରେଣ (୮) ॥
ଆଦ୍ୟ ଅନ୍ତ ମଧ୍ୟାହ୍ନରେ ଚରଚା ଯେ କିଛି ।
ଜାଣିଣ ଭଗତ ଥିବେ ଗୋପ୍ୟାନରେ ଲୁଚି ॥
ମୋର ମାୟା ଜାଣିଥିବେ ସଂସାରିକା ମତେ(୯)।
ଅତି ହିଂ ନିଉନ (୧୦) ତନ ଧରି ଶୁଦ୍ଧ ଚିତ୍ତେ ॥
କହିବା ପ୍ରସ୍ତାବେ ତୋତେ ପଞ୍ଚକୁ ବୁଝାଇ ।
ବାରହାତ ଖଣ୍ଡା ଅଛି ସମଲ (୧୧) ଯେ ଭୂଇଁ ॥
ଯାଜପୁରେ ମହାମାଈ ଏକ ରଡ଼ିଦେବ ।
ଶବଦରେ ତିନିପୁର ଉଚ୍ଛୁକ (୧୨) ହୋଇବ ॥
ଫାଟିଯିବ ଶୁଭଖମ୍ବ (୧୩) ବହିବ ରୁଧିର ।
ବଇତ୍ରଣୀ ନଦୀ ହେବ ଅଧୁଆଣି ଧାର (୧୪) ॥
ଅତିଅନ୍ତ ପ୍ରୀତି (୧୫) ବୋଲି କହିଲୁ ପ୍ରକଟି (୧୬) ।
ପ୍ରଘଟ ନ କରିବ ହେ ଏକଥା ଯୁଦ୍ଧେଷ୍ଟି (୧୭) ॥
ସତ୍ୟବାକ୍ୟ ନିରାଧାର ଏ ପରମ ସନ୍ଧି ।
ଗୋବିନ୍ଦ ବୋଇଲେ ଯୁଧିଷ୍ଠିର ଆଗେ ବନ୍ଦି(୧୮)॥
ଭଣଇ ଶିଶୁ ଅନନ୍ତ ପାମର ଅଜ୍ଞାନୀ ।
ଶୁଣିଣ ସନ୍ତୋଷ ହେବେ ମହା ମହା ଜ୍ଞାନୀ ॥୨୨

ଇତିଶ୍ରୀ ଭକ୍ତିମୁକ୍ତିଦାୟେକ ଗୀତା ବ୍ରହ୍ମାଂ ନାରଦ ସମ୍ବାଦେ
ଶ୍ରୀକୃଷ୍ଣ ଯୁଧିଷ୍ଠିର ବୋଧନେ କଳିଯୁଗ ବିଧି କଥନେ ନାମ ଅଷ୍ଟମ ପଟଳ ସମ୍ପୂର୍ଣ୍ଣ ॥

---

(୭) ଏକତ୍ର, (୮) ଶାସ୍ତ୍ରେଣ, (୯) ସଂସାର ଚଳଣି ଅନୁଯାୟୀ, (୧୦) ନ୍ୟୂନ,
(୧୧) ଏହା 'ସମ୍ଭଳ' ଗ୍ରାମ ବୋଲି ମାଳିକାରେ ଉଲ୍ଲେଖ ଅଛି, (୧୨) ଉତ୍ସୁକ ବା ଆଗ୍ରହୀ
(୧୩) ଯଜ୍ଞ ଉଦ୍ଦେଶ୍ୟରେ ଯାଜପୁରରେ ସୋମବଂଶୀ ରାଜା ଯଯାତି କେଶରୀଙ୍କ ଦ୍ୱାରା ନିର୍ମିତ ହୋଇଥିବା ଶୁଭସ୍ତମ୍ଭ ବିଶେଷ,
(୧୪) ଏହି ରୂପଚିତ୍ରର ବର୍ଣ୍ଣନା ପାଇଁ 'କଳ୍କିକଳ୍ପ'ର ୩୧ ପଦ ଦ୍ରଷ୍ଟବ୍ୟ,
(୧୫) ପ୍ରଗାଢ଼ ଆନ୍ତରିକ ପ୍ରେମ, (୧୬) ପ୍ରକାଶି, (୧୭) 'ଯୁଧିଷ୍ଠିର' ଶବ୍ଦର କଥିତ ରୂପ
(୧୮) ବନ୍ଦନା କରି ।

## ନବମ ପଟଳ

କୁମାରକୁ କୃଷକେତୁ କହିଛନ୍ତି ଯାହା ।
ସେକଥା କହିବା ଶୁଣ ଦ୍ରୌପଦୀର ନାହା (୧) ॥
ଧୂମକେତୁ ଇଚ୍ଛା ଯହୁଁ ସ୍ୱର୍ଗରେ ପଡ଼ିବ ।
ସେହିଦିନ ଠାରୁ ଜଳ ବୃଷ୍ଟି ଉଣା ହେବ ॥
ଏକ ତାରା ପୂର୍ବ ଦିଗୁ ପଶ୍ଚିମକୁ ଯିବ ।
ତରଳ ଭାବରେ ଅତି ହାଲୋଳ (୨) ଦିଶିବ ॥
ବାରଣ ନୋହିବ ଚିହ୍ନି ନ ପାରିବେ କେହି ।
ଚନ୍ଦ୍ରପରେ ଆବର ଉଇଁବ ତାରା ଯାଇ ॥
ତରଳ ଦିଶିବ ପୃଥ୍ୱୀ କମ୍ପିବ ଦ୍ରିବେଳ ।
ନାବ ଯେହ୍ନେ ଉଉଁରୀରେ ହୋଏ ଟଳମଳ ॥
ଏଥିଅନ୍ତେ ସୁରରାଜା (୩) କରିବେ ଅବୁଝା ।
ଅନ୍ୟାୟେ କରିଣ କଷ୍ଟେ ପାଳିବେ ପରଜା ॥
ଅନ୍ନବସ୍ତ୍ର କଷ୍ଟ ଅତି ଦିନୁ ଦିନୁ ହେବ ।
ସୁଖ ଭୋଗ ଶ୍ରୀଯାଦେବୀ (୪) କୋପେ ତୁଟାଇବ ॥
ନ ମିଳିବ ଗୋରୁ ମନୁଷ୍ୟଙ୍କୁ ଗ୍ରାସ କିଛି ।
କ୍ଷୁଧା କଷ୍ଟେ ବଞ୍ଚିବେ ଯେ ଅଳପକେ ଲେଛି(୫) ॥
ଅତିହିଁ ନିର୍ବଳ ଅତି ଖୀନ (୬) ହେବେ ନର ।
ହାହାକାରେ ପଡ଼ିଣ ଯେ ମୂର୍ଚ୍ଛାଗତାଙ୍କୁର (୭) ॥
ଏହିପରି ନରନାରୀ ହେବେ ଦିବାନିଶି ।
କେତେ କେତେ ସଙ୍କଟ ହୋଇବ ପୁଣି ଆସି ॥୧୦
ଚୌର ରାଜା ଅଗ୍ନି ଭୟ ସର୍ପାଘାତ ବ୍ୟାଧି ।
ଦଣ୍ଡଦେବେ ନିରନ୍ତରେ ଲଗାଇଣ ବାଦୀ ॥
ଗୋରୁ ଯେ ମନୁଷ୍ୟମାନେ ହେବେ ସାନ ସାନ ।
କଞ୍ଚା ସିଝା ମାଂସ ଭୁଞ୍ଜିବେ ଲୋକେ ଜନ ॥
ଗୋରୁଙ୍କୁ ହୋ ନ ମିଳିବ ଚରିବାକୁ ଦ୍ରୋଣ(୮) ।
ଘୃତସେର ମୂଲ୍ୟ ହେବ ଚତୁର୍ଥ କାହାଣ (୯) ॥

---

(୧) ନାଥ, (୨) ଆଲୋକ, ଆଲୋକମୟ, (୩) ଇନ୍ଦ୍ର, (୪) ଲକ୍ଷ୍ମୀ, (୫) ଛାଡ଼ି, ତ୍ୟାଗକରି, (୬) କ୍ଷୀଣ; ଦୁର୍ବଳ, (୭) ଆକ୍ଷରିକ ଅର୍ଥ ଗଳାମରୁଡ଼ି ହେବା, ଏଠାରେ କିନ୍ତୁ ଅତ୍ୟଧିକ ଭୟରେ ଚେତନା ଲୁପ୍ତ ହେବା ବିଷୟକୁ ବୁଝାଉଛି ।
(୮) ତୃଣ ବା ଘାସ, (୯) ଚଉଷଠି ପଣ (ପଣକ ୨୦ ଗଣ୍ଡା)

ଛେଳି ମେଣ୍ଢା ପ୍ରାୟେ ଗାଈ ଅତି ସାନ ହେବେ ।
ଅଭକ୍ଷ ଭକ୍ଷଣ କରି ଅଳ୍ପ କ୍ଷୀର ଦେବେ ॥
ଦୁଇଗୋଟା ବଛା ଗାଭି କରିବେ ପ୍ରସବ ।
ମହୀରେ ନ ମିଳିବଟି ଚରିବାକୁ ଦୂବ ॥
ଜଳତଟ ବିନା ଦୂର୍ବା (୧୧) ନାଡ଼ ଲୋଡ଼ା ବେଳେ ।
ନ ମିଳିବ କାହିଁ ଆଉ ମହୀ ଯେ ମଣ୍ଡଳେ ॥
ଧାନ୍ୟ ନ ମିଳିବ ଶିରେ ଅକ୍ଷତ(୧୨) ଧାରଣେ ।
ଟଙ୍କାକରେ ଅନ୍ନ ବିକ୍ରି ହୋଇବ ମହଣେ ॥
ସବୁ ଜାତି ଏକତ୍ରରେ ବସିଣ ଭୁଞ୍ଜିବେ ।
ସିଦ୍ଧ ଅନ୍ନ ବୋଲି ଲୋକେ ବିଶ୍ୱାସ ମଣିବେ ॥
ନାରୀଏ ଜନ୍ମ କରିବେ ତୃତୀୟ ସନ୍ତତି (୧୩) ।
ଏ ଆନ ନୋହିବ ହତ ହେବେ ନରପତି ॥
ମହାଗୋଳ ଉପୁଜିବ ରାଜ୍ୟ ରାଜ୍ୟ ହୋଇ ।
ଚଣ୍ଡୀ ଚାମଣ୍ଡା ମାତିବେ ନରମାଂସ ଖାଇ ॥
ବ୍ରହ୍ମାଏ କହିଲେ ଭାବେ ନାରଦ ଅଗ୍ରତ ।
ଭଣିଲେ ଶିଶୁ ଅନନ୍ତ ଭକ୍ତଜନ ହିତ ॥୨୧

ଇତି ଶ୍ରୀ ଭକ୍ତିମୁକ୍ତିଦାୟେକ ଗୀତା ବ୍ରହ୍ମାଂ ନାରଦ ସମ୍ବାଦେ
ଶ୍ରୀକୃଷ୍ଣ ନାନାଦି ଉପଲକ୍ଷ ଯୁଧିଷ୍ଠିର ଆଗମେ ନାମ ନବମ ପଟଳ ସମ୍ପୂର୍ଣ୍ଣ ॥

### ଜଗନ୍ନାଥ ଦାସଙ୍କ

## ମହିମା ଲେଖନ ଭବିଷ୍ୟାନ୍ତ

ଜୟ ଚିନ୍ତାମଣି ଯଦୁ ବେହାରୀ (୧) । ତୋ ନାମ ଧଇଲେ ଦୁସ୍ତରୁ (୨) ତରି ॥
ମୁଂ ଯେ ସୁଜନ ଜନଙ୍କ ପୟରେ । ଆଶ୍ରିତ ହୋଇ ରହିଲି ସେଠାରେ ॥
ସେ ହରି ମହିଂମା ଅତି ରହସ । ଯା ନାମ ଧଇଲେ ନାଶେ କଲୁଷ ॥

---

(୧୧) ଘାସ, (୧୨) ଅରୁଆ ଚାଉଳ,
(୧୩) ଏହାର ଅନୁରୂପ ବର୍ଣ୍ଣନା ଅଚ୍ୟୁତାନନ୍ଦଙ୍କ ରଚନାରେ ଦେଖିବାକୁ ମିଳେ—
"ଏକଠାରୁ ତିନି ପୁତ୍ର ଜନମିବେ ଜଳି ଆଗମକୁ ଚାହିଁ"—ବିଜ୍ଞାନକଳ୍ପ, ୧ମ ଅଃ
(୧) ବିହାରୀ, (୨) ଆପଦରୁ ।

ତାହାଙ୍କଠାରୁ ଆଜ୍ଞା ହେଲା ମତେ । ଏଣୁ ମହିମା ମୁଂ କଲି ପ୍ରଶସ୍ତେ ॥
ବ୍ରାହ୍ମଣକୁଳେ ଜନ୍ମ ହେଲି ମୁହିଂ । ଜଗନ୍ନାଥ ନାମ ମୋର ଅଟଇ ॥
ଜଗନ୍ନାଥେଟି ଅନନ୍ତ ମୂରତି । ଅନନ୍ତ ଅଚ୍ୟୁତ ଏ ସତ୍ୟ ଜ୍ୟୋତି ॥
ଶାଖା ଅଙ୍ଗରେ କଲେ ନେଇ ସ୍ଥିତି । ସଖା ଅଙ୍ଗେ ହରି ସଙ୍ଗେ ଖେଳନ୍ତି ॥
ପୃଥ୍ୱୀ ଆପ ତେଜ ବାୟୁ ଆକାଶ । ଅଚ୍ୟୁତ ନାମଟି ଯେ ତ୍ରୟୋଦଶ ॥
ଯାହାର ନାମ ଅଟଇ ଅଶେଷ । ବ୍ରହ୍ମା ଆଦି ଶିବ ଯାହାର ଦାସ ॥
ଭୃତ୍ୟପଣକୁ ସଖ୍ୟ(୩) ଅଛି କାହିଂ । ଯାହାର ମାୟା ସଚରାଚରଇ ॥
ଆଗୁଂ ଶ୍ରୀମୁଖୁ ଆଜ୍ଞା ଅଛି ମୋତେ । ଭଣ୍ଡାରୁ ବ୍ୟୟ (୪) ହୋଇଲା ଯେ ମୋତେ ॥
କଳିଯୁଗ ଶେଷ ନିକଟେ ଖେଳ । ଠାବେ ଠାବେ ସବୁ ଲାଗିବ ମେଳ ॥
ଆମ୍ଭେ ପଞ୍ଚଶାଖା ଏକାଙ୍ଗ ଦେହୀ । ଯେକ ରୂପେ ଆମ୍ଭେ ପଞ୍ଚାଙ୍ଗ ହୋଇ ॥
ଲୀଳା ବେହାରୀ ଜଗତ ସୋଦର । ଦୁଷ୍ଟନାଶନ କରିବେ ଅପାର ॥
ଠାବେ ଠାବେ ସ୍ୱାମୀ ପ୍ରକାଶ ହୋଇଂ । ଠାବେ ଠାବେ ଖେଳ ଲାଗିବ ତହିଂ ॥
ପୃଥ୍ୱୀର ଭାରା ଉଶ୍ୱାସିବା ପାଇଂ । ରୂପଦେ କଳକି ହେବେ ଗୋସାଇଂ ॥
ଗୁପତେ ହରି ହୋଇବେ ପ୍ରକାଶ । ଏକମାତ୍ର ତହିଂ ରହିବେ ଦାସ ॥
ଶୁଣ ସୁଜନେ ଅପୂର୍ବ ଚରିତି (୫) । ପ୍ରଭୁ ପ୍ରକାଶ ହୋଇବେ ଯେ କ୍ଷିତି ॥
ଜଗତ କରତା ସେ ନରହରି । ଅଶେଷ ମହିଂମା ଅଛଇ ପୂରି ॥
ଶ୍ରୀଅଙ୍ଗ କଳାରୁ ହୋଇଲି ଜାତ । ନାମ ମୋହର ଅଟେ ଜଗନ୍ନାଥ ॥
ଅଚ୍ୟୁତ ଶାଖା ଅଙ୍ଗରେ ପ୍ରକାଶ । ଏକମାତ୍ର ତହିଂ ରହିବେ ଦାସ ॥
ଚିତ୍ରତୋଳା ତଟ ସେ ପଦ୍ମବନ । ତହିଂ ଉଦେ ହେବେ ଭଗତ ଜନ ॥
ନେମାଳ ବୋଲିଣ ଅଟଇ ଗ୍ରାମ । ଜ୍ୟେଷ୍ଠ ଶୁକଳ ପୂର୍ଣ୍ଣମୀକି ଧ୍ୟାନ ॥
ସେ ପଦ୍ମବନ ଗୁପତର ଭୂଇଂ । ଭଗତମାନଙ୍କୁ ସଙ୍ଗରେ ଲଇଂ ॥
ଗୋପାଳ ପୋୟେ ଥିବେ ସଙ୍ଗତରେ । ମହିଂମା ପ୍ରକାଶ ହେବ ସେଠାରେ ॥
ଜଟିଆକୁଦ ବୋଲି ଯେକ ଥାନ । ଯୁଗଳ ଶବଦ ହେବ ପ୍ରମାଣ ॥
ଲିମ୍ବ ବଉଳ କଦମ୍ବକୁ ଘେନି । ଦକ୍ଷିଣ ଭାଗରେ ନୃସିଂହ ମୂନି ॥
ପଶ୍ଚିମ ଭାଗେ ଅହିବଟ ଶୋଭା । ପୂର୍ବଭାଗେ ବେଲ ବଉଳ ପ୍ରଭା ॥
ଚଉପାଖେ ପଦ୍ମବନ ବେହାର । ଅନନ୍ତ ଲୀଳା ଅଟେ ସେହିଠାର ॥
ସେହିଠାରୁଟି ଝରିଲା ପ୍ରମାଣ । ଯେହା ମୁଂ ଜାଣଇ ଆଜ୍ଞା ଘେନିଣ ॥
ସୁବାହୁ ଦ୍ୱାପର ଯୁଗର ଶେଷେ । ଯେହୋ କହିଥିଲେ ଶ୍ରୀ ଜଗନ୍ନାଥେ ॥
କଳିଯୁଗରେ ଆମ୍ଭେ ହେବୁ ଜାତ । ଶାଖା ଅଙ୍ଗରେ ନାମ ମୋ ଅଚ୍ୟୁତ ॥
ସେହି ଆଜ୍ଞାକୁ ଶିରରେ ବହିଲି । ଗନ୍ତାଘରୁ ଆଜ୍ଞା ପାଇ ଲେଖିଲି ॥
ଶ୍ରୀମୁଖରେ ଆଜ୍ଞା ଦେଇଛେଟି ମୋତେ । କଳକି ଲୀଳା ଲେଖିବା ନିମନ୍ତେ ॥

(୩) ସକ୍ଷମ, ସମର୍ଥ, (୪) ବ୍ୟୟ ବା ଖର୍ଚ୍ଚ, (୫) ଚରିତ ବା ବିଷୟ ।

ଯେଣୁ ଶ୍ରୀମୁଖରୁ ଆଜ୍ଞା ପାଇଲି । କଳ୍ପବଟମୂଳେ ବସି ଲେଖିଲି ॥
ଯୁଗର ସଂଖ୍ୟା ଅବା ଅଛି ଯେତେ । ନିର୍ଣ୍ଣୟ କରି ମୁଁ କହିବି କେତେ ॥
ନାନାଦି ଅକର୍ମ ଅବିଧି ମାନ । ସୁରା ଆହାର କରିବେ ସଜ୍ଜନ ॥
ମିଥ୍ୟା ଆହାରେ କରିବେ ପ୍ରକାଶ । ଅତି ଅନ୍ୟାଚାରୀ (୬) ହେବ ଅଶେଷ ॥
ମାତୃହରଣ ବାଳେକ (୭) ବଧିବେ । କୁଗ୍ୟାନ ଭାଷାରେ ସନ୍ତ ଲୁଟିବେ ॥
ଖଳବଳ ହେବ ଓଡ଼ିଶା ଭୂଇଂ । ବେଳକୁ ବେଳ ବଢ଼େ ସୁରନଈ(୮) ॥
ବର୍ଣ୍ଣପ୍ରାଣୀମାନେ ତତ୍ତ୍ୱ ନ ପାଇ । ଜୀବ ନାଶୁଥିବେ ଗାରିମା(୯) ବହି ॥
ବଡ଼ ବଡ଼ ଲୋକେ ନେଚକୁ (୧୦) ଯିବେ । ନେଚ ଲୋକମାନେ ବଡ଼ ହୋଇବେ ॥
ଅବିଶ୍ୱାସୀ ଜନ ହେବେ ଅପାର । ହିଂସା ରାଗରେ ନାଶିବେ ସକଳ ॥
ମଦିରା ମାଉଁସ ଖାଇବେ ଜନ । ତେତିକିବେଳେ ବୁଡ଼ିବ ବିହନ ॥
ପରଜା କଷଣ ହେବ ଅପାର । ରାଜୁତ କର୍ମ ନଥିବ କାହାର ॥
ମିଥ୍ୟା ଭାଷାରେ ବଞ୍ଚୁଥିବେ ଜନ । ସତ୍ୟଭାଷା କେହି ନକହି ପୁଣ ॥
ମାୟାଧାରୀରେ ଦାସ ବୋଲାଇବେ । ଗଞ୍ଜାଇ ଖାଇଣ ଲୀଳା କରିବେ ॥
ମାଛ ମାଉଁସ ମଦିରାକୁ ଖାଇ । ନାନା ବାମପୂଜା (୧୧) କରିବେ ରହି ॥
ନାଗାନ୍ତ ଶିଖି ହରିନେବେ ଧନ । ଜଟିଳ ବୁଦ୍ଧି କରିବେ ବହନ (୧୨) ॥
ଭାଇ ଭଉଣୀ ଖୁଡ଼ୋଇକି ଘେନି । ଅଜ୍ଞାନ ବୁଦ୍ଧି ଆଚରିବେ ପୁଣି ॥
ବେପାର ବଣିଜେ କରିବେ କଳି । ଛଟକେ ନାଟକ କୁହୁକ କରି ॥
ଅଳପ ଜାଣି ବହୁତ କହିବେ । ମହିମା ବୋଲି କେହି ନ ଜାଣିବେ ॥
ସାକ୍ଷୀ ଶବଦ ବଶଣିଆ ଦାସ(୧୩)। ଯେମାନେ ବଢ଼ିବେ ନଉ ସହସ୍ର ॥
ଦେବ ହବିର୍ଭାଗ (୧୪) ଭୁଞ୍ଜିବେ ଜନ। ତେତିକି ବେଳେଟି ହେବ ଅଗ୍ୟାନ ॥
ଗୀତା ଭାଗବତ ପୁରାଣ ଯେତେ । ଏହାକୁ କେହି ନଯିବେ ପ୍ରତୀତେ(୧୫)॥
ହିଂସା ରାଗ ବୁଦ୍ଧି କୁଗ୍ୟାନମାନ । ଗୁରୁ ବଇଷ୍ଣବ ନିନ୍ଦିବେ ଜନ ॥
କାଳ ପ୍ରକାଶ ଉତ୍ପାତ କରିବେ । ଏହି ମାନରୁ ଯୁଗ କ୍ଷୟ ହେବେ ॥
ବେଦକର୍ମ ଛାଡ଼ି ବ୍ରାହ୍ମଣ ହୀନ । ଅନ୍ୟାଚାରୀ ହେବେ ବୈଷ୍ଣବ ଜନ ॥
ତେତିକିବେଳେଟି ଭାରା ଉଶ୍ୱାସ । ମ୍ଳେଛିତି (୧୬) ହୋଇବେ ଓଡ଼ିଶା ଦେଶ ॥
କୁତର୍କ ବିଦ୍ୟା ଶିଖିବେ ଅଶେଷ । ପ୍ରାଣୀମାନେ ସବୁ ହେବେଟି ଧ୍ୱଂସ ॥
ଏହି ସମୟରେ ଆକାଶ ଭୂଇଂ । ପ୍ରଭୁ ଉଦେ ହେବେ କଳକି ହୋଇ ॥

---

(୬) ଅନାଚାରୀ, ଅକ୍ରିୟାରେ ଗତ, (୭) ବାଳକ, (୮) ଦେବନଦୀ ଅର୍ଥାତ୍ ଗଙ୍ଗା,
(୯) ଗର୍ବ, (୧୦) ନୀଚ, (୧୧) ତନ୍ତ୍ର (ବାମାଚାର) ଉପାସନା, (୧୨) ଶୀଘ୍ର,
(୧୩) ସାକ୍ଷୀ ଶବ୍ଦରେ ବଶୀଭୂତ ହେବା ବ୍ୟକ୍ତି,
(୧୪) ଯଜ୍ଞରେ ଦେବତାମାନେ ପାଉଥିବା ହବ୍ୟ ଅର୍ଥାତ୍ ଶୁଦ୍ଧ ଅଗ୍ନିଭକ୍ଷ ପଦାର୍ଥ,
(୧୫) ପ୍ରତୀତି ବା ବିଶ୍ୱାସ, (୧୬) ମ୍ଳେଚ୍ଛଭୂମି,

ଶାଖା ଅଙ୍ଗରେ ହୋଇବେ ପ୍ରକାଶ । ନାମ ହୋଇବ ତାଙ୍କର ଅଶେଷ ॥
ହରିହର ବେନି ଯେକାଙ୍ଗ ରୂପ । ଠାବେ ଠାବେ ଦାସ ହୋଇବେ ଦୃଶ୍ୟ ॥
ଦୟା ଧର୍ମ ପଦ ଢାଳେ ବୁଡ଼ିବ । ଯେହିମାନରୁ ଯୁଗ କ୍ଷୟ ହେବ ॥
ଗଡ଼ମାଳିଆ ଗାଉତଟି (୧୭) ଯେତେ। ସବୁ ରହିବେ ଦବନ ଆୟରେ ॥
ଦେବାଦେବୀମାନେ ରହିବେ ନାହିଁ । ଖଳ ମାତିବେ ଯେ ଓଡ଼ିଶା ଭୂଇଁ ॥
କେହି କାହାକୁ ଦେଖି ନ ପାରିବେ । ଭକ୍ତମାନେ ସବୁ ଗୋପ୍ୟାନ ହେବେ ॥
ଅସୁରମାନେ ବଢ଼ିବେ ଅପାର । ସଜ୍ଜନ ନିନ୍ଦି ହୋଇବେ ବାହାର ॥
ଭାଇବୋହୂ ଦେଢ଼ଶ୍ବଶୁରରେ ଖେଳ । ମାଇଁ ଭଣଜାର ହୋଇବ ମେଳ ॥
ଅଗ୍ୟାନ ସ୍ତିରୀ ପୁରୁଷକୁ ଘେନି । ଅତି ଅନ୍ୟାଚାର ହୋଇବ ପୁଣି ॥୭୦
ଶବଦ ଫେରିବ ଶୂନ୍ୟ ଭୁବନ । କେହି କାହାକୁ ନ ଚିହ୍ନିବେ ପୁଣ ॥
କୁଗ୍ୟାନ ବୁଦ୍ଧି ଘୋଟିବ ଅପାର । ଶୂନ୍ୟରୁ ଶବଦ ହେବ ନିକର(୧୮)॥
ବେଦମନ୍ତ୍ରମାନ ରହିବ ନାହିଁ । ନାଗାନ୍ତ ବିଦ୍ୟା ଶିଖୁଥିବେ ତହିଁ ॥
ଜପ ତପ କର୍ମ ହୋଇବ ନାସ୍ତି । କୁଳବଧୂମାନେ ହେବେ ଅସତୀ ॥
ଦ୍ୱିତୀୟ ସ୍ତିରୀ ମାତିବେ ଅପାର । ଯେହିମାନରୁ ହେବେ ନାରଖାର ॥
କାକଣ୍ଠ କାକ ମେଳ କରୁଥିବେ(୧୯) । ସନ୍ଥଜନମାନେ ଗୋପ୍ୟାନ ହେବେ ॥
ବୃଦ୍ଧ ବଳଦରେ ଚଷିବେ ଚାଷ । ରଜାକୁ କର ନ ଅଣ୍ଟିବ ଶସ୍ୟ ॥
ଏହି ମାନରୁଟି କାଳ ପ୍ରକାଶ । ଅତି ଅନ୍ଧାର ସେ ଦିଶିବ ଦେଶ ॥
ତେତିକିବେଳେ ପ୍ରଭୁ ହେବେ ଉଭା । ଚାରିଖାନିକି (୨୦) ସେ ଦିଶିବ ଶୋଭା ॥
ଜୟ ଜୟ ଧ୍ୱନି ଉଠିବ ତହିଁ । ସର୍ବଗୋପାଳ ମେଳ ହେଲେ ଯାଇଁ ॥
ମହିଂମା ସାଗର କଳପତରୁ । ଅଶେଷ ରୂପ ଯାହାର ଅଙ୍ଗରୁ ॥
ଏହି ମାନରୁ ନାନାକାର ବିଧି । ଶବଦ ବ୍ରହ୍ମ ହେଉଥିବ ନିଧି ॥
ସେ ହରି ହଟିଆ ନାଗର ଜାଣ । ଶ୍ରୀମୁଖ ଆଜ୍ଞାରୁ ଲେଖିଲି ପୁଣ ॥
ହରି ମହିଂମା ଅଟଇ ଅଶେଷ । ମୂଢ଼ ଜଗନ୍ନାଥ କଲା ପ୍ରକାଶ ॥୮୪

---

(୧୭) ଗଡ଼ରେ ରହୁଥିବା ସୈନ୍ୟ, (୧୮) ନିଶ୍ଚୟ

(୧୯) 'କାଳକଣ୍ଠ' ଶବ୍ଦରୁ 'ଳ' ଲୋପ ହୋଇ 'କାକଣ୍ଠ' ହୋଇଛି । ଏହାର ଅର୍ଥ ମୟୂର । କାକ ମୟୂର ପୁଚ୍ଛ ଧାରଣ କରି ନିଜକୁ ଯେତେ ସଜାଇଲେ ମଧ ମୟୂର ବୋଲି ବିବେଚିତ ହୁଏ ନାହିଁ, ସେହିପରି କଳିଯୁଗର ପାଷାଣ୍ଡମାନେ ନିଜେ ନିଜକୁ ଛଦ୍ମବେଶରେ ଆବୃତ୍ତ କଲେ ମଧ ସାଧୁବ୍ୟକ୍ତି ରୂପେ ଗଣ୍ୟ ହେବେ ନାହିଁ ।

(୨୦) ସ୍ଥାବର, ଜଙ୍ଗମ କୀଟ ଓ ପତଙ୍ଗ ।

# ବାଲିଗାଁ ଦାସଙ୍କ ଭକ୍ତମାଳିକା

## ଦ୍ୱାଦଶ ଅଧ୍ୟାୟ

କହନ୍ତି ପ୍ରଭୁ ପୀତବାସ । ଶୁଣିମା ହେ ବାଲିଗାଁ ଦାସ ॥
ପୂର୍ବେ ଯେ ମାରକଣ୍ଡ ଥିଲେ । ମୋ ନାମ ଯତନେ ଭଜିଲେ ॥
ପୁରାଣ କଲେ ସେ ଲେଖନ । ପ୍ରଳୟେ ମୋହ ଗର୍ଭେ ଲୀନ ॥
ଜଗତ ଯତନେ ଭାବିଲେ । ଦୋହିତା (୧) ନେଇ ସମର୍ପିଲେ ॥
ଜୁଆଇଁ ହେଲି ବାହାଙ୍କର । ମନେ ସେ ରହିଲେ ଆମ୍ଭର ॥
ସନେକ ମନରେ ଭାବିଲେ । ଲକ୍ଷଣେ ଦୋହିତାକୁ ଦେଲେ ॥
ଜଗତ ପାଇଂ ଆମ୍ଭେ ଦେହେ । ଜନମ ଲଭୁ ତାଙ୍କ ସ୍ନେହେ ॥
ସକଳ କଥାରେ ଗୋଚର । ଦେଖିଣ ବ୍ରହ୍ମା ନାମ ମୋର ॥
ଭାବନା କରିବ ଚିତରେ । ଯେ ଯାହା ମନ୍ତ୍ର ଗୋପନରେ ॥
ଚୌଷଠି ଭକ୍ତଗଣ ମୋର । ମନ୍ତ୍ର ସାଧନା ସିଦ୍ଧଦ୍ୱାର ॥୧୦
ଏ କଳି କାଟିବେଟି ସେହି । ମୋ ନାମ ଧରି ଦିନ ନେଇ ॥
ଏ ଘୋର କଳି ବଳିଆର । ନାଶିବେ ଦୁଷ୍ଟ ଯେ ପାମର ॥
ଦେବୀଯେ ମାତିବେ ଯେ ତାଣ । ଚଣ୍ଡୀ ଚାମଣ୍ଡା ଉଗ୍ରସେନ ॥
ବେଢ଼ି ଖାଇବେ ଦୁଷ୍ଟ ମହୀ । ବଙ୍ଗ କଳିଙ୍ଗ ଯେତେ ତହିଂ ॥
ଗୋଳ ଲାଗିବ ଘରେ ଘରେ । ଆୟେଉ ନ ଥିବ କାହାରେ ॥
କଟକଚଣ୍ଡୀ ବସିଅଛି । ଖାଇବ ଭଲ ଭଲ ବାଛି ॥
ଏଠାରେ ଛନ୍ତି ସାତ ଦେବୀ । ଚାରଙ୍ଗ ଯାୟେ ତାର ସଙ୍ଗୀ ॥
ଡିଲୀ ମରହଟ୍ଟାରୁ ଯେତେ । ଆସିବେ ଦୁଷ୍ଟ ଯେ ଉବିତେ ॥
ବିରିଜା ଯେହାଙ୍କୁ ଘେନିଣ । ମହୀରେ ଦେବୀ ଯେତେ ପୁଣ ॥
ଘେନି ଖାଇବେ ମହାମାୟୀ । ଯାଚିବୁ ଆମ୍ଭେ ସତ୍ୟ କହିଂ ॥
ଯୋଗଣୀ ବୁଲିଣ ଖାଇବେ । ମଶାଣିଚଣ୍ଡୀ ବୋଲାଇବେ ॥
ମହୁ ମାଉଁସେ ହୋଇ ମତ୍ତା । ରୋଧିର ପାନେ କରି ଖ୍ୟାତା ॥
ଯେତେକ ଦେବୀ ସେ ଖାଇବେ । ଟୀକା କହିବା ତୋତେ ଭାବେ ॥
ଦକ୍ଷିଣ ଦେଶରୁ ଯୋଗାଣ (୨) । ଆସିବେ ଖେତାଇ ନାମେଣ ॥
ଝାଡ଼ଖଣ୍ଡରେ ହେଙ୍ଗୁଳାଇ । ବାବଲିସରୁ ମହାମାୟୀ ॥
ପ୍ରାଚୀ ତଟରୁ ଖେତାଇ । ପୁରୀର ଅର୍ଦ୍ଧ ଚାତକାଇ ॥
ମଙ୍ଗଳଚଣ୍ଡୀ ଯେ ଆସିବେ । ସେ ଦିଗ ଦେବୀଙ୍କି ଆଣିବେ ॥

---

(୧) ଦୁହିତା, (୨) ଯୋଗଣୀ ବା ଯୋଗିନୀ

ଖଣ୍ଡି ମରଡ଼ ବେଣାହାର । ଏଥିରେ ଦେବୀଙ୍କର ଘର ॥
କାଟବିଶରୁ କାଳିଯାଇ । ତେଣେ ଯେତେକ ଦେବୀ ଥାଇ ॥
ଝଙ୍କଡ଼ ଠାରୁ ସୁଆଙ୍ଗକୁ । ଯେତେକ ଦେବୀ ଯେ ସୀମାକୁ ॥
ଧୋବାର ଗଡ଼ ଚାଚିକାଇ । ପାରାଦ୍ୱୀପରୁ ଚକ୍ରବାଇ ॥
ପାପକୁ ନ ଥିବ ଯେ ଭୟେ । ପାପୀ ଦେବୀଙ୍କ ଭକ୍ଷ ହୋଏ ॥
ଯେ ଦିଗ ଘେନି ସେ ପାଇବେ । ଯେ ରୂପେ ପୃଥ୍ୱୀ ନାଶ ଯିବେ ॥
ଖାଇବେ ଦେବୀ ରଣଭଣ । ଥୟେ ନୋହିବ କାହା ମନ ॥
ପୃଥ୍ୱୀରେ ଯେତେ ଦେବୀ ଛନ୍ତି । ସ୍ଥାନମାନ ବାଣ୍ଟି ଦେଇଛି ॥
ଶ୍ୱାନ ଶୃଗାଳ ଖର (୩) ଦେବେ । ଭଲ୍ଲୁକମାନେ ମାତିଥିବେ ॥
ଦେବୀଯେ ବହୁତ ଖାଇବେ । ମୋ ଭକ୍ତ ଠାବକୁ ନଯିବେ ॥
ପୃଥ୍ୱୀ ଯେ ଅସତ୍ୟ ହୋଇବ । ଗୁରୁଙ୍କୁ ଶିଷ୍ୟ ନ ମାନିବ ॥
ପାପକୁ ନ ଥିବ ଯେ ଭୟେ । ପରହିଂସେକ ପ୍ରାଣୀ ହୋୟେ ॥
ବଡ଼ ଯେ ଧନ୍ଦୋଳ (୪) ଲାଗିବ । ନାମ ଯେ ଗୁପ୍ତ ହୋଇଥିବ ॥
ଯେମାନ ହେବ ଯେତେବେଳେ । ବାସ ତରକିଥିବୁ ଭଲେ ॥
ଶୁଣିଣ ବାଳିଗାଁ ମଉନ । ତାଟକେ ହେଲା ଛନଛନ ॥
ଶ୍ରୀକୃଷ୍ଣ ଶ୍ରୀଚରଣେ ଆଶ । କହିଲା ବାଳିଗାଁ ଯେ ଦାସ ॥
ଶୁଣି ବାଳିଗାଁ ଉଭା ହେଲା । କାତରେ ଶରୀର କଂପିଲା ॥
ମସ୍ତକେ ଯୋଡ଼ି ବେନିକର । ପଡ଼ଇ ପ୍ରଭୁଙ୍କ ପୟର ॥
ଜୟ ହେ ଶ୍ରୀମଧୁସୂଦନ । ନମସ୍ତେ ଦେବ ନାରାୟଣ ॥
ନମସ୍ତେ ଜୟ ଜଗନ୍ନାଥ । ଭାରା ନିବାରେ ତୋର ଗ୍ରସ୍ତ ॥
ମୁହିଂ ପୁଛଇ ମୂଢ଼ପଣେ । କହିବା ଶ୍ରୀମୁଖେ ଆପଣେ ॥
ଯେତେବେଳରେ ଯେକାକାର । ଘୋଟିବ ଯୋଗମାୟା ବଳ ॥
ସମୋଦ୍ର ଲହରୀ ଆକାର । ଗ୍ରାସି ଆସିବ ଦିନିପୁର ॥
ମୋତେ କି ଚରଣେ ରଖିବ । କି ଅବା କାହିଂ ଜନ୍ମ ଦେବ ॥
ସାତ ଜନ୍ମର ଏ ବାରତା । ଫେଡ଼ି (୫) କହିବ ଜଗଭର୍ତ୍ତା (୬) ॥
ଏ ଦେହ ଛାଡ଼ିକରି ଯିବି । କେବଣ ହେତୁ ମୁଂ ଲଭିବି ॥
ଶ୍ରୀଗୁରୁ ଯେ ଜନ୍ମେ କେ ହେବ । ମୋ ପିଣ୍ଡ ମୁକ୍ଷ (୭) କେ କରିବ ॥
କେମନ୍ତେ ମୁଂ ଜ୍ଞାନ ପାଇବି । ତବ ଶ୍ରୀଚରଣେ ସେବିବି ॥
ଯେ ଦେହ ଗଲେ ଯହିଂ ଯିବ । ଏହା ନ ଜାଣେ ବ୍ରହ୍ମା ଶିବ ॥
ଯହିଂ ତହିଂରେ ଜନ୍ମ ହେବି । ତବ ଶ୍ରୀ ଚରଣେ ସେବିବି ॥
ଚୌଷଠି ଭକ୍ତଙ୍କର ଜନ୍ମ । ଶୁଣିଲି ଶ୍ରୀମୁଖ ବଚନ ॥

---

(୩) ଶୀଘ୍ର, (୪) ଗୋଳ, (୫) ଫେଡ଼ି ବା ଖୋଲି,
(୬) ଜଗତ୍-ଭର୍ତ୍ତା ଅର୍ଥାତ୍ ଜଗତର ସ୍ୱାମୀ, (୭) ମୋକ୍ଷ ।

କଳିଫାଶରୁ ହେବି ପାରି । ଦୁଗତି (୮) ଖଣ୍ଡିଲି ମୋହରି ॥
ଆମ୍ଭେ ଯେ ଦାସଦାସୀ ବେନି । ଯେକ ସଙ୍ଗ କି ଅନ୍ୟୋଅନି ॥
ଆମ୍ଭ ସ୍ତିରୀ ପୁରୁଷ ଭାବ । ଯେ ଜନ୍ମେ ନୋହିଲା ସମ୍ଭବ ॥
ଯେଣୁ ସ୍ୱାମୀଙ୍କ କୃପା ଥିଲା । ଯେ ମାୟା ନ ଲାଗି ଲାଗିଲା ॥
ଘୋର କଳିରେ ଜନ୍ମ ଦେବ । ମୁଂ ମୂଢ଼ ପାଉଛି ସମ୍ଭବ ॥
ଦାସ ନୟନୁ ଅଶ୍ରୁ ବାରି । ଖସି ପଡ଼ଇ ମହୀସ୍ଥଳୀ ॥
କ୍ରୋଧେ ନ ସ୍ଫୁରଇ ବଚନ । ହଜିଲା ବୁଦ୍ଧି ଦେହ ଜ୍ଞାନ ॥
ଭୟରେ ଚରଣେ ପଡ଼ିଲା । ଚରଣ ଜିହ୍ୱାରେ ଲିହିଲା (୯) ॥
ଶ୍ରୀଚରଣେ ଧୂଳି ଆବୋରି । ଘେନିଲା ଆପଣା ମଉଳି (୧୦) ॥
ଉଠି ଯୋଡ଼ିଲା ବେନିକର । ତ୍ରାହି କରିବା ଚକ୍ରଧର ॥
ଅନେକ ଜନ୍ମେ ପୁଣ୍ୟ ଫଳେ । ମୋ ମନ ଶ୍ରୀଚରଣ ତଳେ ॥
ପିବନ୍ତେ ଛାଡ଼ି ନ ପାରଇ । ଯେମନ୍ତେ ମଧୁମାଛି ଥାଇ ॥
ପ୍ରଭୁର ନୋହିଲେ କରୁଣା । ବ୍ରହ୍ମା ଶଙ୍କର ହୋନ୍ତି ବଣା ॥
ଅଷ୍ଟାଙ୍ଗ ଯୋଗେ ଭାବୁଥାନ୍ତି । ସ୍ୱାମୀ ଚରଣ ନ ପାବନ୍ତି ॥
କୋଟିଯେ ଅଶ୍ୱମେଧ ଯଜ୍ଞ । କୋଟି ତୀର୍ଥରେ ସ୍ନାନ ଭୋଗ ॥
କୋଟିଯେ ଉପବାସ କରି । ଯେହି କୋଟି ବ୍ରତେ ନିସ୍ତରି ॥
ତବ ଶ୍ରୀଚରଣ ସ୍ମରଣ । ନୀରକୁ କରେ ଯେହୁ ଗ୍ରାସ ॥
ଏହୁ ସେ ସଂସାରୁ ତରନ୍ତି । କୋଟି ପୁରୁଷ ଉଦ୍ଧରନ୍ତି ॥
ଯେବେ ସୁଦୟା ମୋତେ କର । ଭୋ ପ୍ରଭୁ ଶରଣ ତୋହର ॥
ଯେତେ ଜଣାଇ ଦାସ ତୁନି । ତ୍ରାହି କରିବା ଅନ୍ତର୍ଯ୍ୟାମୀ ॥
ଉଦୟ ବେଳେ କାହିଂ ଥିବି । କେମନ୍ତେ ତୋ ଲୀଳା ଦେଖିବି ॥
ଜନ୍ମ ଲଭିବି କେଉଁ ସ୍ଥାନ । କେତେ ଦିନରେ ହେବ ଜ୍ଞାନ ॥
ଓଂ ମନ୍ତ୍ର କେମନ୍ତେ ପାଇବି । ମୂଳ ମନ୍ତ୍ରକୁ ମୁଂ ଭଜିବି ॥
ପାଦୁକା ମନ୍ତ୍ରର ବିଚାର । ଶ୍ରୀଗୁରୁଦେବଙ୍କ ଭଣ୍ଡାର ॥
ଛଡ଼ ଚକ୍ର ପଞ୍ଚାଶାକ୍ଷର । ବୈବନ ଏଥିରୁ ବାହାର ॥
ଦଶା ଯେ କ୍ଷର ଯେକାକ୍ଷର । ଓଁକାର ମଣ୍ଡଳ ଅକ୍ଷର ॥
ନିଚୟେ (୧୧) କରି କାହିଂ ଥିବ । ଜନ୍ମ ଅନୁସାରେ ଦିଶିବ ॥
ଏ ଜନ୍ମ ବାଲିଗାଂ ଯେ ଦାସ । କଳିଜନ୍ମ ନାମଟି କିସ ॥
ଯେ ଦାସୀ(୧୨)ନାମ ଯେ ଅପୂର୍ବ । କଳିଯୁଗ ନାମ କେ ହେବ ॥

---

(୮) ଦୁର୍ଗତି, (୯) ଲେହନ କଲା ଅର୍ଥାତ୍ ଚାଟିଲା, (୧୦) ମସ୍ତକ, (୧୧) ନିଶ୍ଚୟେ
(୧୨) ପ୍ରେମରେ ବିହ୍ୱଳ ଜବି ଆରାଧଦେବଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ଯାଇ
ରାଧାଭକ୍ତିର ନିଦର୍ଶନ ସ୍ୱରୂପ ନିଜକୁ ସ୍ତ୍ରୀରୂପେ ଅର୍ଥାତ୍ ଭଗବାନଙ୍କ ଚରଣ ସେବିକା ବା ଦାସୀ

ଦାସୀର ମାତା ପିତା କେହୁ । ନାମ ଦେହାଦି ଆଗ୍ୟାଂ ହେଉ ॥
କେଉଁ ଗ୍ରାମରେ ହେବ ଜନ୍ମ । ଗ୍ୟାନ ଉଦୟେ ଦ୍ରୟ ଜ୍ଞାନ ॥
ଏହାର ଭକ୍ତି ମୂଳେ ମୁହିଂ । ତବ ଦ୍ରଶନ (୧୩) ପାଉଲଇ ॥୯୦
ଲକ୍ଷ୍ମୀ ଯେ ଦୟାକଲେ ଯାଙ୍କୁ । ପ୍ରଭୁ ପ୍ରସନ୍ନ ଯେ ଭାବକୁ ॥
ତୁଳସୀ ଜଗନ୍ନାଥ ସେବା । ଏ ବିନୁ ନାହିଂ ଅନ୍ୟ ଦେବା ॥
ବିଶ୍ୱାସ ଭାବରେ ଭଗତି । ପ୍ରଭୁ ଶ୍ରୀଚରଣେ ମୋ ମତି ॥
ଜନ୍ମ ଜନ୍ମରେ ଯୁଗ ଯେତେ । ମୋର ସଙ୍ଗତେ ଯେହି ମତେ ॥
ଆଜ୍ଞା ହୋଇବ ଭାବଗ୍ରାହୀ । ମନୁ ସଂଶୟ ମୋର ଫେଇ ॥
ଦାସେ ଯେ ଦାସୀ ଉଭା ହେଲେ । ନିର୍ଭୟେ ଚରଣେ ପଡ଼ିଲେ ॥
ଉଠି ମସ୍ତକେ ଯୋଡ଼ି କର । ଦ୍ରାହି କରିବା ଆଦିମୂଳ ॥
ଦ୍ୱାଦଶ ଅଧ୍ୟା ହେଲା ଶେଷ । ଶରଣ ବାଳିଗାଁ ଯେ ଦାସ ॥
ଭକ୍ତ ମାଳିକା ଯେ ଚରିତ୍ର । ଶୁଣି ପବିତ୍ର ହେଲା ଗାତ୍ର ॥
ଯେ ଗୀତା ନିତ୍ୟେ ଯେ ପଢ଼ିବ । କଳିଫାଶରୁ ସେ ତରିବ ॥୧୦୦
ଇତି ଶ୍ରୀଭକ୍ତମାଳିକା ଗୋପତ ଗୀତା ହରିଦାସଙ୍କ ସମ୍ବାଦେ ନାମ ଦ୍ୱାଦଶୋଽଧ୍ୟାୟ ॥

## ସାଲବେଗଙ୍କ କଳି ଭାରତ

### ଷଷ୍ଠ ଅଧ୍ୟାୟ

ଦୀନବନ୍ଧୁ ନାମ ବହି, ନୀଳଗିରି ଛାଡ଼ି ଦରିଆ ରହି ଯେ
ଭଗତ ଦେଲ ଭସାଇ, ମୋ ରାମ ଯେ ॥
ବ୍ରାହ୍ମଣେ ଅନ୍ୟାୟେ କଲେ, ପ୍ରଭୁଙ୍କରେ ଅପରାଧୀ ହୋଇଲେ ଯେ
ପ୍ରଭୁ ନୀଳଗିରି ଛାଡ଼ିଗଲେ, ମୋ ରାମ ଯେ ॥
କାୟା ଆଠଗଡ଼େ ଥୋଇ, ଗୋଦାବରୀ କୂଳେ ଜନମ ହୋଇ ହେ
ଜଗନ୍ନାଥ ବଡ଼ ଭାଇ, ମୋ ରାମ ଯେ ॥
ସଂସାର ଜନେହେଁ ଶୁଣ, ଜନମ ହୋଇଲେ ଶ୍ରୀଭଗବାନ ଯେ
ନନ୍ଦିପୁରଠାରେ ପୁଣ, ମୋ ରାମ ଯେ ॥
ତେତିଶ କୋଟି ଦେବଙ୍କ, ଜନମ ହୋଇଲେ ପଶ୍ଚିମକୂଳ ଯେ
ଭଗତଙ୍କ ରକ୍ଷାପାଳ, ମୋ ରାମ ଯେ ॥

---

ରୂପେ ଉଲ୍ଲେଖ କରିଅଛନ୍ତି । ଅଭିମନ୍ୟୁ, ଗୋପାଳକୃଷ୍ଣ, ହାଡ଼ିଦାସ ଓ ଭୀମଭୋଇଙ୍କ ରଚନାରେ ଏହିଭଳି ବର୍ଣ୍ଣନା ରହିଛି । (୧୩) ଦର୍ଶନ ।

ଚଉଦ କୋଟି କାତ୍ତାନୀ (୧) ଚଉଷଠୀ ଯୋଗ୍ନୀ ସଙ୍ଗତେ ଘେନି ଯେ
ବିରିଜାଇ ଆଦି କରି, ମୋର ରାମ ଯେ ॥
ସଂସାର ଜନେହେଁ ଶୁଣ, ମିଛ ମାୟା ଆଦି ତେଜ ତ୍ରିଗୁଣ ଯେ
ଚଉଦେ ହେବ ମହିମ(୨), ମୋ ରାମ ଯେ ॥
ଜଗତ ଜନେ ରହିବେ, ମ୍ଳେଛ ଅଧମ ପାତେକୀ ମରିବେ ଯେ
ଦେବୀ ଖପରେ ପଡ଼ିବେ, ମୋ ରାମ ଯେ ॥
ସଂସାର ଜନେହେଁ ଶୁଣ, ରାଧାକୃଷ୍ଣ ପାଦେ କରିବ ଧ୍ୟାନ ଯେ
ଦେଖିବ ରହି ସେମାନ, ମୋ ରାମ ଯେ ॥
ଆଜ୍ଞା ଦେଲେ ଭଗବାନ, ବ୍ରହ୍ମା ମହେଶ୍ୱର ସକଳ ଜନ ଯେ
ଉତ୍ତରଖଣ୍ଡେ ଜନମ, ମୋ ରାମ ଯେ ॥୧୦
ବ୍ରହ୍ମା ଋଷି ଉତ୍ତରରେ, ଶ୍ରୀଜଗନ୍ନାଥଟି ପୂର୍ବ ଭାଗରେ ଯେ
ଦକ୍ଷିଣରେ ବଳେବରେ, ମୋ ରାମ ଯେ ॥
ଆଜ୍ଞା ଦେଲେ ଭଗବାନ, ଦେବାଦେବୀ ତୁମ୍ଭେ ଉଠ ବହନ ଯେ
ଚଉଦେ କର ଭୋଜନ, ମୋ ରାମ ଯେ ॥
ଭଗତ ପାଶେ ନ ଯିବ, ବିଶୁଳିପାତିଆ (୩) ସବୁ ନାଶିବ ଯେ
ତେବେ ପୃଥିବୀ ଆସାନ (୪) ହେବ, ମୋ ରାମ ଯେ ॥
ପରହିଂସେ ଯେଉଁ ଜନ, ଦୁର୍ଗା ଖପରକୁ ଯିବେ ବହନ ଯେ
ପୃଥିବୀ ହେବ ଆସାନ, ମୋ ରାମ ଯେ ॥
ଘରବୁଡ଼ା ଯେଉଁ ଜନ, ଦୁର୍ଗା ଖପରକୁ ଯିବେ ସେମାନ ଯେ
ଆଜ୍ଞା ଦେଲେ ଭଗବାନ, ମୋ ରାମ ଯେ ॥
ଯେଉଁ ପ୍ରାଣୀ ଭାଗ୍ୟ ଥିବ, ହରି ପାଦରେ ଶରଣ ପଶିବ ଯେ
ଦେବୀ ଖପରେ ସେ ନ ପଡ଼ିବ, ମୋ ରାମ ଯେ॥
ଯାଜପୁର ସ୍ଥାନ ଯେହି, ତେରଅଙ୍କମାନେ ନ ଥିବେ କେହି ଯେ
ଥୋକେ ଯିବେ ରେଣୁ ହୋଇ, ମୋ ରାମ ଯେ ॥
ଆଜ୍ଞା ଦେଲେ ଭଗବାନ, ମରିବେ ପାତେକୀ ମେଳଖ (୫) ଜନ ଯେ
ତୁମ୍ଭେ ଥିବ ମୋର ସନ୍ନିଧାନ, ମୋ ରାମ ଯେ ॥
ରାଜା ହେବେ ଭଗବାନ, ଆନନ୍ଦେ ପାଳିବେ ସେ ପ୍ରଜାଜନ ଯେ
ନୀଳଗିରିରେ ଥାଇଣ, ମୋ ରାମ ଯେ ॥

---

(୧) କାତ୍ୟାୟିନୀ ଶବ୍ଦର ଦେଶଜ ପ୍ରୟୋଗ । ଏହି କାତ୍ତାନୀମାନଙ୍କୁ ଯୋଗିନୀମାନଙ୍କର ଅଙ୍ଗରକ୍ଷୀ ବୋଲି କୁହାଯାଏ । ପ୍ରସିଦ୍ଧ ତାନ୍ତ୍ରିକପୀଠ ହୀରାପୁରରେ ଚଉଷଠି ଯୋଗିନୀ ମନ୍ଦିର ଏବଂ ନବକୋଟି କାତ୍ୟାୟିନୀଙ୍କ ମୂର୍ତ୍ତି ରହିଛି । (୨) ମହିମା, ପ୍ରସିଦ୍ଧି ବା ଖ୍ୟାତି । (୩) ବୃଷଳିପତି ଶବ୍ଦରୁ ଉତ୍ପନ୍ନ, ଏହାର ଅର୍ଥ ପାପାଚାରୀ ଅସ୍ଥିର, ଅଶାନ୍ତ, ଅତି ଦୁଷ୍ଟବ୍ୟକ୍ତି, (୪) ସହଜ, (୫) ମ୍ଳେଚ୍ଛ > ମେଳଚ୍ଛ > ମେଳକ୍ଷ > ମେଳଖ

ଶ୍ରୀମୁଖ ବଚନ ଶୁଣ, ଚଉଦ ଅଙ୍କକୁ କଲେ ପ୍ରମାଣ ଯେ
ମରିବେଟି ଦୁଷ୍ଟଜନ, ମୋ ରାମ ଯେ ॥୨୦
ସତ୍ୟରେ ପୃଥିବୀ ହେବ, ଶ୍ରୀନୀଳଗିରି କି ପ୍ରଭୁ ଆସିବ ଯେ
କୈବଲ୍ୟ ଜୁର ହୋଇବ (୬), ମୋ ରାମ ଯେ ॥
ପନ୍ଦର ଅଙ୍କ ଭିତରେ, ନନ୍ଦିଘୋଷ ରଥ ହେବ ସେଠାରେ ଯେ
ପ୍ରଭୁ ଯିବେ ଗୁଣ୍ଡିଚା ନବରେ, ମୋ ରାମ ଯେ ॥
କହେ ସାଲବେଗ ହୀନ, ସଂସାର ଜନେହେଁ ସମସ୍ତେ ଶୁଣ ଯେ
ରାଧାକୃଷ୍ଣ ପାଦେ କର ଧ୍ୟାନ, ମୋ ରାମ ଯେ ॥୨୩

ଇତି ଶ୍ରୀମଦ୍ ଭାଗବତେ ମହାପୁରାଣେ ଶୁକ ପରୀକ୍ଷିତ ସମ୍ବାଦେ
କଳିଯୁଗ ପ୍ରବନ୍ଧେ ନାମ ଷଷ୍ଠ ଅଧ୍ୟାୟଃ ॥

### ଦୀନକୃଷ୍ଣ ଦାସଙ୍କ

## ଉଲଟ ଭବିଷ୍ୟ ଚଉତିଷା

କ୍ଷେତ୍ର ନୀଳଗିରି ଭଗ୍ନ ଅବଶ୍ୟ ହୋଇବ ।
କ୍ଷୀର ମଧୁ ଗୁଡ଼ କନ୍ଦ ଆମ୍ବିଳ ଲାଗିବ ॥
ହରି ଚକା ଛାଡ଼ିଲେଣି କଳି ଉତପାତେ ।
ହରି ଗୁଣ ଫେଡ଼ା ମିଶା ଓଡ଼ାଙ୍କରେ ସ୍ଥିତେ ॥
ଶାହାସ୍ତ୍ର (୧) ଧର୍ମରେ କହୁଥିବେ ବ୍ରହ୍ମଜ୍ଞାନ ।
ସତ୍ୟ ଛାଡ଼ି ମିଥ୍ୟା କହି କିସ ପ୍ରୟୋଜନ ॥
ସତ୍ୟ ଧର୍ମ କ୍ରିୟା ଛାଡ଼ି ଅନ୍ୟାୟକୁ ଯିବେ ।
ବିଭୂତି ବୋଲି ହୋଇଣ ଅତି ହୀନ ହେବେ ॥
ସନ ତେରଶରେ ଯେତେ ତରକିବେ ଜନ ।
ସାଧୁ ସଙ୍ଗେ ଗତି ଫଳ ପାଇବେ ବୁଲିଣ ॥
ବୁଡ଼ିବ ହିନ୍ଦୁ ଶାହାସ୍ତ୍ର ଆସିବ ଦମନ ।
ବୈଶ୍ୟ ଶୂଦ୍ର କ୍ଷତ୍ରି ଜାତି ନୋହିବ ବାରଣ ॥
ଲିଙ୍ଗବୁଡ଼ା ପୁଣି କେତେ ହୋଇବେ ସନ୍ନ୍ୟାସୀ ।
ଲୀଳା କରୁଥିବେ ଲୋକେ କୁଜଙ୍ଗରୁ ଆସି ॥

(୬) ଛଡ଼ାଛଡ଼ି କରିନେବ ।
(୧) ଶାସ୍ତ୍ର ।

ରାତ୍ର ଦିବା ହେଉଥିବ ହରିବୋଲ ଧ୍ୱନି ।
ରସିକ ଭକ୍ତ ଭେଟିବେ ଖଞ୍ଜମାନ ଘେନି ।।
ଜମିଦାରମାନଙ୍କର ମହତ୍ତ୍ୱ ସରିବ ।
ଜପାମାଳି ହସ୍ତୁ ଖସି ଜ୍ଞାନ କାହିଁ ଯିବ ।।
ମଠ ଠାବେ ଠାବେ କରି ରହିବେ ଯେ ନାଗା ।
ମାରିଣ ଡୋର କୌପୁନି ଚଢ଼ାଇଣ ଶିଙ୍ଗା ।।
ଭାବ ଭକ୍ତି ଛାଡ଼ି ଥୋକେ ବଡ଼ଲୋକ ହେବେ ।
ଭୋଜନେ ରୋଷ କରିଣ ଥୋକାଏ ମରିବେ ।।
ବାଣିଜ୍ୟ ଭାବରେ ସ୍ତିରୀ ସାହସୀ ହୋଇବେ ।
ବିପ୍ରେ ବେଦକର୍ମ ଛାଡ଼ି ତାହାଙ୍କୁ ସେବିବେ ।।
ଫୁଲି (୨) ବୁଲୁଥିବେ ବଡ଼ଲୋକ ହସ୍ତ ଧରି ।
ଫୋପଡ଼ାଇବେ ଧନ ଯେ ଅମାନନା କରି ।।
ପରଦ୍ରବ୍ୟ ବୋଲି ଭୟ ନ କରିବେ କେହି ।
ପୂର୍ଣ୍ଣିମୀ ଚାନ୍ଦ ସେ ଦୁଇ ଅକାରଣେ ହୋଇ ।।
ନ ରହିବ ଖୋରଧାରେ ରାଜା ପ୍ରଜା କର ।
ନୀଳା (୩) ଲାଗିଥିବ ନୀଳଗିରି ଭକ୍ତଙ୍କର ।।
ଧବଳଗିରି ଶିଖରେ ଅଛି ଅଶ୍ୱତ୍ଥାମା ।
ଧୂଆଁଖିଆ ଭବେଛନ୍ତି ଓଡ଼ିଶାର ସୀମା ।।
ଦିବସେ ଉଇଁବ ତାରା ଦେଖି ଉତପାତ (୪) ।
ଦମନ ଧସାଇ ପଶି ଉଲଗନେ (୫) କ୍ଷେତ୍ର ।।
ଥାନୀ ମକଦ୍ଦମମାନେ ହେବେ ବଡ଼ ରୋଷା ।
ଥାନୀମାନେ ବିଥାନୀ ଯେ ନ ମିଳେ ପଇସା ।।
ତଳମାଳ ଆଠଗଡ଼ ମଧ୍ୟେ ଥିବେ ରାଜା ।
ତଳଘାଟି ଯାକରେ ଯେ ନ ରହିବେ ପ୍ରଜା ।।
ଅମନୁଷ୍ୟଯାକ ହେବେ ଲେଖାରେ ମନୁଷ୍ୟ ।
ଅଣାକ୍ଷର ନ ଚିହ୍ନିଣ ବୋଲାଇବେ ଦାସ ।।
ଜଗ ଯେ ମାଳିଆ ଥୋକେ କାଠ ଯେ ମାଳିଆ ।
ଜମି ପଣେ କେତେ କହି ସଭାରେ ଗୋଳିଆ ।।
ଡକାଇତେ ଡାକି କେତେ କେତେ ନେବେ ଧନ ।
ଡେଇଁବେ ମହୁଆ ତାଙ୍କଠାରୁ ନାହିଁ ହୀନ ।।

(୨) ଫୁଲାଣିଆପଣ କରି, (୩) ଲୀଳା, (୪) ଉତ୍ପାତ ବା ଉପଦ୍ରବ, (୫) ଉଲଙ୍ଘ

ଠକ ଠକିବେ ମୁଲକ ଛଦ୍ମକୁ (୬) କରି ।
ଠୁଳ ଲୋକଙ୍କୁ ନ ଚିହ୍ନି ଠକକୁ ଆବୋରି (୭) ।।
ଟାକିଅଛି ଭଗବତୀ ଚିତ୍ରୋତ୍ପଳା କୂଳେ ।
ଟାଣ ଲୋକଙ୍କୁ ଖାଇବ ଅର୍କବଟମୂଳେ (୮) ।।
ନଳ ଲୁଣ ଶାସନ ଯେ ହୋଇବ ହରଣ ।
ନୀଳାଦ୍ରି ଛାଡ଼ି ଶ୍ରୀହରି ଗିରିରେ ଗୋପ୍ୟାନ ।।
ଝସାଇ ଦମନବଳ ଆସିବେଟି ମାଡ଼ି ।
ଝିମିଟକେ ଓଡ଼ିଶା ଯେ ହେବ ହୁରିଡୁରି (୯) ।।
ଜଳୁକା ଛତିଆ ଅମରାବତୀ କଟକ ।
ଯହିଁ ହୁଳା (୧୦) ତହିଁ ଜାଣ ନ ଥିବ ଅଟକ ।।
ଛପି ରହିବେ ଭକତେ ପ୍ରାଚୀନଦୀ କୂଳେ ।
ଛାଡ଼ି ସିଂହ ରଡ଼ି ନାଦ ବାଗଡୋଟା ପରେ ।।
ଚଣ୍ଡୀ ଯେ ମାତିବେ ଭଣ୍ଡି ଖାଇବେ ଗ୍ରାମରେ ।
ଚଷାପଡ଼ାଠାରେ ଗୋଳ ନ ଥିବ ଧର୍ମରେ ।।
ଉଆଖିଆ ପଡ଼ିଆରେ ରହିବେ ଦମନ ।
ଉତପାତ ହେବ ମହୀ ହେବେ ଛିନ୍ନ ଭିନ୍ନ ।।
ଘରେ ଘରେ ସବୁଠାରେ ହେବ ଜଞ୍ଜିଗୋଳ ।
ଘରୁଆ ମହତ ସରି ଓଡ଼ିଶା କାଙ୍ଗାଳ ।।
ଗଞ୍ଜାଇ ଖାଇଣ କେତେ ହୋଇବେ ବାଟାଜି ।
ଗୀତା ଭାଗବତ ମିଥ୍ୟା ଏକା ପେଟ ଲାଗି ।।
ଖାଇବା ପିଇବା ମରିବା ଯେ ତିନିକଥା ।
ଖଳଲୋକେ ଆଣ୍ଠ କହି ପଛକୁ ଏ ବୃଥା ।।
କାଟେ କାରେଣିଆ ଯେ ଶ୍ରୀଖଣ୍ଡି ବେଣାହାର ।
କୋଉମୂଳେ ପଣ୍ଡୁପୁତ୍ରେ କହେ ଦୀନ ଛାର ।।

---

(୬) ଛନ୍ଦ ବା କପଟ, (୭) ବେଢ଼ି ଅର୍ଥାତ୍ ଘେରିଯାଇ, (୮) ଏକ ସ୍ଥାନ ବିଶେଷ
(୯) ହଟଗୋଳ, (୧୦) ଅଗ୍ନିଶିଖା ।

## ଦୀନକୃଷ୍ଣ ଦାସଙ୍କ

# ଭବିଷ୍ୟ ବଉଳ ଚଉତିଶା

କଉତୁକ କଳିକାଳ କହନା କୁହୁକ ।
କର୍ମଯୋଗୀ କର୍ମ ନ ଚିହ୍ନିଣ ଅପଣ୍ଡୁକ (୧) ଲୋ ବଉଳ ।
ଖାଉଥିବେ ଗୋମାଂସ ଯେ ଲୋକେ ଗୋଷ୍ଠୀ କରି ।
ଖାଇ ବିରଜା କଲିଜା ଖଣ୍ଡ ଖଣ୍ଡ କରି ଲୋ ବଉଳ ।
ଗଙ୍ଗା ଗୁପତ ହୋଇବେ ପାଞ୍ଚଶ୍ରିଶୂନରେ ।
ଗୁପ୍ତନଦୀ ତୀର୍ଥ ହେବ ମଣିକର୍ଣ୍ଣିକାରେ (୨) ଲୋ ବଉଳ ।
ଘୋଟିବେ ଓଡ଼ିଶା ଆସି ମ୍ଲେଛ ଯେ ଦମନ ।
ଘୋଡ଼ାଟାପୁ ମହୀ କମ୍ପି ନ ମିଳିବ ଅନ୍ନ ଲୋ ବଉଳ ।
ଉଆଖିଆ ପଡ଼ିଆରେ ରହିବ ଦମନ ।
ଉପରୁ ଶୁଭିବ ଡାକ ହୋଉବ ଉଛନ୍ନ ଲୋ ବଉଳ ।
ଚାଷ ଚଷି ଚଷାରେ ଚଷାରେ ହେବେ ଚୋର ।
ଚାଷ ନ ଚଷୁଣୁ ଆଗ ହୋଇ ନେବେ କର ଲୋ ବଉଳ ।
ଛତିଆ ଗ୍ରାମ ଅମରାବତୀ ଯେ କଟକ ।
ଛାଡ଼ି ଚକା ଜଗନ୍ନାଥ ଘେନି ସୁଜ୍ଞଲୋକ ଲୋ ବଉଳ ।
ଜଗତସିଂହପୁର ଯେ ଉଆପଡ଼ିଆରେ ।
ଜଗିଣ ଦମନ ବଳ ରହିବେ ସେଠାରେ ଲୋ ବଉଳ ।
ଝରପ୍ରାଚୀ କେଶବ ଗୋମୁଖୀ ପରିଜନେ ।
ଝାଡ଼ ଜଙ୍ଗଲରେ ଥିବେ ଦମନଙ୍କ ଟାଣେ ଲୋ ବଉଳ ।
ନିନ୍ଦିବେ ବ୍ରାହ୍ମଣ ଆଦି ଥାପନା (୩) ଦେବତା ।
ନୀଚ ଉଚ୍ଚ ମଧ୍ୟେ ଖାଇ ହେବେ ବ୍ରହ୍ମବେତ୍ତା ଲୋ ବଉଳ ।
ଟାଣ ପଣ କରି କୁମ୍ଭୀ ପଟୁଆ ମରିବେ ।
ଟାଣେ ବେଦକର୍ମ ଛାଡ଼ି ଅକର୍ମ କରିବେ ଲୋ ବଉଳ ।
ଠକ ଚତୁର ହୋଇବେ ଧନ ଦେଖିବାରେ ।
ଠକ ଲୋକଙ୍କୁ ନ ଚିହ୍ନି ଓଡ଼ିଶା ଭାଙ୍ଗିବେ ଲୋ ବଉଳ ।
ଡାକ ବଳଦେବ ଡାକ ଡାକିବେ ଶୂନ୍ୟରେ ।
ଡରିଣ ମରିବେ ବଡ଼ ଲୋକ ଅଜ୍ଞାନରେ ଲୋ ବଉଳ ।

---

(୧) ଅଯୋଗ୍ୟ, ଅଧମ, (୨) କାଶୀର ମଣି କର୍ଣ୍ଣିକା ଘାଟ ଏକ ପ୍ରଧାନ ତୀର୍ଥସ୍ଥାନ,
(୩) ସ୍ଥାପନା

ଢମ (୪) ଭାଙ୍ଗି ଦେବ ସୁବା (୫) କରି ବନ୍ଦୋବସ୍ତ ।
ଢେଙ୍କାନାଳ ଗଡ଼େ ପଶି ଖଣ୍ଡ ଜ୍ଞାନୀ ଭକ୍ତ ଲୋ ବଉଳ ।
ଅବ୍ୟକତ (୬) ବ୍ୟକତ (୭) ଯେ କରିଲୁ ଆମ୍ଭେ ତ ।
ଅରକ୍ଷ ଯେ ଜମିଦାର ବୁଡ଼ିବ ଇଜ୍ଜତ ଲୋ ବଉଳ ।
ତଣ୍ଡିନେବ ସୁବା ତାଙ୍କୁ କରଦଣ୍ଡ କଲେ ।
ତନ୍ତୀ ତୂଳାଭିଣା ଆଗ ମରିବେ ସେ କାଳେ ଲୋ ବଉଳ ।
ଥାନୀ ମକଦ୍ଦମ (୮) ହେବେ ନାରଖାର ।
ଥୋଇଲା ନେବ ବାସୁକି କେତେ ନେବ ଚୋର ଲୋ ବଉଳ ।
ଦେଶ କୁଜଙ୍ଗରେ ଅଛି କୁଞ୍ଜକୁଟୀ ବନ ।
ଦିବା ରାତି ରାସ ହେବ ଅଛି ଅଧେ ଦିନ ଲୋ ବଉଳ ।
ଧବଳେଶ୍ୱର ଅଛନ୍ତି ଧବଳ ପର୍ବତେ ।
ଧରିଛନ୍ତି ଲିଙ୍ଗଶକ୍ତି ଦ୍ରୋଣଙ୍କର ସୁତେ ଲୋ ବଉଳ ।
ନବତୀର୍ଥସ୍ଥିତ ପରେ କରିଛନ୍ତି ଗାଦି ।
ନୀଳଗିରି ପରୀକ୍ଷାରେ ମହାମନ୍ତ୍ର ଭେଦି ଲୋ ବଉଳ ।
ପଇତା ଛଡ଼ାଇ ନେବ ସୁବା ଦ୍ୱିପହରେ ।
ପଳାଇ ପଶିବେ ଦେବାଦେବୀ ଯେ ଝାଡ଼ରେ (୯) ଲୋ ବଉଳ ।
ଫାରମ (୧୦) ସଂସାରେ ହେବ ଲୁଟିବ ଟିକସ ।
ଫାଣ୍ଡିଆ (୧୧) ଲୁଟି ଖାଇବ ନ ରହିବ ବଂଶ ଲୋ ବଉଳ ।
ବିକାଇବ ଭାତ ରାନ୍ଧି ସୁବା ଓଡ଼ିଶାରେ ।
ବିବେକ କାର ନଥିବ ଥିବ ପଇସାରେ ଲୋ ବଉଳ ।
ଭଲ ଭଲ ଲୋକମାନେ ଛତ୍ରରେ ଖାଇବେ (୧୨) ।
ଭାତ ମୁଠାକୁ ପଇସା ସମସ୍ତେ କିଣିବେ ଲୋ ବଉଳ ।
ମରୁଡ଼ିରେ ଜମା ହେବେ ବୀର ଯେ ନବାବ (୧୩) ।
ମୋଗଲ ପଠାଣଙ୍କର ମହିମା ଯେ ହେବ ଲୋ ବଉଳ ।
ଜମ୍ବୁ ଭରତ ତୀର୍ଥରେ ଉଠିବ ଅନବ ।
ଯମଦଗ୍ନି ପୁତ୍ର ଠାରୁ (୧୪) ଲାଗିଚ କନ୍ଦଳ ଲୋ ବଉଳ ।

---

(୪) ଗର୍ବ, (୫) ଏଠାରେ ସୁବାଦାର ଅର୍ଥାତ୍ ପ୍ରଦେଶର ଶାସକ ବୋଲି ଗ୍ରହଣ କରିବାକୁ ହେବ । (୬) ଅବ୍ୟକ୍ତ ଅର୍ଥାତ୍ ଅପ୍ରକଟ, (୭) ବ୍ୟକ୍ତ ଅର୍ଥାତ୍ ପ୍ରକଟ, (୮) ସ୍ଥାନୀୟ ଗ୍ରାମମୁଖ୍ୟ, (୯) ଜଙ୍ଗଲରେ, (୧୦) ଫାର୍ମ ବା ଶସ୍ୟାଗାର, (୧୧) ଜମିବାର ଶ୍ରେଣୀୟ, (୧୨) ନଅଙ୍କ ଦୁର୍ଭିକ୍ଷ ସମୟରେ ଖ୍ରୀଷ୍ଟିଆନ ଧର୍ମ ଯାଜକମାନେ ଅନ୍ନଛତ୍ର ଖୋଲିଥିଲେ । ସେଠାରେ ଯେଉଁମାନେ ପେଟ ବିକଳରେ ଖାଇଲେ ସେମାନଙ୍କୁ ଜାତିରେ ନିଆଗଲା ନାହିଁ ଏବଂ ଛତରଖିଆ ବୋଲି କହି ସମାଜରୁ ବାସନ୍ଦ କରାଯାଇଥିଲା ।
(୧୩) ଉର୍ଦ୍ଦୁ ଶବ୍ଦ ବିଶେଷ, ଶାସକକୁ ବୁଝାଇଥାଏ, (୧୪) ପର୍ଶୁରାମ

ରଣ ଭୂଇଁ ମାଡ଼ି ବସିଅଛି ବାରଭୁଜୀ ।
ରଖିବ ନାହିଁ ସେ କେବେ ପାପୀ ଗଳଗାଜି (୧୫) ଲୋ ବଉଳ ।
ଲବଣସିନ୍ଧୁ ଟେକିବ ଶମୀ ବୃକ୍ଷ (୧୬) ଯାଏ ।
ଲୀଳା ଲାଗି ନୀଳଗିରି ମହିମା ଉଦୟେ ଲୋ ବଉଳ ।
ବାଣାସୁର ବାହାରିବ ବାଣପୁର ସୀମା ।
ବାରି ପବନ ନନ୍ଦନ ଅସଂଖ୍ୟ ମହିମା ଲୋ ବଉଳ ।
ଶାରଦା ମଣ୍ଡଳ ଭାଙ୍ଗିଯିବ ବ୍ରହ୍ମଶାପେ ।
ଶାରଦା ଜନ୍ମ ଲଭିବେ ପର୍ଶୁରାମ କ୍ଷେତ୍ରେ ଲୋ ବଉଳ ।
ସୋରିଷ ଫୁଲ ଫୁଟିବ ଅଦିନେ ମୂଲକେ ।
ସାଇ ସାଇ ସୁବା ବୁଲି ଏକାକାର ଲୋକେ ଲୋ ବଉଳ ।
ସତ୍ୟ ଧର୍ମ ଛାଡ଼ିଯିବ ହୋଇବେ ବାଳୁଙ୍ଗା ।
ସାତ ରାଣ୍ଡେ ଦାଣ୍ଡେ ବୁଲି ହୋଇବେ ଫାଳୁଙ୍ଗା (୧୭) ଲୋ ବଉଳ ।
ହରିହରପୁରେ ହେବ ମହାମାୟୀ ଯାତ୍ରା ।
ହ୍ରଦ ଶୁଖି କଳୁଷପଡ଼ା ଯେ ଉଗ୍ରମତା ଲୋ ବଉଳ ।
ଛଛନ୍ଦ୍ରେ (୧୮) ବଉଳ ବଉତିଶା ଯେ ଆଗତି ।
ଛାର ଦୀନକୃଷ୍ଣ ଦାସ ନିଗମ ଭାରତୀ (୧୯) ଲୋ ବଉଳ ।

# ଶିଖର ଦାସଙ୍କ ନୀଳସୁନ୍ଦର ଗୀତା

## ପ୍ରଥମ ଅଧ୍ୟାୟ

ଗୋବିନ୍ଦ ବୋଇଲେ ଶୁଣ ହୋ ପାର୍ଥିବ ଯାହା ପଚାରିଲୁ ମୋତେ ।
ସନ୍ଦେଶ ଜ୍ଞାନ ଯେ ତତ୍ତ୍ୱ ଭବିଷ୍ୟାନ୍ତ ବୁଝାଇ କହିବା ତୋତେ ॥
କଳିଯୁଗେ ମୁହିଁ ଦାରୁବ୍ରହ୍ମ ରୂପେ ନୀଳକନ୍ଦରେ ବସିବି ।
ସଙ୍ଗେ ବଳରାମ ବେଦପତି ଘେନି ମଉନେ ଭୋଗ ପାଇବି ॥
ଲକ୍ଷ୍ମୀ ସରସ୍ୱତୀ ବେନି ପ୍ରିୟବତୀ ଯେ ଥିବେ ମୋହର ପାଶ ।
ଆପେ କରଯୋଡ଼ି ଉଭା ହୋଇଥିବ ମଉନାବତୀ ବିଳାସ (୧) ॥

---

(୧୫) ଗଳାଦ୍ୱାରା ଗର୍ଜନ କରିବା, (୧୬) ଏକ ପୁରାଣ ବର୍ଣ୍ଣିତ ବୃକ୍ଷ ଯେଉଁଥିରେ ଅର୍ଜୁନ ଅଜ୍ଞାତ ବନବାସ ସମୟରେ ନିଜର ଧନୁ ଓ ଶର ଗୋପନ କରି ରଖିଥିଲେ ।
(୧୭) ଦୁଷ୍ଟପଣ, (୧୮) ସ୍ୱଚ୍ଛନ୍ଦେ, (୧୯) ବାଣୀ ।
(୧) ମଉନାବତୀର ସ୍ୱାମୀ ଅର୍ଥାତ୍ ଗରୁଡ଼ ।

ଯୁଗ ଚାରିଲକ୍ଷ ବତିଶ ସହସ୍ର ଭୋଗ ହିଁ ପୁଣ ନୋହିବ
ଅଠାଇଶ ସସ୍ର ବରଷକେ ପୁଣ ଆୟୁଷ ପାପେ ତୁଟିବ
ଯେକ ଭଣା ଛଡ଼ ସହସ୍ର ରାଜାଯେ ଭୋଗ ଯିବ ଯୁଗ କଳି
ମହାଭାରା ପାଇ ବସୁଧା ବିକଳେ ମୋତେ ଯହୁଁ ସ୍ତୁତି କରି
ଯେତେଦିନେ ମୁହିଁ ଉଦିତ ହୋଇବି କଳଙ୍କି ଅବତାରକୁ
ଯେକାମ୍ବର ବନେ ଗଡ଼ ବାନ୍ଧିଥିବି ଖଟାଇ ଭୃତ୍ୟମାନଙ୍କୁ
ମୁହିଂ ହେବି ରାଜା ପାଳିବି ପରଜା ଜଣେ ଜଣେ ଦେବି ପଣ
ତୁହିଂ ହେ ଅର୍ଜୁନ ପୂଜା ହିଂ ପାଇବୁ ପାଞ୍ଚ ଭାଇଙ୍କ ତୁଲେଣ

୦ ୦ ୦

ଗୋବିନ୍ଦ ବୋଇଲେ ଶୁଣ ଫାଲଗୁନି ଯୁଗ ନାମେ କଳିକାଳ
ଜଣେ ଜଣେ ମତ ଗରବ ବହିବେ ନ ଜାଣିବେ ହୋଇ ଭୋଳ
ଗୁରୁଙ୍କୁ ଶିଷ୍ୟ ହିଁ ବିଶ୍ୱାସୀ ନୋହିବେ ଭାଇ ସଙ୍ଗେ ଭଗ୍ନୀ ମେଳା
ମାତା ପୁତ୍ର ଦୁହେଁ ରମଣ ହୋଇବେ ଲେଞ୍ଛ (୨) ପୀରତି ଅବଳା
ସାହୁ ଖାତକ ମରାମରି ହୋଇବେ ଅର୍ଜିଲା ଲୋକ କୃପଣ
ମାତା ପିତାକୁ ପୁତ୍ର ଅନ୍ନ ନଦେବେ ନ ଜାଣି କହିବେ ଟାଣ
ଥୋକେ ବଇଷ୍ଣବ ତୁଳସୀ ଭୂଷଣେ କର୍ଣ୍ଣେ କଣ୍ଠେ କରମାଳା
ମଉନେ ବସଇ କଥା ନ ଭାଷଇ ଜଟା ଘେନି ମହାନ୍ତରା
ନ ଜାଣି ଆରମ୍ଭ ଥୋକେ ବଡ଼ ଦମ୍ଭ ଜନ୍ତୁରେ ନ ଥାଇ ଦୟା
ଯଦି ଦୟା ନାହିଁ ଧର୍ମ ଅବା କାହିଁ ଯେତେ କହେ ମିଛ ମାୟା
ଭାଗ୍ୟବନ୍ତ ଲୋକେ ମିଛ ବଖାଣିମେ (୩) ଜୀଅନ୍ତା ମାରିବେ ଥୋକେ
ଗୋଦାନ ହିଂ ବ୍ରହ୍ମାଂ ଆଦି ନ ମାନିବେ ବିଶ୍ୱାସୀ ମାରିବେ ଲୋକେ.
ଭ୍ରଥା (୪) ବନ୍ଧୁ ସଙ୍ଗେ ପୀରତି କରିବେ ବିକିବେ ଆପଣା ପୁଅ
ଶାଶୁ ବାଳ ଧରି ବହୂ ମାରୁଥିବେ ଲେଞ୍ଛ ନ କରିବେ ସ୍ନେହ
ମହୁରା (୫) ଦେଇଣ ପତିକି ମାରିବେ କ୍ରୋଧ କରିବେ ଅପାର
ବିଷ୍ଣୁପୁରାଣ ଥୋକେ ନିନ୍ଦା କରିବେ ପୋଇଲିକି ଘେନି ଘର
କହିବେନା ଯାହା ନ ମାନିବେ ତାହା କୁଟୁମ୍ବରେ ହଣାହଣି
ପୋଷିଲା ଜନ୍ତୁ ବଧିବେ ଥୋକେ ଲୋକେ ଶୁଣ ବୀର ଫାଲଗୁନି
ଲଗାଇଲା ବୃକ୍ଷ ମୂଳରୁ ଛେଦିବେ ବିଧବା ସ୍ତିରୀ ରମିବେ
ସାତ ପାଞ୍ଚ ବସି ଅଭକ୍ଷ ଭକ୍ଷିବେ ଘରୁ ଚୋରି କରି ନେବେ .
ବେଳ ଶେଷ ଯାଯେ ଚାଷ ଚଷୁଥିବେ ଗୋପଥ କରିବେ ଭୂମି
ଦେବତା ବ୍ରାହ୍ମଣ ମାନ୍ୟ ନ କରିବେ ମହତ ମୂଢ଼ ପରାଣୀ

(୨) ଲେଞ୍ଛ, ନେଞ୍ଛ, ନୀଚ, (୩) ବଖାଣିବେ, (୪) ଭ୍ରାତା, (୫) ବିଷ ।

ଉଲଗ୍ନ ହୋଇ ଜଳରେ ଗାଧୋଇବେ କହିବେ ବିଷ୍ଣୁରେ ଆନ ।
ଦେହେ ଦେହେ ଭାବ ପୀରତି ଲଗାଇ ହୃଦେ କେନ୍ଥିବେ (୬) ମନ ॥
ଶ୍ରୀହରି ଯେ ପୁଚ୍ଛି ଶୁଣ ସବ୍ୟସାଚୀ ତୁ ଯେ ପଚାରିଲୁ ଯେଣୁ ।
ପାପଭାରା ହୋଇ ବସୁଧା ନାଶିବ ଯୁଗ ତୁଟିବାକ ତେଣୁ ॥

୦ ୦ ୦

କ୍ଷତ୍ରିମାନେ ରଣେ ପଛଘୁଞ୍ଚା ଦେବେ ନିସତ (୭) ହୋଇ ମରିବେ ।
ଅର୍ଜିଲା କର୍ମ ସେ କେ କରିବ ଆନ ଗତି ମୁକ୍ତି ନ ପାଇବେ ॥
ଠାବେ ଠାବେ ପୁଣି ସଂଗ୍ରାମ ହୋଇବ ଆବୋରି ବସିବ ଆଳ ।
ସନ୍ଥ ପ୍ରତିପାଳି ଦୁଷ୍ଟ ନିବାରିବି ଯମ ଧରି ନେବ ବାଳ ॥
ମହାପାପ ଦେଖି ଇନ୍ଦ୍ର ନ ପାଳିବ ଦୁର୍ଭିକ୍ଷ ପଡ଼ିବ ଦିନ ।
ଟେକି ସିଂହଦ୍ୱାରେ ଅଗ୍ନି ବରଷିବ ଯେ କଥା ସତ ଅର୍ଜୁନ ॥
ପୂର୍ବ ସିନ୍ଧୁ ଟେକି ଆସିବାକ ଉଠି ବେନି ଯୁଣ (୮) ପରିଯନ୍ତେ ।
ମେଳଚ୍ଛ ମରିବେ ଭଗତ ତରିବେ ହୋଇବ ଯେସନ ମତେ ॥

୦ ୦ ୦

ଓଡ୍ରରାଷ୍ଟ୍ର ଜନେ ସାନନ୍ଦ ହୋଇବେ ବୋଲି ହରିଧ୍ୱନି ବାଣୀ ।
ବସୁମାତ ଭାରା କିଞ୍ଚିତେ ଉଶ୍ୱାସ ଆନନ୍ଦେ ଶିଖର ଭଣି ॥

# ମହାମୁନି ବ୍ୟାସଙ୍କ ଭବିଷ୍ୟ ପୁରାଣ

## ୩ୟ ଅଧ୍ୟାୟ

କହନ୍ତି କାଦମ୍ବରୀ ଭୋଳା । ରେବତୀ ଶୁଣ ମୋ ଅବଳା ॥
ଘୋର ଅକ୍ଷୟେ ହେବ ପୃଥ୍ୱୀ । ବହୁତ ଜାତ ହେବ ହାତୀ ॥
ନିର୍ମାଲ୍ୟଠାରେ ଅପରାଧ । ରମଣେ ସ୍ତିରୀ ନୋହେ ବୋଧ ॥
ବ୍ରାହ୍ମଣେ କାରିଯି (୧) ହୋଇବେ । ଦତ୍ତ ଖୈରାତ (୨) କାଟି ନେବେ ॥
ସ୍ତିରୀ ପୁରୁଷ ଉପରକୁ । ବଳେଣ ଗ୍ରାସୁଥିବେ ତାକୁ ॥
ଷଏ ବରଷ ବୃଦ୍ଧ ବାଣୀ । ହସିବେ ପିଲାମାନେ ଶୁଣି ॥
ଗାରେଡ଼ି ବ୍ରାହ୍ମଣେ ପଢ଼ିବେ । ସନ୍ଧ୍ୟା ଗାୟତ୍ରୀ ପାସୋରିବେ ॥
ଶୂଦ୍ର ଯୋନିରେ କରି ଆଶ । କରିବେ ଧୂମ୍ର (୩) ପାନ ଗ୍ରାସ ॥
ଅମଣିଆ (୪)କୁ ଲଗିଥିବେ । ତପ୍ରେ ତାଳିଏ ମାରିବେ ॥

(୬) ଅକଣ୍ଠ,ଅହଙ୍କା, (୭) ଦୁର୍ବଳ, (୮) ଦୁଇ ଯୋଜନ ଅର୍ଥାତ୍ ଆଠକୋଶ ପରିମିତ ସ୍ଥାନ ।
(୧) କାରଜ, ବ୍ୟବସାୟିକ କାର୍ଯ୍ୟ, (୨) ଏକକାଳୀନ ଓ ଚିରସ୍ଥାୟୀ ଦାନ, (୩) ଧୂମ ।
(୪) ଦେବତାମାନଙ୍କ ପାଇଁ ଅଭିପ୍ରେତ ଅଥଚ ଭୋଗ ଲାଗି ନ ଥିବା ଦ୍ରବ୍ୟ ।

ପାଣି ନ ଦେବେ ଶସ୍ତୁଶିର । ଦିଅର ଭାଉଜରେ ଗେଲ ॥
ଜାଇ ଭଗ୍ନୀ ମାଇଁ ଭଣଜା । ରତିରେ ନେହିବେଟି ଦୁଜା (୫) ॥
ଗୋହତ୍ୟା ସ୍ତିରୀହତ୍ୟା ମାନ । ମାତୃ ହରଣ ସୁରାପାନ ॥
ବାଳକ ହତ୍ୟା ସ୍ତିରୀ ବଧ । ଯେ ପାପେ ନୋହିବେଟି ବୋଧ ॥
ଏମାନ ଯହୁଁ ଉପୁଜିବ । ଏଥି ଯେ ଧର୍ମ ନାଶ ଯିବ ॥
ଆଠ ଅଙ୍କକୁ ଏଗାରକୁ । ଅଢ଼ାଇ ପ୍ରହର ଲେଖାକୁ ॥
ତିନି ପଦ୍ମନ ରୁଣ୍ଡ ହେବ । କାତରେ ଭାଜିବ (୬) ବ୍ରହ୍ମାଣ୍ଡ ॥
ଅନ୍ନ କଷ୍ଟେ ଥୋକେ ମରିବେ । ଥୋକାଏ ବ୍ୟାଘ୍ର ହାତେ ଯିବେ ॥
ଥୋକେ ହୋଇବେ ହୁରିଜୁରି । ଥୋକେ ମରିବେ ଆପେ ମାରି ॥
ଏ ରୂପେ ଅଢ଼େଇ ବରଷ । ରାଜତ୍ୱ ଅଙ୍କ ହେବ ଶେଷ ॥
ଯେଗାର ଅଙ୍କର ଉପରେ । ଜନ୍ମ ଗୋଦାବରୀ କୂଳରେ ॥
ବିପ୍ର ତିକମା ଘରେ ଜାତ । ସଂସାରେ ଲୀଳା ମାତ୍ର ଖ୍ୟାତ ॥
ଗଙ୍ଗା ଗୌତମ ଆଦି ଦେଶେ । ନଦିଆ ନବଦ୍ୱୀପ ଆଦ୍ୟେ ॥
ଜନ୍ମ ହୋଇବେ ଜଗନ୍ନାଥ । ଧରିଣ ଶଂଖ ଚକ୍ର ହସ୍ତ ॥
ଦୁଇ ଦିଗରୁ ଦୁଇ ଭାଇ । ମାରିବୁ ଦୈତ୍ୟ (୭)କୁ ଗୋଡ଼ାଇ ॥
ଖଣ୍ଡଗିରିରେ ଜଗିଥିବ । ସୁବର୍ଣ୍ଣ କଳସ ବାଳିବ ॥
ସାଧୁ ଯେ ସନ୍ଥ ଥିବେ ପାଶ । ସେଠାରୁ ଧରାଇବୁ ପାଶ ॥
ଛତ୍ରି ଧରାଇ ହେବୁ ରାଜା । ଆନନ୍ଦେ ପାଳିବୁ ପରଜା ॥
ଚଉଦ ଅଙ୍କ କୁମ୍ଭ ମାସ (୮) । ଖଡ଼ଗ ଏଠାରେ ପ୍ରକାଶ ॥
ଏଠାରେ ଏ ଦିଆନ (୯) ହେବ । ଦାରୁ ସ୍ୱରୂପ କିମ୍ଭା ଥିବ ॥
ଅତି ଯେ ଗୁପତ ସଂଘାତ (୧୦) । ତୋ ଆଗେ କଲଇ ବିଖ୍ୟାତ ॥
ଦୁଷ୍ଟ ଦୁର୍ଜନ ନିବାରିବୁ । ସୁଜନ ଜନକୁ ପାଳିବୁ ॥
ଲଙ୍ଗଳ ସୁଦର୍ଶନ କର । ମାରିବୁ ଦୁଷ୍ଟ ବଳିଆର ॥
କାଳିଆ ଘାଇ ପରିଯନ୍ତେ । ଯାଜପୁରର କ୍ଷେତ୍ର ଅନ୍ତେ ॥
ଟିକିରା ଗୋହିରୀରେ ମାର । ସମ୍ପୂର୍ଣ୍ଣ ବିରଜା ଖପର ॥
ଏକଥା ସତ୍ୟ ସତ୍ୟ ଜାଣି । ଶ୍ରୀମୁଖ ଆଜ୍ଞା ପରିମାଣି ॥
ସାଧୁ ସୁଜ୍ଞାନୀ ସେ ବୁଝିବେ । ପାଷାଣ୍ଡ (୧୧) ବିମୁଖ(୧୨) ପାଇବେ ॥
ରୋଧିର ବହିବ ନଦୀଯେ । ଦୁଷ୍ଟ ଦୁର୍ଜନ ହେବ କ୍ଷୟେ ॥
ଏ ହଳାୟୁଧ ଦିବ୍ୟରସ । ପଦ୍ମନ ଶିଷ୍ୟ କହେ ବ୍ୟାସ ॥

ଶ୍ରୀଭବିଷ୍ୟ ପୁରାଣେ ରେବତୀ ବଳଭଦ୍ର ସମ୍ବାଦେ ନାମ ତୃତୀୟ ଅଧ୍ୟାୟ ॥

---

(୫) ଦୁଇ, (୬) ଭାଙ୍ଗିବ, (୭) ରାକ୍ଷସ, (୮) ଫାଲ୍‌ଗୁନ ମାସ,
(୯) ଫା—'ଦେୱାନ' ଶବ୍ଦରୁ ଆନୀତ, ରାଜ୍ୟର ପ୍ରଧାନ ସଚିବ, (୧୦) ସଙ୍ଗୀତ,
(୧୧) ନିର୍ଦ୍ଦୟ, ନିଷ୍ଠୁର, (୧୨) ପ୍ରତିକୂଳ ମନୋଭାବ

# ଶିଶୁ ଦାସଙ୍କ କଳ୍କି ଭାଗବତ

## ଅଷ୍ଟମ ଅଧ୍ୟାୟ

**ରୁକ୍ମିଣୀ ଉବାଚ :**

ରୁକ୍ମିଣୀ ବୋଲନ୍ତି ଗୋସାଇଂ । କଳ୍କି ଭାଗବତ ଏହି ॥
ପୁରୁଷେ କି ଆଚର (୧) କରି । କହିବା ହେଉ ଦଣ୍ଡଧାରୀ ॥

**ଶ୍ରୀବାସୁଦେବୋବାଚ :**

ପ୍ରଭୁ ବୋଲନ୍ତି ପ୍ରିୟେ ଶୁଣ । ପୁରୁଷ ଆବାର ଲକ୍ଷଣ ॥
ମାନ୍ୟ ଲୋକଙ୍କୁ ସେ ହସିବେ । ଖୁଡ଼ୀକି ପୁତୁରା ହରିବେ ॥
ମାନ୍ୟ ଗୌରବ ନାହିଁ କିଛି । ଆଇକି ପିନ୍ଧାଇବେ କାଛି ॥
ଅନୀତି ଆଚରିବେ ମୂଢ଼େ । ମଦିରା ଖାଇବେ ଗଉଡ଼େ ॥
ଅତି ପ୍ରପଞ୍ଚ (୨) ହେବ ମହୀ । ଭଗ୍ନୀକି ହରିବେ ଯେ ଭାଇ ॥
ଏକଥା ଅବଶ୍ୟ ହୋଇବ । ଗୁରୁଙ୍କୁ ନାନା କଷ୍ଟ ହେବ ॥
ମୁଖରେ କହୁଥିବେ ମାର । ସେ ପୁଣି ନୋହିବେ କାହାର ॥
ଏମନ୍ତ ବାକ୍ୟେ ଘରେ କଳି । ଦଣ୍ଡେ ହେଁ ନ ଭାଙ୍ଗିବେ ମେଳି ॥
ନିଜ ହୋଇବେ ପର ପୁଣ । ରାଜାଏ ହେବେ ମୂଢ଼ ଜାଣ ॥
ନୀଚ ଯେ ବସିବେ ସଭାରେ । ଶୁଣ ରୁକ୍ମିଣୀ ମନ ସ୍ଥିରେ ॥
ବୃଦ୍ଧକୁ ବାଳକେ ହସିବେ । ମାତାଙ୍କୁ ପୁତ୍ରେ ନ ମାନିବେ ॥
ଭାଇ ଭାଇରେ ହଣାହଣି । ପିତାଙ୍କୁ ମାରିବେ କହୁଣି ॥
ସାହୁ ତ ଆଶା ଦେଇଥିବେ । କହିଣ ନିରାଶ କରିବେ ॥
ଗୁଣେ ଦେଇଣ ଚାରିଗୁଣ । ଘେନିବେ ମୂଢ଼ ପାପୀଜନ ॥
ଯେ ପ୍ରାଣୀ ଦ୍ୱିଗୁଣ ଘେନଇ । ନରକେ ପଡ଼ଇ ସେ ଯାଇଁ ॥

**ରୁକ୍ମିଣୀ ଉବାଚ :**

ରୁକ୍ମିଣୀ ବୋଲନ୍ତି ଗୋବିନ୍ଦ । ମନରେ ଲାଗିଲା ବିବାଦ ॥
ଯେ ପ୍ରାଣୀ ଆଶା ଭଗ୍ନକରି । ତାହାକୁ କିସ ଦଣ୍ଡ ହରି ॥
କିପାଇଁ ବେଳେ ଆଶା ଦେଲା । ମାଗିଲେ କିମ୍ବା ନଶୁଣିଲା ॥
ଶ୍ରୀକୃଷ୍ଣ ବୋଲନ୍ତି ଗୋ ଶୁଣ । ଯେ ପ୍ରାଣୀ ସତ୍ୟଭ୍ରଷ୍ଟ ପୁଣ ॥
ଯା ମନେ ଦୃଢ଼ ଭାବ ନାହିଁ । ଶ୍ୱାନ ହୋଇଣ ବିଷ୍ଠା ଖାଇ ॥
ଗୁରୁ ନିନ୍ଦକ ଯେଉଁ ନର । ଛିଣ୍ଡି ପଡ଼ଇ ତା ଶରୀର ॥

---

(୧) ଆଚାର, ଆଚରଣ, ବ୍ୟବହାର, (୨) ଅଶୋଭନୀୟ, ଅସୁନ୍ଦର

ଯେ ଜନ ପିତା ଅଭକତ (୩) । ବିଷ୍ଣୁ ଦୋରେହା (୪) ଯେ ନିଶ୍ଚିତ
ଯେ ଜନ ମାତା ନିନ୍ଦା କରେ । ଯମ ପକାଏ ନର୍କ ଘୋରେ
ଯେ ନିନ୍ଦେ ବିଷ୍ଣୁ ପଦମାନ । ଅଳପ ଆୟୁ ତାର ଜାଣ
ଯେ ନର ଭକ୍ତଙ୍କୁ ନିନ୍ଦଇ । ତାହାକୁ ରାଜଦଣ୍ଡ ହୋଇ
ଶୁଣ ରୁକ୍ମିଣୀ ଦେଇ ମନ । କଳିର ଏମନ୍ତ ଭିଆଣ
ଖଟୁଆ ହୋଇବେ ଗୋ ନରେ । ପୁରୁଷ ସ୍ତିରୀ ଯଥେଚ୍ଛାରେ
ଚଷାଏ ଲଙ୍ଗଳ ଧରିବେ । ବଳଦ ଦିନକେ ଯୋଡ଼ିବେ
ଅଦୋଷେ ଚଷୁଥିବେ ମାରି । ଏଣୁ ସେ ଭାବୁଥିବେ ହରି
ତାହାଙ୍କ ଦୁଃଖ ଜାଣି ମିତ । ବ୍ୟାକୁଳ ହେବ ଆମ୍ଭ ଚିତ୍ତ
ପ୍ରାଣୀ କରିବେ ପାପ ମନ । ତାହାକୁ ନ ମିଳିବ ଅନ୍ନ
ଶୁଣ ରୁକ୍ମିଣୀ ମନ ଦେଇ । କଲ୍କି ନିନ୍ଦିବେ ଗୋ ସହୀ
ଭକତ ଦୁଃଖିତ ହୋଇବେ । ଦୁଷ୍ଟ ବୁଦ୍ଧିରେ ନାଶ ଯିବେ
ମୁଁ ତାହା ସହୁଥିବି ଜାଣ । ଦୁଷ୍ଟଙ୍କୁ ସଂହାରିବ ପୁଣ
ସନ୍ଥଙ୍କ ପାଇଁ ଦେହ ଧରି । ଜନ୍ମିବୁ ନର ରୂପ ଧରି
ମୂଳିଆ ଦଗଧ (୫) କରିବେ । ସାନ ଗୌଣିରେ ମୂଲ ଦେବେ
ଯେତେକ ଗୋଚର ଭାଙ୍ଗିବେ । ରାଜାଏ କର ଧରି ନେବେ
ସେବକ ନ ପାଇ ଦର୍ଶନ । ଦୁଃଖରେ ନେଉଥିବେ ଦିନ
କହିଲେ ନ ଶୁଣିବେ ରାଜା । ଚଳିଣ (୬) କରିବେ ତରିଜା (୭)
ବୋଲିବେ ମୋର ଭାତ ନାହିଁ । ଇଚ୍ଛା ହୋଇଲେ ଯାଅ ତୁହି
ଦୁଃଖୀ ହୋଇବେ ନରନାରୀ । ଖଟୁଆ ଥିବେ ରାଜ୍ୟେ ପୂରି
କୂଟ କପଟେ ଥିବେ ପଶି । ରାଜା ଆଗରେ ମିଥ୍ୟା ଭାଷି
ସେ ଜନ ଚାରିଯୁଗ ଯାଏ । ଗୋବର ପୋକ ହୋଇଥାଏ
ମୋର ଭକତ ଗୁଣ ଶୁଣ । ସେ ଥାଇ ମଉନ ବ୍ରତେଣ
ସର୍ବ ବିଷୟ ତ୍ୟାଗ କରେ । ହୃଦୟ ମଧ୍ୟରେ ବିଚାରେ
ଦୁଃଖକୁ ସୁଖ କରି ଦେଖେ । ମୋହର ନାମ ବୋଲେ ମୁଖେ
ସେ ପାଏ ବଇକୁଣ୍ଠେ ସ୍ଥାନ । ଭଣଇ ଶିଶୁଦାସ ହୀନ

ଇତି ଶ୍ରୀକଲ୍କି ଭାଗବତେ ମହାପୁରାଣେ
ରୁକ୍ମିଣୀ ବାସୁଦେବ ସମ୍ବାଦେ ନାମ ଅଷ୍ଟମୋଧ୍ୟାୟଃ ॥

---

(୩) ଅଭକ୍ତି, ଭକ୍ତିହୀନ, (୪) ଦ୍ରୋହୀ, (୫) ଦଗ୍ଧ, ଜ୍ୱଳନ, ପୀଡ଼ନ,
(୬) କ୍ରୋଧରେ, (୭) ପ୍ରତାପ, ଧମକ ଚମକ ।

# ବାଇକୃଷ୍ଣ ଦାସଙ୍କ କଳିଭବିଷ୍ୟ

## ପ୍ରଥମ ଅଧ୍ୟାୟ

ଅଖଣ୍ଡ ମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରଂ ।
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥

ବନ୍ଦଇ ଦେବ ଲମ୍ବୋଦର । ପାପ ଅଙ୍କୁଶ ବେନିକର ॥
ପୃଥୁଳ ଜଠର ସୁନ୍ଦର । ଗଜ ବଦନ ଗଣେଶ୍ୱର ॥
ମୋ କଣ୍ଠେ ବସ ନାରାୟଣ । କହିବି ଭବିଷ୍ୟ ପୁରାଣ ॥
ଯେ ତୋତେ କରେ ସୁମରଣ । ଅଶେଷ ଦୁଃଖ ତା ହରଣ ॥
ତୋ ପଦ୍ମପାଦ ନିତ୍ୟେ ଚିନ୍ତି । କ୍ଷଣେ ନିମିଷେ ନ ଛାଡ଼ନ୍ତି ॥
ବନ୍ଦଇ ଦେବ ଜଗନ୍ନାଥ । ଶଂଖ ଶାରଙ୍ଗ ଚକ୍ରହସ୍ତ ॥
ଦକ୍ଷିଣ ସମୋଦ୍ର (୧)ର ତଟ । ତାର ଉପରେ କଳ୍ପବଟ ॥
ଫିଟିଛି ବୈକୁଣ୍ଠକୁ ବାଟ । ସ୍ୱର୍ଗକୁ ଅର୍ଗଳି କବାଟ ॥
ଶ୍ରୀନୀଳଗିରି ସେହିଠାଇଁ । ଯହିଁ ବିଜୟେ ଭାବଗ୍ରାହୀ ॥
ଯେହା ଉପରେ ପ୍ରଭୁ ରହି । ଭକତଜନଙ୍କୁ ତାରଇ ॥
ଭକତ ଭାବେ ଭଗବାନ । ଭକ୍ତ କରନ୍ତି ପରିତ୍ରାଣ ॥
ଦିନେକ ପ୍ରଭୁ ନରହରି । ବୃଦ୍ଧ ବ୍ରାହ୍ମଣ ରୂପ ଧରି ॥
କାଛ ପିନ୍ଧିଣ ଦେବରାୟେ । ଶଂଖ ଶାରଙ୍ଗ ଭୁଜେ ଶୋହେ ॥
ତ୍ରିକଛ ଉତରୀ ପଗଡ଼ା । ହୃଦେ ଦ୍ୱାଦଶବର୍ଣ୍ଣେ ଚିତା ॥
ଲେଖନପତ୍ର ଘେନି ହସ୍ତେ । ଧୀର ବିଜୟେ ଜଗନ୍ନାଥେ ॥
ବାଲିଗାଁ ଦାସ ଘରଠାରେ । ପ୍ରବେଶ ହେଲେ ଧାଡିକାରେ (୨) ॥
ବୋଲନ୍ତି ବାଲିଗାଁ ଦାସକୁ । ଆମ୍ଭେ ଅଇଲୁ ତୁମ୍ଭଠାକୁ ॥
ପୁଣି ଡାକନ୍ତି ଉଚ୍ଚେ ହରି । କରେ ଦୁଆରବନ୍ଧ ଧରି ॥
ଦନ୍ତ ଠୁକୁ ଠୁକୁ ବାଜଇ । ପ୍ରପଞ୍ଚ ରୂପ ଛନ୍ତି ହୋଇ ॥
ଦାସକୁ ଚାହିଁ ଧାଡିକାରେ । ନୀଳଜୀମୂତ (୩) କଳେବରେ ॥
ଅପୂର୍ବ ରୂପ ଦେଖି ଦ୍ୱାରେ । ଦାସେ ଓଳଗିଲେ ପୟରେ ॥
ବୋଲନ୍ତି ଶୁଣ ବିପ୍ରବର । କି ଅର୍ଥେ ବିଜୟେ ମୋ ପୁର ॥
ଦାସ ବଚନେ ଭଗବାନ । କହନ୍ତି କୋମଳ ବଚନ ॥
ଚାଲି ଅଇଲୁ ଯେତେ ଦୂର । କ୍ଷୁଧାରେ ଜଳଇ ଜଠର (୪) ॥
ତୋ ଘରୁ ଅନ୍ନ ଯେ ବ୍ୟଞ୍ଜନ । ଆଣ ହୋ କରିବା ଭୋଜନ ॥

(୧) ସମୁଦ୍ର, (୨) ନିମିଷକେ, (୩) ମେଘ, (୪) ଉଦର ।

ଶୁଣିଣ ଦାସ କରଯୋଡ଼ି । ବୋଲଇ ବିପ୍ର ପାଦେ ପଡ଼ି ॥
ମୋ ଛାର ଅଟେ ହୀନ ଜନ । ସେବାକୁ ନୁହଇ ଭାଜନ (୫) ॥
ଅତି ନୀଚ କୁଳରେ ମୁହିଁ । ଜନ୍ମିଛି ବାଉରୀ ବୋଲାଇ ॥
ମୋର ଗୃହରେ ଦେଇ ଅନ୍ନ । ବିଟାଳ (୬) କରିବି ବ୍ରାହ୍ମଣ ॥
ବାଉରୀ ଘରେ ଅନ୍ନ ଖାଇ । ବିଟାଳ ହୋଇବ ଗୋସାଇଁ ॥
ଭକ୍ତ ବଚନେ ଭାବଗ୍ରାହୀ । ବୋଲନ୍ତି ଦାସ ଶୁଣ ତୁହି ॥
ଯେ ଭକ୍ତେ ମୋହର ଚରଣ । ମୁଁ କରେ ତା ଘରେ ଭୋଜନ ॥
ଯେ ଭାବ ନ କରେ ମୋହରେ । ମୋ ଚିତ୍ତ ନ ଯାଯେ ତା ଠାରେ ॥
ଯେମନ୍ତ ବାକ୍ୟ ଶୁଣି ଦାସ । ବୋଲେ ଯେ ନିଶ୍ଚେ ପୀତବାସ ॥
ଶୁଣିଣ ଦାସ ଯେ ବୋଲଇ । ତୁମ୍ଭେ ହଟିଆ ଭାବଗ୍ରାହୀ ॥
ଯେମନ୍ତ ବୋଲି ଶୀଘ୍ରେ ଗଲା । ତୃଣ ଗୁଡ଼ାୟେ ବିଛାଇଲା ॥
ନବୀନ ବସ୍ତ୍ର (୭) ତଥି ପରେ । ବିଛାଇଲା ଅତି ଯତ୍ନରେ ॥
ପ୍ରଭୁଙ୍କୁ ଆସନେ ବସାଇ । ଆନନ୍ଦ କେ ପାରିବ କହି ॥
ବୋଇଲା ଧନ୍ୟ ମୋ ଜୀବନ । ଦେଖିଲି ଅଭୟ ଚରଣ ॥
ଅତି ଉଦ୍‌ବେଗେ ଚଳିଗଲା । ନାଙ୍ଗଳୀ ବୃକ୍ଷ (୮)ରେ ଚଢ଼ିଲା ॥
ବେନି ପଇଡ଼ ବେଗେ ଆଣି । ଶସ୍ତ୍ର (୯) ରେ ତାର ଶିର ହାଣି ॥
ସର୍ବାଙ୍ଗ ଯାକ ତ ଛେଦିଲା । ପ୍ରଭୁଙ୍କ ପାଶେ ସମର୍ପିଲା ॥
ସମର୍ପି ପ୍ରଭୁଙ୍କ ଛାମୁରେ । ଅନ୍ତର ହୋଇଗଲା ଦୂରେ ॥
ସେ ବେନି ପଇଡ଼କୁ ଗ୍ରାସ । କରି ଶ୍ରୀହରି ହେଲେ ତୋଷ ॥
ବୋଲନ୍ତି ଜଗତ ଜୀବନ । ହେ ଦାସେ ଶୁଣ ମୋ ବଚନ ॥
ମୋହର ମନ କଲୁ ତୋଷ । ଅନ୍ତେ ବୈକୁଣ୍ଠେ ହେବ ବାସ ॥
ସ୍ୱର୍ଗ ସମ୍ପଦ ତୁ ପାଇବୁ । ମୋହର କୈବଲ୍ୟ ଭୁଞ୍ଜିବୁ ॥
ଯେ ବାକ୍ୟ ଶୁଣି ଦାସେ ହସି । କୋମଳ ବଚନ ପ୍ରକାଶି ॥
ଲେଖନପତ୍ର ହସ୍ତେ ଧରି । ଯହିଁ ବିଜୟେ ନରହରି ॥
ଭକ୍ତ ବଚନେ ଭଗବାନ । ଦାସଙ୍କୁ ବୋଲନ୍ତି ବଚନ ॥
ଯେ ଲୀଳା ଅଛଇ ମୋହର । ତୁ ଯେହା କରିବୁ ବିସ୍ତାର ॥
ଯେମନ୍ତ କହି ଗୋପୀନାଥେ । ଲେଖନ ପତ୍ର ଦେଲେ ହସ୍ତେ ॥
ବାଳିଗାଁ ଦାସ ତାହା ଘେନି । ଶିରେ ଯୋଡ଼ିଲା ବେନି ପାଣି ॥
ବୋଲଇ ହୋଇ କୃତକୃତ (୧୦) । ହେ ପ୍ରଭୁ କହ ବିପରୀତ ॥
ବାଉରୀ କୁଳେ ମୁହିଁ ଜାତ । ଲେଖିବେ ନୁହଇ ସାମର୍ଥ ॥

(୫) ଭାଜନ, ଯୋଗ୍ୟ, (୬) ଦୂଷିତ, ଜାତିହୀନ, (୭) ବସ୍ତ୍ର, (୮) ନଡ଼ିଆଗଛ, (୯) ଶସ୍ତ୍ର, (୧୦) କୃତ୍ୟ କୃତ୍ୟ ।

ଉପହାସ୍ୟ କରିବେ ସର୍ବେ । ସେ ମୋତେ ଗାଳି ଦେଉଥିବେ ॥
ବୋଲିବେ ଯେ ଛାର ବାଉରୀ । ଭବିଷ (୧୧) ଭକ୍ତ ଅଛି କରି ॥
ଯେମନ୍ତ ବୋଲିଣ ବୋଲିବେ । ଶାସ୍ତ୍ରକୁ (୧୨) ନିନ୍ଦା ସେ କରିବେ ॥
ହସି ବୋଲନ୍ତି ଭଗବାନ । ତୁ ଯାହା ବୋଇଲୁ ପ୍ରମାଣ ॥
ତୋତେ ଯେ ବାଉରୀ ବୋଲିବ । ବାଉରୀ ଜନ୍ମ ସେ ଲଭିବ ॥
ଯେମନ୍ତ କହି ଭଗବାନ । ଦାସଙ୍କୁ ବୋଇଲେ ବଚନ ॥
ଶୁଣ ହୋ ଦାସେ ମନ ଦେଇ । କଳି ଭବିଷ୍ୟ ଲେଖ ତୁହି ॥
ପ୍ରଥମେ ରାଜା ଯେତେ ଯେତେ । ବିଚାରି ଲେଖ ତୁ ଶ୍ରୀହସ୍ତେ ॥
ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ । ମୁକ୍ତି ମଣ୍ଡପ ସେହିଠାରେ ॥

୦ ୦ ୦

ଓଡ଼ିଶା ବହୁ ଖଳବଳ (୧୩) । ପ୍ରଜା ନାଶ ହେବେ ସକଳ ॥
ଦବନ ଧାଡ଼ି ଅପ୍ରମିତ । ପରଜା ହୋଇବେ ଦୁଃଖିତ ॥
ନାନା ଦୁଃଖରେ ଦିନ ନେବେ । ସ୍ୱଦେଶେ ରହି ନ ପାରିବେ ॥
ସ୍ୱଦେଶ ଛାଡ଼ି ରାଜାମାନ । ପର ରାଜ୍ୟେ ବଞ୍ଚିବେ ଦିନ ॥
ନାନାବି ଖଳ କଥା କହି । ପ୍ରଜା ସର୍ବସ୍ୱ ନେବେ ବହି ॥
ଶୁଣି ବାଲିଗାଁ ଦାସ ହସି । ବୋଲଇ ଶୁଣ ବ୍ରହ୍ମରାଶି ॥

୦ ୦ ୦

**ଶ୍ରୀ ଭଗବାନ ଉବାଚ :**

କହନ୍ତି ପ୍ରଭୁ ଭଗବାନ । କଳିଯୁଗ ଧର୍ମ ଲକ୍ଷଣ ॥
ଯେ ପ୍ରାଣୀ କଳି ମଳ ହରି । ନାନା କୁମାର୍ଗେ ଭେଟ କରି ॥
ବ୍ରାହ୍ମଣ କୁମାର୍ଗେ ଗମିବେ । ଆତ୍ମାର ଗତି ନ ଜାଣିବେ ॥
ଗୁରୁ ବ୍ରାହ୍ମଣ ସାଧୁଜନ । ତାଙ୍କୁ କରିବେ ହତମାନ୍ୟ ॥
କାମ ଆତୁରେ ପ୍ରାଣୀମାନେ । ନୀଚକୁ କରିବେ ବହନେ ॥
ଥୋକେ ଯେ ବିଧବା ବ୍ରାହ୍ମଣୀ । ଶୂଦ୍ର ହରିବ ତାଙ୍କୁ ଆଣି ॥

୦ ୦ ୦

ହିଂସା କୋପରେ ଅଧୋଗତି । ଅନ୍ୟ ଯେ କର୍ମ ଆଚରନ୍ତି ॥
ପୋଷିଲା ଜନ୍ତୁଙ୍କୁ ମାରିବେ । ମଦ୍ୟପାନରେ ଦିନ ନେବେ ॥
ଦେବତା ପୂଜିବେ ଯେ ଯାଇଁ । ମଦ୍ୟପାନରେ ଭୋଳ ହୋଇ ॥
ବ୍ରାହ୍ମଣେ ତ୍ରିସନ୍ଧ୍ୟା ଛାଡ଼ିବେ । ଶୂଦ୍ର ଗୋଡ୍ରେ ଅନ୍ନ ଭୁଞ୍ଜିବେ ॥
ଦେଢ଼ଶୁର ଭାଇବୋହୂର । ସୁରତି ହୋଇବ ନିକର ॥

୦ ୦ ୦

(୧୧) ଭବିଷ୍ୟ, (୧୨) ଶାସ୍ତ୍ର, (୧୩) ଦୁଷ୍ଟମାନଙ୍କର ଦୌରାତ୍ମ୍ୟ ।

ମିଥ୍ୟା ହିଂସା ମାୟା ମୋହେଣ । ଯେକ ଆରେକ ଦରଶନ ॥
ଜୀବନ ଥାଇଁ ସେ ମରିବେ । ସାଧୁଙ୍କୁ ଦେଖିଲେ ଦଣ୍ଡିବେ ॥
ଦୁଷ୍ଟ ଆଚରଣ କରିବେ । କୁଳ ଧର୍ମମାନ ଛାଡ଼ିବେ ॥
ବୈଦ୍ୟ ଔଷଧ ନ ଚିହ୍ନିବେ । ମିଛେ ହେଁ ବୈଦ୍ୟ ବୋଲାଇବେ ॥
ବ୍ରାହ୍ମଣେ ପ୍ରତିଗ୍ରହ (୧୪) ଦେଇ । ହରିବେ ଧର୍ମକୁ ନ ଚାହିଁ ॥

ଠ ଠ ଠ

ଧର୍ମ ଶାହାସ୍ତ୍ର ନ ମାନିବେ । ତେଣୁ ଥୋକାଯେ ନାଶ ଯିବେ ॥
ଶକ୍ତିମାନେ ଯେ ଗୋପ୍ୟ ହୋଇ । ଭୟରେ ଶରୀର ଲୁଚାଇ ॥
ବଡ଼ ଦୁଃଖିତେ ଦିନ ନେବେ । ଶୁଣ କହିବି ତୋତେ ଯେବେ ॥
ଧନ ଲୋଭରେ ଚୋର ବୁଦ୍ଧି । ଥୋକାଯେ ହୋଇବେ ପ୍ରସିଦ୍ଧି ॥

ଠ ଠ ଠ

ଥୋକେ ସାଧୁତ ପଣ କରି । ଧନରେ ବାଡ଼ିବୁରି କରି ॥

ଠ ଠ ଠ

ନାମ ଯେ ନ ଶୁଣିବେ କର୍ଣ୍ଣେ । ନରକେ ପଡ଼ିବେ ଅକର୍ମେ ॥
ପୁରୁଷେ ପୁରୁଷେ ରମିବେ । ସ୍ତିରୀକି ସ୍ତିରୀ ଯେ ରମିବେ ॥
ରାଜା ସର୍ବସ୍ୱ ବହିନେବେ । ପରଜା ଦୁଃଖରେ ରହିବେ ॥

ଠ ଠ ଠ

କହନ୍ତି ପ୍ରଭୁ ଭାବଗ୍ରାହୀ । ଶୁଣ ହୋ ଦାସେ ମନ ଦେଇ ॥
କହଇ ବାଇକୃଷ୍ଣ ଦାସ । ସାଧୁ ଚରଣେ ମୋର ଆଶ ॥
ସୁଜନେ ନ ଧରିବ ଦୋଷ । ମୁଁ ତୁମ୍ଭ ଦାସଙ୍କର ଦାସ ॥

ଇତି ଶ୍ରୀ କଳି ଭବିଷ ବାଇକୃଷ୍ଣ ଦାସ କୃତ୍ୟେ
ଶ୍ରୀକୃଷ୍ଣ ବାଲିଗାଁ ଦାସ ସମ୍ବାଦେ ନାମ ପ୍ରଥମୋଧ୍ୟାୟଃ ॥

---

(୧୪) ଗ୍ରହଣ କରିବା ।

# ନିରାକାର ଦାସଙ୍କ ଅମରଭ୍ରମର ସଂହିତା

## ଦ୍ୱାବିଂଶ ଅଧ୍ୟାୟ

ଓଳିଏ ଯେ ରହିଥିବ ଶୁଣ ହେତୁ ଦ୍ୱାରେ ।
ଭାରତ ଯୁଦ୍ଧ ହୋଇବ ସେତିକି ବେଳରେ ।।
ସେହି ଓଳିକରେ ନାଥ କଳି ଶେଷ ହେବ ।
ସେ ଓଳିରେ ତେର ମାସ ଭୋଗ ଯେ ହୋଇବ ।।
କଳିରେ ଭାରତ ଭୂମି ଯୋବରା ହୋଇବ ।
ବହୁଲୀଳା ଆରମ୍ଭ ଯେ ସେହିଠାରେ ହେବ ।।
କଳିରେ ଯେ କଳଘର ହେବ ସେହିଠାରେ ।
କଳିଯୁଗ କ୍ଷୟ ଏକା ହେବ ସେ ବେଳରେ ।।
ଧର୍ମ ଯୁଧିଷ୍ଠିଙ୍କ ଗାଦି ତାର ପଶ୍ଚିମରେ ।
ହସ୍ତିନା କଟକ ବୋଲି ହେବ ସେ କଳିରେ ।।
ତ୍ରିଜଟାର ଅଂଶ ତହିଁ ଗାଦି ଯେ କରିବ ।
ପଞ୍ଚ କଟକ ବୋଲିଣ ଯୁଗେ ଯୁଗେ ଥିବ ।।
ଷୋଳମଣ୍ଡଳ ଭକ୍ତ ଯେ ମେଳ ସେହିଠାରେ ।
ପଞ୍ଚଭକ୍ତ ସଖା ପୁଣ ଥିବେ ଯେ ତହିଁରେ ।।
ବୈଶାଖ ଶୁକ୍ଳ ଅଷ୍ଟମୀ ଗୁରୁବାର ଦିନ ।
ସେହିଦିନ କଳିଯୁଗ ହୋଇବ ସମ୍ପୂର୍ଣ୍ଣ ।।

○ ○ ○

ସେହିଦିନ ଲଙ୍କା ଯେ ପଡ଼ିବ ଚମତ୍କାର ।
ଶଏ ଷାଠିଏ ହୋଇବ ଚନ୍ଦ୍ରଭାଗା ଠାର ।।
ସେହିଦିନ ବାସବ ଯେ ହେବ ଚମତ୍କାର ।
ଅଣଚାଶ ମତରେ ଯେ ବହିବ ସମୀର ।।
ବାତାଘାତ ପାଇଁ ମେରୁ ଅଟ୍ଟାଳ (୧) ଟଳିବ ।
ଜନ ଚାରି ଭାଗରୁ ଯେ ଭାଗେ ନାଶ ଯିବ ।।
ସତ୍ୟ ଆଚରଣେ ରହିଥିବେ ଯେଉଁମାନ ।
ସେମାନେ ପାଇବେ ସିନା ଆତ୍ମ ଦରଶନ ।।
କଳିଯୁଗ ଶେଷ ନାଥ ଏମନ୍ତ ହୋଇବ ।
ପୁରାତନ ଅଙ୍କ ସିନା ଶଳିୟାବ (୨) ହେବ ।।

---

(୧) ଅଟ୍ଟାଳିକା ବା ପ୍ରାସାଦ, (୨) ଏହାକୁ ଓଲଟାଇ ପଢ଼ିଲେ ବୟାଳିଶ ହେବ ।

ମସିହା ଗଳିଯାବ ଶରତେ (୩) ଭୋଗ ହେବ ।
ତେବେ ସିନା କଳି ଯାଇ ସତ୍ୟ ଉପୁଜିବ ॥
ସନ୍ଦେହ ଫିଟାଇ ଯେ କହିଲୁ ସନ୍ଦେଶ ।
ଢ଼ୁମର ଚରିତ ଭଣେ ନିରାକାର ଦାସ ॥

ଇତି ଶ୍ରୀ ଢ଼ୁମର ଚରିତେ ନିରାକାର ଅଚ୍ୟୁତ ସମ୍ବାଦେ
ମଣ୍ଡଳ ପରୀକ୍ଷା କଥନେ ନାମ ଦ୍ୱାବିଂଶୋଽଧ୍ୟାୟଃ ॥

# ହାଡ଼ି ଦାସଙ୍କ ମାଳିକା

ଜୟ ଜଗନ୍ନାଥ ପତିତପାବନ ଓଡ଼ିଶା ବଡ଼ଠାକୁର ।
କଳ୍ପବଟବାସୀ ପ୍ରଭୁ ବ୍ରହ୍ମରାଶି କଳିକଳୁଷ (୧) ନିସ୍ତାର ॥(ଘୋଷା)
ଜଗତେ ପଡ଼ିବ ଦୁଃଖ ଲୋ ବଉଳ ବିରଜା ଦେଲେଣି ଡାକ ।
ଚୌଷଠି ଯୋଗିନୀ (୨) ସଙ୍ଗତରେ ଘେନି ସଂସାରେ ପଡ଼ିବ ଦୁଃଖ ।
ଉତ୍ତରୁ କାଳିକା ଆସିଲୋ ବଉଳ ଯାଜପୁରେ ହେବ ଭେଟ ।
ଖପରଧାରିଣୀ ମହିଷାମର୍ଦ୍ଦିନୀ ସର୍ବମଙ୍ଗଳାଙ୍କ କୂଟ ॥
ଜିହ୍ୱା ଲହ ଲହ କରିଲୋ ବଉଳ କାଳିକା ପିଇବେ ରକ୍ତ ।
ଯୋଗ୍ନୀ ଯୋଗମାୟା ବଢ଼ାଇଣ କାୟା ଉଦର କରିବେ ତୃପ୍ତ ॥
ଭଇରବୀ ଡାକ ଦେବ ଲୋ ବଉଳ ଜାଣ ଏ ଅଳ୍ପ ଦିନେ ।
ମାଳିକା ବଚନ ନ ହୋଇବ ଆନ ଦେଖିବୁ ଦୁଇ ନୟନେ ॥
ଆକାଶୁ ବଜ୍ର ପଡ଼ିବ ଲୋ ବଉଳ ଜାଳିଦେବ ଭୂମଣ୍ଡଳ ।
ଶ୍ରୀଜଗନ୍ନାଥଙ୍କ ରନ୍ଧ ଚାନ୍ଦୁଆରେ ଲାଗିବ ସେ ଯେ ଅନଳ ॥

---

(୩) ଓଲଟା ଅର୍ଥରେ ଏହାକୁ ଗ୍ରହଣ କରାଗଲେ ଏହାର ଅର୍ଥ ହେବ ତେରଶ ବୟାଳିଶ । କିନ୍ତୁ ଏତିକି ବେଳକୁ ଅର୍ଥାତ୍ ୧୩୪୨ ମସିହାକୁ କଳି ଯାଇ ସତ୍ୟ ଆସିବା କଥା ଶାସ୍ତ୍ରାନୁମୋଦିତ ମନେହୁଏ ନାହିଁ ।

(୧) କଳୁଷ, ପାପ

(୨) ତନ୍ତ୍ର ଜଗତରେ ଦଶ ମହାବିଦ୍ୟା ଓ ସପ୍ତମାତୃକା ପରି ଚତୁଃଷଷ୍ଟୀ ଯୋଗିନୀଙ୍କ ନାମ ଗୁରୁତ୍ୱପୂର୍ଣ୍ଣ । ସମ୍ଭବତଃ ଖ୍ରୀଷ୍ଟିୟ ୮ମ-୯ମ ଶତାବ୍ଦୀମ ବେଳକୁ ଏହି ଚଉଷଠୀ ଯୋଗିନୀ ମନ୍ଦିର ନିର୍ମାଣ ହୋଇଥିଲା । ଓଡିଶାର ବଲାଙ୍ଗିର ଏବଂ ମଧ୍ୟପ୍ରଦେଶ ତଥା ମହାରାଷ୍ଟ୍ରରେ ମଧ୍ୟ ଏହିଭଳି ମନ୍ଦିର ଆବିଷ୍କୃତ ହୋଇଅଛି ।

ସାତ ଦିନ ଯେ ଅନ୍ଧାର ଲୋ ବଉଳ ସୂର୍ଯ୍ୟ ନ ହୋଇବ ଦେଖା ।
ଶୃଗାଳ କୁକୁର ଘରେ ପଶିଯିବେ କେହି ନ କରିବେ ରକ୍ଷା ॥
ଗ୍ରାମ ହେବ ମଡ଼ାଭୂଇଁ ଲୋ ବଉଳ ଯୋଗ୍ନୀଗଣ ଯିବେ ଘେରି ।
ମଡ଼ମଡ଼ କରି ହାଡ଼ ଚୋବାଇବେ ଦେଶ ହେବ ହତଶିରୀ ॥
କୃଷି ହେବ ଗୋରୁଚରା ଲୋ ବଉଳ ଚାଷୀ ମୁଣ୍ଡ କୋଡ଼ି ହେବେ ।
ଧାନ ଚାଉଳ ଯେ ପୋଷେ ନ ମିଳିବ ଅନାହାରେ ମରୁଥିବେ ॥
ଶାରଳା କରିବେ କୂଟ ଲୋ ବଉଳ କଟକେ ଲାଗିବ ଗୋଳ ।
କାଳିଆବୋଦାରେ ବାରହାତ ଖଣ୍ଡା ବାହାରିବ ସେହି ବେଳ ॥
ପ୍ରବଳ ବର୍ଷିବ ଜାଣ ଲୋ ବଉଳ ମୂଷଳ ଧାରା ସମାନ ।
ଅଣବାଣ ମୂର୍ତ୍ତି ପବନ ବହିବ ଏ ନୋହେ ମିଥ୍ୟା ବଚନ ॥
ହିମାଳୟଗିରି ଫଟି ଲୋ ବଉଳ ଦୋହଲି ଯିବ କଳିଜା ।
କଳାପାହାଡ଼ ଯେ ଦେଶରେ ବୁଲିବ ବଜାଇ ବିବିଧ ବାଜା ॥
ସର୍ପମାନେ ଫଣା ଟେକି ଲୋ ବଉଳ ଦାଣ୍ଡରେ କରିବେ ଖେଳ ।
ଋଷିମୁନି ବାକ୍ୟ ଅନ୍ୟଥା ନୋହିବ ଆସୁଅଛି ସେହି ବେଳ ॥
ଚିତଳ ମାଛର କଣ୍ଟା ଲୋ ବଉଳ ବଉଳା କୁମ୍ଭୀର ହାଡ଼ ।
ବିରଜା ମଣ୍ଡଳେ କବାଟ ହୋଇବ ଏକଥା ଅଟଇ ଦୃଢ଼ ॥
ପାତାଳୁ କାଳିକା ଆସିଲୋ ବଉଳ ମର୍ତ୍ତ୍ୟରେ ଖେଳିବେ ଖେଳ ।
ସମ୍ବଲପୁରରେ ମାତ ସମ୍ବଲାଇ ଭକ୍ତଙ୍କୁ କରିବେ କୋଳ ॥
ମାତା ଦୁର୍ଗାଦେବୀ ଦୁର୍ଗତିନାଶିନୀ ଭିନ୍ନ ଭିନ୍ନ ତାଙ୍କ ରୂପ ।
ସେତେବେଳେ ହସ୍ତେ ଖପର ଧରିଣ ପାପୀଙ୍କୁ କରିବେ ହତ ॥
ଶିଳା ବୃଷ୍ଟି ହେବ ମର୍ତ୍ତ୍ୟେ ଲୋ ବଉଳ ବସୁଧା ଫାଟିବ ହେଳେ ।
ଯାହାକୁ କହୁଛୁ ଖୁଦ ମଲୁଖ(୩) ଲୋ ଛଣାଯିବ, ସେତେବେଳେ ॥
ବୁଲିବ ଯମ କତୁରୀ ଲୋ ବଉଳ ଏତ ଅଟଇ ପ୍ରମାଣ ।
ଖଣ୍ଡାଧାର ମୁଖୁ ଯେବା ଉବୁରିବ (୪) କୁଳକୁ ହେବ ବିହନ ॥
ବେଶିଦିନ ଆଉ ନାହିଁ ଲୋ ବଉଳ ନିକଟେ ହୋଇବ ଦେଖା ।
ପଞ୍ଚସଖାମାନେ କହିଯାଇଛନ୍ତି ପୁରାଣେ ହୋଇଛି ଲେଖା ॥
କଳଙ୍କି ରୂପକୁ ଧରିଲୋ ବଉଳ କଳାଧଳା ଘୋଡ଼ା ଚଢ଼ି ।
କୃଷ୍ଣ ବଳରାମ ମ୍ଳେଚ୍ଛ ସଂହାରିଣ କରିବେ ଶୂନ୍ୟରେ ରଡ଼ି ॥
ସେହିଠାରୁ ସତ୍ୟ କଳିଲୋ ବଉଳ ଦେଖିବୁ ବେନି ନୟନେ ।
ଗର୍ବୀଲୋକମାନେ ଚାହି କରୁଥିବେ ଏକଥା ଶୁଣି ଶ୍ରବଣେ ॥
ଏ ପାପ ସଂସାରୁ ଯେବେ ତରିଯିବ ଭଜ ହରେରାମ ନାମ ।
ପିଲା ହାଡ଼ିଦାସ ଲେଖିଲା ଏ ପଦ ସୁମରି ପ୍ରଭୁଙ୍କ ନାମ ॥

(୩) ସାର ଅସାର, (୪) ଉଦ୍ଧାର ପାଇବ, ବଞ୍ଚିବ ।

# ହାଡ଼ିଦାସଙ୍କ କଳି ଚଉତିଶା

କହୁଅଛି ଶୁଣ ସୁଜନେ କଳିଯୁଗ ବିଚାର ।
କଳଙ୍କି ରୂପରେ ଜନମ ହେବେ ଶ୍ରୀଚକ୍ରଧର ।।
କ୍ଷୀରଧାର ବହିଯାଉଛି ସ୍ଥାନ ଅମରାବତୀ ।
ଖଣ୍ଡଗିରି ସ୍ଥାନ ଗୁପତେ ସିଦ୍ଧ ସାଧୁ ଅଛନ୍ତି ।।
ଗୁମ୍ଫାରେ ଭଜନ ଲାଗିଛି ରାତ୍ରଦିବା ମଧ୍ୟରେ ।
ଗୁପତେ ଖେଳ ଯେ ଖେଳିବେ ପ୍ରଭୁ ସେହିଠାବରେ ।।
ଘଟଣ ପ୍ରତିମା ଯହିଁରେ ଲିଙ୍ଗରାଜଙ୍କ ପୁର ।
ଘୋରକଳି ମହାଭାରତ ହେବ ସେହିଠାବର ।।
ଉଦୟବଟ ପାରୁଶରେ ଲୀଳା ଉଦୟ ହେବ ।
ଅନହଦ ଧ୍ୱନି ଶବଦେ ତିନିପୁର କମ୍ପିବ ।।
ଚାରିଦିଗ ଲୋକେ ସେଠାରେ ଆସି ପଡ଼ିବେ ଭେଟ ।
ଚରଣ ସେବାରେ ଖଟିବେ ଲୀଳା ହେବ ଚହଟ ।।
ଛାୟାଶ୍ରିତ କରି ଭକତମାନେ କରିବେ ଠାବ ।
ଛତିଆ ମାଟିର ମହିମା ଚହୁଁ ପ୍ରକାଶ ହେବ ।।
ଯାମଳା (୧) ନଦୀର ଧାର ଯେ ପଦ୍ମପୋଖରୀ ପାଖ ।
ଜନମ ହୋଇବେ ଆପଣେ ପ୍ରଭୁ ଶ୍ରୀଜଗନ୍ନାଥ ।।
ଝାଡ଼ ଖଣ୍ଡଗିରି ଗୁମ୍ଫାରେ ପ୍ରଭୁଙ୍କର ସେ ଠାବ ।
ଝଲମଲ ଜ୍ୟୋତି ଆକାଶେ ଲୀଳା ଉଦୟ ହେବ ।।
ନାରାୟଣ ସ୍ୱୟଂ ପ୍ରକାଶ ନର ଦେହରେ ଗୋପ୍ୟ ।
ଲୀଳାବେଳକୁ ସେ ହୋଇବେ ନୀଳଧବଳ ରୂପ ।।
ଟଳିବ ନାହିଁ ଯେ ଏକଥା ନିଶ୍ଚେ ହୋଇବ ଦିନେ ।
ଟାକି ରହିଛନ୍ତି ଭରସା କରି ଭକତମାନେ ।।
ଠାବ କରିଅଛି ଅମରାବତୀ ପୂର୍ବକୋଣର ।
ଠିକ ପଦ ବାଛି କହିଲେ ହାଡ଼ିଦାସ ଜମାଭ ।।
ଡାଆଣୀ ମାତିବେ ଅନେକ ଡର ଘୋଟିବ ଆଗେ ।
ଡକାଇଦ କଳି କରିବେ ସାଧୁମାନଙ୍କ ସଙ୍ଗେ ।।
ଢମାଳି (୨) ଶିଖିବେ ଅନେକ ମାୟା ତପସ୍ୱୀମାନେ ।
ଢମପଣେ ନାଶ ହୋଇବେ ଢାଉରଙ୍ଗ ସମାନେ ।।
ଅଣହେତୁ ଜ୍ଞାନ ଶିଖିବେ ଅଣଗୋଷ୍ଠୀରେ ପଡ଼ି ।
ଅସାଧୁ ସଙ୍ଗତେ ବସିବେ ନେଇ ଟଙ୍କା କଉଡ଼ି ।।

---

(୧) ଯମଜ, ଯାଆଁଳୀ, (୨) ଢଗ, ଥଟ୍ଟା କଥା ।

ସ୍ତିରୀ ସଙ୍ଗତରେ ମାତିବେ ଥୋକେ ମାୟା ତପସ୍ୱୀ ।
ତରକ ଶାସ୍ତ୍ର ପଢୁଥିବେ ଜ୍ଞାନ କହିବେ ବସି ॥
ସ୍ଥାନ ଛାଡ଼ିଯିବେ ଦେବତା ସ୍ଥାନେ ରହିବେ ନାହିଁ ।
ଥୋଇବା ଠାବରୁ ପଦାର୍ଥ ନେଉଥିବେ ଚୋରାଇ ॥
ଦିନୁଦିନ ମହା ପ୍ରବଳ କଳିଗୋଳ ହୋଇବ ।
ଦିବସେ ଅକାଳ କୁହୁଡ଼ି ବଢ଼ି ମାଡ଼ି ଆସିବ ॥
ଧନ୍ଦିହୋଇ (୩) ଲୋକେ ମରିବେ ଧର୍ମ ହୋଇବ ନଷ୍ଟ ।
ଧୂମ ଉଦେ ହେବ ଶୂନ୍ୟରୁ ଘୋର ନାଦ ପ୍ରକଟ ॥
ନୀଚ ଲୋକ ଉଚ୍ଚ ହୋଇବେ ନାମ ଟେକ ଦେଖାଇ ।
ନିଗମ ବଚନ ନିନ୍ଦିବେ କହୁଥିବେ ବଢ଼ାଇ ॥
ପରଦ୍ରବ୍ୟ ପର ନାରୀକି ବଳେ ହରିବେ ଦୁଷ୍ଟ ।
ପ୍ରମାଦ ପଡ଼ିବ ଅନେକ ପ୍ରାଣୀ ହୋଇବେ ନଷ୍ଟ ॥
ଫିରିଫିରି (୪) ପାଣି ବରଷା ଇନ୍ଦ୍ର ବୃଷ୍ଟି ନୋହିବ ।
ଫଳହାନି ହୋଇ ଧରଣୀ ଅଦଭୁତେ କମ୍ପିବ ॥
ବୋଲବୁଡ଼ ଯାଯେ ବଳଦ ଯୋଚି କରିବେ ଚାଷ ।
ବୀଜ ନ ପାଇବେ ବିଲରୁ ହାନି ହୋଇବ ଶସ୍ୟ ॥
ଭୂମି ହତପାତ ହୋଇବ ଦଶଦିଗ ଅନ୍ଧାର ।
ଭଣିଲେ ଆଗତ ଭବିଷ୍ୟ ହାଡ଼ିଦାସ କମାର ॥
ମହା କଳିଗୋଳ ଚହଳ ପଡ଼ିବ ଠାବେ ଠାବେ ।
ମୁକୁନ୍ଦଦେବଙ୍କ ଅଙ୍କରେ ସୈନ୍ୟ ମାଡ଼ି ଆସିବେ ॥
ଯୁଗଶେଷ କଳି ଭାରତ ଯୁଦ୍ଧ ହୋଇବ ଘୋର ।
ଯମ ମାଆ ସାତ ଭଉଣୀ (୫) ଧରିଥିବେ ଖପର ॥
ରକତନଦୀ ସେ ବହିବ ତିନିତାଳ ବହନି ।
ରସନା ବୁଲାଇ ଧାଇଁବେ ନବକୋଟି କାତ୍ୟାନୀ ॥
ଲାଭିଖଣ୍ଡ ଭୂମି (୬) ମଧ୍ୟରେ ଘୋର ସମର ହେବ ।
ଲିଙ୍ଗରାଜ କ୍ଷେତ୍ର ମଧ୍ୟରେ ଭଇରବୀ ଡାକିବ ॥

---

(୩) ହଇରାଣ ହୋଇ, ଅଡୁଆରେ ପଡ଼ି, (୪) ଝିପିଝିପି ।

(୫) ବିରଜା କ୍ଷେତ୍ରରେ ଅବସ୍ଥିତ 'ସପ୍ତମାତୃକା' ସାଧାରଣ ଲୋକରେ 'ଯମମାଆ ସାତ ଭଉଣୀ' ରୂପେ ପରିଚିତ । ଏହି ଦେବୀଗଣ ହେଲେ ବରାହୀ, ଐନ୍ଦ୍ରୀ, ବୈଷ୍ଣବୀ, ବ୍ରାହ୍ମୀ, କୌମାରୀ, ମାହେଶ୍ୱରୀ ଓ ନାରସିଂହୀ ।

(୬) ଏହା ବିରଜାପୀଠ ବୋଲି ଗ୍ରହଣ କରାଯାଏ । ବ୍ରହ୍ମାଣ୍ଡ ପୁରାଣ ଅନୁସାରେ ବିରଜା ଦେବୀଙ୍କ ଈଶାନ କୋଣରେ ଗୟାସୁରର ତ୍ରୈଲୋକ୍ୟ ପୂଜିତ ନାଭି ପଡ଼ିବାରୁ ତାହା ନାଭିକୁପ ବା ନାଭିଗୟା କ୍ଷେତ୍ର ରୂପେ ପରିଚିତ ହେଲା । ଏହି ଗୟା ନାଭିରେ ପିଣ୍ଡ ପ୍ରଦାନ କଲେ ଏକୋଇଶ ପୁରୁଷ ପର୍ଯ୍ୟନ୍ତ ପିତୃଲୋକ ଉଦ୍ଧାର ଲାଭ କରନ୍ତି ବୋଲି ବ୍ରହ୍ମାଣ୍ଡ ପୁରାଣରେ ଉଲ୍ଲେଖ ଅଛି ।

ବାହାର ହୋଇବେ ବିରଜା କରେ ଖପର ଧରି ।
ବାରଣ ବେଳକୁ (୭) ଭକ୍ତକୁ ବାଛି ରଖିବେ ହରି ॥
ସପତ ଦିବସ ଅନ୍ଧାର ଯୁଦ୍ଧ ଗୋଳ ହୋଇବ ।
ସୁଦର୍ଶନ ଚକ୍ର ଶୂନ୍ୟରେ ରହି ଭ୍ରମୁଣ ଥିବ ॥
ସମ୍ବଛର (୮) ପାଞ୍ଚ ସହସ୍ର କଳି ହୋଇବ ଶେଷ ।
ସତ୍ୟଯୁଗ ଆଦ୍ୟ ହୋଇବ ଶୁଭଯୋଗେ ପ୍ରବେଶ ॥
ସିଦ୍ଧ ସାଧୁମାନେ ବସିଣ ସଭା ଆରମ୍ଭ କରି ।
ଶେଷେ ସମସ୍ତଙ୍କୁ ରଖିବେ ପଟୁଆର (୯) ଆବୋରି ॥
ହରି ଶବଦରେ ମାତିବେ ହରି ଭକତମାନେ ।
ହରଷ ହୋଇବେ ଦେଖିଣ ଦୁଃଖୀ ଦରିଦ୍ରମାନେ ॥
ଛୁଟିବ ପ୍ରଜାଙ୍କ କଷଣ ଭାରା ହୋଇ ଉଶ୍ୱାସ ।
କ୍ଷମେ ହାଡ଼ିଦାସ କହିଲେ ଛାନ୍ଦ ପଦ ଭବିଷ୍ୟ ॥

## ଭୀମଭୋଇଙ୍କ ମାଳିକା

କଳିଯୁଗ ଶେଷ ସତ୍ୟର ପ୍ରବେଶ ଭାବି ଦେଖ ଭାଇମାନେ ।
ବିଭୂତି ବିକାଶ ମ୍ଲେଚ୍ଛ ହେବେ ନାଶ ଦେଖିବ ଅଳପ ଦିନେ ।
ମୋ ଭାଇ ! ଏକ ଓଳି ଭାରତ ଅଛଇ ॥
ଡାକଦେବ ଦିନେ ବିରଜା ଶକତି ନବକୋଟି ରୂପ ଧରି ।
ପାପୀଙ୍କ ରକତ ପିଇ ହେବ ତୃପ୍ତ କରିବେ ହୁକୁମ ଜାରି ।
ମୋ ଭାଇ ! ଗ୍ରାମେ ଗ୍ରାମେ ହେବ ମଡ଼ା ଭୂଇଁ ॥
ଅଣଚାଶଖଣ୍ଡ ପବନ ବହିବ ପର୍ବତ ଦୋହଲିଯିବ ।
ଚାରି ମେଘ ମିଳି ବରଷିବେ ବାରି ଦିଗ ଅନ୍ଧାର ଘୋଟିବ ।
ମୋ ଭାଇ ! ଚନ୍ଦ୍ର ସୂର୍ଯ୍ୟ ଦେଖାଯିବେ ନାହିଁ ॥
ଭୈରବୀ ଡାକରେ ପୃଥିବୀ କମ୍ପିବ ଦୁଷ୍ଟ ହୋଇବେ ବିନାଶ ।
ଚଉଷଠି ଯୋଗ୍ନୀ ଖପରକୁ ଘେନି ବୁଲି ଖାଇବେ ମାଉଁସ ।
ମୋ ଭାଇ ! ଲହ ଲହ ଜିହ୍ୱାକୁ ବୁଲାଇ ॥
ଲାଞ୍ଜୁଆ ପେଣ୍ଟୁଆ ଖଟୁଆ ମିଛୁଆ ପର ଘରବୁଡ଼ା ଜନ ।
ଦେବୀଙ୍କ କବଳେ ପଡ଼ି ଅବହେଳେ ଯିବେ ଶମନ ଭୁବନ ।
ମୋ ଭାଇ ! ଦମ୍ଭ ଗରବ ରହିବ ନାହିଁ ॥

---

(୭) ଅନ୍ତିମ ସମୟକୁ, (୮) ସମ୍ବତ୍ସର, ବର୍ଷ, (୯) ଶୋଭାଯାତ୍ରା ।

ବାପ ଝିଅଙ୍କର ପୀରତି ହୋଇବ ଭାଇ ସଙ୍ଗରେ ଭଉଣୀ ।
ବାଖଣ୍ଡକ ପାଇଁ ଭାଇ ଭାଇ ମୁଣ୍ଡ ଭାଇ ପକାଇବ ହାଣି ।
ମୋ ଭାଇ ! ଧର୍ମ ବିଚାର ଶୁଣିବେ ନାହିଁ ॥
କାମାଙ୍ଗି (୧) ହୋଇବେ ନାରୀବଶ। ନର ପିତାମାତାଙ୍କୁ ମାରିବେ ।
ଭାର୍ଯ୍ୟା ବୋଲେ ପତି ସ୍ୱଧର୍ମକୁ ଛାଡ଼ି ଅତି ଅନ୍ୟାୟ କରିବେ ।
ମୋ ଭାଇ ! କଳିଯୁଗ ଶେଷ ରୀତି ଏହି ॥
ଭକ୍ତଙ୍କ କଷଣ ଦେଖି ଭଗବାନ ସଂହାର ଶକତି ଧରି ।
ଯୋଗନିଦ୍ରା ତେଜି ବାହାର ହୋଇବେ ଅଶ୍ୱ ଉପରେ ଆରୋହୀ ।
ମୋ ଭାଇ ! ଖଣ୍ଡା ଧରିଣ ଅଶ୍ୱ ଆରୋହୀ ॥
ସନ୍ଥକୁ ପାଳିବେ ଦୁଷ୍ଟ ସଂହାରିବେ ମହୀଭାରା ଉଶ୍ୱାସିବେ ।
ଗୋଲକ ବୈକୁଣ୍ଠ ମର୍ତ୍ତ୍ୟରେ ରଚିଣ ନିତ୍ୟ ରାହାସ ରଚିବେ ।
ମୋ ଭାଇ ! ଯାକୁ ଭାବି କହେ ଭୀମଭୋଇ ॥

# ଭୀମଭୋଇଙ୍କ ମାଳିକା ଚଉତିଶା

କଳିଯୁଗରେ କର୍ତ୍ତା ଗତିମୁକ୍ତିଦାତା ବୁଦ୍ଧ ରୂପେ ବିଜେ କଲେ,
କ୍ରିୟାକର୍ମ କାଟି ଭକତମାନଙ୍କୁ ମହାନିତ୍ୟ ଧର୍ମ ଦେଲେ ଯେ,
କଳି ହୋଇଲାଣି ଶେଷ । ଆଉ ରହିଛି ଅଳ୍ପ ଦିବସ ॥
ଖଳଲୋକମାନେ ସର୍ବେ ନାଶଯିବେ ଚମକ (୨) ବାଜୁଛି ମହୀ,
ଖଣ୍ଡା ଜାତ ହେବ ନେମ୍ବାଳ ମଠରେ ଦୁଷ୍ଟ ନିବାରିବା ପାଇଁ ଯେ,
କ୍ଷିତି ମଧ୍ୟରେ ଅନାଦି । ରାଜା ହୋଇବେ ବ୍ରହ୍ମାଣ୍ଡ ସାଧିଯେ ॥
ଗୋହିରାଟିକରା ଯୁଦ୍ଧ ହେବ ତହିଁ ବହିବ ରକତ ନଦୀ,
ଗଡ଼ାଗଡ଼ି ହୋଇ ମଡ଼ା ଭାସୁଥିବ ସମ୍ବଲପୁରକୁ ଭେଦି ଯେ,
ଗାଢ଼ ସଂଗ୍ରାମ ହୋଇବ । ଗର୍ଜି ରକତ ନଦୀ ବହିବ ଯେ ॥
ଘୋଡ଼ା ହାତୀ ତହିଁ ହୋଇଯିବ ଛାଇ ରବି ଶଶୀ ନ ଦିଶିବ,
ଘୁ ଘୁ ନାଦ ଦେଇ ରକତର ନଈ ଦଶ ଦିବସ ବହିବ ଯେ,
ଘୋଟି ଆସୁଥିବ ମାଡ଼ି । ଘୋର ଗର୍ଜନ ସିନ୍ଧୁ ଲହଡ଼ି ଯେ ॥
ଉତ୍ତରୁ ରୁଧିର ଦକ୍ଷିଣ ଦିଗକୁ ବହିବ ପ୍ରଚଣ୍ଡ ହୋଇ,
ଉଠି ଆସୁଥିବ ସାତତାଳ ଉଚ୍ଚେ ଭୂମଣ୍ଡଳ ହେବ ଛାଇ ଯେ,
ନିସତରେ କ୍ଷତ୍ରିମାନେ । ଭୟେ ପଳାଇବେ ଏଣେ ତେଣେ ଯେ ॥

---

(୧) କାମାନ୍ଧ, କାମାତୁର, କାମାସକ୍ତ ।
(୨) ଢେଣ୍ଢୁରା ।

ଚିତ୍ତବୃତ୍ତି ଦେଇ ପ୍ରଭୁ ପାଦ ଧ୍ୟାୟି ରହିଥାଅ ଲେଞ୍ଚ ପଣେ,
ଭକ୍ତଙ୍କ ବେଦନା ଶୂନ୍ୟବାସୀ ବିନା ବୁଝିବାକୁ ନାହିଁ ଜଣେ ଯେ,
ଚେତି ପାରିଥିବ ଯେବେ । ଚିତ୍ତେ ଅବଶ୍ୟ ଦୟା କରିବେ ଯେ ॥
ଛପ୍ପନକୋଟି ଜୀବ ପଡ଼ି ପାଉଛନ୍ତି ଧ୍ୟାୟି ଯେବଣ ପାଦକୁ,
ଛତ୍ରତଳେ ରହି ଚିହ୍ନି ନ ପାରୁଛ ବେନି ନେତ୍ରେ ଦେଖୁ ଦେଖୁ ଯେ,
ଛିଡ଼ି ପଡ଼ିବଟି ଶିର । ଯେହ୍ନେ ବସନ୍ତେ ଝଡ଼େ ପତର ଯେ ॥
ଯୋଗୀବେଶ ହୋଇ ବ୍ରହ୍ମାଣ୍ଡ ଗୋସାଇଁ ମର୍ତ୍ତ୍ୟକୁ ବିଜୟେ କଲେ,
ଜାଗିଥାଅ ବୋଲି ଭକତମାନଙ୍କୁ ମହାନିତ୍ୟ ଧର୍ମ ଦେଲେ ଯେ,
ଜାଗି ନ ପାରୁଛ କେହି । ଯୋଗୀ ନୁହେଁ ବ୍ରହ୍ମାଣ୍ଡ ଗୋସାଇଁ ଯେ ॥
ଝଡ଼ିବ ପାତକ ସାତଜନ୍ମଯାକ ପ୍ରଭୁ ନିଜ ରୂପ ଦେଖି,
ଝଟକ ବିଜୁଳି ରୂପ ଦରଶନେ କଳିଯୁଗ ଯିବ ଶଙ୍କି ଯେ,
ଝାଡ଼ବତୀ ଲଗା ହେବ । ଶୁଷ୍କ ତରୁ ପଲ୍ଲବି ଉଠିବ ଯେ ॥
ନିନ୍ଦା ଗର୍ବ ସହି ଲେଞ୍ଚ ପ୍ରାୟେ ହୋଇ ପ୍ରଭୁ ପାଦେ ଥାଅ ପଡ଼ି,
ନିକଟ ହେଲାଣି ଲୀଳା କରିବାକୁ ନିଶି ଅଛି ପାଞ୍ଚ ଘଡ଼ି ଯେ,
ନିଶ୍ଚେ ପ୍ରକାଶ ହୋଇବ । କଳି ଭାଙ୍ଗି ସତ୍ୟ ଉଦେ ହେବ ଯେ ।୧୦।
ଟେକି ଦେଇଛନ୍ତି ଅଲେଖବାନାକୁ ଟାଣ ଭାଙ୍ଗିବାର ପାଇଁ,
ଟେକିଦେଲେ ମଥା ସରିଯିବ କଥା ଟିକେ ମାତ୍ର ଥାଅ ରହି ଯେ,
ଟାହି ଟମାଳିଆ(୩)ଯେତେ । ଟୋପ(୪)ଗାଡ଼େ ପଡ଼ିବେ ସମସ୍ତେ ଯେ ॥
ଠାବ ଦେଇ ଭକ୍ତମାନଙ୍କୁ ରଖିବେ ଠିକ ଯାଏ ଚାକିଥାଅ,
ଠିକେ ଭୀମସେନ ଗୀତରେ କହିଲେ ଅନାଦି ଗୁରୁଙ୍କ ପୁଅ ଯେ,
ଠିକ ପୁରୁଷ ଅଲେଖ । ଠକିଦେଇ ଟାଲିଗଲେ ଦେଖ ଯେ ॥
ଡରି ମରିଲେଣି ଧର୍ମକୁ ସମସ୍ତେ ସୁରାପାନେ ହେଲେ ବଶ,
ଡିଙ୍ଗରଙ୍କ (୫) ସଙ୍ଗ ଛାଡ଼ିଦେଇ ସର୍ବେ ଶ୍ରୀଗୁରୁ ଚରଣେ ରସ ଯେ,
ଡାକି ଗୁରୁ କହୁଛନ୍ତି । ଭକ୍ତେ କେହି ନ ପାରୁଛ ଚେତି ଯେ ॥
ଢ଼ିଙ୍କି ବାଜା (୬) ଜଗତରେ ବନ୍ଦ ହେବ ବଳି ଇନ୍ଦ୍ର ହେବାଯାଏ,
ଢେଙ୍କାନାଳଗଡ଼େ ଡାକୁଣୀ ପିଟିବ ଢୁଳାଇ ପଡ଼ିବ ଘାଏ ଯେ,
ଢାଙ୍କି ସତାମୃତ ଦେଇ । ଭକ୍ତକୁଳ ରଖିବେ ବଞ୍ଚାଇ ଯେ ॥
ଅମୃତ ବରଷା ସ୍ୱର୍ଗରୁ ହୋଇବ ଢେଙ୍କାନାଳ ଯୋରନ୍ଦାରେ,
ଅଖିଳ ବ୍ରହ୍ମାଣ୍ଡ କର୍ତ୍ତା ଯାହାକୁ ଛତ୍ରଦେବ ଶ୍ରୀହସ୍ତରେ ଯେ,...
ଓଡ଼ିଶାର ନରସାଇଁ । ବାରଅଙ୍କେ ଯିବେ କାଟ ପାଇ ଯେ ॥

(୩) ଟାହି ଟାପରା, (୪) ଜନ୍ତା, (୫) ଗର୍ବ
(୬) ଏକପ୍ରକାର ବାଦ୍ୟ ବିଶେଷ ଯାହା ଆଦିବାସୀ ମହଲରେ ପ୍ରଚଳିତ ।

ତରତର ଚିତ୍ତ ନ ହୁଅ ଭକତ ପ୍ରଭୁ କରିଛନ୍ତି ବିଜେ,
ତିନିଦିନ ଗଲେ ବୁଝାମଣା ହେବ ଗୋସିଂହ ଦୈତ୍ୟର ରାଜ୍ୟେ ହେ,
ଛନ୍ତି ଏକର ଭକତ । ତାଙ୍କୁ ଶ୍ରୀହସ୍ତରେ ଦେବେ ଛତ୍ର ଯେ ॥
ଥୟ ସ୍ଥିତି ନାହିଁ କ୍ଷତ୍ରିକୁଳେ ତହିଁ ଥୋଇ ଅଛନ୍ତି ଗୋସାଇଁ,
ଚକ୍ରବର୍ତ୍ତୀ ପଣେ ଶାଙ୍ଗୀ ବାନ୍ଧି ଦେବେ ମହାନିତ୍ୟ ଧର୍ମ ଦେଇ ଯେ,
ଥୟ ହୋଇଲେ ବ୍ରହ୍ମାଣ୍ଡ । ଛତ୍ର ଉପରେ ହୋଇବେ ଷଣ୍ଢ ଯେ ॥
ଦୀନବନ୍ଧୁ ନାମ ସତ୍ୟକୁ ନ ଲଂଘ ଭକ୍ତିଭାବେ ଚିତ୍ତ ଥିଲେ,
ଦୁରିତ ନାଶିବ ପ୍ରଭୁଙ୍କୁ ଦେଖିବ ପୂର୍ବରୁ ସୁକୃତ ଥିଲେ ଯେ,
ଦୁଃଖ ଛାର କି ରହିବ । ଦୟାନିଧି ପାଦେ କର ଭାବ ଯେ ॥
ଧର୍ମକୁ ସମସ୍ତେ ବିମୁଖ ହେଲେଣି ସୁରାପାନେ ହେଲେ ବଶ,
ଧର ଧର ଏତେବେଳେ ସଙ୍କ ଅଛି ପଶ୍ଚାତ୍ତେ ନ ଦେବ ଦୋଷ ଯେ,
କହୁଅଛି ସମସ୍ତଙ୍କୁ । ଧର୍ମ ଛାଡ଼ିଲା ଏବେ ତୁମ୍ଭଙ୍କୁ ଯେ ॥
ନାହିଁ ଦାନ ଧ୍ୟାନ ନାହିଁ ଜପ ତପ ନାହିଁ ତୀର୍ଥ ବ୍ରତ କିଛି,
ନିତି ନାମ ବ୍ରହ୍ମେ ବିହରି ପାରିଲେ ଏ ଜୀବକୁ ମୋକ୍ଷ ଅଛି ଯେ,
ସର୍ବେ ବ୍ରହ୍ମରୁ ଜନମ । ବ୍ରହ୍ମ ମଧ୍ୟେ ନାହିଁ ଭିନ୍ନାଭିନ୍ନ ଯେ ।୨୦।
ପ୍ରାତ କାଳୁ ଉଠି ସ୍ନାହାନ ସାରିଣ ଗୋମୟ ମାର୍ଜନ ହେବ,
ପ୍ରଭୁ ପାଦେ ଶିରକମଳ ସମର୍ପି ରେଣୁ ଆଶ୍ରିତରେ ଥିବ ଯେ,
ପାଇ ପବିତ୍ର ଜଳେଣ । ମହା ଆନନ୍ଦେ ବଞ୍ଚିବ ଦିନ ଯେ ॥
ଫୁଲାପଣେ ଥାଇ ମିଛେ ନୁହ ବାଇ ଫିଟିବ ଥରେ ଢାକୁଣୀ,
ଫରଫର ବୀର ବାନା ଉଡୁଅଛି କେହି ନ ପାରୁଛ ଜାଣି ଯେ,
ଫନ୍ଦା ବୃତ୍ତି ଯିବ ନାଶ । ଫାଟିଯିବ ଏ ଦକ୍ଷିଣ ଦେଶ ଯେ ॥
ବ୍ରାହ୍ମଣୀମାନେ ଯେ ଧର୍ମକୁ ଛାଡ଼ିଣ ବେଶ୍ୟାବୃତ୍ତି ଆଚରିଲେ,
ବ୍ରାହ୍ମଣ ଗାୟତ୍ରୀ ମନ୍ତ୍ରକୁ ଛାଡ଼ିଣ ବାଣିଜ୍ୟ ବେପାର କଲେ ଯେ,
ବିକିଲେଣି ଜିରା ଭାଙ୍ଗ । ମୀନ ମାରିବାକୁ ହେଲେ ଆଟ ବସ ॥
ଭାସି ଯାଉଅଛି ନବଖଣ୍ଡ ମହୀ ଅସଂଖ୍ୟ ପାତକ ହେଲା,
ଭଣେ ଭୀମ ହୀନ ପାମର ଅଜ୍ଞାନ କଳିଯୁଗ ଏହା କଲା ଯେ,
ଭକ୍ତ ପଣେ ଅଛି ଯେହୁ । ତାକ ଅଲେଖଙ୍କୁ ପୃଥ୍ୱୀ ରହୁ ଯେ ॥
ମାଡ଼ି ଆସିଲେଣି ନବକୋଟି ଯୋଗ୍ନୀ ଆଜ୍ଞା ପାଇ ବ୍ରହ୍ମାଣ୍ଡକୁ,
ମନ୍ଦାଲଲା (୬) ମାଛ ପ୍ରାୟେ ମରିଯିବେ ବେନି ନେତ୍ରେ ଦେଖୁ ଦେଖୁ ଯେ,
ମହିମାଙ୍କୁ କର ଲୟେ । ମନ ନିବେଶ ଶ୍ରୀଗୁରୁ ପ୍ରାୟେ ଯେ ॥

---

(୬) ମେଞ୍ଚା ମେଞ୍ଚା ।

ଯୋଗୀବେଶ ହୋଇ ମହିମା ଗୋସାଇଁ ବିଜୟେ କଲେ ମର୍ତ୍ତ୍ୟକୁ,
ଜାଣି ନ ପାରୁଛ ଜଗତରେ କେହି ବେନି ନେତ୍ରେ ଦେଖୁ ଦେଖୁ ଯେ,
ତାଙ୍କ ବେଢ଼ିଛି ନୟନ । ଯେହ୍ନେ ପାରା ଛଡ଼ା ଦରପଣ ଯେ ॥
ରବିଚନ୍ଦ୍ର ଦୁହେଁ ମର୍ତ୍ତ୍ୟକୁ ଆସିବେ ରାତ୍ର ହୋଇଯିବ ମହୀ,
ସାତଦିନ ଯାଏ ଅନ୍ଧକାର ହେବ ପଥ ନ ଦିଶିବ କାହିଁ ଯେ,
ଯୋଡ଼ାଯୋଡ଼ି ପଦ ନୋହି । ସ୍ୱାମୀ ଶ୍ରୀମୁଖ ବଚନ ଏହି ଯେ ॥
ଲକ୍ଷେକ ସୁବର୍ଣ୍ଣ କୁମ୍ଭ ବସିଥିବ ଲକ୍ଷେ ଛତ୍ର ଟଣା ହେବ,
ଲକ୍ଷେ ରାଜନକୁ ଶାଢ଼ୀ ବାନ୍ଧି ଦେବେ ଶ୍ରୀହସ୍ତରେ ଗୁରୁଦେବ ଯେ,
ଲୀଳା ଅସଂଖ୍ୟ ହୋଇବ । ସ୍ୱର୍ଗୁ ଅପସରୀ ଆସିଥିବ ଯେ ॥
ବାଜୁଥିବ ଲକ୍ଷେ ଲକ୍ଷେ ବୀରବାଜା ବିନତା ନନ୍ଦନ ଥିବେ,
ପ୍ରଭୁଙ୍କ ଭଣ୍ଡାରୁ ଅଢ଼ାଇ-ବେଳ ହିଁ ଧନବହି ଆଣିଦେବେ ଯେ,
ବ୍ରହ୍ମାଣ୍ଡରେ ଅଛି ପୂରି । ସ୍ୱାମୀ ରଖିଛନ୍ତି ମୁଦ ମାରି ଯେ ॥
ସମ୍ବଲପୁରରୁ ପ୍ରସାଦ ଚଳିବ ଲକ୍ଷ୍ମୀ ବିଜେ କରିଛନ୍ତି,
ସର୍ବ ଭକ୍ତମାନେ ହୋଇବେ ଯେ ମେଳ ଅଲେଖଙ୍କ ପୁତ୍ର ନାତି ଯେ,
ଆଦିକନ୍ଦ ଥିବେ ତହିଁ । କଳିଯୁଗରେଟି ଭୀମଭୋଇ ଯେ ॥
ସଭା ହେବ ତହିଁ ଲକ୍ଷେ ରାଜା ଥାଇ ପଢ଼ିବ ଧର୍ମର ନ୍ୟାୟ,
ମନମୋଟ ପଣେ ରହିଅଛ ଯେତେ ବୁଝିବା ଯେ ରହ ରହ ହେ,
ପଡ଼ିବଟି କଷାକଷି । ସର୍ବଧର୍ମ ହେବ ବଛାବଛି ଯେ ॥
ଶଙ୍କର ତହିଁଗେ ବିଜେ କରିଥିବେ ପଚାରିବେ ବ୍ରହ୍ମଜ୍ଞାନ,
ସର୍ବଭକ୍ତ ପ୍ରୀତି ଅଲେଖ ଭକତି ବାକ୍ୟ କରିବେ ବଖାଣ ଯେ,
ସର୍ବ ମନ ହେବ ତୋଷ । ସଦଜ୍ଞାନ ଦେବେ ଉପଦେଶ ଯେ ॥
ହରି ବୋଲ ହୁଳହୁଳି ଶବଦରେ କମ୍ପୁଥିବ ତ୍ରିଭୁବନ,
ହରି ଅରଜୁନ ବିଜେ କରିଥିବେ ବ୍ରହ୍ମା ଆଦି ହନୁମାନ ଯେ,
ହେବ କଳଙ୍କି ପରୀକ୍ଷା । ସର୍ବ ଧର୍ମ ହେବ ଦହିଁ ରକ୍ଷା ଯେ ॥
କ୍ଷୟ ଯିବ କଷ୍ଟ ଥିବ ଯାର ଘଟ ବୃଦ୍ଧ ଅଙ୍ଗ ଯୁବା ହେବ,
କହେ ଭୀମଭୋଇ ଅଜ୍ଞାନ ପାମର ଏକାକ୍ଷର ହୃଦେ ଭାବ ଯେ,
କ୍ଷଣେ ବିଳମ୍ବ ନ କର । ଖେଳ ଲାଗିଛି ଜମ୍ବୁଦ୍ୱୀପର ଯେ ॥

# ଆର୍ତ୍ତଦାସଙ୍କ ମାଳିକା

କର ବିବେକ ଶ୍ରବଣ କହୁଛି ଡାକ ବଚନ
କଳି ଅନ୍ଧକାର ପଡ଼ିବ ମହୀର
ଅଜ୍ଞାନ ହୋଇବ ମହୀ—ମୋ ଭକ୍ତ ଅଲେଖ ବାଇ ॥
ଖଳ ପଡ଼ିବ (୧) ଅନେକ ଖବୁଆ ହେବେ ବିବେକ
କ୍ଷିତିପତି ହୋଇ ନ ରହିବେ କେହି
ମରିବେ ମହତ ଲୋକ—ମୋ ଭକ୍ତ ଅଲେଖ ବାଇ ॥
ଗାୟତ୍ରୀ ଛାଡ଼ିବେ ଦ୍ୱିଜ ଗାରେଡ଼ି କରିବେ ହେଜ
ଗୁରୁ ଆଗେ ଜ୍ଞାନ ଶିଷ୍ୟ ବଖାଣିବେ
ଗୋପାଳେ ହେବେ ଗୋସାଇଁ—ମୋ ଭକ୍ତ ଅଲେଖ ବାଇ ॥
ଘୋଟିବ ଘୋର ଅନ୍ଧାରୀ ଘରଣୀ ହେବେ ଦୋଚାରୀ
ଘରେ ଘରେ କଳି ଅପବାଦ କଳି
ଘୋଟିବ ଘନ ପରାଇ (୨)—ମୋ ଭକ୍ତ ଅଲେଖ ବାଇ ॥
ଉଗ୍ରତା (୩) ହେବ ପ୍ରକାଶ ନ ରହିବ ନାମ ଲେଶ
ନାୟକ ବ୍ରାହ୍ମଣ ହୋଇବେ ଅଜ୍ଞାନ
ପାଷାଣ୍ଡ ପଣକୁ ବହି—ମୋ ଭକ୍ତ ଅଲେଖ ବାଇ ॥
ଚାଷୀ ହେବେ ସର୍ବଜନ ଚଷିବେ ଗୋପଙ୍କମାନ
ଚାକର ସେବକ ସାମନ୍ତର ଟେକ
କରିବେ ଅତି ଗୁମାନ (୪)—ମୋ ଭକ୍ତ ଅଲେଖ ବାଇ ॥
ଛୋଟ ଲୋକେ ବଳିଆର ଛବି ଜାଳିବେ ଅପାର
ଛତା ବନାଉତ (୫) ଜୋତା କରି ବୃତ (୬)
ଜବାବ ଦେବେ ବତାଇ—ମୋ ଭକ୍ତ ଅଲେଖ ବାଇ ॥
ଜାତି ବୋଲାଇବେ ହୀନ ଜାତି ବିକିବେ ବ୍ରାହ୍ମଣ
ଜାତି ଅଜାତି ଯେ ଏକାକାର ହେବେ
ନ ରହିବ କାର ଜ୍ଞାନ—ମୋ ଭକ୍ତ ଅଲେଖ ବାଇ ॥
ଝିଅ ନ କରିବେ ଦାନ ଝିଙ୍କି ନେବେ ବହୁ ଧନ
ଝିଅ ବିକି ଲୋକ ବୋଲାଇବେ ଟେକ
ଜାତି ପତିକୁ ପକାଇ—ମୋ ଭକ୍ତ ଅଲେଖ ବାଇ ॥

(୧) ଦୁଷ୍ଟ, (୨) ପ୍ରାୟେ, (୩) ଦାମ୍ଭିକତା, (୪) ଗର୍ବ, ଅଭିମାନ ।
(୫) ଦାମୀ ମଖମଲ କନା, (୬) ସମ୍ବଳ ।

ନିୟମକୁ ଆଗ ହେବେ ନିରାଶ ବାଣୀ କହିବେ
ନରମାନେ ସବୁ ବାନର ପରାଏ
ପରଧନ ବୋହିନେବେ—ମୋ ଭକ୍ତ ଅଲେଖ ବାଇ ॥୧୦
ଟେକ ନ ରଖିବେ କେହି ଟଙ୍କାରେ ଜାତି ହରାଇ
ଟାଳିଦେବେ (୭) ପୁତ୍ର ପିତାଙ୍କ ବଚନ
ପତି ପତ୍ନୀ ଭିନ୍ନ ହୋଇ—ମୋ ଭକ୍ତ ଅଲେଖ ବାଇ ॥
ଠିକ ବଚନ ଏ ସତ୍ୟ ଠକ ନ ମଣ ପଣ୍ଡିତ
ଠିକରେ ଆରତ କହିଗଲେ ସତ୍ୟ
ଯେ ଥିବ ଦେଖିବ ରହି—ମୋ ଭକ୍ତ ଅଲେଖ ବାଇ ॥
ଡକାଇତ ହେବ କର୍ମ ଡଙ୍ଗା ବୁଡ଼ିବ ଅଧର୍ମ
ଡକାରତ ପଣ କରିବେ ସୁଜନେ
ମହାପ୍ରସାଦ ନିୟମ ଦେଇ—ମୋ ଭକ୍ତ ଅଲେଖ ବାଇ ॥
ଡାଳକେ ପୂରିବ ଗରା ଢୋକିବେ ବ୍ରାହ୍ମଣ ସୁରା
ଢେରା ଚିତା (୮) କାଟି ଯୋଗୀ ଦେବେ କଣ୍ଠି
ମୂଳକ (୯) ହେବେ ବାବରା (୧୦)—ମୋ ଭକ୍ତ ଅଲେଖ ବାଇ ॥
ଅଦିନେ ବରଷା ହେବ ଅକାଳେ ନଦୀ ବଢ଼ିବ
ଅପାଳକ ହୋଇ ନାଶ ଯିବ ମହୀ
କ୍ଷୀର ହୀନ ହେବେ ଗାଈ—ମୋ ଭକ୍ତ ଅଲେଖ ବାଇ ॥
ତୁଣ୍ଡ ପ୍ରବଳ ହୋଇବ ତୁନି ହେବେ ସନ୍ଥ ସର୍ବ
ଗୋଡ଼ାଣିଆମାନେ ବସିବେ ଆସନେ
ତଳେ ବସିବେ ବିବେକ—ମୋ ଭକ୍ତ ଅଲେଖ ବାଇ ॥
ଥାନୀମାନେ ଯିବେ ଲସି (୧୧) ଥାନୀରେ ବେଥାନୀ ବସି
ଥୋଇଲି ଭାରିଜା (୧୨) ପାଉଥିବେ ପୂଜା
ଘରଣୀ ହୋଇବେ ଦାସୀ—ମୋ ଭକ୍ତ ଅଲେଖ ବାଇ ॥
ଦେବତାଏ ଲୁଚି ରହି ଦେଖା ନ ଦେବେଟି କେହି
ଦେଖିବାର ଜନ ଦେଖାଇବେ ଥାନ
ପୂର୍ବ ପୁରାତନ କହି—ମୋ ଭକ୍ତ ଅଲେଖ ବାଇ ॥
ଧର୍ମ ନ କରିବେ କେହି ଧାର୍ମିକ ରହିବେ ନାହିଁ
ଧରମ ଛାଡ଼ିବ ଧରିତ୍ରୀ କମ୍ପିବ
ନିର୍ଦ୍ଧନୀ (୧୩) ଧନୀ ବୋଲାଇ—ମୋ ଭକ୍ତ ଅଲେଖ ବାଇ ॥

---

(୭) ଅବମାନନା କରିବେ, (୮) ଊର୍ଦ୍ଧ୍ୱଚିତା, (୯) ରାଜ୍ୟ, (୧୦) ଅରାଜକ ।
(୧୧) ଉବୁଡ଼ି ଯିବା, (୧୨) ରକ୍ଷିତା, ପୋଇଲି ଶ୍ରେଣୀୟ ।
(୧୩) ନିର୍ଦ୍ଧନ ହେବା କଥା, କିନ୍ତୁ ପୋଥି ପାଠରେ ନିର୍ଦ୍ଧନୀ ଲେଖାଅଛି ।

ନାୟିକା ନଷ୍ଟ ହୋଇବେ ନ୍ୟାୟ ଧର୍ମ ବୁଡ଼ାଇବେ
ନ ମାନିବେ ବୋହୂ ଶାଶୁ ଶ୍ୱଶୁରଙ୍କୁ
ଯୌବନ ବିକି ଖାଇବେ—ମୋ ଭଜ ଅଲେଖ ବାଇ ।।
ପୃଥିବୀ ପ୍ରଜା କଣ୍ଟକ ପରଜା ପାଇବେ କଷ୍ଟ
ପରଧନ ପର ବୋହିନେବ ଚୋର
ପିତା ପୁତ୍ରଙ୍କୁ ବିମୁଖ—ମୋ ଭଜ ଅଲେଖ ବାଇ।।
ଫୁଲ ଫୁଟି ଯିବ ଝଡ଼ି ଫଳ ହୋଇବ ଅଗାଡ଼ି
ଫନ୍ଦା (୧୪) କଲା ଲୋକ ନ ପାଇବେ ତୋକ
ପଳାଇବେ ରାଜ୍ୟ ଛାଡ଼ି—ମୋ ଭଜ ଅଲେଖ ବାଇ ।।
ବଡ଼ ବଡ଼ ବନ୍ଧମାନ ବଢ଼ିରେ ହୋଇବ ଚୂର୍ଣ୍ଣ
ବହିବ ବତାସ ଅଣବାଣ ମତ
ବସୁଧା ମତି କମ୍ପାଇ—ମୋ ଭଜ ଅଲେଖ ବାଇ ।।
ଭୋଳ ହେବେ ଅତି ଦୁଷ୍ଟ ଭିକାରି ପାଇବେ କଷ୍ଟ
ଭଣନ୍ତି ଆରତ କହନ୍ତି ଏ ହେବ
ମରିବେ ବହୁତ ଲୋକ—ମୋ ଭଜ ଅଲେଖ ବାଇ ।।
ମହା କଳିକାଳ ଏହି ମହୀ ନ ପାରିବ ସହି
ମହା ଦୁଷ୍ଟପଣ ହେବ ଆଚରଣ
ଅରାଜ୍ୟ ହୋଇବ ମହୀ—ମୋ ଭଜ ଅଲେଖ ବାଇ ।।
ଜଗନ୍ନାଥଙ୍କ ଦେଉଳ ଝଡ଼ି ପଡ଼ିବ ପଥର
ଜଗମୋହନରେ ଚତୁର୍ଦ୍ଧା ମୂରତି
ରହିବେଟି ମାସ ତେର—ମୋ ଭଜ ଅଲେଖ ବାଇ ।।
ରାଜା ଦକ୍ଷିଣରୁ ଆସି ରହି ନ ପାରିବେ ବସି
ରଷିକୁ ଦଣ୍ଡିବେ ରାଜ୍ୟ ଛାଡ଼ିଯିବେ
ହେବେ ବ୍ରହ୍ମହତ୍ୟା ଦୋଷୀ—ମୋ ଭଜ ଅଲେଖ ବାଇ ।।
ଲକ୍ଷତ୍ର ଲଙ୍କା ଛିଡ଼ିବ ଲବଣ ଜଳେ ବୁଡ଼ିବ
ଲହ ଲହ ଜିହ୍ୱା ବୁଲାଇ କାଳିକା
ବାଛିଣ ମୁଣ୍ଡ ମୋଡ଼ିବ—ମୋ ଭଜ ଅଲେଖ ବାଇ ।।
ବସନ୍ତ ନାମକୁ ବହି ବିଜେ କରିବେଟି ମହୀ
ବିଜୟେ ଚଣ୍ଡିକା ବରାହୀ ଅମ୍ବିକା
ଚାମଣ୍ଡା ଯିବେଟି ଖାଇ—ମୋ ଭଜ ଅଲେଖ ବାଇ ।।

---

(୧୪) ଜୀବିକା ନିର୍ବାହ ଉଦ୍ଦେଶ୍ୟରେ ଯତ୍ନବାନ ।

ଶ୍ରୀକ୍ଷେତ୍ର ଭୁବନେଶ୍ୱର ସଂସାର ମଧ୍ୟରେ ସାର
ସକଳ ଦମନ ବୁଝିବୁରେ ମନ
ନ ରହିବେ ନୃପବର—ମୋ ଭକ୍ତ ଅଲେଖ ବାଇ ॥
ସଜ୍ଜନ ହିଁ ବାବରା (୧୫) ଶ୍ରୀ ମହାପ୍ରସାଦ ମାରା
ସୁରାକରି ପାନ ଶାସନୀ ବ୍ରାହ୍ମଣ
ହରାଇବେ ବେଦ ପରା—ମୋ ଭକ୍ତ ଅଲେଖ ବାଇ ॥
ଶୀଘ୍ର ଆସିବ ମୋହନା ସବୁ କରିଦେବ ଚୂନା
ସକଳ ହରିବ ଏକାକାର ହେବ
ଶେଷକୁ ହୋଇବ ହସା—ମୋ ଭକ୍ତ ଅଲେଖ ବାଇ ॥
ହରି କଲ୍କି ରୂପ ଧରି ହୟ (୧୬) ଉପରେ ବିହରି
ହାଣି ଦୁଷ୍ଟଜନ ସନ୍ଥଙ୍କୁ ରଖିବେ
କରେ ସୁଦର୍ଶନ ଧରି—ମୋ ଭକ୍ତ ଅଲେଖ ବାଇ ॥
କ୍ଷେତ୍ରବର ଯଜ୍ଞସ୍ଥାନ ଖେଳନ୍ତି ମଧ୍ୟରେ ଜାଣ
କ୍ଷିଖେଦେ (୧୭) ଆରତ କହିଗଲେ ସତ୍ୟ
ସତ୍ୟ ଏ ଡାକ ବଚନ—ମୋ ଭକ୍ତ ଅଲେଖ ବାଇ ॥

## ଅଭିରାମ ପରମହଂସଙ୍କ

# ବୈଷ୍ଣବ ଗୀତା

## ପଞ୍ଚମ ଅଧ୍ୟାୟ

**ଚୈତନ୍ୟ ଉବାଚ :**

ହସି କହନ୍ତି ଶ୍ରୀଚୈତନ୍ୟ । ତୁ ଯାହା ପଚାରିଲୁ ମନ ॥
ଏସବୁ କଳିଯୁଗ ରୀତି । ଯାହା କହିବା ପ୍ରତି ପ୍ରତି ॥
ଯେତେକ ପଦାର୍ଥ କଳିର । ଜାଣିବ ସେ ସବୁ କାଳୀର ॥
କଳିର ଗୁଣ ଯେ ଅଜ୍ଞାନ । ଗୁରୁଙ୍କୁ ଶିଷ୍ୟର ଅମାନ୍ୟ ॥
ସ୍ୱାମୀକି ପତ୍ନୀ ନ ମାନିବେ । ଅପତିବ୍ରତା ଆଚରିବେ ॥
ବ୍ରାହ୍ମଣ ଶୂଦ୍ରାଣୀଙ୍କ ରତି । ଶୂଦ୍ର ବ୍ରାହ୍ମଣୀଙ୍କର ପ୍ରୀତି ॥
ନିର୍ବଳ ପତିକ ବିନାଶ । ଅର୍ଥେ ପତ୍ନୀଏ ଦେବେ ବିଷ ॥

---

(୧୫) ମହତ୍ତ୍ୱହୀନ, ସ୍ଥିରତା ବିହୀନ, (୧୬) ଅଶ୍ୱ, (୧୭) ସଂକ୍ଷେପ ।

ଭାଇ ଭାଇରେ ଭିନ୍ନ ଘର । କରିବେ ହୋଇ ସାତ ପର ॥
ପତିକି ପତ୍ନୀ ନ ମାନିବେ । ସ୍ୱାମୀକି ପାଦେ ଖଟାଇବେ ॥
ମାତାକୁ ନ ମାନିବେ କେହି । ପିତାର ପାଶୁ ଭିନ୍ନ ହୋଇ ॥
କୁଳବଧୂ ଶାଶୁ ଶ୍ୱଶୁର । ନ ମାନି ହେବେ ସାତପର ॥
ଶୁଣ ତୁ ମନ ନରପତି । ଏପରି କଳିଯୁଗ ରୀତି ॥
ଠାବେ ଠାବେ ଯେ ଦେବାଦେବୀ । ଅପୂଜା ହୋଇବେ ନ ସେବି ॥
ପ୍ରତିମାଠାରେ ଅବିଶ୍ୱାସ । ଶୁଣ ତୁ କଳିଯୁଗ ରସ ॥
ସଭାରେ ନ୍ୟାୟ ନ କହିବେ । ପକ୍ଷ ଧରିଣ କହୁଥିବେ ॥
ଯାହାର ପାଶେ ଧନ ଥିବ । ଅନ୍ୟାୟ ତାର ନ୍ୟାୟ ହେବ ॥
ଧନୀର ପାଶରେ ଅନ୍ୟାୟ । ନିର୍ଦ୍ଧନ ପାଶେ ଥିବ ନ୍ୟାୟ ॥
କୃଷ୍ଣଭକ୍ତଙ୍କୁ ନ ମାନିବେ । ଦୁଷ୍ଟେ ଇଙ୍ଗିତ କରୁଥିବେ ॥
ଦଇତମାନେ ହୋଇ ମେଳି । ଦେବେ ମୋ ଭକତଙ୍କୁ ଗାଳି ॥
ହରିଙ୍କ ନାମରେ ଅପ୍ରୀତି । ଶୁଣ ତୁ କଳିଯୁଗ ରୀତି ॥
ଅକୁଳିଣ (୧) ଯେ ହେବେ ରାଜା । କୁଳିଣ (୨) ହୋଇବେ ପରଜା ॥
ରାଜା ଅନ୍ୟାୟେ କର ନେବେ । ପ୍ରଜାଙ୍କୁ କଣ୍ଟକ ହୋଇବେ ॥
ରାଜା ପ୍ରଜାଙ୍କର ସମର । ହୋଇବ ବିନା ଅନ୍ୟାୟର ॥
କେବଳ ଭକତଙ୍କୁ ଛାଡ଼ି । ଅନ୍ୟାୟେ ସବୁଥିବେ ପଡ଼ି ॥
ଝିଏ ନ ହୋଇବେ ସତୀ । ନିତ୍ୟେ ଲୋଡ଼ିବେ କାମ ପ୍ରୀତି ॥
ଦିବସେ କାଟୁଥିବେ ଚିତା । ରାତ୍ରକୁ ଖୋଜୁଥିବେ ମାତା ॥
ପୁଣ୍ଡ୍ରକ ବାସୁଦେବ (୩) ଭାବ । ହୋଇବେ ଥୋକେ ବଇଷ୍ଣବ ॥
ମୁଖରେ ମଧୁର ବଚନ । ହୃଦରେ ବିଷ ଥିବ ପୂର୍ଣ୍ଣ ॥
ପ୍ରକୃତ ବଇଷ୍ଣବ ଯେହି । ସେ ଅବା ଭୁଲିବେ କିମ୍ପାଇ ॥
କଳିର କି କହିବି ଗୁଣ । ଗୁରୁ ହୋଇବେ ପଣପଣ ॥
ଶିଷ୍ୟତ ଗୋଟିଏ ନ ଥିବ । ସର୍ବେ ହୋଇବେ ଗୁରୁଦେବ ॥
ବାଛି କରିବେ ଧନୀ ଶିଷ୍ୟ । କେବଳ ଟଙ୍କା ଲୁଗା ଆଶ ॥

---

(୧) ଅକୁଳୀନ, କୁଳହୀନ, (୨) କୁଳୀନ, ବଂଶଜ ।

(୩) ପୁଣ୍ଡ୍ର ଦେଶରେ ବାସୁଦେବ ନାମକ ଜଣେ କୃଷ୍ଣଦ୍ୱେଷୀ ରାଜା ଥିବାକଥା ମହାଭାରତ ଓ ହରିବଂଶରେ ଉଲ୍ଲେଖ ରହିଛି । ଏହି ପୌଣ୍ଡ୍ରକ ବାସୁଦେବ ଜରାସନ୍ଧ, ଶିଶୁପାଳ, ଦରଦ ପ୍ରଭୃତି ରାଜାଙ୍କ ସହିତ ବନ୍ଧୁତା ବାନ୍ଧି ଓ କୃଷ୍ଣଙ୍କ ପରି ଶଂଖ, ଚକ୍ର, ଗଦା, ପଦ୍ମ ଧାରଣ କରି ନିଜକୁ ସ୍ୱୟଂ ବାସୁଦେବ (ଶ୍ରୀକୃଷ୍ଣ) ବୋଲି ମନେ କରୁଥିଲେ ଓ ପରିଚୟ ମଧ୍ୟ ଦେଉଥିଲେ । ଶେଷକୁ ତାଙ୍କ ଅହଙ୍କାର ଏତେ ବେଶି ହୋଇଥିଲା ଯେ, ସେ ଦ୍ୱାରକା ଆକ୍ରମଣ କରିଥିଲେ ମାତ୍ର ସେଠାରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ହୋଇଥିଲେ ।

| | | | |
|---|---|---|---|
| ପଥର ନଉକାରେ ଯାଇ | । | ଗୁରୁ ବସିବେ ଆଗ ହୋଇ | ॥ |
| ଶିଷ୍ୟଙ୍କୁ ବସାଇ ତାପରେ | । | ବୁଡ଼ିବେ ଅଥଳ ଜଳରେ | ॥ |
| କୁଟୁମ୍ବ ପୋଷିବା ନିମିତ୍ତ | । | ଗୁରୁଏ ହୋଇବେ ବହୁତ | ॥ |
| ଗୁରୁଙ୍କୁ ଦେଖି ଶିଷ୍ୟମାନେ | । | ଲୁଚିବେ ଧନର ବିହୀନେ | ॥ |
| ଦେଖ ଆସନ୍ତି ଗୁରୁଦେବେ | । | କି ବୁଦ୍ଧି କରିବି ମୁଁ ଏବେ | ॥ |
| ଗୁରୁ ଯେ ଧନରେ ଆସକ୍ତ (୪) | । | ମୋ ପାଶେ କିଛି ନାହିଁ ବିତ୍ତ | ॥ |
| ଧନ ଥିଲେ ଗୁରୁଙ୍କୁ ଭେଟେ | । | ନିର୍ଦ୍ଧନ ଗୁରୁଙ୍କୁ ନ ଭେଟେ | ॥ |
| ଶୁଣ ତୁ ମନ ନରପତି | । | କଳିରେ ଟଙ୍କା ସୁନା ଭକ୍ତି | ॥ |
| ଅକାଳେ ନଦୀ ହେବ ବଢ଼ି | । | ଅକାଳେ ଆସିବ କୁହୁଡ଼ି | ॥ |
| ଅକାଳେ ଇନ୍ଦ୍ର ବରଷିବ | । | ଅକାଳେ ଫଳପୁଷ୍ପ ହେବ | ॥ |
| ଅକାଳେ ମୃତ୍ୟୁ ଘୋଟିଯିବ | । | ଅକାଳେ ଭୋଜନ ହୋଇବ | ॥ |
| ଅକାଳେ କରିବେ ସ୍ନାହାନ | । | ଅକାଳେ କରିବେ ଶୟନ | ॥ |
| ଅକାଳେ ଯେଣୁ ହେବ ଖୋଜା | । | ଅକାଳେ ଘୋଟିବ ହଇଜା | ॥ |
| ଅକାଳେ କାଳ ଯଦି ହୋନ୍ତା | । | କଳି କିମ୍ପାଇ ରାଜ ହୋନ୍ତା | ॥ |
| ଅକାଳେ ରତି ଯେଣୁ ହେବ | । | ଗର୍ଭରେ ବାଳକ ମରିବ | ॥ |
| କେତେ କହିବି ତୋତେ ମନ | । | ଅକାଳେ କଳିର ସମାନ | ॥ |
| କାଳରେ ଯଦି ହୋନ୍ତା ରାସ | । | ବିଦେଶୀ ଛାଡ଼ନ୍ତେ ସ୍ୱଦେଶ | ॥ |
| ଅକାଳେ ଯେହି ହୁଏ ପ୍ରିୟ | । | କଳି କହେ ମୋ ସେହି ପ୍ରିୟ | ॥ |
| ଅକାଳରେ ଯେ କୃଷି କରି | । | ବେଳ ନ ଜାଣି କୃଷିକାରୀ | ॥ |
| ବେଳ ବୁଡ଼ିଲା ଯାଏ ହଳ | । | କରିବ ଖୋରୁଙ୍କୁ କେବଳ | ॥ |
| ଗୋଚରେ ସର୍ବ ସାଧାରଣ | । | ଅନାବାଦୀ ଅବା ଶ୍ମଶାନ | ॥ |
| ଏ ସର୍ବ ନ ମାନିବେ କେହି | । | ଚଷିବେ ଲୋଭ ମୋହ ବହି | ॥ |
| ଗୋରୁଏ ପ୍ରାଣର ବିକଳ | । | ହୋଇ କରିବେ କୋଳାହଳ | ॥ |
| ବହୁତ ଅନ୍ୟାୟ ହୋଇବ | । | ତେଣୁ ନ ବର୍ଷିବ ବାସବ | ॥ |
| ଭୂମିକମ୍ପ ହେବ ଅପାର | । | ନାଶ ହୋଇବେ ନାରୀ ନର | ॥ |
| ହୋଇବ ଭଇରବ ଡାକ | । | ପୃଥ୍ୱୀରେ ପଡ଼ିବ ଚମକ | ॥ |
| କୃଷ୍ଣର କାଳଚକ୍ର ଘାତେ | । | ଧରଣୀ କମ୍ପିବ ଅଦ୍ଭୁତେ | ॥ |
| ତୋପରେ ତପର ସମର | । | ହୋଇବ ଅତି ଭୟଙ୍କର | ॥ |
| ତପଙ୍କୁ ତୋପ ନ ପାରିବ | । | ତପର ବଳ ବେଶି ହେବ | ॥ |
| ପୃଥ୍ୱୀ ହୋଇବ ଅରାଜକ | । | ଭୟରେ ହୋଇବ ଚମକ | ॥ |
| ଚୋର ଯେ ପ୍ରବଳ ହୋଇବେ | । | କେହି କାହାକୁ ନ ମାନିବେ | ॥ |

(୪) ଅନୁରାଗ, ଲୋଭାବିଷ୍ଟ ।

ଶୁଣ ତୁ ମନ ନୃପବର । ପ୍ରବୃତ୍ତି ଆଧାର (୫) କାଳୀର ॥
ପଣତ ତଳରେ ନିବୃତ୍ତି । ରହିବେ ଶୁଣ ନରପତି ॥
ନିବୃତ୍ତି ସଙ୍ଗେ ସିନା ଖେଳ । ଖେଳିବେ ପ୍ରଭୁ ଆଦିମୂଳ ॥
ଦୁଷ୍କୃତ କରି ବିନାଶନ । ଧର୍ମକୁ କରିବେ ସ୍ଥାପନ ॥
ଲୀଳା କରିବେ ବନମାଳୀ । କଳିକି ଦେଇ ଶୁଦ୍ଧ ବଳି ॥
ବୈଷ୍ଣବ ଗୀତା ସାର ମର୍ମ । କହଇ ବାଇ ଅଭିରାମ ॥

ଇତି ଶ୍ରୀବୈଷ୍ଣବ ଗୀତା ମନଚୈତନ୍ୟ ସମ୍ବାଦେ କଳିର
କର୍ମ ବର୍ଣ୍ଣନେ ନାମ ପଞ୍ଚମ ଅଧ୍ୟାୟଃ ॥

---

(୫) ପାତ୍ର ।

# କବି ପରିଚୟ

## ବଳରାମ ଦାସ

ପୁରୀ ଜିଲ୍ଲାର ଚନ୍ଦ୍ରପୁର ଗ୍ରାମରେ ୧୪୮୨ଖ୍ରୀ. (କାହାରି କାହାରି ମତରେ ୧୪୭୦ଖ୍ରୀ.)ରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ସୋମନାଥ ମହାପାତ୍ର ଓ ମାତାଙ୍କ ନାମ ମହାମାୟା । ସେ ଶୂଦ୍ର ଓ ତାଙ୍କ ପିତା ଗଜପତି କପିଳେନ୍ଦ୍ର ଦେବଙ୍କର ମନ୍ତ୍ରୀ ଥିଲେ । ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତରୁ ଜଣାଯାଏ ଯେ ସେ ଶ୍ରୀ ଚୈତନ୍ୟଙ୍କ ଠାରୁ ମନ୍ତ୍ରଦୀକ୍ଷା ଗ୍ରହଣ କରିଥିଲେ । ଭକ୍ତି ଭାବରେ ମତ୍ତ ଥାଇ (କାହାରି ମତରେ ମତ୍ତହସ୍ତୀକୁ ଦମନ କରି ଏବଂ ଜଗନ୍ନାଥଙ୍କର କୃପାକଣିକା ପ୍ରାପ୍ତ ହୋଇ) ସେ ନିଜକୁ ମତ୍ତ ବଳରାମ ବା କୃପାସିନ୍ଧୀ ରୂପେ ଉଲ୍ଲେଖ କରିଛନ୍ତି । ଶ୍ରୀଜଗନ୍ନାଥ ତାଙ୍କର ଆରାଧ୍ୟ ଦେବତା । ତାଙ୍କର ଅଲୌକିକ ସିଦ୍ଧ ସାଧନା ମଧ୍ୟରୁ ବଟ ଅବକାଶରେ ଜଗନ୍ନାଥଙ୍କ ସହିତ ଲଙ୍କା ଯାତ୍ରା, ପଣସ ଚୋରିରେ ନୀଳାଦ୍ରିନାଥଙ୍କ ସହିତ ପଣସ ଖାଇବା, ଭାବ ସମୁଦ୍ରରେ ରଥ ଅଟକାଇବା ଏବଂ ଗୀତାବକାଶରେ ବାଉରୀ ମୁଖରେ ଗୀତାର୍ଥ ପ୍ରକାଶ କରିବାର ପ୍ରସଙ୍ଗ ହିଁ ତାଙ୍କୁ ଓଡ଼ିଆ ସାହିତ୍ୟରେ ଜଣେ ଶ୍ରେଷ୍ଠ ଭକ୍ତ ରୂପେ ପ୍ରତିଷ୍ଠିତ କରିଛି । ସେ ବେଶ୍ୟାସକ୍ତ ଥିଲେ ବୋଲି ଯାହା କୁହାଯାଏ, ସେଥିରୁ ମନେ ହୁଏ ଯେ ସେ ସହଜଯାନୀ ବୌଦ୍ଧ ପରମ୍ପରା ଦ୍ୱାରା ପ୍ରଭାବିତ ହୋଇ ସମ୍ଭବତଃ କୌଣସି ସ୍ତ୍ରୀକୁ ସାଧନା-ସଙ୍ଗିନୀ ରୂପେ ଗ୍ରହଣ କରିଥିବେ । ବଳରାମ ଦାସ ଥିଲେ ଜଣେ ଏକନିଷ୍ଠ ସାଧକ, ଯୋଗୀ ଏବଂ ଜ୍ଞାନମିଶ୍ରା ଭକ୍ତିର ପ୍ରଖ୍ୟାପକ । ତାଙ୍କ ରଚନାଗୁଡ଼ିକ ଆଦର୍ଶ ସମାଜଭିତ୍ତିକ ତଥା ଦାର୍ଶନିକତତ୍ତ୍ୱ ସମ୍ବଳିତ । ପ୍ରଚଳିତ କିମ୍ବଦନ୍ତୀ ଓ ଜନଶ୍ରୁତିର ଆଧାରରେ ତାଙ୍କର ପ୍ରତିଟି କଥାବସ୍ତୁ ଯେପରି ମୌଳିକ, ସେହିପରି ସୌନ୍ଦର୍ଯ୍ୟ ବିମଣ୍ଡିତ । ସେହି ରଚନାଗୁଡ଼ିକ ମଧ୍ୟରୁ ଦାଣ୍ଡି ରାମାୟଣ, ବ୍ରହ୍ମାଣ୍ଡ ଭୂଗୋଳ, ବଉଳାଗାଈ ଗୀତ, କମଳଲୋଚନ ଚଉତିଶା, କାନ୍ତକୋଇଲି, ଲକ୍ଷ୍ମୀପୁରାଣ, ବେଢ଼ା ପରିକ୍ରମା, ସପ୍ତାଙ୍ଗ ଯୋଗସାର ଟୀକା, ବଜ୍ରକବଚ, ଜ୍ଞାନଚୂଡ଼ାମଣି (ଗଦ୍ୟ) ଓ ବ୍ରହ୍ମଟୀକା (ଗଦ୍ୟ) ଆଦି ପ୍ରଧାନ । ପୁରୀର ସମଗରା ପାଟରେ ସେ ଦେହତ୍ୟାଗ କରିଥିଲେ ।

## ଯଶୋବନ୍ତ ଦାସ

ଓଡ଼ିଶାର ପଞ୍ଚସଖାଙ୍କ ମଧ୍ୟରେ ଯଶୋବନ୍ତ ଦାସ ଜଣେ ବିଶିଷ୍ଟ ଯୋଗୀ ଓ ସାଧକ । କଟକ ଜିଲ୍ଲାର ଅଡ଼ଙ୍ଗ ନିକଟସ୍ଥ ନନ୍ଦି ଗ୍ରାମରେ ସେ କ୍ଷତ୍ରିୟ ବଂଶରେ ୧୪୮୨ଖ୍ରୀ. (କାହାରି ମତରେ ୧୪୮୭ଖ୍ରୀ.)ରେ ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତାଙ୍କ ନାମ ବଳଭଦ୍ର ମଲ୍ଲ ଏବଂ ମାତାଙ୍କ ନାମ ରେଖା ଦେବୀ । ଅଚ୍ୟୁତାନନ୍ଦଙ୍କ ଗୁରୁଭକ୍ତି

ଗୀତାରେ ସେ ମାଧ୍ୱପନ୍ଥୀ ଥିଲେ ବୋଲି ବର୍ଣ୍ଣନା କରାଯାଇଛି । ଯଶୋବନ୍ତ ଅଦ୍ୱଙ୍ଗର ରାଜା ରଘୁରାମ ଚମ୍ପତିଙ୍କ ଭଗିନୀ ଅଞ୍ଜନାଦେବୀଙ୍କୁ ବିବାହ କରିଥିଲେ । ଚୌରାଶୀ ଆଜ୍ଞା ଅନୁଯାୟୀ ଅନନ୍ତଙ୍କ ପୁତ୍ର ଲେଖାରେ ତାଙ୍କର ନାତି ଥିଲେ । ଏଥିରୁ ମନେ କରିବା ସ୍ୱାଭାବିକ ଯେ ଅଚ୍ୟୁତ ଓ ଅନନ୍ତଙ୍କ ସହିତ ଯଶୋବନ୍ତଙ୍କର ପାରିବାରିକ ସମ୍ପର୍କ ଥିଲା । ଦ୍ୱାଦଶ ବର୍ଷରେ ସେ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ଭାରତର ନାନା ତୀର୍ଥ ପର୍ଯ୍ୟଟନ କରିଥିଲେ । ଗଜପତି ପ୍ରତାପରୁଦ୍ରଙ୍କୁ ସେ ସ୍ୱୀୟ ଯୋଗସାଧନାର ନିଦର୍ଶନ ସ୍ୱରୂପ ଏକ ବ୍ରହ୍ମରାକ୍ଷସ ପ୍ରଦର୍ଶନ କରାଇ ଅଲୌକିକ ସିଦ୍ଧିର ପରିଚୟ ଦେଇଥିଲେ । ତାଙ୍କ ଗ୍ରନ୍ଥମାନଙ୍କ ମଧ୍ୟରୁ ଶିବସ୍ୱରୋଦୟ, ଷଷ୍ଠୀମଳା, ପ୍ରେମଭକ୍ତି ବ୍ରହ୍ମଗୀତା, ଆତ୍ମପରବେ ଗୀତା, ଗୋବିନ୍ଦଚନ୍ଦ୍ର, ମାଳିକା ଓ ଭଜନ ଆଦି ଲୋକରେ ପରିଚିତ । କାବ୍ୟିକ ଆବେଦନ ତଥା କରୁଣ ରସର ମୂର୍ଚ୍ଛନା ଦୃଷ୍ଟିରୁ ଗୋବିନ୍ଦଚନ୍ଦ୍ର ଆଖ୍ୟାନଟି ଆସାମ, ବଙ୍ଗଳା, ସମେତ ସମଗ୍ର ଉତ୍ତର ଭାରତରେ ପ୍ରଚାରିତ ହୋଇ ଲୋକପ୍ରିୟତା ଲାଭ କରିଅଛି । ନାଥଧର୍ମ ଓ ନାଥ ସମ୍ପ୍ରଦାୟ ସହିତ ଉତ୍କଳୀୟ ବୈଷ୍ଣବ ଧର୍ମର ସମନ୍ୱୟ ଏହି ଗ୍ରନ୍ଥର ବୈଶିଷ୍ଟ୍ୟ । ଲୋଇଦାସ ବା ଲୋହି ଦାସ ତାଙ୍କର ପ୍ରଧାନ ଶିଷ୍ୟ । ମାର୍ଗଶିର ମାସ ଶୁକ୍ଳଷଷ୍ଠୀ (ଓଢ଼ଣଷଷ୍ଠୀ)ରେ ସେ ଦେହରକ୍ଷା କରିଥିଲେ ।

## ଅଚ୍ୟୁତାନନ୍ଦ ଦାସ

ପଞ୍ଚସଖା ଯୁଗର ଅନ୍ତୁ ପ୍ରଚାରିତ କବିମାନଙ୍କ ମଧ୍ୟରେ ଅଚ୍ୟୁତାନନ୍ଦ ଥିଲେ ଜଣେ ସମ୍ପ୍ରଦାୟ ସଚେତନ ସିଦ୍ଧ ମହାପୁରୁଷ । ତାଙ୍କର ପିତା ଦୀନବନ୍ଧୁ ଖୁଣ୍ଟିଆ, ମାତା ପଦ୍ମାଦେବୀ ଓ ପିତାମହ ଥିଲେ ଗଜପତି ରାଜାଙ୍କ ଛାମୁକରଣ ଶ୍ରୀ ଗୋପୀନାଥ ମହାନ୍ତି । ଜଗନ୍ନାଥଙ୍କର ଅସୀମ କୃପାରୁ ଦୀନବନ୍ଧୁ ଅଚ୍ୟୁତାନନ୍ଦଙ୍କୁ ପୁତ୍ରରୂପେ ଲାଭ କରିଥିଲେ । ଅଚ୍ୟୁତ ନେମାଳର ତିଳକଣା ବା ତ୍ରିପୁର ଗ୍ରାମରେ ୧୪୮୫ଖ୍ରୀ.ରେ କରଣ ପରିବାରରେ ଜନ୍ମ ହୋଇଥିଲେ । ଷୋଡ଼ଶ ଶତାବ୍ଦୀରେ ଦେଖା ଦେଇଥିବା ଓଡ଼ିଶାର ବୈଷ୍ଣବ ଧର୍ମଜନିତ ଆନ୍ଦୋଳନ ତଥା ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଭାବଧାରାର ସେ ଥିଲେ ଜଣେ ଯଥାର୍ଥ ଓ ସଫଳ ଚିତ୍ରକାର । ବିଶେଷ ଶିକ୍ଷାଲାଭର ସୁଯୋଗ ନ ଥାଇ ଈଶ୍ୱରଙ୍କ ଅନିର୍ବଚନୀୟ ପ୍ରେରଣା ଲାଭକରି ସେ କବିତ୍ୱ ଶକ୍ତି ପ୍ରାପ୍ତ ହୋଇଥିଲେ । ଶ୍ରୀକ୍ଷେତ୍ରରେ ଶ୍ରୀ ଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ତାଙ୍କ ନିର୍ଦ୍ଦେଶରେ ସେ ଦୋଳିଗ୍ରାମର ସନାତନ ନାମଧାରୀ ଜନୈକ ବ୍ରାହ୍ମଣ ସନ୍ନ୍ୟାସୀଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ ଏବଂ ଦୀକ୍ଷା ନେବାପରେ ପାଦରେ ଚାଲି ଚାଲି ସମଗ୍ର ଓଡ଼ିଶା ତଥା ଭାରତଖଣ୍ଡ ପର୍ଯ୍ୟଟନ କରି ରାସକୀର୍ତ୍ତନ ମାଧ୍ୟମରେ ଧର୍ମ ପ୍ରଚାର କରିଥିଲେ । ରାସଲୀଳାର ଭାଗବତୀୟ ଭୂମିକାକୁ ପରିହାର କରି ସର୍ବପ୍ରଥମେ ତାକୁ ଯୌଗିକ ଭିତ୍ତି ଉପରେ ସେ ପ୍ରତିଷ୍ଠା କଲେ ଏବଂ ସମାଜର ତଥାକଥିତ ବ୍ରାହ୍ମଣମାନଙ୍କ ଅଯଥା ପ୍ରତିପତ୍ତିକୁ ଅସ୍ୱୀକାର କରିବା ସଙ୍ଗେ ସଙ୍ଗେ

ଧର୍ମ ନାମରେ ବାହ୍ୟ ବ୍ୟଭିଚାରର ଘୋର ବିରୋଧ କରିଥିଲେ । ସେ ଦୀର୍ଘଜୀବୀ ଥିବାରୁ ସୂର୍ଯ୍ୟବଂଶର ଉତ୍‌ଥାନ ପତନ, ମୁକୁନ୍ଦଦେବଙ୍କ ମୃତ୍ୟୁ ଓ ମୁସଲମାନଙ୍କର ଅତ୍ୟାଚାର ପ୍ରଭୃତି ସ୍ୱଚକ୍ଷୁରେ ଦେଖିଥିଲେ । ତାଙ୍କର ବାରଜଣ ଶିଷ୍ୟ ମଧ୍ୟରୁ ପାଞ୍ଚଜଣ ଥିଲେ ଶ୍ରେଷ୍ଠ ଏବଂ ସେମାନଙ୍କ ମଧ୍ୟରେ ରାମଚନ୍ଦ୍ର ଥିଲେ ସର୍ବୋଠାରୁ ପ୍ରିୟତମ । ଓଡ଼ିଶା ସାହିତ୍ୟରେ ନାନା ଧରଣର ରଚନାରୀତି ବା ଆଙ୍ଗିକ ଆଦର୍ଶ ପ୍ରବର୍ତ୍ତନ କରିବାରେ ଅଚ୍ୟୁତାନନ୍ଦଙ୍କ ପ୍ରୟୋଗବାଦିତା ତଥା ନିପୁଣତା ପରିଦୃଷ୍ଟ ହୁଏ । ତାଙ୍କ ଗ୍ରନ୍ଥଗୁଡ଼ିକ ମଧ୍ୟରେ ହରିବଂଶ, ଗୋପାଳଙ୍କ ଓଗାଳ ଓ ଲଉଡ଼ି ଖେଳ, ବାରମାସୀଗୀତ, ଶୂନ୍ୟସଂହିତା, ଅଣାକାର ବ୍ରହ୍ମସଂହିତା, ମଣିବନ୍ଧ ଗୀତା, ଯୁଗାବ୍ଧି ଗୀତା, ବୀଜସାଗର ଗୀତା, ଅକାରବ୍ରହ୍ମଯନ୍ତ୍ର, ଅଭେଦ କବଚ, ଅଷ୍ଟ ଗୁଜ୍ଜରୀ, ନବଗୁଜ୍ଜରୀ, ଶରଣପଞ୍ଜର ସ୍ତୋତ୍ର, ବିପ୍ରଚାବକ, ମାନମହିମା ଏବଂ ବହୁ ଭଜନ, ପଟଳ, ରାସ, ଜଣାଣ, ଚଉତିଶା, ଟୀକା ଓ ମାଳିକା ଆଦି ପ୍ରଧାନ । ସେ ଜାତିସ୍ମର ଥିଲେ ଏବଂ ଲକ୍ଷାଧିକ ଗ୍ରନ୍ଥ (ପଦ-ପଦାବଳୀ ଅର୍ଥରେ ଗ୍ରହଣ କରାଯାଇପାରେ) ପ୍ରଣୟନ କରିଥିଲେ ବୋଲି ସୂଚନା ମିଳେ । ଜ୍ୟେଷ୍ଠଶୁକ୍ଳ ଏକାଦଶୀ ତିଥିରେ ନେମାଳ ଗାଦିଠାରେ ସେ ଯୋଗସମାଧିରେ ନିମଗ୍ନ ରହି ପୂର୍ଣ୍ଣିମା ଦିନ ଇଚ୍ଛା ମୃତ୍ୟୁ ବରଣ କରିଥିଲେ ।

## ଶିଶୁଅନନ୍ତ ଦାସ

ପୁରୀ ଜିଲାର ଭୁବନେଶ୍ୱର ନିକଟବର୍ତ୍ତୀ ବାଲିପାଟଣା ଗ୍ରାମରେ ଖ୍ରୀ.୧୪୮୮ରେ ପିତା କପିଳ ଓ ମାତା ଗୌରାଦେବୀଙ୍କ କୋଳମଣ୍ଡନ କରି ସୂର୍ଯ୍ୟବଂଶୀ ଶିଶୁଅନନ୍ତଙ୍କର ଆବିର୍ଭାବ ହୁଏ । ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତରୁ ଜଣାଯାଏ ଯେ ସେ କୋଣାର୍କରେ ଥିବା ସୂର୍ଯ୍ୟ ନାରାୟଣଙ୍କଠାରୁ ସ୍ୱପ୍ନାଦେଶ ପାଇ ଶ୍ରୀ ଚୈତନ୍ୟଙ୍କୁ ସାକ୍ଷାତ କରିଥିଲେ ଏବଂ ତାଙ୍କ ଆଦେଶରେ ନିତ୍ୟାନନ୍ଦଙ୍କଠାରୁ ଦୀକ୍ଷାପ୍ରାପ୍ତ ହୋଇଥିଲେ । ତାଙ୍କର ପ୍ରଧାନ ସାଧନାପୀଠ ହେଉଛି ଖଣ୍ଡଗିରି । ଏହି ଗିରିର ପାଦଦେଶରେ ଥିବା ଗାଦି ତପୋବନ ଆଶ୍ରମ ନାମରେ କଥିତ । କିମ୍ବଦନ୍ତୀ ଅନୁସାରେ ସେ ଯୋଗବଳରେ ମହାଲକ୍ଷ୍ମୀଙ୍କ କ୍ରୋଡ଼ରେ ଶିଶୁରୂପ ଧରି ବସୁଥିବାରୁ ଜଗନ୍ନାଥ ପ୍ରୀତ ହୋଇ ତାଙ୍କୁ 'ଶିଶୁଅନନ୍ତ' ବୋଲି ନାମିତ କରିଥିଲେ । ଅନ୍ୟ ଏକ ଜନଶ୍ରୁତି କହେ ଯେ ଜଗନ୍ନାଥ ଦାସ ଗଜପତି ପ୍ରତାପରୁଦ୍ରଙ୍କୁ ସ୍ତ୍ରୀ ଅଙ୍ଗ ପ୍ରଦର୍ଶନ କରାଇବା ବେଳେ ଅନନ୍ତ ତାଙ୍କ କୋଳରେ ବସି ଶିଶୁ ଭାବରେ ସ୍ତନ୍ୟପାନ କରିବାରୁ ସେହିଦିନଠାରୁ ଶିଶୁଅନନ୍ତ ରୂପେ ପରିଚିତ ହେଲେ । ଅଚ୍ୟୁତାନନ୍ଦଙ୍କ ଗୁରୁଭକ୍ତି ଗୀତା ଅନୁଯାୟୀ ଶିଶୁଅନନ୍ତଙ୍କର ରାମାନନ୍ଦ ସମ୍ପ୍ରଦାୟ, ତିଳକ, ଊର୍ଦ୍ଧ୍ୱପୁଣ୍ଡ୍ର, ମନ୍ତ୍ର ସୂର୍ଯ୍ୟ ଏକାକ୍ଷର ଏବଂ ଭଜନ ହରେ ରାମ କୃଷ୍ଣ । ଏହି ମହାପୁରୁଷଙ୍କ ପ୍ରତିଷ୍ଠିତ ଗାଦି ବାଲିପାଟଣାସ୍ଥିତ ଶିଶୁ ମଠରେ ଶ୍ରୀମୂର୍ତ୍ତିଦେବ ପତିତପାବନଙ୍କର ଏକ ବିଗ୍ରହ ଅଛି ଏବଂ ଶୁଣାଯାଏ ଯେ ସ୍ୱୟଂ ମହାରାଜା ଶ୍ରୀଜଗନ୍ନାଥଙ୍କ ଦ୍ୱାରା ସ୍ୱପ୍ନାବିଷ୍ଟ

ହୋଇ ସେହି ମୂର୍ତ୍ତିକୁ ଶିଶୁ ଅନନ୍ତଙ୍କୁ ପ୍ରଦାନ କରିଥିଲେ । ତାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ବାରଙ୍ଗ ଦାସ ଓ ହଂସଦାସ ଅନ୍ୟତମ । କଥିତ ଅଛି, ଗୁରୁଙ୍କର ଆଜ୍ଞାରେ ସିଦ୍ଧ ବାରଙ୍ଗ ଯୋଗସାଧନା କରି ପାଦୁକାମନ୍ତ୍ରରେ ସିଦ୍ଧି ଲାଭ କରିଥିଲେ । ତାଙ୍କ ଗ୍ରନ୍ଥ ମଧ୍ୟରୁ ହେତୁ ଉଦୟ ଭାଗବତ, ଭକ୍ତିମୁକ୍ତିଦାୟକ ଗୀତା, ଶିଶୁବେଦ ଟୀକା, ଶୂନ୍ୟନାମଭେଦ, ଅର୍ଥତାରେଣୀ, ଉଦେବାଖରା, ଠିକବାଖରା, ଏବଂ ବହୁ ଭଜନ, ଚଉତିଶା ଓ ମାଳିକା ଆଦି ପ୍ରଧାନ । ତାଙ୍କର ପ୍ରଧାନ ଗ୍ରନ୍ଥ 'ହେତୁ ଉଦୟ ଭାଗବତ'ରେ ଜଗନ୍ନାଥଙ୍କ ବୁଦ୍ଧତ୍ୱ, କାୟା ସାଧନା, ପିଣ୍ଡବ୍ରହ୍ମାଣ୍ଡତତ୍ତ୍ୱ, ଶରୀରରେ ଜଗନ୍ନାଥଙ୍କ ଅବସ୍ଥିତି ପ୍ରଭୃତିର ଉଲ୍ଲେଖ ସହିତ ରାଧାକୃଷ୍ଣଙ୍କୁ ଜୀବାତ୍ମା ଓ ପରମାତ୍ମା ରୂପରେ ପରିକଳ୍ପନା କରାଯାଇଅଛି । ସେ ବାସ୍ତବରେ ଥିଲେ ଉତ୍କଳୀୟ ବୈଷ୍ଣବ ଧର୍ମର ଜଣେ ଯଥାର୍ଥ ଅନୁଗାମୀ ଓ ପ୍ରବର୍ତ୍ତକ ।

## ଜଗନ୍ନାଥ ଦାସ

ପୁରୀ ଜିଲାର ଗଜପତି କପିଳେନ୍ଦ୍ରଦେବଙ୍କ ପ୍ରତିଷ୍ଠିତ କପିଳେଶ୍ୱରପୁର ଗ୍ରାମରେ ଖ୍ରୀ.୧୪୯୦ ବେଳକୁ ଭାଦ୍ର ଶୁକ୍ଳ ରାଧାଷ୍ଟମୀ ତିଥିରେ କୌଶିକ ଗୋତ୍ରୀୟ ପୁରାଣପଣ୍ଡା ଭଗବାନ ଦାସଙ୍କ ଔରସରୁ ପଦ୍ମାବତୀଙ୍କ ଗର୍ଭରେ ଆଜନ୍ମ ବ୍ରହ୍ମଚାରୀ ଓ ସଂସ୍କାର ସମ୍ପନ୍ନ ରାଧାଅଂଶୀ ଜଗନ୍ନାଥ ଦାସଙ୍କ ଆବିର୍ଭାବ ହୋଇଥିଲା । ସଂସ୍କୃତରେ ଅଗାଧ ବ୍ୟୁତ୍ପତ୍ତି ଲାଭ କରି ସେ ବେଦବେଦାନ୍ତ, ସ୍ମୃତି, କଳାପ, ଦର୍ଶନଶାସ୍ତ୍ର ପ୍ରଭୃତି ପାରାୟଣ କରିଥିଲେ ଏବଂ ଶ୍ରୀକ୍ଷେତ୍ରର କଳ୍ପବଟ ମୂଳରେ ଭାଗବତ ଚର୍ଚ୍ଚା କରୁଥିବା ସମୟରେ ଅଷ୍ଟାଦଶ ବର୍ଷରେ ଚୈତନ୍ୟଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ଶାସ୍ତ୍ର ଜ୍ଞାନ ଓ ଭକ୍ତିରେ ମୁଗ୍ଧ ହୋଇ ଶ୍ରୀଚୈତନ୍ୟ ତାଙ୍କୁ 'ଅତିବଡ଼' ଉପାଧିରେ ଭୂଷିତ କରିଥିଲେ ପରେ ଶ୍ରୀଚୈତନ୍ୟଙ୍କ ନିର୍ଦ୍ଦେଶକ୍ରମେ ସେ ବଳରାମ ଦାସଙ୍କଠାରୁ ଦୀକ୍ଷାମନ୍ତ୍ର ଗ୍ରହଣ କରିଥିଲେ । ତାଙ୍କ ଗ୍ରନ୍ଥମାନଙ୍କ ମଧ୍ୟରୁ ଓଡ଼ିଆ ଭାଗବତ ହିଁ ତାଙ୍କର ଅମର କୃତି । ଏତଦ୍‌ବ୍ୟତୀତ ସେ ଓଡ଼ିଆ ସଂସ୍କୃତରେ ବହୁ ଗ୍ରନ୍ଥ ଯଥା—ଷୋଳ ଚଉପଦୀ, ଚାରିଚଉପଦୀ, ତୁଳାଭିଣା, ଦାରୁବ୍ରହ୍ମ ଗୀତା, ଦୀକ୍ଷା ସମ୍ବାଦ, ଅର୍ଥକୋଇଲି, ମୃଗୁଣୀସ୍ତୁତି, ଗୁପ୍ତ ଭାଗବତ, ଅନାମୟ କୁଣ୍ଡଳୀ, ଗୋଲକ ସାରୋଦ୍ଧାର, ଭକ୍ତିଚନ୍ଦ୍ରିକା, କଳିମାଳିକା, ଇନ୍ଦ୍ରମାଳିକା, ନୀଳାଦ୍ରିବିଳାସ (ସଂ), ନିତ୍ୟଗୁପ୍ତ ଚିନ୍ତାମଣି (ସଂ) ଓ ଶ୍ରୀକୃଷ୍ଣ ଭକ୍ତିକଳ୍ପଲତା (ସଂ) ପ୍ରଭୃତି ରଚନା କରିଯାଇଛନ୍ତି । ଭାଗବତର ପ୍ରସାର ମୂଳରେ ଏହାର ସରଳ ଓ ସୁନିପୁଣ ଛନ୍ଦମାଧୁରୀ (ନବାକ୍ଷରୀବୃତ୍ତ) ସହିତ ଭାଷାର ସାବଲୀଳ ବର୍ଣ୍ଣନା (ତତ୍ସମ ଶବ୍ଦ ସହିତ ଦେଶଜ ଶବ୍ଦର ମଧୁର ସମନ୍ୱୟ) ଲକ୍ଷଣୀୟ । ସେ ଥିଲେ ନିର୍ଗୁଣଭକ୍ତି ବା ଜ୍ଞାନମିଶ୍ରା ଭକ୍ତିର ଉପାସକ । ତାଙ୍କ ମତରେ ନିଷ୍କାମ ମାର୍ଗରେ ଆତ୍ମଜ୍ଞାନପୂର୍ବକ ସର୍ବତ୍ର ପୁରୁଷୋତ୍ତମ ଭାବ ହେଉଛି ନିର୍ଗୁଣ ଭକ୍ତି । ସେହି ଭକ୍ତିର ମୂଳ ଆଧାର ହେଉଛି ଭାବ । ନୀଳାଚଳର ଶ୍ରୀଜଗନ୍ନାଥ ହିଁ ତାଙ୍କ ପାଇଁ ଥିଲେ ପରମାତ୍ମା, ପରଂବ୍ରହ୍ମ, ରାଧା ଓ କୃଷ୍ଣଙ୍କ ମିଳିତ ନିତ୍ୟରୂପ,

ନିରାକାର ଓ ଶୂନ୍ୟପୁରୁଷ । ପୁରୀର ସାତଲହଡ଼ିମଠ ଓ ଓଡ଼ିଆ ମଠରେ ପ୍ରତିଷ୍ଠା ତାଙ୍କର ଅନ୍ୟତମ କୀର୍ତ୍ତି । ଷାଠିଏ ବର୍ଷରେ ସେ ଦେହରକ୍ଷା କରିଥିଲେ (କାହାରି କାହାରି ମତରେ ଜଗନ୍ନାଥଙ୍କ ସହିତ ତାଙ୍କର ଆତ୍ମା ମିଳିତ ହୋଇଥିଲା) ବୋଲି ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତରେ ଉଲ୍ଲେଖ ଅଛି ।

## ବାଲିଗାଁ ଦାସ

ଭକ୍ତକବି ବାଲିଗାଁ ଦାସ ଶ୍ରୀକ୍ଷେତ୍ରର ଅଦୂରସ୍ଥ ସାତଶଙ୍ଖ ନିକଟବର୍ତ୍ତୀ ବାଲିଗାଁ ଗ୍ରାମରେ ଷୋଡ଼ଶ ଶତାବ୍ଦୀର ଅନ୍ତିମ ପାଦରେ ଜନ୍ମ ଗ୍ରହଣ କରିଥିଲେ । ସେ ଜାତିରେ ଥିଲେ ଖନ୍ଦାଳ (ବାଉରୀ ଶ୍ରେଣୀୟ) ଏବଂ କୃଷି କାର୍ଯ୍ୟ କରି ତଥା ଲୁଗାବୁଣି ଜୀବିକାର୍ଜ୍ଜନ କରିବା ଥିଲା ତାଙ୍କର ଦୈନନ୍ଦିନ କାର୍ଯ୍ୟ । ଗ୍ରନ୍ଥବର୍ଣ୍ଣିତ ବିବରଣୀରୁ ପ୍ରମାଣ ମିଳେ ଯେ ପଞ୍ଚସଖାମାନଙ୍କ ସହିତ ଦାସିଆର ସାକ୍ଷାତ ହୋଇଥିଲା ଏବଂ ସେମାନେ ତାର ଭକ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ଜଗନ୍ନାଥ ଦାସ ଗୁରୁରୂପେ ଦାସିଆକୁ ପ୍ରେମରୂପୀ ଭକ୍ତିତତ୍ତ୍ୱ ଶିକ୍ଷା ଦେଇ ଏକାକ୍ଷର ମନ୍ତ୍ର ଜପ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କଥିତ ଅଛି, ଶ୍ରୀଗୁଣ୍ଡିଚା ଯାତ୍ରା ଦେଖି ଫେରିବା ପରେ ଦାସିଆ ତାର ସ୍ତ୍ରୀଠାରୁ ଶାଗ ମିଶା ଜାଉ ଖାଇବାକୁ ଯାଇ ସେଥିରେ ଜଗନ୍ନାଥଙ୍କର ପ୍ରତିବିମ୍ବ ଲକ୍ଷ୍ୟକରି ଭକ୍ତି ଭାବରେ ବିହ୍ୱଳ ହୋଇଯାଇଥିଲେ । ଲୋକେ ଏହି ଘଟଣା ଦେଖି ତାଙ୍କୁ ପାଗଳ ବୋଲି ଭାବିଲେ ମାତ୍ର ସେ ଧ୍ୟାନରେ ଅଟଳ ରହିବାରୁ ଭଗବାନ ତାଙ୍କ କୁଟୀରକୁ ଆସି ଦର୍ଶନ ଦେଇଥିଲେ । ସେହିପରି ଦାସିଆ ପ୍ରେରିତ ନଡ଼ିଆକୁ ଜଗନ୍ନାଥ ସ୍ୱହସ୍ତ ପ୍ରସାରି ଗ୍ରହଣ କରିବା ଏବଂ ଜଗନ୍ନାଥଙ୍କ ଭୋଗ ପାଇଁ ଉଦ୍ଦିଷ୍ଟ ଆମ୍ବଗୁଡ଼ିକ ଛାଏଁ ଛାଏଁ ଉଭେଇଯିବା ପ୍ରଭୃତି ଉପାଖ୍ୟାନରୁ ଏକ ନିଷ୍କପଟ ଭକ୍ତି ଭାବନାର ପରିଚୟ ମିଳିଥାଏ । ଏଯାବତ ମିଳିଥିବା ତାଙ୍କର ଦୁଇଟି ଗ୍ରନ୍ଥ 'ଆଗତ ଭବିଷ୍ୟ' ଓ 'ଭକ୍ତିମାଳିକା'ରେ ପ୍ରତାପରୁଦ୍ରଙ୍କ ସ୍ୱପ୍ନାଦେଶ ସମ୍ପର୍କରେ ବର୍ଣ୍ଣନା ତଥା ବହୁ ପ୍ରାଚୀନ ଶବ୍ଦ ଯଥା—ସୋହଦ୍ରା, ହାକ, ଶୁଣିମା, ଯୁଜେଷ୍ଟି, ରାଜୁତ, ସରିକ୍ଷ, ମେଳକ୍ଷ, ମୁଗୁଲ, ବିଟାଳ, ଦବନ, ତରିଜା, ଅଭ୍ୟାନ ପ୍ରଭୃତିର ପ୍ରୟୋଗ ହେତୁ ସେ ନିର୍ବିବାଦରେ ପଞ୍ଚସଖାଙ୍କ ସମକାଳୀନ ବୋଲି ଗ୍ରହଣ କରାଯାଇପାରେ । ସାକାର ମାଧ୍ୟମରେ ନିରାକାର ଉପାସନାକୁ ସେ ଗୁରୁତ୍ୱ ଦେଇଛନ୍ତି । ଶୁଣାଯାଏ ସନ୍ତାନ ବିହୀନ ହୋଇ ପତ୍ନୀ ସହିତ ସେ ଦୁଃଖରେ କାଳାତିପାତ କରିଥିଲେ । ଅଧୁନା ବାଲି ଗ୍ରାମ ମେଳଣ ପଡ଼ିଆରେ ଭକ୍ତ ଦାସିଆଙ୍କର ଗୋଟିଏ ସମାଧୀପୀଠ ବିଦ୍ୟମାନ ।

## ସାଲବେଗ

ଜାହାଙ୍ଗୀରଙ୍କ ଦ୍ୱାରା ୧୬୦୭ଖ୍ରୀ.ରେ ବଙ୍ଗ ସୁବାଦାର ରୂପେ ଅଧିଷ୍ଠିତ ଜାହାଙ୍ଗୀର କୁଲି ଖାଁ (ଲାଲବେଗ) କଟକଠାରେ ଶିବିର ସ୍ଥାପନ କରି (ପରେ ସେହି ଶିବିର

ଲାଲବେଗ କୋଠି ରୂପେ ନାମିତ ହେଲା) । ଏକଦା ପୁରୀ ଆକ୍ରମଣ କରିବା ସମୟରେ ଦାଣ୍ଡମୁକୁନ୍ଦପୁରରୁ ଏକ ବିଧବା ବ୍ରାହ୍ମଣୀକୁ ବଳପୂର୍ବକ ହରଣ କରି ନେଇଥିଲେ । ତାଙ୍କରି ଗର୍ଭରୁ ୧୬୦୮ଖ୍ରୀ.ରେ ପରମଭକ୍ତ କବି ସାଲବେଗଙ୍କ ଉତ୍ପତ୍ତି । ସେ ଯବନ ହେଲେ ହେଁ ଓଡ଼ିଆ ବୈଷ୍ଣବ କବିମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ । ରଚନାର ସଂଖ୍ୟା ଦୃଷ୍ଟିରୁ ସ୍ୱଳ୍ପ ଲେଖିଥିଲେ ମଧ୍ୟ ମଧୁର ଭକ୍ତିପୂର୍ଣ୍ଣ ଭଜନ ରଚନାରେ ସେ ଯେଉଁ କୃତିତ୍ୱ ପ୍ରଦର୍ଶନ କରିଛନ୍ତି ତାର ପଟାନ୍ତର ନାହିଁ । ଶୁଣାଯାଏ ସେ ଯୌବନରେ କୁଷ୍ଠ ବ୍ୟାଧିଗ୍ରସ୍ତ ଥିଲେ ଏବଂ ଜଗନ୍ନାଥଙ୍କ ବିଗ୍ରହକୁ ସ୍ପର୍ଶ କରି ରୋଗମୁକ୍ତ ହେବାରୁ ତାଙ୍କ ଧର୍ମଜୀବନର ସୂତ୍ରପାତ ହେଲା । ଜଗନ୍ନାଥଙ୍କ ଭକ୍ତିନୈବେଦ୍ୟ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ତାଙ୍କର ଭଜନଗୁଡ଼ିକୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇପାରେ । ଯଥା— ଶ୍ରୀକୃଷ୍ଣ ଲୀଳା ବିଷୟକ ଭଜନାବଳୀ, ଶ୍ରୀଜଗନ୍ନାଥ ଭଜନାବଳୀ, ବ୍ରହ୍ମଜ୍ଞାନ ସମ୍ପର୍କୀୟ ଭଜନାବଳୀ ଏବଂ ଦେବୀ ଭଜନ ଓ ଅନ୍ୟାନ୍ୟ ଭଜନ । ଗୌଡ଼ୀୟ ବୈଷ୍ଣବ ଗ୍ରନ୍ଥରେ ସାଲବେଗଙ୍କୁ ଶ୍ରୀ ଶ୍ୟାମାନନ୍ଦଙ୍କ ଶିଷ୍ୟ କୁହାଯାଉଥିବା ସ୍ଥଳେ 'ଚୌରାଶୀଆଜ୍ଞା'ରେ ସେ ଯଶୋବନ୍ତ ଦାସଙ୍କ ଶିଷ୍ୟ ରୂପେ ବର୍ଣ୍ଣିତ । ସେ ଏକାଧାରରେ ଜଣେ ଗଣକବି, ଆଦର୍ଶ ଭକ୍ତ ଓ ସଂସ୍କାରଧର୍ମୀ ମହାପୁରୁଷ । ପୁରୀରେ ଥିବା ରାମାନନ୍ଦ ସମ୍ପ୍ରଦାୟର 'ବଳଗଣ୍ଡିଛତାମଠ' ନିକଟରେ ସାଲବେଗଙ୍କ ସମାଧି ବିଦ୍ୟମାନ ।

## ଦୀନକୃଷ୍ଣ ଦାସ

ଗଜପତି ପ୍ରଥମ ଦିବ୍ୟସିଂହଦେବ (୧୬୮୯-୧୭୧୫)ଙ୍କ ସମୟରେ (ଆନୁମାନିକ ୧୬୭୦ଖ୍ରୀ.) ସେ ଜୀବିତ ଥିବା ଅନୁମାନ କରାଯାଏ । ବାଲେଶ୍ୱର ଜିଲା ଅନ୍ତର୍ଗତ ସୁବର୍ଣ୍ଣରେଖା ତୀରବର୍ତ୍ତୀ ଜଳେଶ୍ୱର ଗ୍ରାମରେ ରାଜପୁତ ବଂଶରେ କବି ମଧୁସୂଦନଙ୍କ ଜ୍ୟେଷ୍ଠ ଶିଷ୍ୟ (ପୁତ୍ର) ରୂପେ ଜନ୍ମଲାଭ କରିବା ପ୍ରସଙ୍ଗ ତାଙ୍କ ଗ୍ରନ୍ଥରେ ସୂଚାଇଛନ୍ତି । ଜନ୍ମର କିଛିବର୍ଷ ପରେ ଗୃହତ୍ୟାଗୀ ହୋଇ ଭୀମନଗରୀ ଦଣ୍ଡପାଟ ବା ଆଧୁନିକ ଢେଙ୍କାନାଳ ଜିଲ୍ଲାରେ ପ୍ରବେଶ କରି ବ୍ରାହ୍ମଣୀ ନଦୀ କୂଳରେ ଥିବା ଏକଘରିଆ ଗ୍ରାମର କନକେଶ୍ୱର ମହାଦେବଙ୍କ ନିକଟରେ ଅବସ୍ଥାନ କରିଥିଲେ । ସେଠାରେ ଅବସ୍ଥାନ କରିଥିବା ସମୟରେ ଭୀମନଗରୀ ଅଧିପତି ଶ୍ରୀ ବଳରାମ ସାମନ୍ତସିଂହାରଙ୍କ ଆଶ୍ରୟପ୍ରାପ୍ତ ହୋଇ ବାଣୀ ଆରାଧନାରେ ନିଜକୁ ନିଯୁକ୍ତ କଲେ । ରସବିନୋଦ, ମଧୁମଙ୍ଗଳ, ଜଗମୋହନ ଛାନ୍ଦ, ନାମରତ୍ନ ଗୀତା, ପ୍ରସ୍ତାବସିନ୍ଧୁ, ଗୁଣ ସାଗର ପ୍ରଭୃତି ଏହି କବିଙ୍କର କୃତି । ସମ୍ପୃକ୍ତ ମାଳିକା ଦୁଇଟିରେ ମୋଗଲ ଆକ୍ରମଣଜନିତ ଓଡ଼ିଶାର ସମସାମୟିକ ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଥାଏ ।

## ଶିଖର ଦାସ

ଅଜ୍ଞାତ । ଆନୁମାନିକ ସପ୍ତଦଶ ଶତାବ୍ଦୀର ଶେଷ ପାଦରେ ସେ ଜୀବିତ

ଥିଲେ । ମାଳିକା ଓ ତତ୍ତ୍ୱାଶ୍ରୟୀ ବର୍ଣ୍ଣନା ତାଙ୍କ ରଚନାର ମୁଖ୍ୟ ଉପଜୀବ୍ୟ । ପାଣ୍ଡବ ଗୀତା ଓ ନୀଳ ସୁନ୍ଦର ଗୀତା ତାଙ୍କର ଉଲ୍ଲେଖଯୋଗ୍ୟ କୃତି ।

## ବ୍ୟାସମୁନି

ମହର୍ଷି ବ୍ୟାସଦେବ ବହୁ ପୁରାଣର ରଚୟିତା । ସେହି ପରମ୍ପରାର ଅନୁସରଣରେ ଏହି ସନ୍ଥକବି 'ଭବିଷ୍ୟପୁରାଣ' ରଚନା କରି ନିଜର ନାମ 'ମହାମୁନି ବ୍ୟାସ' ରଖିଅଛନ୍ତି । ସେ ପ୍ରଦ୍ୟୁମ୍ନଙ୍କ ଶିଷ୍ୟ ଥିବା ବିଷୟ ଗ୍ରନ୍ଥରୁ ସୂଚିତ ହୁଏ । ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଏହି ସନ୍ଥକବି ଜୀବିତ ଥିବା ସମ୍ଭବପର ।

## ଶିଶୁଦାସ

ଓଡ଼ିଆ ସାହିତ୍ୟରେ ଶିଶୁଅନନ୍ତଙ୍କ ଅନୁସରଣରେ ଯେଉଁ ଶିଶୁ ସମ୍ପ୍ରଦାୟ ଗଢ଼ି ଉଠିଥିଲା, ତାର ଫଳ ସ୍ୱରୂପ ବହୁ କବି ନିଜ ନିଜକୁ ଶିଶୁ ଉପାଧିରେ ଭୂଷିତ କରିଥିଲେ । ଶିଶୁ ଶଙ୍କର, ଶିଶୁବନମାଳୀ ଦାସ, ଶିଶୁ ଦାମ ଦାସ, ଶିଶୁ ଅର୍ଜ୍ଜୁନ ଦାସ ଏବଂ ଶିଶୁ ପ୍ରତାପରାୟ ପ୍ରମୁଖ ଏହି ସମ୍ପ୍ରଦାୟର ଅର୍ନ୍ତଭୁକ୍ତ । ସେହି ଶିଶୁ ଗୋଷ୍ଠୀ ମଧ୍ୟରୁ ଶିଶୁଦାସଙ୍କ 'କଳ୍କି ଭାଗବତ' ଏକ ଭବିଷ୍ୟତ ସମ୍ପର୍କୀୟ ରଚନା । ତାଙ୍କ ସମୟ ସମ୍ପର୍କରେ ଓଡ଼ିଆ ସାହିତ୍ୟର ଇତିହାସ ନୀରବ ହେଲେ ହେଁ ସେ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧ ଅଥବା ଅଷ୍ଟାଦଶ ଶତାବ୍ଦୀର ପ୍ରାକ୍ କାଳରେ ବଞ୍ଚିଥିବା ବିଶ୍ୱାସଯୋଗ୍ୟ ।

## ବାଇକୃଷ୍ଣ ଦାସ

ବହୁ ପ୍ରାଚୀନ କବି ନ୍ୟୁନତା ଦର୍ଶାଇବାକୁ ଯାଇ ସ୍ୱ ସ୍ୱ ନାମ ସହିତ ବାଇ, ମୂଢ଼, ଦୀନ, ମୂର୍ଖ ଶବ୍ଦ ବ୍ୟବହାର କରିଅଛନ୍ତି । ତେଣୁ କୃଷ୍ଣ ଦାସ ନାମଧେୟ କବି ନିଜର ବିନୟୋକ୍ତି ପାଇଁ ବାଇ କୃଷ୍ଣ ଦାସ ବୋଲି ନିଜକୁ ଉଲ୍ଲେଖ କରିଥିବା କିଛି ବିଚିତ୍ର ନୁହେଁ । ରଚନା ଦୃଷ୍ଟିରୁ ବିଚାର କଲେ ଏହା ଅଷ୍ଟାଦଶ ଶତକର ଶେଷ ପାଦର ଲେଖା ରୂପେ ପ୍ରତୀୟମାନ ହୁଏ ।

## ନିରାକାର ଦାସ

କେହି କେହି ଭ୍ରମବଶତଃ ଏହାଙ୍କ ଲେଖାକୁ ଅଚ୍ୟୁତଙ୍କ ରଚନା ରୂପେ ଗ୍ରହଣ କରିଥାନ୍ତି । କିନ୍ତୁ ଯଥାର୍ଥ ବିଚାରରେ ଏହା ସନ୍ଥକବି ଅଚ୍ୟୁତଙ୍କ ବହୁ ପରବର୍ତ୍ତୀ ଏବଂ ଏହାଙ୍କ ସମୟ ଆନୁମାନିକ ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧ ।

## ହାଡ଼ିଦାସ

କଟକ ଜିଲ୍ଲାର ଯାଜପୁର ସବ୍‌ଡ଼ିଭିଜନ ଅନ୍ତର୍ଗତ ଛତିଆର ଅଦୂରବର୍ତ୍ତୀ ଚମ୍ପାପୁର ଗ୍ରାମରେ ୧୭୭୨ଖ୍ରୀ.ରେ ପବିତ୍ର ମକର ସଂକ୍ରାନ୍ତି ଦିନ ହାଡ଼ିଦାସ କମାର କୁଳରେ ଜନ୍ମଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ ଚେମେଇ ଓଝା ଓ ମାତାଙ୍କର ନାମ ଦେବକୀ । ବାଲ୍ୟକାଳରେ ସାମାନ୍ୟ ଅକ୍ଷର ପରିଚୟ ବ୍ୟତୀତ ସେ ବିଶେଷ କିଛି ଶିକ୍ଷାଲାଭ କରି ନ ଥିଲେ । ଈଶ୍ୱରଙ୍କ ଆଶୀର୍ବାଦରୁ ତାଙ୍କର କବିତ୍ୱ ଶକ୍ତିର ବିକାଶ ଘଟିଥିଲା । ମଣ୍ଡରାମ ନାମକ ଜଣେ ପଶ୍ଚିମା ସାଧୁ ତାଙ୍କୁ ଦୀକ୍ଷା ଦେଇଥିଲେ । ଜୀବିକାର୍ଜନରେ ଅସୁବିଧା ଉପୁଜିବାରୁ ସେ ଜନ୍ମସ୍ଥାନ ଛାଡ଼ି ଛତିଆକୁ ପଳାଇ ଆସିଥିଲେ ଏବଂ ସେଠାରେ ଏକ ପାହାଡ଼ ଉପରେ ଥିବା ବଟବୃକ୍ଷ ମୂଳରେ ରହି ସାଧନ ଭଜନରେ ନିମଗ୍ନ ରହିଲେ । ସେ ଥିଲେ ଗୃହୀ ବୈଷ୍ଣବ ଏବଂ ଏକବିଂଶ ବର୍ଷରେ ଚମ୍ପାପୁରସ୍ଥ ଦାମୋଦର ମହାରଣାଙ୍କ କନ୍ୟା ପଦ୍ମାବତୀଙ୍କୁ ବିବାହ କରିଥିଲେ । ଉତ୍କଟ ଦାରିଦ୍ର୍ୟ ଓ ନିପୀଡ଼ନ ହିଁ ତାଙ୍କର ଚିର ସହଚର ଥିଲା । ନିଜ ସାଧନା ବଳରେ ସେ ମାତାଙ୍କୁ ଛତିଆରେ ଜଗନ୍ନାଥ ଦର୍ଶନ କରାଇଥିଲେ ଏବଂ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ବିଭିନ୍ନ ପାଟକର ଲୋକଙ୍କୁ ଶିଷ୍ୟରୂପେ ଗ୍ରହଣ କରିଥିଲେ । ଦର୍ପଣୀର ତତ୍‌କାଳୀନ ଯବନ ରାଜା ଗୁଲ୍‌ଜାର ହୋସେନ କବିଙ୍କ ଅଲୌକିକ ଶକ୍ତିର ପରିଚୟ ପାଇ ତାଙ୍କୁ ଅଧୁନା ଛତିଆବଟ ସ୍ଥାନଟି ଉତ୍ସର୍ଗ କରିଥିଲେ । ସେ ଲେଖିଯାଇଥିବା ଗ୍ରନ୍ଥଗୁଡ଼ିକ ମଧ୍ୟରୁ ଭାବନାବର, ଲକ୍ଷ୍ମୀଧର ବିଳାସ. କ୍ଷେତ୍ରମାହାତ୍ମ୍ୟ, ନୀଳମାଧବ ଗୀତା, ଗୃହସମ, ଶଙ୍ଖନାଭି, ବ୍ୟାସବିକ୍ଷେ ଏବଂ ବହୁ ଭଜନ, ଜଣାଣ, ଚଉତିଶା ଓ ମାଳିକା ଆଦି ପ୍ରଧାନ । ଓଡ଼ିଶାର ପୁରପଲ୍ଲୀରେ ହାଡ଼ିଦାସଙ୍କ ମାଳିକା ଖୁବ୍ ଲୋକପ୍ରିୟ । ସେ ପଞ୍ଚସଖାଙ୍କ ଅନୁଗାମୀ ଥାଇ ଜ୍ଞାନମିଶ୍ରା ଭକ୍ତିର ବିଳାସୀ ଥିଲେ ଏବଂ ଉତ୍କଳର ସନାତନ ଧର୍ମ ପରମ୍ପରା ପ୍ରତି ତାଙ୍କର ଅତୁଟ ବିଶ୍ୱାସ ଥିଲା । କବି ଜାତିସ୍ମର ଥିଲେ ଏବଂ ବହୁ ଜନ୍ମ ପୂର୍ବରୁ ସେ ଅଚ୍ୟୁତ ଥିଲେ ବୋଲି ବର୍ଣ୍ଣନା କରିଯାଇଛନ୍ତି । ମାର୍ଗଶୀର ମାସ ତ୍ରୟୋଦଶୀ ତିଥିରେ ଏହି ମହାପୁରୁଷ ଛତିଆ ବଟରେ ଯୋଗ ଧ୍ୟାନରେ ନିବିଷ୍ଟ ରହି ପୂର୍ଣ୍ଣିମା ଦିନ ଇଚ୍ଛାମୃତ୍ୟୁ ବରଣ କରିଥିଲେ ।

## ଭୀମଭୋଇ

ଓଡ଼ିଆ ସାହିତ୍ୟର ଆଦିବାସୀ କବି ରୂପେ ଭୀମଭୋଇ କେବଳ ପ୍ରତିଷ୍ଠିତ ନୁହଁନ୍ତି, ପରନ୍ତୁ ଜନୈକ ଧର୍ମନେତା ତଥା ସମାଜ ସଂସ୍କାରଲିପ୍ସୁ ଭାବରେ ସେ ସମସ୍ତଙ୍କ ନିକଟରେ ସୁପରିଚିତ । ୧୮୫୫ଖ୍ରୀ.ରେ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ନିକଟବର୍ତ୍ତୀ ଅଞ୍ଚଳରେ ଭୀମଭୋଇଙ୍କର ଜନ୍ମ । କାହାରି ମତରେ ଆଦ୍ୟରୁ ଏବଂ ଅନ୍ୟ କାହା ମତରେ ଯୌବନରେ ଭୀମ ଦୃଷ୍ଟି ଶକ୍ତି ହରାଇଥିଲେ । ତାଙ୍କ ଜୀବନରେ ଶିକ୍ଷାଲାଭ କରିବାର

ବିଶେଷ ସୁଯୋଗ ଆଦୌ ମିଳି ନ ଥିଲା । ଅତି ଦୁଃଖ କଷ୍ଟରେ ବଣରେ ଗାଈ ଚରାଇ ସେ ପେଟ ପୋଷୁଥିଲେ । ପୂର୍ବ ସୁକୃତ ବଳରୁ ମହିମା ଗୋସାଇଁଙ୍କ ସଂସ୍ପର୍ଶରେ ଆସି ତାଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ ଏବଂ ଦୀକ୍ଷା ନେବାପରେ ଏକାଗ୍ର ଚିତ୍ତରେ ଆତ୍ମସାଧନାରେ ନିବିଷ୍ଟ ରହିଲେ । କିଛି କାଳ ପରେ ଜ୍ଞାନଲାଭ କରି ସେ ଅଲେଖ ଧର୍ମରେ ସିଦ୍ଧି ଅର୍ଜନ କରିବା ସଙ୍ଗେ ସଙ୍ଗେ ବହୁ ଶିଷ୍ୟଙ୍କୁ ଦୀକ୍ଷା ଦେଇ ଓ ବିଭିନ୍ନ ଗ୍ରନ୍ଥ ରଚନା କରି ଧର୍ମର ପ୍ରଚାର ପ୍ରସାର ଦିଗରେ ମନ ବଳାଇଲେ । ସ୍ତୁତି ଚିନ୍ତାମଣି, ବ୍ରହ୍ମ ନିରୂପଣ ଗୀତା, ଶ୍ରୁତି ନିଷେଧ ଗୀତା, ଚଉତିଶା, ଭଜନ ଓ ମାଳିକା ଆଦି ପ୍ରଣୟନ କରି ସେ ଐଶୀ କୃପାର ଅମ୍ଳାନ ନିଦର୍ଶନ ଦେଖାଇ ଯାଇଛନ୍ତି । ଜଟିଳ ତତ୍ତ୍ୱକୁ ସରଳ ତଥା ସାବଲୀଳ ଭାବରେ ପ୍ରକାଶ କରିବାର ଅପୂର୍ବ ଶୈଳୀ ତାଙ୍କୁ ବେଶ୍ ଜନପ୍ରିୟ କରିଅଛି ।

## ଆର୍ତ୍ତ ଦାସ

ସାଧକ, ଭକ୍ତ ଓ ଧର୍ମ ପ୍ରଚାରକ ସନ୍ଥକବି ଆର୍ତ୍ତଦାସ ପୁରୀ ଜିଲ୍ଲାର ପଡ଼ାଗୁଆଡିରା ଗ୍ରାମରେ ଅଷ୍ଟାଦଶ ଶତକର ଶେଷପାଦରେ ଜନ୍ମ ଗ୍ରହଣ କରିଥିଲେ । କୃଷି କର୍ମ ହିଁ ତାଙ୍କ ଜୀବିକାର୍ଜନର ଏକମାତ୍ର ଉପାୟ ଥିଲା । କୈଶୋରାବସ୍ଥାରୁ ତାଙ୍କଠାରେ ଅଲୌକିକ ଶକ୍ତିର ଲକ୍ଷଣ ପ୍ରକାଶ ପାଇଥିଲା । ଜନଶ୍ରୁତି ଅନୁସାରେ ସେ ପାଣି ବୁହାଇବା ବେଳେ, ବିଲରେ ହଳ କରିବା ସମୟରେ ମେଘ ତାଙ୍କ ଉପରେ ଛାଇ ଢାଙ୍କି ଦେଉଥିଲା । ସେ ପଞ୍ଚତ୍ରିଂଶ ବର୍ଷରେ ସନ୍ନ୍ୟାସୀ ହୋଇ ଦିସରପୁର ଗ୍ରାମରେ ଏକ ଗାଦି ସ୍ଥାପନ କରି ବସବାସ କଲେ । କ୍ରମେ ତାଙ୍କ ଦ୍ୱାରା ଦାମଦେଇପୁର, ଅଣ୍ଡରା, ବିଜିପୁର ଏହିଭଳି ବିଭିନ୍ନ ସ୍ଥାନରେ ୭୫୨ଗୋଟି ଗାଦି ନିର୍ମିତ ହୋଇଥିଲା । ଆର୍ତ୍ତ ଦାସଙ୍କ ସମୟରୁ ଗାଦିବ୍ରହ୍ମ ଶବ୍ଦଟି ଓଡ଼ିଶାରେ ସୁପ୍ରଚଳିତ ହୋଇଅଛି । ଏକଦା ସ୍ୱପ୍ନାବିଷ୍ଟ ହୋଇ ସେ ଡେଲାଙ୍ଗ ନିକଟବର୍ତ୍ତୀ ବେନୁପଡ଼ା ଗ୍ରାମକୁ ଯାତ୍ରା କଲେ ଏବଂ ସେଠାରେ ବାଇଦାସଙ୍କୁ ଗୁରୁ ରୂପେ ଗ୍ରହଣ କରି ଅବସ୍ଥାନ କରିବାକୁ ଲାଗିଲେ । ଆର୍ତ୍ତଦାସ ଥିଲେ ବଚନସିଦ୍ଧ, ସୁତରାଂ ବହୁ ଲୋକଙ୍କୁ ରୋଗ ଓ ଦୁଃଖ ଯନ୍ତ୍ରଣାରୁ ସେ ଉଦ୍ଧାର କରିପାରୁଥିଲେ । ଉତ୍କଳୀୟ ଭାବରେ ତାଙ୍କର ପ୍ରଚୁର ସ୍ୱାଭିମାନ ଥିଲା । ବହୁ ଭଜନ ଓ ମାଳିକାରେ ସେ ନିଜକୁ ଓଡ଼ିଆ କୁମାର ରୂପେ ଅଭିହିତ କରି ଯାଇଛନ୍ତି । ସେ ଥିଲେ ଯଥାର୍ଥରେ ଜଣେ ଉତ୍କଳୀୟ ବୈଷ୍ଣବ । ଅନୁଭୂତି ପ୍ରବଣ ଅନ୍ତରର ଭାବକୁ ସେ ସ୍ୱଚ୍ଛ ତଥା ନିରାଡ଼ମ୍ବର ଶୈଳୀରେ କବିତା ମାଧ୍ୟମରେ ପ୍ରକାଶ କରିଯାଇଛନ୍ତି । ବାହୁଡ଼ା ଏକାଦଶୀ ଦିନ ସଜ୍ଞାନରେ ନାମ ଜପୁ ଜପୁ ସେ ବେନୁପଡ଼ା ମଠରେ ସମାଧିସ୍ଥ ହୋଇଥିଲେ । ଟୋପି ଓ ବାଡ଼ି ହେଉଛି ଏହି ମଠର ମହନ୍ତଙ୍କ ସନ୍ତକ । ଏମାନେ ନିଜକୁ ବ୍ରହ୍ମ ସମ୍ପ୍ରଦାୟ, ଅଚ୍ୟୁତଗୋତ୍ରୀ ଓ ଅନନ୍ତ ଶାଖା ଅନ୍ତର୍ଭୁକ୍ତ ବୋଲି ପ୍ରକାଶ କରିଥାନ୍ତି ।

## ଅଭିରାମ ପରମହଂସ

୧୯୦୪ଖ୍ରୀ.ରେ ମାଘମାସର ତ୍ରିବେଣୀ ଅମାବାସ୍ୟା ଦିନ ଏହି ସନ୍ଥକବି ସତ୍ୟବାଦୀ ପଟ୍ଟନାୟକଙ୍କ ଔରସରେ ରାଧାଦେବୀଙ୍କ ଗର୍ଭରୁ ପୁରୀ ଜିଲ୍ଲାର କରମଳା ଗ୍ରାମରେ ଭୂମିଷ୍ଠ ହୋଇଥିଲେ । କିଛିଦିନ ପାଇଁ ପଡ଼ୋଶୀ ଅର୍ଜ୍ଜୁନ ଓ ତାଙ୍କ ସ୍ତ୍ରୀ ସୁବ୍ରତା ଅଭିରାମଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ ହେଁ ସେମାନଙ୍କର ଦେହାନ୍ତ ହୋଇଯିବା ପରେ ସେ ପୁଣି ନିଜ ପିତାମାତାଙ୍କ ପାଖକୁ ଫେରି ଆସିଥିଲେ । ବାଲ୍ୟକାଳରୁ ସେ ଥିଲେ ଅଧ୍ୟାତ୍ମବାଦୀ ଓ ସାଧୁସଙ୍ଗ ପ୍ରିୟ । ଅନେକ ସମୟରେ ସେ ଶୂନ୍ୟ ସମାଧିସ୍ଥ ହେଉଥିବା ଲକ୍ଷ୍ୟ କରି ତାଙ୍କର ପିତାମାତା ଭୀତ ଓ ଚକିତ ହେଉଥିଲେ । ଚିଲିକା ନିକଟସ୍ଥ ବ୍ରହ୍ମଗିରିର ପାଣ୍ଡବାଧ୍ୟୁଷିତ ଖାଣ୍ଡବ ବନ ଥିଲା ଅଭିରାମଙ୍କ ତପସ୍ୟାସ୍ଥଳୀ । ୧୯୨୩ଖ୍ରୀ.ରେ ଖାଣ୍ଡବ ବନରେ ତାଙ୍କର ଭାବ ସମାଧି ହେବା ପରେ ଦେବୀ ପୂର୍ଣ୍ଣମାସୀ ତାଙ୍କୁ ଦର୍ଶନ ଦେଇ ଗୁରୁଭାବେ ଏକାକ୍ଷର ମନ୍ତ୍ର ପ୍ରଚାର ପାଇଁ ନିର୍ଦ୍ଦେଶ ଦେଲେ । ସନାତନ ଧର୍ମପ୍ରଚାର ଉଦ୍ଦେଶ୍ୟରେ ସେ କିଛିକାଳ ଅତିବାହିତ କରି କରମଳା ଠାରେ ଶାନ୍ତି ଆନନ୍ଦାଶ୍ରମ ନିର୍ମାଣ ପୂର୍ବକ ବାସ କରିବାକୁ ଲାଗିଲେ । ଏହି ସମୟରେ ୧୯୩୪ଖ୍ରୀ.ରେ ତାଙ୍କର ପ୍ରସିଦ୍ଧ 'କଳି ଭାଗବତ' ଗ୍ରନ୍ଥ ରଚିତ ହୋଇଥିଲା । ୩୦-୪-୧୯୪୩ରେ ମାନ୍ଦ୍ରାଜ ସରକାର ଏ ଗ୍ରନ୍ଥକୁ ରାଜଦ୍ରୋହ ଅପରାଧରେ ନିଷିଦ୍ଧ କରିବା ସଙ୍ଗେ ସଙ୍ଗେ ଅଭିରାମଙ୍କୁ ଏକବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଲେ । ପଣ୍ଡିତ ନୀଳକଣ୍ଠ ଦାସ ଏବଂ ତତ୍କାଳୀନ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରଫେସର ପଣ୍ଡିତ ବିନାୟକ ମିଶ୍ର ଏହି ରାଜଦ୍ରୋହ ମକଦ୍ଦମାରେ ସାକ୍ଷ୍ୟ ଦେବାକୁ ଆସି ଗ୍ରନ୍ଥବର୍ଣ୍ଣିତ ବିବରଣୀଗୁଡ଼ିକର ଯଥାର୍ଥ ବ୍ୟାଖ୍ୟା ଓ ତର୍ଜ୍ଜମା କରି ବୁଝାଇଥିଲେ । ଏଯାବତ୍ ଅଭିରାମଙ୍କର ଯେତେସବୁ ଗ୍ରନ୍ଥ ପ୍ରକାଶିତ ହୋଇଅଛି ତନ୍ମଧ୍ୟରୁ ଅମୃତଗୀତା, ଚୈତନ୍ୟଟୀକା, ବୈଷ୍ଣବଗୀତା, ଆନନ୍ଦଲହରୀ, ଭାବକଲ୍ଲୋଳ, ସନାତନ ଗୀତା, ଅଧ୍ୟାତ୍ମ ମହାପୁରାଣ ପ୍ରଭୃତି ପ୍ରଧାନ । ଠାକୁର ଅଭିରାମଙ୍କ ଧର୍ମଦର୍ଶନ ଓ ସାଧନ ପ୍ରଣାଳୀ ସନାତନ ହିନ୍ଦୁଧର୍ମର ମୌଳିକ ନୀତି ଓ ଧାରା ଉପରେ ପ୍ରତିଷ୍ଠିତ । କେତେକ ବ୍ୟକ୍ତି ତାଙ୍କ ପ୍ରତି ଅଯଥା କଟାକ୍ଷପାତ କଲେ ହେଁ ସମାଜ ତାଙ୍କୁ ଜଣେ ସିଦ୍ଧପୁରୁଷ, ସଦ୍‌ଗୁରୁ, ତ୍ୟାଗୀ ତଥା ସନାତନ ଧର୍ମ ପ୍ରଚାରକ ଭାବେ ସ୍ୱୀକାର କରେ । ୨୭-୧୧-୧୯୬୩ କାର୍ତ୍ତିକ ଶୁକ୍ଳ ଏକାଦଶୀ ହେଉଛି ଠାକୁର ଅଭିରାମ ପରମହଂସଙ୍କ ଅପ୍ରକଟ ଦିବସ । ତାଙ୍କୁ ଏକାଧାରରେ ଜଣେ କବି, ଭକ୍ତ, ମହାପୁରୁଷ, ଯୋଗୀ, ପ୍ରେମିକ, ସ୍ୱାଧୀନତା ସଂଗ୍ରାମୀ, ଧର୍ମନେତା, ଏବଂ ଜ୍ଞାନମିଶ୍ରା ଭକ୍ତି ପରମ୍ପରାର ପରମ ସାଧକ କହିଲେ ଅତ୍ୟୁକ୍ତି ହେବ ନାହିଁ ।